# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୪/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, November 14/2019 | ★★★★★★

୪୫ଶ ଭାଗ ୩୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଆଜି ପ୍ରଥମ ବିବାହ ବାର୍ଷିକୀ**

ଗୁରୁବାର ଦୀପିକା ପାଦୁକୋନ ଓ ରଣବୀର ସିଂଙ୍କ ପ୍ରଥମ ବିବାହ ବାର୍ଷିକୀ । ଏଥିପାଇଁ ଦୁହେଁ ପରିବାର ସହ ତିରୁପତିଙ୍କ ଦର୍ଶନ କରିବାକୁ ସ୍ଥିର କରିଛନ୍ତି ।

୧୬

୧୯

**ପ୍ରଭାବଶାଳୀ ତାଲିକାରେ ଦୂତୀ**

ଟାଇମ୍ ମାଗାଜିନର ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତି ତାଲିକାରେ ସ୍ଥାନ ପାଇଛନ୍ତି ଭାରତର ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ।





ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।

**ଆଜିର ସମ୍ପାଦକୀୟ**

**ମଣିଷଠାରୁ ବୁଦ୍ଧିଆ ଡଲ୍‌ଫିନ**

**ଆଜିର ମନ୍ତବ୍ୟ**

" ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନକୁ ନେଇ ରାଜନୀତି କରୁଛନ୍ତି ବିରୋଧୀ।

**-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ**

**କିଛି ତଥ୍ୟ**

ଚଳିତ ବର୍ଷ ସେପ୍ଟେମ୍ବରରେ ଦେଶର ଇଞ୍ଜିନିୟରିଂ ରପ୍ତାନି ୬.% ହ୍ରାସ ଘଟି ୬.୩୬ ବିଲିୟନ ଡଲାର ରହିଛି।

**– ଇଇପିସି**


Vencobb FRESH CHICKEN

13.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 82 | 135 | 145 |
| BHM | 82 | 135 | 145 |

*Conditions Apply

Issued in the Interest of Consumers


# ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରେ ଗ୍ୟାସ୍ ଲିକ୍

## ୧୦୦ରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକ ଅସୁସ୍ଥ

ବାଲେଶ୍ୱର ଅଫିସ/ ବାହାନଗା, ୧୩।୧୧ (ଡି.ଏନ.ଏ.)

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ପଣପଣାସ୍ଥିତ ଫାଲ୍‌କନ କମ୍ପାନୀର ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରେ ବୁଧବାର ରାତି ପ୍ରାୟ ୯ଟା ବେଳେ କ୍ଲୋରିନ ଗ୍ୟାସ୍ ଲିକ୍ ଯୋଗୁ ୧୦୦ରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକ ଅସୁସ୍ଥ ହୋଇପଡିଛନ୍ତି। ଗ୍ୟାସ୍ ଲିକ୍ ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କର ବାତାବରଣ ଖେଳିଯାଇଛି। ଗ୍ୟାସ୍ ପ୍ରଭାବରେ କାରଖାନାରେ କାର୍ଯ୍ୟରତ ସମସ୍ତ ଶ୍ରମିକ ଓ କର୍ମଚାରୀ ଅଣନିଃଶ୍ୱାସୀ ହୋଇପଡିଥିଲେ। ୭୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ଶ୍ରମିକଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖନ୍ତାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ ୩୦ ଜଣ ଚିକିତ୍ସିତ ହେଉଛନ୍ତି। ଆଉ କେତେଜଣ ଅସୁସ୍ଥ ଶ୍ରମିକ ବିଭିନ୍ନ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା କୁହାଯାଉଛି। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଉପଜିଲାପାଳ ନିଲୁ ମହାପାତ୍ର, ଏସ୍‌ପି ବି. ଯୁଗଳ କିଶୋର କୁମାର ଏବଂ ତହସିଲଦାର ଦେବଯାନୀ ଭୂୟାଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ, ଜିଲା ଜରୁରିକାଳୀନ ଅଧିକାରୀ ଅଭୟ ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ଡିଏସ୍‌ପି ଉମେଶ ପଣ୍ଡାଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ସେଠାକୁ ଆସିଥିବା ଅସୁସ୍ଥମାନଙ୍କର ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି। ପ୍ରଥମେ କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିବା ପ୍ରଚାରିତ ହୋଇଥିଲା। ପରେ ଜିଲାପାଳ ଚକ୍ରବର୍ତ୍ତୀ ଏହା କ୍ଲୋରିନ ଗ୍ୟାସ୍ ଲିକ୍ ବୋଲି ସୂଚନା ଦେବା ସହ ବର୍ତ୍ତମାନ ସେଠାକାର ସ୍ଥିତି ନିୟନ୍ତ୍ରଣାଧୀନ ଥିବା କହିଛନ୍ତି। ଅନ୍ୟପକ୍ଷେ କମ୍ପାନୀ ମୁଖ୍ୟ ତାରାରଞ୍ଜନ ପଟ୍ଟନାୟକ କହିଛନ୍ତି, ଏହା ଏକ ଦୁଃଖଦାୟକ ଘଟଣା। ଆମେ ଅନୁସନ୍ଧାନ କରୁଛୁ। ଅସୁସ୍ଥଙ୍କ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

ବାଲେଶ୍ୱରଠାରୁ ପ୍ରାୟ ୧୮ କି.ମି. ଦୂର ୧୬ ନମ୍ବର ଜାତୀୟ ରାଜପଥ କଡରେ ଏହି ଚିଙ୍ଗୁଡି ପ୍ରୋସେସିଂ ପ୍ଲାଣ୍ଟ ରହିଛି। ବିଭିନ୍ନ ଘେରିରୁ ଧରାଯାଉଥିବା ଚିଙ୍ଗୁଡିକୁ ସେଠାରେ ପ୍ରୋସେସିଂ କରାଯାଇ ବିଦେଶକୁ ରପ୍ତାନି କରାଯାଇଥାଏ । ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ ଲିକ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନାୟକଙ୍କୁ ପଚାରିବାରୁ କହିଛନ୍ତି, ଗ୍ୟାସ୍ ପ୍ରଭାବରେ ଅସୁସ୍ଥ ହୋଇପଡ଼ିଥିବା ସମସ୍ତ ଶ୍ରମିକ ମହିଳା । ଏ ନେଇ ଅଧିକ ତଦନ୍ତ କରାଯାଉଛି। କାରଖାନାର ଗୋଟିଏ ସିଲିଣ୍ଡରରୁ ସମସ୍ତ ଗ୍ୟାସ୍ ଲିକ୍ ହୋଇଯାଇଥିବାରୁ ଏବେ ଅଧିକ ବିପଦ ଆଶଙ୍କା ନାହିଁ।

ବାଲେଶ୍ୱର ଜିଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କେତେଜଣ ଶ୍ରମିକ କହିଛନ୍ତି, କାରଖାନାରେ ଗୋଟିଏ ବଡ଼ କୋଠରିରେ ପ୍ରୋସେସିଂ କାର୍ଯ୍ୟ କରାଯାଉଥିବାରୁ ସେଠାରେ ସମସ୍ତ ମହିଳା ଶ୍ରମିକ କାମ କରୁଥିଲେ। ଚିଙ୍ଗୁଡ଼ିକୁ ତାଜା ରଖିବା ପାଇଁ କୋଠରିକୁ ବାତାନୁକୂଳିତ କରାଯାଇଥିବାରୁ ଏହାର ଦ୍ୱାର ସବୁବେଳେ ବନ୍ଦ ରହିଥାଏ। ଗ୍ୟାସ୍ ଲିକ୍ ପରେ ଏହାର ପ୍ରଭାବରେ କାମ କରୁଥିବା ମହିଳାମାନେ ଅସୁସ୍ଥ ହୋଇପଡ଼ିଥିଲେ। ବର୍ତ୍ତମାନ ସୁଦ୍ଧା କେତେଜଣ ସଂଜ୍ଞାହୀନ ଅବସ୍ଥାରେ ରହିଛନ୍ତି। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଗ୍ୟାସ୍ ଲିକ୍ ଖବର ପାଇ ଅସୁସ୍ଥ ମହିଳାଙ୍କ ପରିବାରବର୍ଗ ଡାକ୍ତରଖାନାରେ ଆସି ପହଞ୍ଚିଛନ୍ତି। ଖନ୍ତାପଡ଼ାରେ ଚିକିତ୍ସାଧୀନ ଥିବା କେତେଜଣ ରୋଗୀଙ୍କୁ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।



ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଅସୁସ୍ଥମାନେ।

# ୮,୧୨୬ କୋଟିର ଅତିରିକ୍ତ ବଜେଟ

**ବିଧାନସଭାରେ ଉପସ୍ଥାପିତ**

- ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଆଦିବାସୀ ବିକାଶକୁ ଗୁରୁତ୍ୱ
- ନୂଆ ଯୋଜନା ନାହିଁ, ପୁରୁଣା ପାଇଁ ବ୍ୟୟବରାଦ
- ଖୋଲା ବଜାରରୁ ନିଆଯାଇଛି ୩,୫୦୦ କୋଟି ଋଣ
- ପୌରସଂସ୍ଥା ପାଇଁ ୪୨୦ କୋଟି

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୮ ହଜାର ୧୨୬ କୋଟି ୩୨ ଲକ୍ଷ ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତୁତ କରିଛନ୍ତି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁଧବାର ଏହାକୁ ଅନୁମୋଦନ ପାଇଁ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ତେବେ ଏହାକୁ ଚଳିତ ପୂର୍ଣ୍ଣାଙ୍ଗ ବଜେଟର ୧୦ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇଛି। ଗତବର୍ଷର ଅତିରିକ୍ତ ବଜେଟଠାରୁ ଏହା ପ୍ରାୟ ୩୫ ପ୍ରତିଶତ କମ୍ ରହିଛି। ୨୦୧୮-୧୯ରେ ରାଜ୍ୟ ସରକାର ୧୨ ହଜାର ୭୯୦ କୋଟି ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତୁତ କରିଥିଲେ। ଚଳିତ ପୂର୍ଣ୍ଣାଙ୍ଗ ବଜେଟର ପ୍ରସ୍ତୁତି ଠିକ୍ ରହିଥିବାରୁ ଅତିରିକ୍ତ ବଜେଟର ଆକାର ୧୦ ପ୍ରତିଶତରୁ କମ୍ ରହିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହି ବଜେଟରେ ଭିତ୍ତିଭୂମି, କୃଷି, ସ୍ୱାସ୍ଥ୍ୟ, ସାମାଜିକ ନିରାପତ୍ତାକୁ ଗୁରୁତ୍ୱ ଦିଆଯାଇଛି। ଏଥିରେ କୌଣସି ନୂତନ ଯୋଜନା ପାଇଁ ବ୍ୟୟବରାଦ କରାଯାଇନାହିଁ। ରାଜ୍ୟ ଓ କେନ୍ଦ୍ରୀୟ ଯୋଜନାଗୁଡ଼ିକ ପାଇଁ ଏଥିରେ ବ୍ୟୟବରାଦ କରାଯାଇଛି। ସେହିପରି ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବଜେଟରେ ପୌରସଂସ୍ଥାଗୁଡିକ ଲାଗି ଅତିରିକ୍ତ ବ୍ୟୟବରାଦ କରାଯାଇଛି।

ରାଜ୍ୟର ମୋଟ୍ ଋଣଭାର ୮୩ ହଜାର ୩୦୭ କୋଟି ଟଙ୍କା ରହିଛି। ରାଜ୍ୟ ସରକାର ଚଳିତ ବର୍ଷ ଖର୍ଚ୍ଚ ତୁଲାଇବା ପାଇଁ ଖୋଲା ବଜାରରୁ ୩ ହଜାର ୫୦୦ କୋଟି ଟଙ୍କା ଋଣ କରିଛନ୍ତି। ସପ୍ତମ ବେତନ କମିଶନ ଅନୁଯାୟୀ, ସରକାରୀ କର୍ମଚାରୀଙ୍କ ବକେୟା ଦେବା ☞ପୃଷ୍ଠା-୮

# ସରକାରଙ୍କୁ ଘେରିଲେ ବିରୋଧୀ

■ **ନାରୀ ନିର୍ଯାତନା, ସ୍ମିତାରାଣୀଙ୍କ ମୃତ୍ୟୁକୁ ନେଇ ବିଧାନସଭାରେ ଝଡ଼**

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ଯାଜପୁର ଜିଲାର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଏବଂ ନାରୀ ନିର୍ଯାତନା ଘଟଣାକୁ ନେଇ ବୁଧବାର ବିଧାନସଭା ଶୀତ ଅଧିବେଶନର ପ୍ରଥମଦିନରେ ଝଡ଼ ସୃଷ୍ଟି ହୋଇଛି। ଆରମ୍ଭରୁ ବିରୋଧୀଙ୍କ ପ୍ରଚଣ୍ଡ ଆକ୍ରମଣରେ ଦିନତମାମ ଗୃହକାର୍ଯ୍ୟ ବରବାଦ ହୋଇଯାଇଛି। ପ୍ରଶ୍ନକାଳ ବାତିଲ କରି ନାରୀ ନିର୍ଯାତନା ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ବିରୋଧୀ ଅଡ଼ି ବସିଥିଲେ। ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଥିବାବେଳେ ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା। ପ୍ରଥମେ ଏହି ପ୍ରସଙ୍ଗରେ ଆଲୋଚନା କରାଯାଉ। ଭାଜପା ଓ କଂଗ୍ରେସ ପୃଥକ୍ ଭାବେ ନାରୀ ନିର୍ଯାତନା ଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ପ୍ରସଙ୍ଗକୁ ନେଇ ମୁଲତବୀ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ଏହା ଉପରେ ଆଲୋଚନା କରିବାକୁ ଉଭୟ ଦଳ ବାଚସ୍ପତିଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇବା ପାଇଁ ବାଚସ୍ପତି କହିବାରୁ କଂଗ୍ରେସ ଦଳର ସଦସ୍ୟମାନେ ଉତ୍କ୍ଷିପ୍ତ ହୋଇଉଠିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଥିଲେ। ଉଭୟ ଦଳର ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହକାର୍ଯ୍ୟ ଅଚଳ ହୋଇଯାଇଥିଲା। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ଅପରାହ୍ନ ୩ଟା ଯାଏ ☞ପୃଷ୍ଠା-୮



# ଆର୍‌ଟିଆଇ ଆଇନ ଅଧୀନରେ ସିଜେଆଇ

ନୂଆଦିଲ୍ଲୀ,୧୩।୧୧(ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ କାର୍ଯ୍ୟାଳୟକୁ ସୁପ୍ରିମକୋର୍ଟ ବୁଧବାର ଏକ ସାଧାରଣ କର୍ତ୍ତୃପକ୍ଷ ଭାବେ ଅଭିହିତ କରିବା ସହ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ପରିସରକୁ ଆଣିଛନ୍ତି। ସ୍ୱଚ୍ଛତା ଅବଲମ୍ବନ କରିବା ସମୟରେ ନ୍ୟାୟପାଳିକାର ସ୍ୱାଧୀନତା ପ୍ରତି ଧ୍ୟାନ ଦିଆଯିବା ଜରୁରୀ। କାରଣ ସ୍ୱଚ୍ଛତା ନ୍ୟାୟିକ ସ୍ୱାଧୀନତାକୁ ନ୍ୟୂନ କରେ ନାହିଁ ବୋଲି ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଐତିହାସିକ ରାୟ ଦେଇଛନ୍ତି। ତେବେ ଆର୍‌ଟିଆଇକୁ ସର୍ଭିଲାନ୍ସର ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ପୀଠ ସତର୍କ କରାଇଦେଇଛନ୍ତି। ଏଥିସହ ୨୦୧୦ରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟକୁ ବଳବତ୍ତର ରଖିବା ସହିତ ତାକୁ ଚ୍ୟାଲେଞ୍ଜ କରି ହୋଇଥିବା ତିନୋଟି ଅପିଲକୁ ଖାରଜ କରିଦେଇଛନ୍ତି। ସିଜେଆଇ ରଞ୍ଜନ ଗୋଗୋଇ ଅବସର ନେବାର ୪ ଦିନ ପୂର୍ବରୁ ଆସିଥିବା ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ଆର୍‌ଟିଆଇ କର୍ମୀମାନେ ସ୍ୱାଗତ କରିଛନ୍ତି।

(ସବିଶେଷ ରିପୋର୍ଟ: ପୃଷ୍ଠା-୧୪)



# ସୁପ୍ରିମକୋର୍ଟରେ ରାଫାଲ, ସାବରିମାଳା ରାୟ ଆଜି

ନୂଆଦିଲ୍ଲୀ, ୧୩।୧୧ :

ରାଫାଲ ଓ ସାବରିମାଳା ମାମଲାର ରାୟ ଗୁରୁବାର ସୁପ୍ରିମକୋର୍ଟରେ ପ୍ରକାଶ ପାଇବ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଓ ଜଷ୍ଟିସ ରୋହିନ୍‌ଟନ୍ ଫଲି ନରିମାନ, ଜଷ୍ଟିସ ଏ. ଏମ୍. ଖାନ୍‌ୱିଲକର, ଜଷ୍ଟିସ ଡି. ୱାଇ. ଚନ୍ଦ୍ରଚୂଡ଼ ଓ ଜଷ୍ଟିସ ଇନ୍ଦୁ ମାଲ୍‌ହୋତ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ସାବରିମାଳା ମାମଲାର ରାୟ ପୂର୍ବାହ୍ନ ସାଢ଼େ ୧୦ଟାରେ ଶୁଣାଇବେ। ଅନୁରୂପ ଭାବେ ଜଷ୍ଟିସ ଗୋଗୋଇ, ଜଷ୍ଟିସ ସଞ୍ଜୟ କିସନ୍ କୌଲ୍ ଓ ଜଷ୍ଟିସ କେ. ଏମ୍. ଜୋସେଫ୍‌ଙ୍କ ନେତୃତ୍ୱରେ ଗଠିତ ୩ଜଣିଆ ଖଣ୍ଡପୀଠ ରାଫାଲ ମାମଲାର ରାୟ ଦେବେ। ସାବରିମାଳା ମାମଲାରେ ସର୍ବୋଚ୍ଚ ଅଦାଲତ ଗତବର୍ଷ ସେପ୍ଟେମ୍ବର ୨୮ରେ ଆୟାପ୍ପା ମନ୍ଦିର ଭିତରକୁ ୧୦ରୁ ୫୦ ବର୍ଷର ମହିଳାମାନେ ପ୍ରବେଶ କରିବା ନେଇ ଲାଗିଥିବା କଟକଣାକୁ ଉଠାଇ ଦେଇଥିଲେ। ଚଳିତବର୍ଷ ଫେବୃୟାରୀରେ ଅଦାଲତ ଏହି ନିର୍ଦ୍ଦେଶନାମାକୁ ସଂରକ୍ଷିତ ରଖିଥିଲେ। ଏହାର ରାୟ ଗୁରୁବାର ପ୍ରକାଶ କରାଯିବ। ଅନ୍ୟପକ୍ଷରେ ୩୬ଟି ରାଫାଲ ଜେଟ୍ କ୍ରୟ ମାମଲାରେ ଫ୍ରାନ୍ସ ସହ ଭାରତ କରିଥିବା ଚୁକ୍ତିକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନର ସମୀକ୍ଷା କରି ସୁପ୍ରିମକୋର୍ଟ ଗୁରୁବାର ରାୟ ଦେବେ।






ମୋ ପାଇଁ ଅନେକ ଫିଲ୍ମରେ ଗୀତ ଗାଇଥିବା ଭାରତ ରତ୍ନ ଲତା ମଙ୍ଗେସ୍‌କରଙ୍କୁ ଭଗବାନ ଜଲ୍‌ଦି ସୁସ୍ଥ କରିଦିଅନ୍ତୁ।
-ହେମାମାଳିନୀ, ବଲିଉଡ୍ ଅଭିନେତ୍ରୀ



# ନୀରବ ଘାତକ ମଧୁମେହ

## ବିଶ୍ୱ ମଧୁମେହ ଦିବସ

ମଧୁମେହ ସାମ୍ପ୍ରତିକ ସମୟରେ ଘୋର ସମସ୍ୟା ଭାବେ ଉଭା ହୋଇ ସାଂଘାତିକ ଭାବେ ବ୍ୟାପୁଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା ଏକ ପ୍ରକାର ଆତଙ୍କ ସୃଷ୍ଟି କରିଛି। ବିଶ୍ୱ ସମୁଦାୟ ଏହାକୁ ନେଇ ଚିନ୍ତିତ ମଧ୍ୟ। ଏଣୁ ଏହି ରୋଗ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ୧୪ ନଭେମ୍ବରରେ ବିଶ୍ୱ ମଧୁମେହ ଦିବସ ପାଳନ



କରାଯାଉଛି। ଆନ୍ତର୍ଜାତିକ ମଧୁମେହ ସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୧୯୯୧ରେ ପ୍ରଥମେ ଏହି ଦିବସ ପାଳନ କରାଯିବାର ପରିକଳ୍ପନା କରାଯାଇଥିଲା। ପରେ ୨୦୦୬ରେ ଜାତିସଂଘ ସାଧାରଣ ପରିଷଦରେ ଆଧିକାରିକ ସ୍ତରରେ ଏହି ଦିବସ ପାଳନ କରାଯିବା ଲାଗି ସ୍ଥିର କରାଯାଇଥିଲା ଓ ସେହି ବର୍ଷ ଏହାକୁ ପାଳନ କରାଯାଇଥିଲା। ୧୪ ନଭେମ୍ବରରେ ଏହି ଦିବସ ପାଳନ କରାଯିବାର ଏକ କାରଣ ବି ରହିଛି। ୧୯୯୨ରେ ଚାର୍ଲ୍ସ ବେଷ୍ଟଙ୍କ ସହ ମିଶି ଫେଡ୍‌ରିକ ବାଣ୍ଟିଙ୍ଗ ମଧୁମେହକୁ ଆୟତ୍ତକୁ ଆଣିବା ଲାଗି ଇନ୍‌ସୁଲିନ ଆବିଷ୍କାର କରିଥିଲେ। ଏଣୁ ବାଣ୍ଟିଙ୍ଗଙ୍କ ଜନ୍ମ ଦିନ ୧୪,ନଭେମ୍ବରରେ ହୋଇଥିବାରୁ ତାଙ୍କ ସମ୍ମାନାର୍ଥେ ଏହି ଦିବସକୁ ବିଶ୍ୱ ମଧୁମେହ ଦିବସ ଭାବେ ପାଳନ କରାଯାଉଛି। ୧୬୦ରୁ ଅଧିକ ଦେଶରେ ଏହା ପାଳନ କରାଯାଉଛି। ପ୍ରତିବର୍ଷ ଏହି ଦିବସ ଭିନ୍ନ ଭିନ୍ନ ଲକ୍ଷ୍ୟ ନେଇ ପାଳନ ହେଉଛି। କୌଣସି ବ୍ୟକ୍ତି ମଧୁମେହରେ ପୀଡିତ ହେଲେ ସେଥିରୁ ସମ୍ପୂର୍ଣ୍ଣ ମୁକ୍ତି ପାଇବା ଅସମ୍ଭବ। ଏହା ଥରେ ଗ୍ରାସ କଲେ ଜୀବନର ଶେଷ ଯାଏ ରହିଯାଏ। ଯଦି ସତର୍କତା ଅବଲମ୍ବନ କରାଯାଏ ତେବେ ବିପଦ କିଛିଟା ଟଳିଯିବ ବୋଲି ଏହି ଦିବସରେ ଲୋକମାନଙ୍କୁ ଅବଗତ କରାଯାଏ। ବ୍ୟାୟାମ ଓ ଔଷଧ ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରାଯାଇଥାଏ। ମଧୁମେହ ପୀଡିତଙ୍କୁ ଖାଦ୍ୟପେୟ ଉପରେ ଧ୍ୟାନଦେବାକୁ ପଡିବ। ମଧୁମେହରୁ ବର୍ତ୍ତିବା ପାଇଁ ଜୀବନଶୈଳୀରେ ସୁଧାର ଆଣିବା ଦରକାର। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଏବେ ବିଶ୍ୱରେ ୩୫୦ ମିଲିୟନ୍ (୩୫ କୋଟି)ଲୋକ ମଧୁମେହରେ ପୀଡିତ ଏବଂ ଆଗାମୀ କିଛି ବର୍ଷ ଭିତରେ ଏହି ସଂଖ୍ୟା ଦୁଇ ଗୁଣରେ ପହଞ୍ଚିବ । ନିମ୍ନ ଓ ମଧ୍ୟବର୍ଗ ପରିବାରରେ ପ୍ରାୟ ୯୦ ପ୍ରତିଶତ ମୃତ୍ୟୁ ଏହି ରୋଗରୁ ହେଉଛି। ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ପୀଡିତଙ୍କର ଏହା ହୃଦ୍ ସମସ୍ୟାର କାରଣ ପାଲଟୁଛି। ଭାରତରେ ୭.୨୯ କୋଟି ବୟସ୍କ ଲୋକ ଏହି ରୋଗରେ ପୀଡିତ। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳରେ ଏମାନଙ୍କ ସଂଖ୍ୟା ବେଶି। ମଧୁମେହ ବହୁ ସମୟରେ ପ୍ରାକୃତିକ କିମ୍ବା ବଂଶଗତ କାରଣରୁ ହୋଇଥାଏ। ଟାଇପ-୧ ମଧୁମେହ କିଶୋର ଅବସ୍ଥାରେ ହଠାତ୍ ଇନ୍‌ସୁଲିନ କ୍ଷରଣ ଶରୀରରେ ହ୍ରାସ ପାଇଲେ ଦେଖାଦିଏ। ଏହାକୁ ନିୟନ୍ତ୍ରଣ କରିବା ଲାଗି ଇନ୍‌ସୁଲିନ ଇଞ୍ଜେକ୍‌ସନ୍‌ର ଆବଶ୍ୟକତା ପଡେ। କିନ୍ତୁ ୩୦ ବର୍ଷ ବୟସ ପରେ ଟାଇପ୍-୨ ଧୀରେ ଧୀରେ ପ୍ରକାଶ ପାଏ। ମଧୁମେହ ପୀଡିତଙ୍କ ମଧ୍ୟରୁ ୯୦ ପ୍ରତିଶତ ଟାଇପ୍-୨ରେ ପୀଡିତ ହେଉଛନ୍ତି। ବିଶ୍ୱରେ ମହାମାରୀ ଭଳି ମାଡିଚାଲିଛି ମଧୁମେହ। ବିଶ୍ୱସ୍ତରରେ ୨୦୩୦ ସୁଦ୍ଧା ଟାଇପ୍-୨ ମଧୁମେହ ପୀଡିତଙ୍କ ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି ପାଇବ ବୋଲି ଲାନସେଟ୍ ଡାଇବେଟିସ ଆଣ୍ଡ୍ ଏଣ୍ଡୋକ୍ରାଇନୋଲୋଜି ଜର୍ନାଲରେ ପ୍ରକାଶ କରାଯାଇଛି। କେବଳ ଭାରତରେ ୨୦୩୦ ସୁଦ୍ଧା ଏହି ସଂଖ୍ୟା ୯କୋଟିକୁ ଟପିଯିବ ବୋଲି କୁହାଯାଇଛି। ଏଣୁ ଏହାର ଭୟାବହତାକୁ ଦୃଷ୍ଟିରେ ରଖି ଏବେଠାରୁ ସତର୍କ ରହିଲେ ଏକ ସୁସ୍ଥ ଜୀବନର ଅଧିକାରୀ ହୋଇପାରିବା।

# ପାଠ ପୂର୍ବାରୁ ସମାଚାର



**ଖଣ୍ଡୱା:** ନମସ୍କାର, ଆଜିର ମୁଖ୍ୟ ସମାଚାର, 'ଅଯୋଧ୍ୟା ନିଷ୍ପତ୍ତି ପରେ ସହରରେ ଶାନ୍ତି, ସୌହାର୍ଦ୍ଦ୍ୟ ଜାରି'।....'ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି ହେବା ପରେ ରାଜନୈତିକ ଦ୍ୱନ୍ଦ୍ୱରେ ପଡ଼ିଛି ଯବନିକା'। ଏ କୌଣସି ଟେଲିଭିଜନର ସମାଚାର ପାଠ ନୁହେଁ, ବରଂ ମଧ୍ୟପ୍ରଦେଶ ଖଣ୍ଡୱାସ୍ଥିତ ମହାରାଣୀ ଲକ୍ଷ୍ମୀବାଈ ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କ ଦୈନନ୍ଦିନ କାର୍ଯ୍ୟ। ଏଠାରେ ସ୍କୁଲ ଖୋଲିବା ଆଗରୁ ପ୍ରାର୍ଥନା ବଦଳରେ ଛାତ୍ରୀମାନେ ଶିକ୍ଷୟିତ୍ରୀଶିକ୍ଷକ ଏବଂ ସହପାଠୀଙ୍କୁ ଦେଶ ବିଦେଶର ତାଜା ସମାଚାର ପଢ଼ି ଶୁଣାଇଥାନ୍ତି। ଏହାଦ୍ୱାରା ପିଲାମାନଙ୍କ ସାଧାରଣଜ୍ଞାନ ବଢୁଛି, ତା' ସହ ପିଲାମାନଙ୍କ ଭିତରେ ନୂଆ କଥା ଜାଣିବାର ଆଗ୍ରହ ମଧ୍ୟ ସୃଷ୍ଟି ହେଉଛି। କେବଳ ଏତିକି ନୁହେଁ, ଯଦି ଶିକ୍ଷାନୁଷ୍ଠାନର କୌଣସି ଛାତ୍ରୀଙ୍କ ଜନ୍ମଦିନ ଥାଏ ତେବେ ତାଙ୍କୁ ସାମୂହିକ ଭାବେ ଶୁଭେଚ୍ଛା ଜଣାଯାଇଥାଏ। ବିଦ୍ୟାଳୟରେ ଏସବୁ କାର୍ଯ୍ୟ ଲାଗି ପୃଥକ୍ ଭାବେ ସମୟନିର୍ଘଣ୍ଟ ତିଆରି କରାଯାଇଛି। ଏଥିଲାଗି ଦୈନିକ ସ୍ୱତନ୍ତ୍ର ଭାବେ ୨୦ ମିନିଟ ସମୟ ଦିଆଯାଇଥାଏ। ଏସବୁ କାର୍ଯ୍ୟରେ ଶିକ୍ଷୟିତ୍ରୀଶିକ୍ଷକମାନେ ମଧ୍ୟ ପୂର୍ଣ୍ଣ ସହଯୋଗ କରୁଛନ୍ତି। ପିଲାମାନଙ୍କୁ ସଙ୍ଗୀତ ଶିକ୍ଷାଠୁ ଆରମ୍ଭ କରି ଦେଶବନ୍ଦନା ଯାଏ ସବୁ ଶିକ୍ଷା ଦିଆଯାଉଛି। କେବଳ ଏତିକି ନୁହେଁ, ବିଦ୍ୟାର୍ଥୀଙ୍କୁ ପ୍ରେରଣା ଦେବା ଭଳି ଗୋଟିଏ ଗୋଟିଏ କାହାଣୀ ମଧ୍ୟ ଶୁଣାଯାଇଥାଏ। ଏହାଦ୍ୱାରା ଛାତ୍ରୀମାନେ ସେମାନଙ୍କ ଜୀବନକୁ ମହାପୁରୁଷଙ୍କ ଭଳି ଗଢ଼ି ତୋଳିବାକୁ ଆଗ୍ରହୀ ହେଉଛନ୍ତି। ଏହାକୁ ବାଦ୍ ଦେଲେ ପ୍ରତିଦିନ ପଞ୍ଜିକା, ରାଶିଫଳ, ସୁବିଚାର କଳାପଟାରେ ଲେଖାଯାଇଥାଏ। 'ଆମେ ଏକ, ଅଭିନ୍ନ, ଆମେ ସବୁ ଭାରତବାସୀ' ସ୍ଲୋଗାନ୍‌ରେ ଗୁଞ୍ଜରିତ ହୁଏ ଶିକ୍ଷାନୁଷ୍ଠାନ ପରିସର। ଏପରି ଅଭିନବ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ, ସନ୍ଧ୍ୟା ଦୁବେ କୁହନ୍ତି, ଦୁଇମାସ ହେଲା ଏହା ଆରମ୍ଭ ହୋଇଛି। ଏଥିଲାଗି ସିଡ୍ୟୁଲ ପ୍ରସ୍ତୁତ କରାଯାଇଛି। ଏକାଦଶ ଶ୍ରେଣୀର ଛାତ୍ରୀ ସୋଲେହା ଖାନା ଏବଂ କରୀନା ତିରୋଲେ କୁହନ୍ତି, ଦୈନିକ ଜଣେ ଛାତ୍ରୀଙ୍କୁ ମଞ୍ଚ ଉପରେ କହିବାର ସୁଯୋଗ ମିଳେ। ଏହାଦ୍ୱାରା ପିଲାମାନଙ୍କ କଥନ ଶୈଳୀ ଉନ୍ନତ ଧରଣର ହୋଇପାରୁଛି। ତା' ସାଙ୍ଗକୁ ଜ୍ଞାନ ମଧ୍ୟ ବଢୁଛି।

# ହବିବି କେ ନୈନ୍ ନିକଲେ ଫରେବୀ...



ସୋନାକ୍ଷୀ ସିହ୍ନା

**ମୁମ୍ବାଇ:** ସଲ୍‌ମାନଙ୍କ ଫ୍ୟାନ୍‌ମାନେ ଏବେ କେବଳ 'ଦବଙ୍ଗ-୩'ର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ସେପଟେ ଫିଲ୍ମ ମେକର୍ସ ମଧ୍ୟ ଦର୍ଶକଙ୍କ ଉତ୍ସାହକୁ ଜାରି ରଖିବା ଲାଗି ସମୟ ସମୟରେ ଫିଲ୍ମର ଅପଡେଟ୍‌ସ ଦେଉଛନ୍ତି। 'ଦବଙ୍ଗ-୩'ର ଗୀତଗୁଡ଼ିକୁ ବ୍ୟାକ୍-ଟୁ-ବ୍ୟାକ୍ ରିଲିଜ୍ କରୁଛନ୍ତି ମେକର୍ସ। ହେଲେ ଏଗୁଡ଼ିକ କେବଳ ଟ୍ରାକ୍, ଦର୍ଶକଙ୍କୁ ଉତ୍ସାହିତ କରିବା ଲାଗି ଭିଡିଓ ରିଲିଜ୍ କରାଯାଉନାହିଁ। 'ୟୁଁ କର୍‌କେ', 'ନୈନା ଲଡ଼େ', 'ହୁଡ୍-ହୁଡ୍', 'ମୁନ୍ନା ବଦ୍‌ନାମ୍ ହୁଆ','ଆୱାରା' ପରେ ଏବେ 'ହବିବି କେ ନୈନ୍' ଗୀତର ସାଉଣ୍ଡ ଟ୍ରାକ୍ ରିଲିଜ୍ ହୋଇଛି। ଏହା ଏକ ରୋମାଣ୍ଟିକ୍ ଟ୍ରାକ୍। ଗୀତଟିକୁ ସାଜିଦ୍ ୱାଜିଦ୍ କମ୍ପୋଜ୍ କରିଥିବାବେଳେ ଗାଇଛନ୍ତି ଶ୍ରେୟା ଘୋଷାଲ ଓ ଜୁବିନ୍ ନୌଟିୟାଲ୍। ଗୀତଟିକୁ ଲେଖିଛନ୍ତି ଇର୍‌ଫାନ କମାଲ। ସଲ୍‌ମାନ ଖାନ୍ ପ୍ରଥମେ ନିଜ ଅଫିସିଆଲ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲରେ ଏହି ଗୀତଟିକୁ ଶେୟାର କରିଥିଲେ। ଏହାପରେ ସୋନାକ୍ଷୀ ସିହ୍ନା ମଧ୍ୟ ଏହି ରୋମାଣ୍ଟିକ୍ ଟ୍ରାକ୍‌କୁ ଶେୟାର କରି ଦର୍ଶକଙ୍କୁ ଶୁଣିବାକୁ ଅପିଲ କରିଛନ୍ତି। ସବୁଠାରୁ ମଜା କଥା ହେଲା ଦବଙ୍ଗର ସବୁ ସିକ୍ୱେଲରେ 'ନୈନା'କୁ ନେଇ ଗୋଟିଏ ହିଟ୍ ଟ୍ରାକ୍ ରହିଛି। 'ଦବଙ୍ଗ'ରେ 'ତେରେ ମସ୍ତ ମସ୍ତ ଦୋ ନୈନ୍...', 'ଦବଙ୍ଗ-୨'ରେ 'ତେରେ ନୈନା ବଡ଼େ ଦଗାବାଜ୍' ଗୀତ ସୁପର୍‌ହିଟ୍ ରହିଥିବାବେଳେ ଏବେ 'ଦବଙ୍ଗ-୩'ରେ 'ହବିବି କେ ନୈନ୍' ଗୀତଟିକୁ ମଧ୍ୟ ଦର୍ଶକେ ପସନ୍ଦ କରୁଛନ୍ତି। 'ଦବଙ୍ଗ-୩'ରେ ସଲ୍‌ମାନ ଖାନ୍, ସୋନାକ୍ଷୀ ସିହ୍ନା, ସାଇ ମାଞ୍ଜରେକର୍, ସୁଦୀପ, ଅର୍‌ବାଜ ଖାନ୍, ଅମୋଲ ଗୁପ୍ତେ, ମାହି ଗିଲ୍, ପଙ୍କଜ ତ୍ରିପାଠୀ, ନୱାବ୍ ଶାହ ଓ କେ.କେ. ମେନନ୍‌ଙ୍କ ଭଳି କଳାକାରଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟି ଡିସେମ୍ବର ୨୦ରେ ରିଲିଜ୍ ହେବ।

# ଇକୋ ଫ୍ରେଣ୍ଡ୍‌ଲି ସାନିଟାରି ନାପ୍‌କିନ

**କୋଏମ୍ବାଟୁର:** ବଜାରରେ ବିକ୍ରି ହେଉଥିବା ସାଧାରଣ ସାନିଟାରି ନାପ୍‌କିନ ସମସ୍ୟା ସୃଷ୍ଟି କରୁଥିବାବେଳେ ଏଥିରୁ ମୁକ୍ତିପାଇବା ଲାଗି କୋଏମ୍ବାଟୁରର ଯୁବତୀ ଇଶାନା(୧୮) ପରିବେଶ ଉପଯୋଗୀ ଓ ରିୟୁଜେବଲ କଟନ ସାନିଟାରି ପ୍ୟାଡ୍ ପ୍ରସ୍ତୁତ କରିଛନ୍ତି। ଏହାକୁ ବିଭିନ୍ନ



ମହଲରେ ସ୍ୱାଗତ କରାଯାଇଛି। ସିଲେଇ ମେଶିନ୍ ଓ ଅନ୍ୟ ଆବଶ୍ୟକ ଜିନିଷ ବ୍ୟବହାର କରି ସେ ଏହା ପ୍ରସ୍ତୁତ କରୁଥିବାବେଳେ ଅନ୍ୟମାନେ ଏନେଇ ଉତ୍ସାହିତ ମଧ୍ୟ ହୋଇଛନ୍ତି। ଇଶାନା କହିଛନ୍ତି, ଏନେଇ ସଚେତନତାର ଆବଶ୍ୟକତା ରହିଛି। ବଜାରରେ ମିଳୁଥିବା କେମିକାଲ୍ ଲେପଯୁକ୍ତ ସାଧାରଣ ଶସ୍ତା ପ୍ୟାଡ୍ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟିକରୁଛି। ମୁଁ ମଧ୍ୟ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛି। ତେଣୁ କଟନ୍ କପଡ଼ାରେ ପ୍ରସ୍ତୁତ କରାଯାଉଥିବା ଇକୋ ଫ୍ରେଣ୍ଡ୍‌ଲି ସାନିଟାରି ନାପ୍‌କିନ ସମସ୍ତଙ୍କ ଲାଗି ଭଲ। ଏହା କଟନ୍ ଲେୟରଯୁକ୍ତ ଓ ପୁନଃ ବ୍ୟବହାର ଯୋଗ୍ୟ ଇକୋ ଫ୍ରେଣ୍ଡ୍‌ଲି ପୋଷାକ ଭଳି। ଏହାକୁ ଯୁବତୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ମହିଳାମାନେ ପିନ୍ଧିପାରିବେ ବୋଲି ସେ ମତ ଦେଇଛନ୍ତି। ସୋସିଆଲ୍ ମିଡିଆରେ ଏହାକୁ ବେଶ୍ ପ୍ରଶଂସା କରାଯାଇଛି। ମହିଳାମାନଙ୍କ ଲାଗି ଇଶାନା ଏବେ ରୋଲ୍‌ମଡେଲ୍ ପାଲଟିଛନ୍ତି।

# ଗ୍ରେଟାଙ୍କ ୬୦ ଫୁଟର ପ୍ରାଚୀର ଚିତ୍ର

**ସାନ୍ ଫ୍ରାନ୍‌ସିସ୍କୋ:** ଜଳବାୟୁ ପରିବର୍ତ୍ତନକୁ ନେଇ ନିଜର ସ୍ୱର ଶାଣିତ କରିବା ସହ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିବା ଟିନ୍ ଏଜ୍ ଆକ୍ଟିଭିଷ୍ଟ ଗ୍ରେଟା ଥନ୍‌ବର୍ଗଙ୍କ ଏକ ୬୦ ଫୁଟ ଲମ୍ବ ଓ ୩୦ ଫୁଟ ଚଉଡ଼ାର ବିଶାଳ ପ୍ରାଚୀର ଚିତ୍ର ସାନ୍ ଫ୍ରାନ୍ସିସ୍‌କୋରେ ଦେଖିବାକୁ ମିଳିଛି। ଆର୍ଜେଣ୍ଟାଇନ୍ ଷ୍ଟ୍ରିଟ୍ ଆର୍ଟିଷ୍ଟ ଆନ୍ଦ୍ରେସ୍ ପେଟ୍ରେସେଲି(୩୨) ଏହି ପ୍ରଚୀର ଚିତ୍ରକୁ ପ୍ରସ୍ତୁତ କରିଛନ୍ତି। ସ୍ଥାନୀୟ ଲୋକେ ପରିବେଶ ସଚେତନ ହେବା ଲାଗି ମଙ୍ଗଳବାର ଏହାକୁ ଏକ ବିଲ୍ଡିଂରେ ଲଗାଯାଇଛି। ଏନେଇ ଅନ୍ଦ୍ରେସ୍ ପେଟ୍ରେସେଲ କହିଛନ୍ତି, ରାଜନୀତି, ଧର୍ମ କିମ୍ବା କ୍ରୀଡ଼ା ସମ୍ପର୍କରେ ମୁଁ ଏଭଳି ପ୍ରାଚୀର ଚିତ୍ର କରିବାକୁ ପସନ୍ଦ କରେନି। କିନ୍ତୁ ମୋର ଏହି ପ୍ରାଚୀର ଚିତ୍ର ରାଜନୀତି ସହ ଯୋଡ଼ି ହେବାର ଆଶଙ୍କା ରହିଛି। ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଲାଗି ଗ୍ରେଟାଙ୍କ ପ୍ରଚୀର ଚିତ୍ର ଏଠାରେ ଲଗାଯାଇଥିବା ସେ ମତ ଦେଇଛନ୍ତି। ଏହି ବାଟ ଦେଇ ଯିବା ଆସିବା କରୁଥିବା ଲୋକ ଗ୍ରେଟାଙ୍କ ବିଶାଳ ପ୍ରାଚୀର ଚିତ୍ର ଦେଖି ସଚେତନ ହୋଇପାରିବେ ବୋଲି ସେ ମତ ଦେଇଛନ୍ତି। ଗ୍ରେଟାଙ୍କ ବାର୍ତ୍ତା ପ୍ରଚାର କରିବା ଓ ଲୋକଙ୍କୁ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।




# ୧୩୮ ଦିନରେ ଭଙ୍ଗାଯିବ ୩୨୫ ଫ୍ଲାଟ



**କୋଚି:** କେରଳରେ ସମୁଦ୍ର କୂଳରେ ବେଆଇନ ଭାବେ ନିର୍ମାଣ ହୋଇଥିବା ୩୨୫ ଫ୍ଲାଟ୍ ୧୩୮ ଦିନରେ ଭଙ୍ଗାଯିବ। ଏନେଇ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିପାଇଁ ୨ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସ୍ଥାନୀୟ ଏର୍ନାକୁଲମ୍‌ର ସମୁଦ୍ରକୂଳରେ ପରିବେଶ ଆଇନକୁ ଉଲ୍ଲଂଘନ କରି ମରାଡୁ ଫ୍ଲାଟ୍ ନିର୍ମାଣ ପାଇଁ ଅନୁମତି ଦିଆଯାଇଥିଲା। ଏନେଇ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ ଦାଖଲ କରାଯାଇଥିଲା। ଏହାର ବିଚାର କରି ସର୍ବୋଚ୍ଚ ଅଦାଲତ ୨୦୨୦ ଜାନୁୟାରୀ ୯ ସୁଦ୍ଧା ନିର୍ମିତ ହୋଇଥିବା ଫ୍ଲାଟ୍ ଗୁଡ଼ିକୁ ଭାଙ୍ଗି ଦିଆଯିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫ୍ଲାଟ୍ ଭଙ୍ଗା ଠିକା ମୁମ୍ବାଇର ଏଡିଫିସ୍ ଇଞ୍ଜିନିୟରିଂକୁ ଦିଆଯାଇଛି। ଏଥିରେ ୨୫୦ କିଗ୍ରା ବିସ୍ଫୋରକ ବ୍ୟବହୃତ ହେବ ବୋଲି କୁହାଯାଉଛି।

# ମାଙ୍କଡ଼ର ଅନ୍‌ଲାଇନ ଶପିଂ

**ବେଜିଂ:** ସ୍ମାର୍ଟଫୋନ୍ ହେଉ କି କମ୍ପ୍ୟୁଟର ଏଥିରେ ଇଣ୍ଟରନେଟ୍ ସଂଯୋଗ କରି ଘରେ ବସି ଅନ୍‌ଲାଇନ୍‌ରେ ବିଭିନ୍ନ କାର୍ଯ୍ୟ ସହଜରେ କରିହେଉଛି। ଏସବୁ ଭିତରେ ଅନ୍‌ଲାଇନ୍ ସାଇଟ୍‌ରୁ ଶପିଂ କରିବା ସମସ୍ତଙ୍କୁ ଆକର୍ଷିତ କରିଥାଏ। ବିଭିନ୍ନ ସାଇଟ୍ ସର୍ଚ୍ଚ କରି ନିଜ ପସନ୍ଦର ଡ୍ରେସ୍ ହେଉ କି ହୋମ୍ ଆପ୍ଲିଆନ୍ସ କିଣିବାକୁ ସମସ୍ତେ ପସନ୍ଦ କରିଥାନ୍ତି। ହେଲେ ମାଙ୍କଡ଼ ବି ଅନ୍‌ଲାଇନ୍‌ରୁ ସପିଙ୍ଗ କରୁଥିବା କଥା ବିଶ୍ୱାସ ହେଉ ନ ଥିଲେ ବି ସତ। ପୂର୍ବ ଚାଇନା ଚାଙ୍ଗଜୁଠାରେ ଥିବା ୟାନ୍‌ଚେଙ୍ଗ ୱାଇଲ୍ଡ ଆନିମଲ୍ ଜୁ'ର ଏକ ମାଙ୍କଡ଼ ଅନ୍‌ଲାଇନ୍‌ରେ ଶପିଂ କରିଥିବା ଘଟଣା ନଜରକୁ ଆସିଛି। ଘଟଣାଟି ଏମିତି, ଜୁ'ରେ ଏଲ୍‌ବି ମେଗ୍‌ମା ନାମକ ଜଣେ ମହିଳା କାମ କରନ୍ତି। କିଛିଦିନ ତଳେ ସେ ନିଜ ଅଫିସ୍‌ରେ ବସି ଅନ୍‌ଲାଇନ୍ ଶପିଂ ସାଇଟ୍‌ରେ କିଛି ଜିନିଷ ଦେଖୁଥିଲେ। ଏହି ସମୟରେ ଜୁ'ରେ ଥିବା ମାଙ୍କଡ଼କୁ ସେ ଖାଇବାକୁ ଦେଇ ନ ଥିବା ମେଗ୍‌ମାଙ୍କର ମନେପଡ଼ିଥିଲା। ସେ ଅଫିସ୍‌ରେ ଫୋନ୍ ରଖି ମାଙ୍କଡ଼ ପାଇଁ ଖାଇବା ଆଣିବାକୁ ବାହାରକୁ ଯାଇଥିଲେ। ହେଲେ ଫେରିବା ବେଳକୁ ଶପିଂ ସାଇଟ୍‌ରୁ କେତେକ ଜିନିଷ ଅର୍ଡର ଦିଆଯାଇଥିବା ମେସେଜ ତାଙ୍କ ଫୋନ୍‌କୁ ଆସିଥିବା ଦେଖିଥିଲେ। ଅର୍ଡର କିପରି ହେଲା ଜାଣିବା ପାଇଁ ସେ ସେହି ରୁମ୍‌ର ସିସିଟିଭି ଫୁଟେଜ୍ ଚେକ୍ କରିଥିଲେ। ତେବେ ମେଗ୍‌ମାଙ୍କ ଫୋନ୍‌ରୁ ମାଙ୍କଡ଼ଟି ଅର୍ଡର କରିଥିବା ଦେଖାଯାଇଥିଲା। କିନ୍ତୁ ଏହାପରେ ସେ ଅର୍ଡର କ୍ୟାନ୍‌ସଲ କରି ନ ଥିଲେ। ଏ ନେଇ ମେଗମା କହିଛନ୍ତି, ମାଙ୍କଡ଼ଟି ଅର୍ଡର କରିଥିବା ଜିନିଷଗୁଡ଼ିକ ତାଙ୍କ ଦରକାର ଯୋଗ୍ୟ ଥିଲା, ତେଣୁ ସେ ଅର୍ଡର କ୍ୟାନ୍‌ସଲ କରି ନ ଥିଲେ।



# ଛତୁର ଔଷଧୀୟ ଗୁଣ

**ନୂଆଦିଲ୍ଲୀ:** ଛତୁରେ ବହୁ ମାତ୍ରାରେ ପୋଷକତତ୍ତ୍ୱ ରହିଛି। ଏହା ଶରୀର ପାଇଁ ବେଶ୍ ଲାଭଦାୟକ। ଛତୁ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ସପ୍ତାହରେ ୨ଥର ଛତୁ ଖାଇଲେ ହାର୍ଟଆଟାକ୍ ଓ ମେଦବହୁଳତା ହେବା ଆଶଙ୍କା ଦୂର ହୋଇଥାଏ ବୋଲି ଚିକିତ୍ସା ବିଜ୍ଞାନୀ ପରାମର୍ଶ ଦେଇଥାନ୍ତି। ଛତୁରେ ବହୁମାତ୍ରାରେ ସୋଡିୟମ, ପ୍ରୋଟିନ୍, କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମ୍ ରହିଥାଏ। ଯାହା ଶରୀରରେ କୋଲେଷ୍ଟରଲ ଓ ଶର୍କରାକୁ କମ୍ କରିଥାଏ। ଫଳରେ ଉଚ୍ଚ ରକ୍ତଚାପ ଏବଂ ଡାଇବେଟିସ୍ ସମସ୍ୟା ମଧ୍ୟ ଦୂର ହୋଇଥାଏ।

## ସଂକ୍ଷେପରେ

### ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟ ଗିରଫ

**କଟକ ଅଫିସ/ ଭୁବନେଶ୍ୱର (ବ୍ୟୁରୋ), ୧୩।୧୧:** ଗ୍ୟାଙ୍ଗଷ୍ଟର ସନ୍ଦୀପ ଆଚାର୍ଯ୍ୟ ଓରଫ ରାଜାଙ୍କୁ ବୁଧବାର ମଧ୍ୟାହ୍ନରେ କଟକ ମାଲଗୋଦାମ ଥାନା ପୋଲିସ ଭୁବନେଶ୍ୱରର ବରଗଡ଼ ଅଞ୍ଚଳରୁ ଗିରଫ କରିଛି। ୨୦୦୪ ମସିହାରେ ଏକ ହତ୍ୟା ଉଦ୍ୟମ ଅଭିଯୋଗ ନେଇ ରାଜାଙ୍କ ନାମରେ ମାଲଗୋଦାମ ଥାନାରେ ମାମଲା ରୁଜୁ ହୋଇଥିଲା। ଏ ନେଇ କଟକ ସିଜେଏମ୍‌ଙ୍କ କୋର୍ଟରେ ଏସ୍‌ଟି କେସ୍ (ନଂ. ୨୦୩/୦୪) ବିଚାରାଧୀନ ଥିଲା। କୋର୍ଟଙ୍କ ଧାର୍ଯ୍ୟ ତାରିଖରେ ରାଜା ହାଜର ନ ହେବାରୁ ତାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। କୋର୍ଟ ୱାରେଣ୍ଟ ବଳରେ ପୋଲିସ ଭୁବନେଶ୍ୱର ବିଜେବି ନଗରସ୍ଥ ତାଙ୍କ ବାସଭବନରୁ ତାଙ୍କୁ ଗିରଫ କରିଛି।



କଟକରେ ଅନ୍ୟ ମାମଲାରେ ସମ୍ପୃକ୍ତି ନେଇ ତାଙ୍କୁ ହାଜତରେ ରଖି ପଚରାଉଚରା କରାଯାଉଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି, ୨୦୦୮ରେ ବହୁ ଚର୍ଚ୍ଚିତ ଜୁଡ଼ୋ କୋଚ୍ ବିରଞ୍ଚି ଦାସ ହତ୍ୟା ମାମଲାରେ ପୋଲିସ ରାଜାଙ୍କୁ ୨୦୦୮ ମେ ୨୮ରେ ଗୋଆରୁ ଗିରଫ କରିଥିଲା। ୨୦୧୦ରେ ଭୁବନେଶ୍ୱର ଜିଲା ଓ ସେସନ୍ସ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ରାଜାଙ୍କ ନାମରେ ବିଭିନ୍ନ ଥାନାରେ ୪୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ବିରଞ୍ଚି ଦାସ ହତ୍ୟା ମାମଲାରେ ୨୦୧୭ ମାର୍ଚ୍ଚରେ ସୁପ୍ରିମକୋର୍ଟ ତାଙ୍କୁ ଜାମିନ ଦେଇଥିଲେ। ସେହିପରି ଭୁବନେଶ୍ୱରସ୍ଥ ଜ୍ୟୋତି ମୋଟର୍ସ କର୍ମଚାରୀଙ୍କୁ ଅପହରଣ ମାମଲାରେ ହାଇକୋର୍ଟ ରାଜାଙ୍କୁ ଜାମିନ ଦେବା ପରେ ୨୦୧୮ ଏପ୍ରିଲ ୨୫ରେ ସେ ଝାରପଡ଼ା ଜେଲରୁ ମୁକୁଳିଥିଲେ। ଅନ୍ୟପକ୍ଷରେ ଓଲିଉଡ଼ ଅଭିନେତ୍ରୀ ବିଦୁସ୍ମିତାଙ୍କ ଭାଇ ଅରୁଣ ମନ୍ତ୍ରୀ ଅପହରଣ ମାମଲାରେ ୨୦୧୧ ଅକ୍ଟୋବରରେ ରାଜାଙ୍କୁ ଅଦାଲତ ୪ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ।




# ବୃଦ୍ଧଙ୍କୁ ହାଣି ମୁଣ୍ଡଗଣ୍ଡି ଅଲଗା କଲେ

**ମୋହନା,୧୩।୧୧(ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ଥାନା ମେରାପଲ୍ଲୀ ପଞ୍ଚାୟତ ଭାଲିଆସାହି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁଣିଗାରେଡି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ହାଣି ହତ୍ୟା କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ଦାସୁ ମଳିକ (୬୫)। ମୃତଦେହର ଗଣ୍ଡି ମିଳିଥିବାବେଳେ ମୁଣ୍ଡ ମିଳୁନାହିଁ।

ପ୍ରକାଶ ଯେ, ଦାସୁ ବହୁଦିନ ହେଲା ଅଞ୍ଚଳର ଲୋକଙ୍କ ଦେହ ଖରାପ ହେଲେ ଚେରମୂଳି ଔଷଧ ଦେବା ସହ ଝଡ଼ାଫୁଙ୍କା କରିଥାନ୍ତି। ମାତ୍ର କିଛିଦିନ ତଳେ କେତେଜଣ ବ୍ୟକ୍ତି ତାଙ୍କୁ ଏହି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ଦାସୁ ମୋହନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆପୋଷ ବୁଝାମଣା ପରେ ସମସ୍ୟାର ସମାଧାନ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ

### ଅନ୍ଧବିଶ୍ୱାସର କରୁଣ ପରିଣତି

ଦାସୁ ତାଙ୍କ ମକା କିଆରିକୁ କାମ କରିବାକୁ ଯାଇଥିଲେ। ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ମାତ୍ର ତାଙ୍କର ଖୋଜଖବର ମିଳି ନ ଥିଲା। ବୁଧବାର ସକାଳୁ ଦାସୁଙ୍କ ସ୍ତ୍ରୀ ଖୋଜିବାକୁ ମକା କିଆରିକୁ ଯାଇଥିବାବେଳେ ସେଠାରେ ସ୍ୱାମୀଙ୍କ ମୁଣ୍ଡବିହୀନ ମୃତଦେହ ପଡିଥିବା ଦେଖିଥିଲେ। ଗାଁକୁ ଆସି ଘଟଣା ସମ୍ପର୍କରେ କହିବା ପରେ ଦାସୁଙ୍କ ପୁଅ ପ୍ରେମାନନ୍ଦ ମୋହନା ଥାନାରେ ଜଣାଇଥିଲେ। ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକ, ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଥିଲେ। ମୋ ବାପାଙ୍କୁ ବେଣୀପଦର ଗ୍ରାମର ସାନୁଜ ମଳିକ ଓ ତାଙ୍କ ଭାଇ ସରୋଜ ହତ୍ୟା କରିଥିବା ପ୍ରେମାନନ୍ଦ ମୋହନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ.୨୦୨/୧୯ରେ ଏକ ହତ୍ୟା ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସାନୁଜଙ୍କୁ ଥାନାକୁ ଆଣି ପଚରାଉଚରା ପରେ ସେ ଧାରୁଆ ଅସ୍ତ୍ରରେ ଦାସୁଙ୍କୁ ହାଣି ହତ୍ୟା କରିଥିବା ସ୍ୱୀକାର କରିଥିଲା। କିଛିଦିନ ହେଲା ତାଙ୍କ ପରିବାରରେ ଜଣଙ୍କ ଦେହ ଖରାପ ହେଉଥିଲା। ଦାସୁ ଗୁଣି କରୁଥିବାରୁ ଏପରି ହେଉଥିବା ସାନୁଜ ସନ୍ଦେହ କରୁଥିଲେ। ଏହାର ପ୍ରତିଶୋଧ ନେବାକୁ ଯାଇ ସେ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ଏସ୍‌ଡିପିଓ ମହାନ୍ତି ସୂଚନା ଦେଇଛନ୍ତି।

# ଗାନ୍ଧିଜୀଙ୍କ ହତ୍ୟା ତଥ୍ୟ ପିଲାଙ୍କୁ ଲୁଚା ନ ଯାଉ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ରାଜ୍ୟର ସମସ୍ତ ସ୍କୁଲରେ ପିଲାଙ୍କୁ ଦିଆଯାଇଥିବା ଦୁଇ ପୃଷ୍ଠାର ଏକ ଲିଫ୍‌ଲେଟରେ ଗାନ୍ଧିଜୀଙ୍କ ବର୍ବର ହତ୍ୟାକୁ ଉଲ୍ଲେଖ ନ କରି ମିଥ୍ୟା ତଥ୍ୟ ଦିଆଯାଇଛି। ଗାନ୍ଧିଜୀଙ୍କୁ ନାଥୁରାମ ଗଡ୍‌ସେ ପ୍ରାର୍ଥନା ସଭାରେ ଗୁଳିକରି ହତ୍ୟା କରିଥିବା ଇତିହାସରେ ଲିଖିତ ଅଛି। କିନ୍ତୁ ଗଣଶିକ୍ଷା ବିଭାଗ ପକ୍ଷରୁ 'ଆମ ବାପୁଜୀ ଏକ ଝଲକ' ଶିରୋନାମାରେ ଯେଉଁ ପ୍ରଚାରପତ୍ର ବଣ୍ଟାଯାଇଛି ସେଥିରେ ଏକ ଆକସ୍ମିକ ଘଟଣାରେ ଗାନ୍ଧିଜୀଙ୍କ ଦେହାବସାନ ହୋଇଛି ବୋଲି ଉଲ୍ଲେଖ କରାଯାଇଛି। ଅର୍ଥାତ୍ ଗାନ୍ଧୀଙ୍କୁ ହତ୍ୟା କରାଯାଇଥିବା କଥାକୁ ସ୍କୁଲ ପିଲାଙ୍କ ପାଖରେ ଲୁଚାଯାଇଛି। ହତ୍ୟାର ଠିକ୍ ତଥ୍ୟ ଦେବା ସହ ଭୁଲ୍‌ର ସଂଶୋଧନ କରି ପୁନଃ ପିଲାଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯିବା ଓ ଏପରି ଭୁଲ୍ କରିଥିବା ଦୋଷୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋହିଆ ଏକାଡେମୀ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ଦାବି କରିଛି।

ବୁଧବାର ଲୋହିଆ ଏକାଡେମୀରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏକାଡ଼େମୀର ସମ୍ପାଦକ ଦେବ ପ୍ରସାଦ ରାୟ, ପ୍ରଫୁଲ୍ଲ ସାମନ୍ତରା, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ଡା. ବିଶ୍ୱଜିତ ରାୟ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ମନୋରଞ୍ଜନ ମହାନ୍ତି ଏ ସଂକ୍ରାନ୍ତରେ ଅଭିଯୋଗ ଉଠାଇଛନ୍ତି। ସେମାନେ କହିଛନ୍ତି, ଗାନ୍ଧିଜୀଙ୍କ ହତ୍ୟାର କାରଣ ଓ ହତ୍ୟାକାରୀର ନାମ ପିଲାମାନେ ଜାଣିବା ଅତି ଆବଶ୍ୟକ। ଯେଉଁ ଅଧିକାରୀ ଏହି ଲେଖା ଦାୟିତ୍ୱରେ ଥିଲେ ସେମାନେ ଏନେଇ ଉତ୍ତର ରଖନ୍ତୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

### ମିଥ୍ୟା ତଥ୍ୟର ସଂଶୋଧନ ଦାବି କଲା ଦୁଇ ସଙ୍ଗଠନ



ଛାତ୍ରୀଛାତ୍ରଙ୍କୁ ବଣ୍ଟାଯାଇଥିବା ଲିଫ୍‌ଲେଟ୍।

# ୩ ପିଏଲ୍‌ଏଫ୍‌ଆଇ ସଦସ୍ୟ ଗିରଫ

**ରାଉରକେଲା ଅଫିସ,୧୩।୧୧**

ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ସୁନ୍ଦରଗଡ଼ ସୀମାନ୍ତରେ ଦୀର୍ଘଦିନ ଧରି ପିଏଲ୍‌ଏଫ୍‌ଆଇ ନାଁରେ ଆତଙ୍କ ସୃଷ୍ଟି କରୁଥିବା ୩ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ରାଉରକେଲା ପୋଲିସ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ପଶ୍ଚିମ ସିଂଭୂମ ଜିଲା ବନ୍ଦଗାଁ ଅଞ୍ଚଳର ପୱାନ ତାନିବାଡିଙ୍ଗ(୨୪), ଝାଡ଼ଖଣ୍ଡ ଖୁଣ୍ଟି ଅଞ୍ଚଳର ସାମୁଏଲ ସୟ(୨୨) ଏବଂ ପଶ୍ଚିମ ସିଂଭୂମ କିରିବୁରୁ ଥାନା ବାସିନ୍ଦା ରାଜେଶ ବିରୁଆ(୪୫)। ପୋଲିସ ତାଙ୍କ ପାଖରୁ ୨ଟି ଦେଶୀ ବନ୍ଧୁକ, ଗୁଳି, ଭୁଜାଲି ଆଦି ମାରଣାସ୍ତ୍ର

### ଦେଶୀ ବନ୍ଧୁକ, ଗୁଳି ଜବତ

ଜବତ କରିଛି। ଗିରଫ ୩ଜଣ ୨୦୧୫ରୁ ପିଏଲ୍‌ଏଫ୍‌ଆଇ ଲିଡର ଦିନେଶ ଗୋପଙ୍କ ସଂସ୍ପର୍ଶରେ ଆସି ପରବର୍ତ୍ତୀ ସମୟରେ କାମ ଆରମ୍ଭ କରିଥିଲେ। ସେମାନେ ସମ୍ପୃକ୍ତ ଅଞ୍ଚଳରେ ବିଭିନ୍ନ ଆପରାଧିକ କାର୍ଯ୍ୟ କରି ଲୋକଙ୍କୁ ଭୟଭୀତ କରୁଥିଲେ। ଗିରଫ ୩ଜଣ ସୁପାରି କିଲର ସାଙ୍ଗକୁ ସାର୍ପ ସୁଟର ଭାବେ ପରିଚିତ ଥିଲେ। ସେମାନଙ୍କ ବିରୋଧରେ ହତ୍ୟା, ଲୁଟ୍, ଦାଦାବଟି ଆଦାୟ ଭଳି ଏକାଧିକ ମାମଲା ବିଭିନ୍ନ ଥାନାରେ ରହିଥିବା ବୁଧବାର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଆଇଜି କବିତା ଜଲାନ, ଏସ୍‌ପି କେ ଶିବା ସୁବ୍ରମଣୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ନଭେମ୍ବର ୧୨ତାରିଖ ରାତିରେ ଭାଲୁଲତା ସାପ୍ତାହିକ ବଜାରରେ ଗିରଫ ୩ଜଣ ଏକାଠି ହୋଇ ଏକ ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା ପ୍ରସ୍ତୁତ କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲା। ଏନେଇ ବିଶ୍ରା ଥାନାରେ ଏକ ମାମଲା (ନଂ.୧୦୪/୧୯) ରୁଜୁ ହୋଇଛି। ଗିରଫ ୩ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପ୍ରିୟାଂଶୁ ବାରିକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଅର୍ଥ ଆତ୍ମସାତ୍ ଅଭିଯୋଗ: ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବରଖାସ୍ତ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ): ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ଚୌଧୁରୀଙ୍କୁ କଟକ ସ୍ୱତନ୍ତ୍ର ନ୍ୟାୟାଧୀଶ (ଦୁର୍ନୀତି ନିବାରଣ)ଙ୍କ ପକ୍ଷରୁ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଉଭୟ ଜେଲ୍ ଏବଂ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଦଣ୍ଡାଦେଶ ଶୁଣାଣି ପରେ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ବିଭାଗ ପକ୍ଷରୁ ତାଙ୍କୁ ସରକାରୀ ଚାକିରିରୁ ବରଖାସ୍ତ କରାଯାଇଛି। ସୂଚନାଯୋଗ୍ୟ, ଚୌଧୁରୀ ପୂର୍ବରୁ ଯାଜପୁର ଜିଲା ଦଶରଥପୁର ବ୍ଲକ୍‌ରେ ଷ୍ଟାଇପେଣ୍ଡାରୀ ଇଂଜିନିୟର ଭାବେ ନିଯୁକ୍ତ ଥିଲେ। ତାଙ୍କ ବିରୋଧରେ ଏମ୍‌ପି ପାଣ୍ଠି ବିନିଯୋଗରେ ନିର୍ମିତ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ପାଇଁ ୧୦,୧୯୭ ଟଙ୍କାର ମିଥ୍ୟା ବିଲ୍ ପ୍ରସ୍ତୁତ ଅଭିଯୋଗ ଥିଲା। ଏହି ଅଭିଯୋଗର ଶୁଣାଣି କରି ସ୍ୱତନ୍ତ୍ର ନ୍ୟାୟାଧୀଶ (ଦୁର୍ନୀତି ନିବାରଣ) ତାଙ୍କୁ ଦଣ୍ଡିତ କରିଛନ୍ତି।


ବ୍ରହ୍ମପୁରସ୍ଥିତ ଏସ୍‌ଏମ୍‌ଆଇଟି ଗଣଯୋଗାଯୋଗ ବିଭାଗ ପ୍ରଥମ ବର୍ଷ ଛାତ୍ରାଛାତ୍ରୀମାନେ କଲେଜ ଅଧକ୍ଷା, ଅଧ୍ୟାପିକାଅଧ୍ୟାପକଙ୍କ ସହିତ ବୁଧବାର 'ଧରିତ୍ରୀ' ପରିଦର୍ଶନରେ ଆସିଥିଲେ। ଏହି ଅବସରରେ 'ଧରିତ୍ରୀ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ଅନ୍ୟମାନେ।

### ପ୍ରଦେଶ କଂଗ୍ରେସ ପ୍ରଭାରୀଙ୍କ ଶୃଙ୍ଖଳା ତାଗିଦକୁ ଫୁ

## ଆଗରୁ ପ୍ରସାଦଙ୍କୁ ହଟାଇବା ବେଳେ ମଧ କେହି ଶୁଣି ନ ଥିଲେ: ସନ୍ଧ୍ୟା

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଦାୟିତ୍ୱରୁ ହଟାଇବା ପାଇଁ ବାରମ୍ବାର ଦାବି ଉଠିବା ଆରମ୍ଭ ହୋଇଛି। କିଛିଦିନ ତଳେ କଂଗ୍ରେସର ଗୋଟିଏ ଗୋଷ୍ଠୀ ଦୁଇଥର ଏକ ଘରୋଇ ହୋଟେଲରେ ବୈଠକ କରି ନିରଞ୍ଜନଙ୍କୁ ଦାୟିତ୍ୱରୁ ହଟାଇବାକୁ ଖୋଲାଖୋଲି ମତ ରଖିଲେ। ସମାନଭାବେ ବିରୋଧୀଙ୍କ ଏଭଳି ମେଳି ପରେ ଦଳର ଭବିଷ୍ୟତ ରଣନୀତି ପ୍ରସ୍ତୁତି ନାଁରେ ନିରଞ୍ଜନଙ୍କ ସମର୍ଥକମାନେ ଏକାଠି ହୋଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ନିରଞ୍ଜନ ସଭାପତି ପଦରୁ ନ ବାହାରିବା ଦରକାର ବୋଲି ଆଲୋଚନା କରାଗଲା। ସଭାପତି ପରିବର୍ତ୍ତନ କଥାକୁ ନେଇ ଦଳରେ ଦେଖାଦେଇଥିବା ବିବାଦ ରୋକିବା ପାଇଁ ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ ଚେତାବନୀ ଦେଇଛନ୍ତି। ଗଣମାଧ୍ୟମ ସମ୍ମୁଖରେ କୌଣସି ନେତା ଦଳ ବିରୋଧୀ ମତ ନ ଦେବା ପାଇଁ କହିଛନ୍ତି। ଯେଉଁମାନେ ଏହି କଥାକୁ ନ ମାନିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ମାତ୍ର ଓଡ଼ିଶା ପ୍ରଭାରୀଙ୍କ ଏହି କଥାକୁ ଦଳର କେତେଜଣ ନେତା ପୁଣିଥରେ ଅଣଦେଖା କରିଛନ୍ତି। ପୂର୍ବତନ ରାଜ୍ୟ ଶୃଙ୍ଖଳା କମିଟି ଅଧକ୍ଷା ସନ୍ଧ୍ୟା ମହାପାତ୍ରଙ୍କ ବାସଭବନରେ କେତେକ ଜିଲାର ମହିଳା ସଭାନେତ୍ରୀଙ୍କୁ ନେଇ ଏକ ବୈଠକ ବସିଥିବା ଜଣାପଡିଛି। ବୈଠକରେ ନିରଞ୍ଜନଙ୍କୁ ସଭାପତି ପଦରୁ ହଟାଇବା ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବୈଠକ ଶେଷରେ ସନ୍ଧ୍ୟା ମହାପାତ୍ର କହିଛନ୍ତି ଯେ, ନିରଞ୍ଜନ ବାବୁ ନିଜଆଡୁ ସଭାପତି ପଦ ଛାଡିବାକୁ ଚାହୁଁଛନ୍ତି। ତାଙ୍କୁ କିଏ ବାନ୍ଧିକି ରଖିଛି, ଛାଡୁନାହାନ୍ତି କାହିଁକି। ଏ ପର୍ଯ୍ୟନ୍ତ ପିସିସି କମିଟି ଗଠନ କଲେ ନାହିଁ। ମହିଳା, ଛାତ୍ର ଓ ଯୁବ ସଙ୍ଗଠନ କରୁନାହାନ୍ତି। ନିରଞ୍ଜନ ବାବୁଙ୍କୁ ସଭାପତି କରାଯିବା ପୂର୍ବରୁ ପ୍ରସାଦଙ୍କୁ ହଟାଇବା ବେଳେ ବାରମ୍ବାର କୁହାଗଲା ଗଣମାଧ୍ୟମ ଆଗରେ କେହି କିଛି କହିପାରିବେ ନାହିଁ, ହେଲେ ସେମାନେ ମାନିଲେ ନାହିଁ। ବର୍ତ୍ତମାନ ଯଦି ଆମେ କହୁଛୁ ଅସୁବିଧା କ'ଣ। ଖୁବ୍‌ଶୀଘ୍ର ରାଜ୍ୟ କଂଗ୍ରେସ ସମସ୍ୟା ନେଇ ଦିଲ୍ଲୀ ଯିବୁ, ଦଳର ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ସବୁକଥା ଜଣାଇବୁ ବୋଲି ସନ୍ଧ୍ୟା କହିଛନ୍ତି।

### ■ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

# ବାଲିଯାତ୍ରାକୁ 'ନ୍ୟାଶନାଲ ମ୍ୟାରିଟାଇମ୍ ହେରିଟେଜ୍ ଫେଷ୍ଟିଭାଲ' ମାନ୍ୟତା ଦିଅ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ବାଲିଯାତ୍ରାକୁ ଜାତୀୟ ପର୍ବ ମାନ୍ୟତା ଦାବି ନେଇ ବୁଧବାର କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବାଲିଯାତ୍ରା ବା ବୋଇତ ବନ୍ଦାଣ ଉତ୍ସବ ବହୁ ଦିନରୁ କଟକରେ ପାଳନ ହୋଇଆସୁଛି। ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରା ଏବଂ ଓଡ଼ିଆ ସାଧବ ପୁଅଙ୍କ ସାମୁଦ୍ରିକ ଯାତ୍ରାକୁ ମନେପକାଇବା ପାଇଁ ଏହି ଉତ୍ସବ ପାଳନ କରାଯାଇଥାଏ। ସାଧବ ପୁଅମାନେ ବୋଇତ ଯୋଗେ ସୁଦୂର ବାଲି, ଜାଭା, ସୁମାତ୍ରା ଓ ବୋର୍ଣ୍ଣିଓ ଯାଇ ସେଠାରେ ବେପାର ବାଣିଜ୍ୟ କରିବା ସହ କଳା, ସଂସ୍କୃତିର ଆଦାନପ୍ରଦାନ କରୁଥିଲେ। ଏହି ସମୃଦ୍ଧ ତଥା ଗୌରବମୟ ପରମ୍ପରାର ମୂକସାକ୍ଷୀ ଭାବେ ବାଲିଯାତ୍ରା ପାଳନ କରାଯାଉଛି। ପ୍ରତିବର୍ଷ ଏହି ମହୋତ୍ସବ ନଭେମ୍ବର ତଥା କାର୍ତ୍ତିକ ପୂର୍ଣ୍ଣମୀରୁ ଆରମ୍ଭ ହୋଇ ୭ରୁ ୧୦ଦିନ ପର୍ଯ୍ୟନ୍ତ ଚାଲିଥାଏ। ବର୍ଷକୁ ଥରେ ଆୟୋଜିତ ହେଉଥିବା ଏହି ବିଶାଳ ମୁକ୍ତାକାଶ ମେଳା ଓଡ଼ିଶାର ଏକ ପ୍ରମୁଖ ମେଳା ମହୋତ୍ସବ ମଧ୍ୟରୁ ଅନ୍ୟତମ।



ପ୍ରାଚୀନ ଉତ୍କଳ କିଭଳି ନୌବାଣିଜ୍ୟ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିଲା ଏବଂ ଭାରତୀୟ ନୌବାଣିଜ୍ୟ ପରମ୍ପରାକୁ ବହୁପାଦ ଆଗକୁ ନେଇଥିଲା ତାହାର ପ୍ରମାଣ ଏବେ ବି ବାଲି, ସୁମାତ୍ରା ଓ ଜାଭା ଭଳି ଦ୍ୱୀପରେ ଦେଖିବାକୁ ମିଳେ। ବାଲିର ପର୍ବପର୍ବାଣି, ଖାଦ୍ୟ, ବେଶ ପୋଷାକ, ଭାଷା, କଳା, ସଂସ୍କୃତି ଆଦିରେ ଏବେ ବି ପ୍ରାଚୀନ ଉତ୍କଳର ପ୍ରତିଫଳନ ଦେଖିବାକୁ ମିଳିଥାଏ। ଓଡ଼ିଶାରେ ହେଉଥିବା ବାଲିଯାତ୍ରା ପ୍ରାଚୀନ ସମୟର ସେହି କଳା, ସଂସ୍କୃତି ଓ ଭାବର ଆଦାନପ୍ରଦାନକୁ ମନେପକାଇ ଦେଉଥିବା ବେଳେ ଏହା ଜାତୀୟସ୍ତରରେ ସ୍ୱୀକୃତି ପାଇବାର ଆବଶ୍ୟକତା ରହିଛି। ପୂର୍ବ ଭାରତର ନୌବାଣିଜ୍ୟ ପରମ୍ପରାର ଇତିହାସକୁ ସମଗ୍ର ଦେଶ ବାଲିଯାତ୍ରା ମାଧ୍ୟମରେ ମନେପକାଇବାର ସମୟ ଆସିଛି। ବାଲିଯାତ୍ରା ପ୍ରତି ଓଡ଼ିଆଙ୍କ ଭାବାବେଗ ସହିତ ଜଡ଼ିତ। ତେଣୁ ଏହି ମହୋତ୍ସବକୁ 'ନ୍ୟାଶନାଲ ମ୍ୟାରିଟାଇମ୍ ହେରିଟେଜ୍‌ଫେଷ୍ଟିଭାଲ'ର ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାଦ୍ୱାରା ଆମ ଭବିଷ୍ୟତ ପିଢ଼ି ପ୍ରେରଣା ପାଇବେ ବୋଲି ନବୀନ ଦର୍ଶାଇଛନ୍ତି।

### ବୁଲ୍‌ବୁଲ୍ କ୍ଷୟକ୍ଷତି ଆକଳନ

## ଆଜି ଆସୁଛନ୍ତି କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ସାମୁଦ୍ରିକ ଝଡ଼ ବୁଲ୍‌ବୁଲ ଯୋଗୁ କେତେ କ୍ଷୟକ୍ଷତି ହୋଇଛି ତା'ର ଆକଳନ କରିବା ଲାଗି କେନ୍ଦ୍ର ସରକାରଙ୍କ ଆନ୍ତଃ-ମନ୍ତ୍ରଣାଳୟର ଏକ ପ୍ରତିନିଧି ଦଳ ଆସନ୍ତା ୧୪ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ବୁଲ୍‌ବୁଲ୍ କ୍ଷୟକ୍ଷତି ଆକଳନ କରିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସାହେଲି ଘୋଷ ରାୟଙ୍କ ନେତୃତ୍ୱରେ ଆନ୍ତଃ-ମନ୍ତ୍ରଣାଳୟ ପ୍ରତିନିଧି ଦଳ ଆସିବେ। ଏହି ପ୍ରତିନିଧି ଦଳରେ ଶକ୍ତି ମନ୍ତ୍ରଣାଳୟର ମୁଖ୍ୟ ଯନ୍ତ୍ରୀ ବନ୍ଦନା ସିଂଘାଲ, ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ କନ୍ସଲଟାଣ୍ଟ ଦୀନା ନାଥ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଉପସଚିବ ଏସ୍.ଏସ୍. ମୋଦି, କେନ୍ଦ୍ରୀୟ ଜଳ ଆୟୋଗ ସୁପରିଣ୍ଟେଣ୍ଡେଣ୍ଟ ଯନ୍ତ୍ରୀ ଅମରିଶ ପାଲ୍ ସିଂ, କୃଷି ବିଭାଗ ପାଟଣା ସ୍ଥିତ ଡିଆରଡି ନିର୍ଦ୍ଦେଶକ ବୀରେନ୍ଦ୍ର ସିଂ ଓ ସଡ଼କ ପରିବହନ ମନ୍ତ୍ରଣାଳୟର ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀ ସୁନୀଲ୍ କୁମାର ସାମିଲ ଅଛନ୍ତି। କେନ୍ଦ୍ରୀୟ ଟିମ୍ କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଆଦି ଅଞ୍ଚଳ ବୁଲିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଟିକିଏ ଟିକିଏ କଥାରେ ଅଯଥା ଭାବପ୍ରବଣ ହେଲେ ନିଜ ପାଇଁ ତାହା କ୍ଷତିର କାରଣ ହେବ। ଶିଳ୍ପ, ବ୍ୟବସାୟ ,ବାଣିଜ୍ୟରେ ମାଲପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ କିନ୍ତୁ ସମୟାନ୍ତରେ ସମାଧାନ ମଧ ହୋଇଯିବ।

**ବୃଷ** ଗତକାଲି ଠାରୁ ଯାହା ଭାବୁଛନ୍ତି ଶୀଘ୍ର କରିବା ଭଲ ହେବ ନତୁବା ପରକ୍ଷଣରେ ପରିସ୍ଥିତି ବଦଳି ଯାଇପାରେ । ପ୍ରିୟ ବନ୍ଧୁଙ୍କ ଆଗରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଗଲେ ପରେ ପସ୍ତେଇବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାନ୍ତି। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚ ମାନର ଫଳ ପାଇବେ।

**ମିଥୁନ** ପରିସ୍ଥିତିକୁ ଦେଖି କାମ କରିଚାଲିଲେ ଲକ୍ଷ୍ୟପୂରଣରେ ଅସୁବିଧା ରହିବ ନାହିଁ। ନିଜର ବୁଦ୍ଧି ଖଟାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରନ୍ତି। ଆଜି ବ୍ୟବସାୟୀମାନେ ଭଲ ବ୍ୟବସାୟ ହେବା କାରଣରୁ ଖୁସି ରହିବେ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କର୍କଟ** କର୍ମକ୍ଷେତ୍ରରେ ବିଦ୍ୟମାନ ସ୍ଥିତି ବନ୍ଧୁଙ୍କ ସହାୟତାରେ ସମାଧାନ ଦିଗକୁ ଗତି କରିବ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପାରେ। ସକାଳୁ ସକାଳୁ ମାଙ୍ଗଳିକ କାମ କିମ୍ବା ଧର୍ମାନୁଷ୍ଠାନ ଦିଗ ସକାଶେ ଖିଆପିଆ ଛାଡି ବୁଲିବେ। ଘରୋଇ ଆବଶ୍ୟକତା ପୂରଣ କ୍ଷେତ୍ରରେ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ।

**ସିଂହ** ଯାତ୍ରା କାଳରେ କିମ୍ବା କର୍ମକ୍ଷେତ୍ରରେ ନିଜର ଅସାବଧାନତାବଶତଃ ଧନ ହାନି କିମ୍ବା ଆଘାତପ୍ରାପ୍ତ ହୋଇପାରନ୍ତି। ପରିବାରରେ, ପରିବହନରେ, ଗୃହ ନିର୍ମାଣରେ, ସଭା ସମିତିରେ କ୍ରମଶଃ ସ୍ଥିରତା ଫେରି ଆସିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ । ନିଜ ବଂଶର ଲୋକମାନଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** ଦୂରଯାତ୍ରା, ସ୍ତ୍ରୀଙ୍କ ସହ ମତାନ୍ତର ଓ ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି କରିବ। ଅତି ନିକଟରେ ରହୁଥିବା କୌଣସି ବ୍ୟକ୍ତିଙ୍କ ଦ୍ୱାରା ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କଳା ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଗୁରୁତ୍ୱପୂର୍ଣ୍ଣ କାମ ସକାଶେ କିଛି ସହଯୋଗ ଲାଗି ବନ୍ଧୁଙ୍କୁ ମନର କଥା କହିବେ।

**ତୁଳା** କୌଣସି ମହିଳାଙ୍କ ପ୍ରତିବାଦ କାମକୁ ଭଣ୍ଡୁର କରିଦେଇପାରେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବ। ଆକସ୍ମିକ ଭାବେ ଧାତୁ, ଅଳଙ୍କାର କିମ୍ବା ବସ୍ତ୍ରଭୂଷଣ ଲାଭ କରିପାରନ୍ତି। ବ୍ୟବସାୟରେ ସମସ୍ୟା ରହିବ ନାହିଁ। ଆନୁଷ୍ଠାନିକ କିମ୍ବା ପରିବାରରେ ସାହାଯ୍ୟର ଅଭାବ ରହିବ ନାହିଁ।

**ବିଛା** ଲକ୍ଷ୍ୟପୂରଣ କ୍ଷେତ୍ରରେ ପାଖ ପଡ଼ୋଶୀଙ୍କ ଅବଦାନ ସ୍ମରଣୀୟ ରହିବ। ପାରସ୍ପରିକ ଆଲୋଚନା ଓ ବୁଝାମଣା ମାଧ୍ୟମରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। କର୍ମକ୍ଷେତ୍ରରେ ଭାବପ୍ରବଣ ବଶତଃ ଭିନ୍ନ ପ୍ରକାରର କଥାବାର୍ତ୍ତାକରି ଅପଦସ୍ଥ ହୋଇପାରନ୍ତି। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଆଚରଣ ମନକୁ ବ୍ୟଥିତ କରିପାରେ।

**ଧନୁ** ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଉଚ୍ଚପଦାଧିକାରୀଙ୍କ ଅନୁକମ୍ପାରେ କର୍ମକ୍ଷେତ୍ରରେ ଲାଗି ରହିଥିବା ଟେନସନ୍ ଦୂର ହେବ। ଆଜିର ଯାତ୍ରା, କଳା ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ରାଦି କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଅର୍ଥସଙ୍କଟ ଦୂରେଇଯିବା ସହ କୌଣସି ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବା ସକାଶେ ଆଲୋଚନା କରିପାରନ୍ତି।

**ମକର** ବନ୍ଧୁମେଳରେ ଯୁକ୍ତିଯୁକ୍ତ କଥା କହି ଜଟିଳ ପରିସ୍ଥିତିକୁ ସୁଧାରି ନେବେ। ଟଙ୍କା ପଇସା ନେଣଦେଣରେ ସତର୍କ ନ ରହିଲେ ପରେ ଅନୁତାପ କରିବାକୁ ପଡିପାରେ। ପାରିବାରିକ କ୍ଷେତ୍ର, ଯାନବାହନ ଚଳାଚଳ, ବ୍ୟବସାୟରେ କିଛିଟା ସମସ୍ୟା ଦେଖାଦେବ। ସହକର୍ମୀଙ୍କ ନିକଟରେ ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବନାହିଁ ।

**କୁମ୍ଭ** କର୍ମକ୍ଷେତ୍ରରେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେଇପାରେ। କୌଣସି ବ୍ୟକ୍ତି ଦ୍ୱାରା ବାଧ ବାଧକତାରେ ଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିବ। ପାରିବାରିକ ସମସ୍ୟାର ସମାଧାନ ଜଣେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମ୍ଭବ ହେବ।

**ମୀନ** ଉଚ୍ଚମନ ନେଇ କାମ କରିବେ ଏବଂ ଭଲ ସମ୍ପର୍କ ଥିବା ବ୍ୟକ୍ତିମାନଙ୍କ ସହଯୋଗ ମଧ ପାଇବେ। କର୍ମ କ୍ଷେତ୍ର, ଯାନବାହନ, ଦୋକାନବାଡି, ସଭା ସମିତିରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ମାଲିମକଦ୍ଦମାରେ ସଫଳତା ପାଇବେ। ବୁଝି ବିଚାରି କାମରେ ହାତ ଦିଅନ୍ତୁ ।

ଆଜି ମାର୍ଗଶିର କୃଷ୍ଣପକ୍ଷ ଦ୍ୱିତୀୟା, ନଭେମ୍ବର ୧୪ ତାରିଖ, ମାଣବସା ଗୁରୁବାର ପ୍ରଥମ ପାଳି, ଶିଶୁଦିବସ, ବିଶ୍ୱ ମଧୁମେହ ଦିବସ, ରାଷ୍ଟ୍ରୀୟ ପୁସ୍ତକାଳୟ ସପ୍ତାହ (ନଭେମ୍ବର ୧୪ରୁ ୨୦), ରାଶି/ନକ୍ଷତ୍ର-ରୋହିଣୀ/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୫।୫୯ମି. ଗତେ ଘ୭।୨୮ମି. ମଧ୍ୟେ, ଘ୧।୨୨ମି. ଗତେ ଘ୨।୫୧ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୨।୫୪ମି. ଗତେ ଘ୨।୧୭ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302




**SALE**

Toyota Fortuner, WagonR-2015 (Dec), Lancer, Elentra for sale. 7381091234, 9861194627. D-68418

**HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email-enquiry@kttorissa.com D-15185

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404




**SALE**

ଭୁବନେଶ୍ୱର New Railwaystation 30ft Road ଥାଇ sqft. 480/-, Ragistration, Conversion, Mutation free. 6371406921, 9439690111. D-68505

30' revenue ରାସ୍ତାଥାଇ 3200sqft. ଘରବାରି, BDA yellowzone boundary plot AIIMS Hospital ପାଖରେ ବିକ୍ରିହେବ। 6370292040. D-68424

(Schedule Caste) 19 ଗୁଣ୍ଠ ଜମି ଭିଙ୍ଗାରପୁର ହସଂପାଳଠାରେ ବିକ୍ରିହେବ। 9937816565, 9937568585. D-68170

ସ୍ଥିତିବାନ ବାସପୋଯୋଗୀ ଜମି 60ft ପିଚୁରାସ୍ତାକୁ ଲାଗି ବିକ୍ରିହେବ। 9937816565, 9937568585. D-68171

Gharabari 5ft boundarywall complete plot sale Chhatabar bypass roadside 3k.m. from 2nd infosys 6000sqft. 36,00,000/- (3side simplex) 9861281504. D-68423

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ଫ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68177

NH-16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ପୋଜେସନ୍ ଥାଇ 399/ରେ ମିଳୁଛି। 7873894075. D-68415

100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320. D-68426

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




One BHK bachelor accomodation for rent Satabdi Nagar, Bhubaneswar. Contact: 9438658196. D-68178




Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies & gents smart therapist, 9040900385. D-68701

Refresh your mind and soul with best therapy at Orchid Salon/Spa. 9937287222. D-66998

Ayurvedic full body massage ladies/ gents smart experts therapist: 8480939300. D-66994

Full body herbal massage with refreshment expert therapist. 7381239385, 06742540855. D-68172

Experience full body massage with us (expert). Call: 7377048581, 06742597822. D-68173

Herbal full body massage by smart / expert therapist. Contact: 8338067247. D-68174

Summer special mesmerizing offer expert therapeutic refreshing massage appointment. 9668374480. D-68175

Newly open full body massage by ladies, gents therapist. 8018656899 D-60850

Ayurvedic full body massage by ladies, gents therapist. 7008773793 D-60851

Ayurvedic full body massage ladies & gents smart therapist, 9668814589. D-68702

**AFFIDAVIT**

ଏତଦ୍ଦ୍ୱାରା ମୁଁ ଧୃତି ରଞ୍ଜନା ପାଲ, ପି: ରବି ଚନ୍ଦ୍ର ପାଲ, ସା/ପୋ/ଥାନା: ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ ସତ୍ୟପାଠ ମାଧ୍ୟମରେ ଘୋଷଣା କରୁଛି ଯେ, ମୋର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ରରେ Palo ଅଛି, କିନ୍ତୁ ତାହା ବାସ୍ତବରେ Pal ଅଟେ। ମୋର ଭୋଟ ପରିଚୟ ପତ୍ର, ଆଧାରକାର୍ଡ଼ ଓ ପ୍ୟାନ୍‌କାର୍ଡ଼ରେ Pal ଅଛି। ଏଣୁ ମୁଁ ସମସ୍ତ ସରକାରୀ ଓ ବେସରକାରୀ କାଗଜ ପତ୍ରରେ Dhriti Ranjana Pal ଭାବେ ପରିଗଣିତ ହେବି। D-15209


### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

> ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ– ଯାହା ନ କହିବା ଉଚିତ ସେସବୁ କହିପକାଏ– ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ।
> –ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ମଣିଷଠାରୁ ବୁଦ୍ଧିଆ ଡଲ୍‌ଫିନ

ଏଇ ନିକଟରେ ମୁଁ ୧୦୦ ଦୂରଦୃଷ୍ଟିସମ୍ପନ୍ନ ଜ୍ଞାନୀ, ଗବେଷକ ଓ ଉଦ୍ଭାବକମାନଙ୍କ ସମ୍ମିଳନୀରୁ ଫେରିଛି। ଡେଲ୍‌ଫି, ଗ୍ରୀସ୍‌ଠାରେ ଅନୁଷ୍ଠିତ ସମ୍ମିଳନୀକୁ ମୁଁ ଆଲେକ୍‌ଜାଣ୍ଡର ଓ ନିକୋଲ ଗ୍ରାଟୋଭସ୍କିଙ୍କ ଅନୁରୋଧରେ ଯାଇଥିଲି। ଗ୍ରାଟୋଭସ୍କିମାନେ ହେଉଛନ୍ତି ରୁଷିଆର ଆନ୍ଥ୍ରୋପୋଲୋଜିଷ୍ଟ, ଯେଉଁମାନେ ଚୈତନ୍ୟମୟ ବିଶ୍ୱକୁ ଆବିଷ୍କାର କରିବା ପାଇଁ ନିଜର ଧନ ଓ ଶ୍ରମ ବ୍ୟୟ କରିଆସୁଛନ୍ତି। ସେମାନେ ନିଜ ଗବେଷଣା ଭିତ୍ତିରେ ବିଶ୍ୱାସ କରନ୍ତି ଯେ, ଏ ପୃଥିବୀରେ ବଞ୍ଚିରହିବା ପାଇଁ ହେଲେ ତା'ର ଚାବିକାଠି ହେଉଛନ୍ତି ଡଲ୍‌ଫିନ୍ ଓ ତିମି। ଆମେ ସେମାନଙ୍କୁ ଯେତେ ଅଧିକ ସଂଖ୍ୟାରେ ମାରିବା ସେତେ ଶୀଘ୍ର ଏ ପୃଥିବୀର ଶେଷଦିନ ଆସିଯିବ।

ସେମାନଙ୍କ ଯୁକ୍ତିନିଷ୍ଠ ଭାଷଣ ଶୁଣିବା ପରେ ମୁଁ ବି ତାଙ୍କ କଥା ବିଶ୍ୱାସ କରୁଛି। ସେମାନେ ସ୍ୱପ୍ନବିଳାସୀ ନୁହନ୍ତି ବରଂ ବାସ୍ତବ ବୈଜ୍ଞାନିକ। ସେମାନେ ସ୍ପେନୀୟ ଦ୍ୱୀପ ଟେନେରିଫ୍‌ରେ ବାସ କରନ୍ତି, ଯାହା ହେଉଛି ସିଟେଶନ (ତିମି, ଡଲ୍‌ଫିନ୍ ଜାତୀୟ ସାମୁଦ୍ରିକ ପ୍ରାଣୀ)ଙ୍କ ସଂଗମ ସ୍ଥଳ। ସେମାନେ ବିଶ୍ୱାସ କରନ୍ତି ଯେ ଡଲ୍‌ଫିନ ହେଉଛି ମଣିଷଠାରୁ ଅଧିକ ବୁଦ୍ଧିମାନ୍। ସେମାନେ ସାରା ବିଶ୍ୱରେ ଡଲ୍‌ଫିନ ଦୂତାବାସମାନ ଖୋଲିଛନ୍ତି। ସେମାନଙ୍କ ୱେବ୍‌ସାଇଟ୍ ହେଉଛି www.dolphinembassy.org. ମୋର ବନ୍ଧୁ ଡ. ଅଶୋକ ଖୋସଲା, ଯିଏ କି ସଫଳ ଗ୍ରାମୀଣ ଅର୍ଥନୀତି ପାଇଁ ବାସ୍ତବ ସମାଧାନ ବାହାର କରିବାରେ ନିଜର ଜୀବନ ବିତାଇ ଦେଇଛନ୍ତି, ସେ ହେଉଛନ୍ତି ଭାରତର ଡଲ୍‌ଫିନ ଆମ୍ବାସାଡ଼ର। ମୁଁ ଏହି ଦୂତାବାସରେ କାମ କରିବାକୁ ଚାହୁଁଛି ଏବଂ ଆପଣ ବି ଏଥିପାଇଁ ଆବେଦନ କରିପାରନ୍ତି। ସେମାନେ ଏକ ଡଲ୍‌ଫିନିଟି ୱାର୍ଲଡ ଫେଷ୍ଟିଭାଲ୍‌ର ଆୟୋଜନ କରନ୍ତି ଯେଉଁଥିରେ ସେମାନେ ସିଟେଶନ୍‌ମାନଙ୍କ ମନ ଓ ଭାଷା ବିଷୟରେ ଶିକ୍ଷା ଦିଅନ୍ତି ଓ ଡକ୍ୟୁମେଣ୍ଟାରୀ ପ୍ରଦର୍ଶନ କରନ୍ତି। ମୁଁ ଏପରି ଏକ ଡକ୍ୟୁମେଣ୍ଟାରୀ ଦେଖିଛି।

ମୁଁ ଏଥିରୁ ଯାହା ଶିଖିଛି ତାହା ନିମ୍ନରେ ଉଲ୍ଲେଖ କରୁଛି। ୫୦ ନିୟୁତ ବର୍ଷ ତଳୁ ଏ ପୃଥିବୀର ଜଳଭାଗରେ ସିଟେଶନ୍‌ମାନେ ବାସ କରିଆସୁଛନ୍ତି। ତା'ର ଅନେକ ନିୟୁତ ବର୍ଷ ପରେ ହ୍ୟୁମ୍ୟାନଏଡ୍ (ମାନବସଦୃଶ ପ୍ରାଣୀ)ଙ୍କ ଆବିର୍ଭାବ ହେଲା। ମଣିଷ ଓ ଡଲ୍‌ଫିନମାନଙ୍କ ମଧ୍ୟରେ ଅନେକ ସାଦୃଶ୍ୟ ଅଛି। ଉଭୟେ ବାୟୁ ସାହାଯ୍ୟରେ ଶ୍ୱାସକ୍ରିୟା କରନ୍ତି। ଡଲ୍‌ଫିନମାନେ ପାଣିରୁ ଉପରକୁ ଉଠି ଶ୍ୱାସକ୍ରିୟା କରନ୍ତି। ଆମର ସବୁଠାରୁ ବଡ଼ ଓ ସୁସଙ୍ଗଠିତ ମସ୍ତିଷ୍କ ଅଛି, କିନ୍ତୁ ଡଲ୍‌ଫିନମାନଙ୍କର ତା'ଠାରୁ ବଡ଼। ଉଭୟଙ୍କ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱ ଓ ସ୍ୱତନ୍ତ୍ର ଗୁଣ ରହିଛି। ଆତ୍ମସଚେତନତାର ବୈଜ୍ଞାନିକ ମିରର ଟେଷ୍ଟରେ ଉଭୟ ମଣିଷ ଓ ଡଲ୍‌ଫିନ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଡଲ୍‌ଫିନମାନେ ଜନ୍ମ ପରେ ପରେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରନ୍ତି। କିନ୍ତୁ ମଣିଷମାନେ ପ୍ରାୟ ୧.୬ ବର୍ଷର ହେବା ପରେ ହିଁ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରନ୍ତି। ଡଲ୍‌ଫିନମାନେ ଗୀତ ଗାଆନ୍ତି, ତାଙ୍କର କୌତୁକ ରସବୋଧ ଅଛି, ଅନୁସନ୍ଧିତ୍ସା ଅଛି, ବିସ୍ମୟ ପ୍ରକାଶ କରନ୍ତି, ସ୍ମୃତିଶକ୍ତି ଅଛି, ଏବଂ ଭାଷା ଶିକ୍ଷା କରିବାର କ୍ଷମତା ଅଛି । ମଣିଷ ଓ ଡଲ୍‌ଫିନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୁଦ୍ଧି ପରୀକ୍ଷାରେ ସଫଳ ହୋଇଛନ୍ତି। ଉଭୟେ ବାହ୍ୟ କାରଣ ଦ୍ୱାରା ନୁହେଁ, ବରଂ ବିବେକ ଦ୍ୱାରା ଚାଳିତ ହୋଇ ନିଷ୍ପତ୍ତି ନିଅନ୍ତି। ଉଭୟ ପ୍ରେମ, ବନ୍ଧୁତା, ସମବେଦନାରେ ବିଶ୍ୱାସ କରନ୍ତି, ଯାହା କ୍ଷଣିକ ଆତ୍ମସ୍ୱାର୍ଥଠାରୁ ଦୂରରେ।

କିନ୍ତୁ ମଣିଷମାନେ ଆଶ୍ଚର୍ଯ୍ୟଜନକ ହାରରେ ବଂଶବୃଦ୍ଧି କଲେ। ସେତେବେଳେ ସେମାନଙ୍କ ଦ୍ୱାରା ପୃଥିବୀର କ୍ଷତି କରିବା ହାର ମନ୍ଥର ଥିଲା। ଗତ ଦୁଇ ଶତାବ୍ଦୀ ଭିତରେ ପ୍ରଯୁକ୍ତିବିଦ୍ୟାର ବିକାଶ ହେଲା, ଯାହାଦ୍ୱାରା ପରୋକ୍ଷରେ ପୃଥିବୀ ଧ୍ୱଂସଦିଗରେ ଚାଳିତ ହେଉଛି। ମଣିଷ ଚାହିଁଲା ପ୍ରକୃତିକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଓ ତା' ଉପରେ ଶାସନ କରିବା ପାଇଁ, ଯାହା ବିନାଶର କାରଣ। କିନ୍ତୁ ଡଲ୍‌ଫିନମାନେ ପ୍ରକୃତିକୁ ଭଲ ପାଇଲେ ଓ ତା' ସହ ସଦ୍‌ଭାବ ରଖିବାକୁ ଚାହିଁଲେ। ସେମାନେ କେବେ ଶୁଅନ୍ତି ନାହିଁ ଏବଂ ବିଶ୍ରାମ ନେଲାବେଳେ ବି ସଚେତନ ଥାନ୍ତି। ସେମାନଙ୍କର ତିନୋଟି ମୁଖ୍ୟ ଗୁଣ ରହିଛି: ଖେଳ ସେମାନଙ୍କ ସୂଚନାର ଆଦାନପ୍ରଦାନର ମାଧ୍ୟମ, ପ୍ରେମ ବା ଭଲପାଇବା ସେମାନଙ୍କ ସମସ୍ତ କାର୍ଯ୍ୟର ନିୟାମକ ଏବଂ ପରିପାର୍ଶ୍ୱ ପ୍ରତି ସେମାନଙ୍କ ସମ୍ମାନ ଓ ଆଲିଙ୍ଗନ। ଆମେ ଯଦି ସେମାନଙ୍କ ପରି ହୋଇଥାନ୍ତେ କେତେ ଭଲ ହୋଇ ନ ଥାନ୍ତା! ମଣିଷ ଚାହିଦାଠାରୁ ଅଧିକ ଉତ୍ପାଦନ କରିବା ଓ ଉପଭୋଗ କରିବା ଚାହେଁ ଏବଂ ତାହାକୁ ନିଜର ସଫଳତା ବୋଲି ଭାବେ। କିନ୍ତୁ ଡଲ୍‌ଫିନ ସଂସ୍କୃତିରେ କୌଣସି କିଛିର ମାଲିକ ହେବା ନାହିଁ ବରଂ ପରସ୍ପର ସହ ଓ ପ୍ରକୃତି ସହ ଆନନ୍ଦ ଉପଭୋଗ କରିବା ଅଛି। ଡଲ୍‌ଫିନମାନଙ୍କ ସାମାଜିକ ଭାବବିନିମୟ ଅତ୍ୟନ୍ତ ଜଟିଳ ଏବଂ ଭାବ ପ୍ରକାଶ କରିବା ଓ ଗ୍ରହଣ କରିବା ଲାଗି ସେମାନେ ନିଜର ମସ୍ତିଷ୍କ, ହୃଦୟ ଓ ସୁବିକଶିତ ଜ୍ଞାନେନ୍ଦ୍ରିୟର ବ୍ୟବହାର କରନ୍ତି। ଆଉ ଏକ ବଡ଼ କଥା ହେଉଛି ସେମାନେ ନିଜର ଜ୍ଞାନକୁ ସନ୍ତାନସନ୍ତତିଙ୍କଠାରେ ସଂଚାରିତ କରିବା ସ୍ଥାୟୀ ପ୍ରକ୍ରିୟା, ଯାହା ମଣିଷଙ୍କଠାରୁ ଯଥେଷ୍ଟ ଉନ୍ନତ। ଜ୍ଞାନର ଆଉ ଏକ ଦିଗ ହେଲା ଭାଷା। ଆମର ଭାଷା ଅସ୍ଥିର, ସାଙ୍କେତିକ ଓ ମିଥ୍ୟା ପ୍ରବଞ୍ଚନାଯୁକ୍ତ ହୋଇଥିବା ବେଳେ ସେମାନଙ୍କ ଭାଷା ସେମାନଙ୍କ ମାନସିକ ଓ ଆବେଗିକ ଅବସ୍ଥାର ସିଧାସଳଖ ପରିପ୍ରକାଶ।

ଆମେ ପ୍ରକୃତିଠାରୁ ଦୂରେଇ ଯାଉଥିବା ବେଳେ ଡଲ୍‌ଫିନ ତାହାର ବିପରୀତ। ଆମେ ଆମ ଜନ୍ମର ଉଦ୍ଦେଶ୍ୟ ଭୁଲିଯାଇଛୁ ଏବଂ କେଉଁଥିରେ ଆମେ ଖୁସି ହେବୁ ତାହା ଆମକୁ ଜଣାନାହିଁ। ଆମେ ପ୍ରକୃତିର ଅଧା ପ୍ରାଣୀଙ୍କୁ ଧ୍ୱଂସ କରିସାରିଲୁଣି ଏବଂ ପୃଥିବୀର ନବଦଶମାଂଶ ଆମ ଦ୍ୱାରା ପ୍ରଦୂଷିତ ହୋଇସାରିଲାଣି। ଅଧିକାଂଶ ନବୀକରଣ-ଅଯୋଗ୍ୟ ସମ୍ପଦକୁ ଆମେ ଶେଷ କରିସାରିଲୁଣି। ଆମେ ଆଜି ପ୍ରକୃତିର ସବୁଠାରୁ ଦୁଃଖୀ ପ୍ରାଣୀ। ସ୍ଥାନୀୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନାନା ପ୍ରକାର ଯୁଦ୍ଧରେ ଆମେ ସଦା ବ୍ୟାପୃତ। ଏକଲାପଣ ଓ ରୋଗ ହେତୁ ପ୍ରତିବର୍ଷ ୨୦ ନିୟୁତ ଆତ୍ମହତ୍ୟା ବା ଆତ୍ମହତ୍ୟା ଉଦ୍ୟମ ଘଟଣା ଘଟୁଛି। ଏପରିସ୍ଥଳେ ଡଲ୍‌ଫିନ ଓ ତିମିମାନଙ୍କ ପ୍ରକୃତ ଆନନ୍ଦ ଦେଖି ମୋତେ ମଣିଷ ଜନ୍ମ ନେଇଥିବାରୁ ଦୁଃଖ ଲାଗୁଛି। ସେମାନେ ବି ମାନସିକ ଚାପଗ୍ରସ୍ତ ହୁଅନ୍ତି, କିନ୍ତୁ ତାହା ବାହ୍ୟ କାରଣରୁ ଯେମିତି ସାଥୀକୁ ହରାଇବା ବା ସ୍ୱାଧୀନତାର ଅଭାବ। ଏବେ ଡଲ୍‌ଫିନମାନଙ୍କ ଭିତରେ ବି ଗଣଆତ୍ମହତ୍ୟା ଦେଖିବାକୁ ମିଳୁଛି, କିନ୍ତୁ ତାହା ଅସହ୍ୟ ଜଳପ୍ରଦୂଷଣ ଯୋଗୁ ଯାହା ମନୁଷ୍ୟ ଦ୍ୱାରା ସୃଷ୍ଟ। ସବୁଠାରୁ ବଡ଼କଥା ହେଲା ସେମାନେ ଏବେ ଜଳ ଓ ବାୟୁକୁ ପ୍ରଦୂଷଣମୁକ୍ତ କରିବାକୁ ଚେଷ୍ଟା କରୁଛନ୍ତି। ସମୁଦ୍ର ଗର୍ଭରୁ ସେମାନେ ରାସାୟନିକ ଯୌଗିକଗୁଡ଼ିକୁ ବାହାରକୁ ଆଣୁଛନ୍ତି, ଯାହାଦ୍ୱାରା ବାୟୁମଣ୍ଡଳର ଦୁଇତୃତୀୟାଂଶ ଗଢ଼ା ହୋଇଛି। ଜୀବବିଜ୍ଞାନୀମାନେ ଏହାକୁ କହୁଛନ୍ତି ବାୟୋଲୋଜିକାଲ ପମ୍ପ। ତିମିମାନଙ୍କ ସଂଗୀତ ପ୍ରଦୂଷିତ ଜଳକୁ ସ୍ୱଚ୍ଛ କରିବାରେ ସାହାଯ୍ୟ କରୁଛି। ଡ. ମାସାରୁ ଇମୋଟା ପ୍ରଥମେ ଏ କଥାକୁ ହସି ଉଡ଼ାଇ ଦେଉଥିଲେ କିନ୍ତୁ ପରେ ସେ ଏହା ସତ ବୋଲି ପ୍ରମାଣ କରିଛନ୍ତି। ୟୁଟ୍ୟୁବ୍‌ରେ ଗ୍ରାଟୋଭସ୍କିଙ୍କ ଟେଡ୍ ଟକ୍ (TEDxSadovoeRing – YouTube) ଦେଖନ୍ତୁ। ତାହା ଆପଣଙ୍କ ଦୃଷ୍ଟିଭଙ୍ଗୀ ବଦଳାଇଦେବ।

Email: gandhim@nic.in

# ଶିକ୍ଷା ବ୍ୟବସାୟ



ବିଚିତ୍ର ବିଶ୍ୱାଳ

ଜନସାଧାରଣଙ୍କ ପାଇଁ ଉଚ୍ଚମାନର ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇବା ଜନକଲ୍ୟାଣକାରୀ ସରକାରଙ୍କ ମୁଖ୍ୟ ଦାୟିତ୍ୱ। କିନ୍ତୁ ଆମ ଦେଶର ସରକାର ଧୀରେ ଧୀରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରୁ ହାତ କାଢ଼ି ନେଉଥିବାର ଦେଖାଯାଉଛି। ବିଶେଷକରି ଉଚ୍ଚଶିକ୍ଷା କ୍ଷେତ୍ରକୁ ଘରୋଇକରଣ କରିବା ଦିଗରେ ସରକାର ଖୁବ୍ ଜୋର୍‌ସୋର୍‌ରେ ଲାଗି ପଡ଼ିଛନ୍ତି। ସମ୍ପ୍ରତି ବିଶ୍ୱବିଦ୍ୟାଳୟଗୁଡ଼ିକୁ ଯେପରି ଭାବେ ଆର୍ଥିକ ଅନୁଦାନ ବନ୍ଦ କରି ଘରୋଇ ନିୟନ୍ତ୍ରଣକୁ ଟେକିଦେବା ପାଇଁ ଯୋଜନା ଚାଲୁଛି, ଏଥିରୁ ଏହା ସ୍ପଷ୍ଟ ବୁଝାପଡୁଛି। ତଥ୍ୟ ଅନୁସାରେ ଆମ ଦେଶର ପ୍ରାୟ ୬୦% ଉଚ୍ଚଶିକ୍ଷାନୁଷ୍ଠାନ ଏବେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଘରୋଇ ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିୟନ୍ତ୍ରିତ।

ସରକାର ଉଚ୍ଚଶିକ୍ଷା ଅନୁଷ୍ଠାନ ତଥା ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆର୍ଥିକ ଅନୁଦାନ ଦେବା ବନ୍ଦ କରିଦେଉଛନ୍ତି ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିଜେ ନିଜର ଆର୍ଥିକ ଚାହିଦା ପୂରଣ କରିବା ପାଇଁ କୁହାଯାଉଛି। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି, ବିଶ୍ୱବିଦ୍ୟାଳୟ କ'ଣ ମଲ୍ ନା ମଲ୍ଟିପ୍ଲେକ୍ସ, ଯିଏ କି ନିଜର ଆର୍ଥିକ ଚାହିଦାକୁ ନିଜେ ପୂରଣ କରିବ! ବିଶ୍ୱବିଦ୍ୟାଳୟ ତ ପିଲାମାନଙ୍କ ପଢ଼ିବା ପାଇଁ ତିଆରି ହୋଇଛି। ସେମାନେ ପୁଣି ନିଜର ଆର୍ଥିକ ଚାହିଦା କିପରି ପୂରଣ କରିବେ! ଯଦି ସରକାର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆର୍ଥିକ ପ୍ରୋତ୍ସାହନ ନ ଦେଇ ତାହାକୁ ଅର୍ଥ ରୋଜଗାରର ମାଧ୍ୟମ କରିବାକୁ ଚାହୁଁଛନ୍ତି, ତା'ହେଲେ ସେଠାରେ ବିଶ୍ୱବିଦ୍ୟାଳୟ ବନ୍ଦକରି ସିନେମା ହଲ୍ ଖୋଲନ୍ତୁ। ଟଙ୍କା ରୋଜଗାର ହେବ। ବିଶ୍ୱବିଦ୍ୟାଳୟମାନେ କ'ଣ ଲାବୋରଟୋରି ବା ଖେଳପଡ଼ିଆ ବନ୍ଦ କରି କ୍ୟାମ୍ପସ୍ ଭିତରେ ବ୍ୟବସାୟ କେନ୍ଦ୍ର ଖୋଲିବେ! ସରକାରଙ୍କ ଏପରି ଭାବନା ସତରେ ହାସ୍ୟାସ୍ପଦ। ଏପରିକି ବିଜ୍‌ନେସ୍ ହାଉସ୍‌ମାନେ ବି ନିଜ ପିଲାଙ୍କୁ ପଢ଼ିବା ସମୟରେ ରୋଜଗାର କରିବା ପାଇଁ କୁହନ୍ତି ନାହିଁ।

ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରମାନଙ୍କୁ ଉନ୍ନତ ମାନର ଶିକ୍ଷା ଦାନ ପାଇଁ ତିଆରି ହୋଇଛି। ଅର୍ଥର ବ୍ୟବସ୍ଥା କରିବା ସେମାନଙ୍କର କାମ ନୁହେଁ। ସେହିପରି ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକୁ ଆର୍ଥିକ ଅନୁଦାନ ଦେଇ ଛାତ୍ରମାନଙ୍କୁ ପାଠ ପଢ଼ିବା ପାଇଁ ଭିତ୍ତିଭୂମି ଯୋଗାଇବା ସରକାରଙ୍କ ଦାୟିତ୍ୱ। କାରଣ ଲୋକମାନେ ହିଁ ଟିକସ ଦେଇ ସରକାରଙ୍କ ରାଜସ୍ୱକୁ ଭରୁଛନ୍ତି। ଯଦି ସବୁ କିଛି ଘରୋଇ କମ୍ପାନୀ କରିବେ, ତେବେ ସବୁ କଥାରେ ଲୋକଙ୍କଠାରୁ ଟିକସ ନେଉଥିବା ସରକାରଙ୍କ କାମ କ'ଣ ହେବ?

ସରକାରଙ୍କ ନିର୍ଦ୍ଦେଶ ମାନି ନିଜ ଖର୍ଚ୍ଚ ନିଜେ ଉଠାଇବା ପାଇଁ ସମ୍ପ୍ରତି ବିଶ୍ୱବିଦ୍ୟାଳୟଗୁଡ଼ିକ ତରଫରୁ ବିଭିନ୍ନ ପ୍ରକାର ନୂଆ ବ୍ୟବସାୟିକ ପାଠ୍ୟକ୍ରମ ଆରମ୍ଭ କରାଯାଉଛି ଓ ତାହା ବିନିମୟରେ ଛାତ୍ରମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଉଛି। ଏହା ସ୍ପଷ୍ଟ ଯେ, ଯେଉଁମାନଙ୍କ ପାଖରେ ଟଙ୍କା ଥିବ ଅର୍ଥାତ୍ ଧନୀ ଛାତ୍ରମାନେ ହିଁ ସେହିସବୁ ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ ଓ ଅନ୍ୟମାନେ ନିରାଶ ହେବେ। ପରିସ୍ଥିତି ଏପରି ହେବ ଯେ, ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ଲକ୍ଷ୍ୟ ଧୀରେ ଧୀରେ କେବଳ ପଇସା ରୋଜଗାର କରିବା ହିଁ ହେବ। ସେମାନେ ଶିକ୍ଷାଦାନ ପରି ମହାନ୍ ଆଦର୍ଶରୁ ବିଚ୍ୟୁତ ହେବେ। ଏହି କ୍ରମରେ ଏବେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ ଓ ମ୍ୟାନେଜ୍‌ମେଣ୍ଟ ପରି ବ୍ୟବସାୟିକ ପାଠ୍ୟକ୍ରମ ଆରମ୍ଭ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ରୋଜଗାର କରିବା। ଯଦି ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ଏପରି ସ୍ଥିତି ତେବେ ଅନ୍ୟ ରାଜ୍ୟସ୍ତରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଅବସ୍ଥା କ'ଣ ହେଉଥିବ ତାହା ଅନୁମେୟ।

ଏତଦ୍‌ବ୍ୟତୀତ ଆବଶ୍ୟକ କ୍ଷେତ୍ରରେ ସରକାର ଏକ ସତୁରି-ତିରିଶ ସୂତ୍ର ମଧ୍ୟ କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ୭୦ ପ୍ରତିଶତ ଆର୍ଥିକ ଅନୁଦାନ ଦିଆଯିବ ଓ ବାକି ୩୦ ପ୍ରତିଶତ ଅର୍ଥ ବିଶ୍ୱବିଦ୍ୟାଳୟକୁ ନିଜେ ଉଠାଇବାକୁ ପଡ଼ିବ। କିନ୍ତୁ ପ୍ରଶ୍ନ ଉଠୁଛି ବିଶ୍ୱବିଦ୍ୟାଳୟଗୁଡ଼ିକ ଏହା ଉଠାଇବେ କିପରି? ସେମାନେ କ'ଣ ପାଠପଢ଼ା ଛାଡ଼ି ଟଙ୍କା ରୋଜଗାରରେ ରହିବେ? ତା'ହେଲେ ଘରୋଇ ଶିକ୍ଷାନୁଷ୍ଠାନ ଓ ସରକାରୀ ଶିକ୍ଷାନୁଷ୍ଠାନ ମଧ୍ୟରେ କ'ଣ ତଫାତ୍ ରହିଲା? ଯେଉଁ ବିଶ୍ୱବିଦ୍ୟାଳୟ ନିଜ ଖର୍ଚ୍ଚ ନିଜେ ଉଠାଇବାକୁ ସକ୍ଷମ ହୋଇପାରୁନାହାନ୍ତି, ସେମାନଙ୍କୁ ସରକାରୀ-ଘରୋଇ ଭାଗୀଦାରିତା ଭିତ୍ତିରେ ଯିବା ପାଇଁ କୁହାଯାଉଛି। ଅର୍ଥାତ୍ ପରୋକ୍ଷ ଭାବେ ସରକାରୀ ଶିକ୍ଷାନୁଷ୍ଠାନକୁ ଘରୋଇକରଣ କରିବା ପାଇଁ ଚକ୍ରାନ୍ତ କରାଯାଉଛି ଓ ସରକାର ସବୁଦିନ ପାଇଁ ଶିକ୍ଷା କ୍ଷେତ୍ରରୁ ଛୁଟି ନେବା ପାଇଁ ଚାହୁଁଛନ୍ତି।

ଯଦି ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଜ ଆର୍ଥିକ ବ୍ୟବସ୍ଥା କରିବାକୁ କୁହାଯିବ ବା ଘରୋଇକରଣ କରିଦିଆଯିବ, ତେବେ ଆମ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବଜାର ନିୟନ୍ତ୍ରିତ ହୋଇପଡ଼ିବ। ବଜାରର ଚାହିଦା ଅନୁସାରେ ପାଠ୍ୟକ୍ରମ ପଢ଼ାଯିବ। ସାମାଜିକ ବିଜ୍ଞାନ, ଇତିହାସ, ଦର୍ଶନ ଆଦି ମଣିଷର ଆଭ୍ୟନ୍ତରୀଣ ବିକାଶ କରୁଥିବା ପାଠ୍ୟକ୍ରମଗୁଡ଼ିକ ଧୀରେ ଧୀରେ ବିଶ୍ୱବିଦ୍ୟାଳୟରୁ ହଜିଯିବ। ଶିକ୍ଷା କେବଳ ଛାତ୍ରମାନଙ୍କୁ ଚାକିରି ଯୋଗେଇବାର ଏକ ସାଧନ ହୋଇଯିବ। ଏହାଦ୍ୱାରା ଛାତ୍ରମାନଙ୍କର ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହେବ। ଆମ ଦେଶର ଭବିଷ୍ୟତ ପିଢ଼ି ମଣିଷ ନ ହୋଇ କେବଳ ମେଶିନ୍‌ରେ ପରିଣତ ହୋଇଯିବେ। ଆମ ଉତ୍ତର ପିଢ଼ି ଯଦି ଇତିହାସ, ସାମାଜିକ ବିଜ୍ଞାନ ଓ ଦର୍ଶନ ପରି ମାନବୀୟ ଗୁଣକୁ ବିକାଶ କରୁଥିବା ପାଠ ପଢ଼ିବେ ନାହିଁ, ତେବେ ଆମ ସମାଜର ଅବସ୍ଥା କ'ଣ ହେବ!

ଉଚ୍ଚଶିକ୍ଷାନୁଷ୍ଠାନ ହେଉଛି ପ୍ରତ୍ୟେକ ଦେଶର ବିକାଶର ଦର୍ପଣ। ସେଗୁଡ଼ିକୁ ଉଚ୍ଚମାନର କରି ଛାତ୍ରବତ୍ସଳ ଭାବେ ଗଢ଼ିତୋଳିବା ସରକାରଙ୍କ ଦାୟିତ୍ୱ ହେବା ଉଚିତ। କିନ୍ତୁ ସରକାର ସେମିତି ନ କରି ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଜ ଅର୍ଥ ନିଜେ ବ୍ୟବସ୍ଥା କରିବା ପାଇଁ କହିବା ଅତ୍ୟନ୍ତ ଅଦୂରଦର୍ଶିତାର ପରିଚୟ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ଏଇ ଭାରତରେ

ପାଞ୍ଚଶହ ବର୍ଷର ପୁରୁଣା ଅଯୋଧ୍ୟା ମାମଲାର ଐତିହାସିକ ରାୟ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଦାନ କରିବା ପରେ ଦେଶରେ ଭାଇଚାରାର ଛବି ପଦାକୁ ଆସିଛି। ଶାନ୍ତିପୂର୍ଣ୍ଣ ଭାବେ ଦୁଇ ସମ୍ପ୍ରଦାୟ ଏହାକୁ ଗ୍ରହଣ କରି ବିଶ୍ୱକୁ ଏକତାର ବାର୍ତ୍ତା ପ୍ରଦାନ କରିଥିବାବେଳେ ଜଣେ ମୁସଲମାନ ଛାତ୍ରନେତା ରାମମନ୍ଦିର ନିର୍ମାଣ ଲାଗି ଟଙ୍କା ଦାନ କରି ସର୍ବଧର୍ମ ସମନ୍ୱୟର ବାର୍ତ୍ତାବହ ସାଜିଛନ୍ତି। ଆଗ୍ରାର ନ୍ୟାଶ୍‌ନାଲ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ)ର ଜିଲା ସଭାପତି ବିଲାଲ ଅହମଦ ରାମଜନ୍ମଭୂମି ସ୍ଥଳୀରେ ମନ୍ଦିର ନିର୍ମାଣ ପାଇଁ ୧,୧୦୦ ଟଙ୍କା ଦାନ କରିଛନ୍ତି। ସେ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଅରୁଣ କୁମାର ଯାଦବଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏହି ରାଶିର ଚେକ୍ ପ୍ରଦାନ କରିଛନ୍ତି। ମନ୍ଦିର ନିର୍ମାଣରେ ତାଙ୍କ ପକ୍ଷରୁ ଯଦି ଦୁଇଟି ଇଟା ଲାଗିପାରିବ ତେବେ ସେ ବହୁତ ଖୁସି ହେବେ ବୋଲି କହିଛନ୍ତି ବିଲାଲ୍। ସର୍ବୋଚ୍ଚ ନ୍ୟାୟାଳୟ ଅଯୋଧ୍ୟା ମାମଲାରେ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଯୁଗାନ୍ତକାରୀ, ଆଉ ଏହି ପୁରାତନ ବିବାଦକୁ ନେଇ ନେତାମାନେ ଯେଉଁଭଳି ସମାଜରେ ବିଭ୍ରାଟ ସୃଷ୍ଟି କରୁଥିଲେ ତା'ର ଶେଷ ହୋଇଯାଇଛି ବୋଲି ସେ ଖୁସି ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ଆସାମର ଏକ ମୁସଲମାନ ଗୋଷ୍ଠୀ ୫ ହଜାର ଟଙ୍କା ରାମମନ୍ଦିର ନିର୍ମାଣ ପାଇଁ ଦାନ କରିବେ ବୋଲି ଘୋଷଣା କରିଥିଲେ।

## ଚିରନ୍ତନୀ

ମୁଖେ ଅଛି ହସ, ଆଖିରୁ ତୋହର ଶୁଖିନି ପାଣି
ନିରୋଳାରେ ଯଦି କଣ୍ଠୁ ବେଦନା ବାଜଇ ବାଣୀ।
ଚରଣ ନୋହିଛି ଶିଥିଳ ଅବଶ ହୋଇନି କର
ଲୋମର ପୁଲକ ନୟନର ତୃଷା ରହିଛି ତୋର।
ଦୁଇ ଦିନ ହସି ଦୁଇ ଟୋପା ଲୁହ ପାରିଲେ ଢାଳି
କିବା ଦୁଃଖ ତାପ ଅଛି ତୋର ଆଉ କହ ତ ଭାଳି?
ସେ ଦିନ ନୟନୁଁ ଶୁଖିଯିବ ଲୁହ ନିଭିବ କଥା
ସେହି ସିନା ଦୁଃଖ ସେହି ସିନା ତୋର ମରଣ ବ୍ୟଥା।

(ଜୀବନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୪ ନଭେମ୍ବର ୧୯୯୪

- କିରଣ ବେଦୀ ଓ ସୁନି ଜେକଭ ଥାରୋଙ୍କୁ ଜବାହରଲାଲ ନେହେରୁ ଫେଲୋଶିପ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି।
- ଶ୍ରୀଲଙ୍କା ଏଲଟିଟିଇର ଏକତରଫା ୭ ଦିନ ପାଇଁ ଯୁଦ୍ଧବିରତି ଘୋଷଣା।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 9 | | D | | | | | | | | | | 6 | |
| B | | A | 9 | | | | | | | C | | | 3 | |
| | | | | | | | | | 6 | | 7 | | | E |
| 7 | 6 | 0 | | | | | | | | | E | | | 2 |
| | C | | | 8 | | | 2 | | | | 9 | 0 | B | |
| | | | | | 3 | | 0 | | | E | 1 | | | |
| | | | | E | 9 | 3 | 1 | | 8 | | 2 | | A | |
| | | | | | A | | 8 | | D | 3 | | | | 0 |
| 2 | 4 | | | 7 | | | | B | | A | | | 1 | |
| 0 | | 8 | | | | | 5 | 2 | | | | | | |
| 4 | | E | | 5 | 0 | | B | 3 | | | D | 9 | 2 | |
| 8 | 2 | | | 4 | | A | | | | | | 5 | E | |
| | | | | 6 | C | | 4 | | | | | | | |
| | | | | 2 | | E | | | 9 | B | | A | | D |
| | D | 7 | | | | | | 6 | 5 | | | 4 | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 7 | C | 2 | A | 0 | 9 | 8 | 1 | 4 | E | 6 | B | D | 3 |
| B | 2 | E | 3 | D | 8 | 0 | A | 7 | C | 9 | 1 | 6 | 5 | 4 |
| 1 | D | 9 | E | 7 | 4 | C | 6 | B | 5 | 3 | A | 2 | 8 | 0 |
| 4 | 8 | 0 | 5 | 6 | 9 | 3 | 2 | E | D | 7 | B | C | 1 | A |
| 6 | A | 3 | 1 | B | C | 5 | 4 | D | 2 | 0 | 8 | E | 9 | 7 |
| D | 4 | 7 | 8 | 2 | B | A | C | 6 | 0 | 5 | 9 | 1 | 3 | E |
| 8 | B | A | C | 4 | 7 | E | D | 5 | 3 | 1 | 2 | 9 | 0 | 6 |
| 9 | 6 | 5 | 0 | E | 3 | B | 1 | 2 | A | 4 | C | 8 | 7 | D |
| E | 0 | 1 | A | 5 | 6 | 7 | 9 | 3 | 8 | B | D | 4 | C | 2 |
| 3 | C | 2 | D | 9 | 1 | 4 | 0 | 8 | 7 | 6 | E | 5 | A | B |
| A | E | 6 | 9 | C | 5 | 2 | 3 | 0 | B | 8 | 7 | D | 4 | 1 |
| C | 3 | D | B | 0 | E | 1 | 5 | 9 | 6 | A | 4 | 7 | 2 | 8 |
| 2 | 5 | 8 | 7 | 1 | A | 6 | E | 4 | 9 | D | 3 | 0 | B | C |
| 0 | 1 | B | 4 | 3 | D | 8 | 7 | C | E | 2 | 5 | A | 6 | 9 |
| 7 | 9 | 4 | 6 | 8 | 2 | D | B | A | 1 | C | 0 | 3 | E | 5 |

ଗତକାଲିର ଉତ୍ତର



ଡ. ରମେଶ ଚନ୍ଦ୍ର ପରିଡ଼ା

# ଆମ ଶିଶୁ: ନା ଭାଗ୍ୟବାନ୍ ନା ଆୟୁଷ୍ମାନ୍

୨୦୨୪ ମସିହା ବେଳକୁ ଭାରତ ଏକ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ ବୋଲି ଆମ ପ୍ରଧାନମନ୍ତ୍ରୀ ଆଶା ବାନ୍ଧିଛନ୍ତି। ଫଳରେ ୨୦୩୦ରେ ଏହା ହୁଏତ ୮ କିମ୍ବା ୧୦ ଟ୍ରିଲିୟନକୁ ଟପିଯାଇପାରେ। ଏହା ମନରେ ସ୍ୱପ୍ନଟିଏ ଜାଗରୁକ କରୁଛି– ଆମ ଦେଶରେ ଏହା ପରେ କେହି ଗରିବ ରହିବେ ନାହିଁ। ଆମର ଭବିଷ୍ୟତ ବଂଶଧର, ଅର୍ଥାତ୍ ବର୍ତ୍ତମାନର ଶିଶୁମାନଙ୍କ ଜୀବନଶୈଳୀ ସେମାନେ ବଡ଼ ହେଲା ବେଳକୁ ବଦଳିଯିବ ଏବଂ ତାହା ହେବ ଯେକୌଣସି ଉନ୍ନତ ଦେଶର ସମକକ୍ଷ। କିନ୍ତୁ ବିଗତ ଦଶକଗୁଡ଼ିକରେ ଘଟିଥିବା ଆମ ଅର୍ଥନୈତିକ ପ୍ରଗତି ଯେଉଁ ଦିଗାଭିମୁଖୀ ହୋଇଛି, ତାହାକୁ ଅନୁଧ୍ୟାନ କରିବସିଲେ ସେ ସ୍ୱପ୍ନ ମିଳେଇଯାଉଛି ନିମିଷକରେ। କାରଣ ଏହି ସମୟ ମଧ୍ୟରେ ଆମ ବୃଦ୍ଧିପ୍ରାପ୍ତ ସମୁଦାୟ ଘରୋଇ ଉତ୍ପାଦ ବା 'ଜିଡିପି'ର ମୁଖ୍ୟ ଅଂଶଟି ଗଡ଼ିଚାଲିଛି ଧନିକ ସମ୍ପ୍ରଦାୟଙ୍କ ଆଡ଼କୁ। ସେଥିପାଇଁ ଏହି ଶ୍ରେଣୀର ପ୍ରଥମ ୧ ଶତାଂଶ ଲୋକଙ୍କ ହାତରେ ଜାତୀୟ ସମ୍ପତ୍ତିର ଭାଗ ୨୦୧୦ ବେଳକୁ ୪୦% ଥିଲାବେଳେ ଏବେ ତାହା ୬୦% ଟପିଯାଇଛି। ପୁନଶ୍ଚ ୧୦% ଧନିକଙ୍କର ସମୁଦାୟ ସମ୍ପତ୍ତି ହେଉଛି ଅବଶିଷ୍ଟ ୯୦ ପ୍ରତିଶତଙ୍କଠାରୁ ୪ ଗୁଣ ଅଧିକ। ଏହାର ପ୍ରତିଫଳନ ଅତୀବ ସ୍ପଷ୍ଟ ହେଉଛି ଆମ ଶିଶୁ ସମାଜ ଉପରେ, ଯାହାକୁ ଆମେ ଦେଶର ଭବିଷ୍ୟତର ପ୍ରମୁଖ ପୁଞ୍ଜି ମାନବ ସମ୍ବଳ ରୂପେ ଉପସ୍ଥାପିତ କରୁଛୁ।

୨୦୧୮ର 'ଆନୁଆଲ ଷ୍ଟାଟସ ଅଫ୍ ଏଜୁକେଶନ ରିପୋର୍ଟ' ଅନୁସାରେ ଆମ ଦେଶର ୭୦-୭୪ ଶତାଂଶ ଶିଶୁ (୬ରୁ ୧୪ ବର୍ଷ ବୟସ୍କ) ପ୍ରାଥମିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥାନ୍ତି। କିନ୍ତୁ ମାଧ୍ୟମିକ ଶିକ୍ଷା ବେଳକୁ ତାଙ୍କ ସଂଖ୍ୟା ବେଶ୍ ହ୍ରାସ ପାଇଯାଏ (ପ୍ରାୟ ୫୫ରୁ ୬୦ ଶତାଂଶକୁ) ଏମାନଙ୍କ ମଧ୍ୟରୁ ଅଧିକାଂଶ ବାଳଶ୍ରମିକ ପାଲଟି ଯାଆନ୍ତି। ତହିଁରୁ ୭୧% କୃଷି କ୍ଷେତ୍ରରେ ଏବଂ ୬୯% ଏଥିସହିତ ବିନା ପାରିଶ୍ରମିକରେ ପରିବାର ମଧ୍ୟରେ କିମ୍ବା ଅନ୍ୟତ୍ର କାର୍ଯ୍ୟ କରିଥାନ୍ତି। ଏବେ ବି ପ୍ରାୟ ୧.୫ ନିୟୁତ ଶିଶୁଶ୍ରମିକ ସେମାନଙ୍କ ପାଇଁ ବାରଣ କରାଯାଇଥିବା ବିପଜ୍ଜନକ କିମ୍ବା ଆଂଶିକ ବିପଜ୍ଜନକ ବୃତ୍ତି ଆଦରି ନେଇଥିବାର ଅନୁମାନ କରାଯାଏ। ଅନ୍ୟପକ୍ଷରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ଅପପୁଷ୍ଟି ସମସ୍ୟା ମଧ୍ୟ ବେଶ୍ ଉଦ୍‌ବେଗଜନକ ହୋଇ ରହିଛି।

ଏହା ମନକୁ ଆଣିଥାଏ କିଛି ବର୍ଷ ତଳେ ଆମ ପିଲାଙ୍କ ପାଠ୍ୟପୁସ୍ତକରେ ଥିବା କବିତାଟିଏ–'ଆମେ ତ ଭାଗ୍ୟବାନ୍ ପିଲାରେ...'। ଉଡାଜାହାଜରେ ଦେଶବିଦେଶକୁ ଯାତ୍ରା କରି ନୂତନ ଜ୍ଞାନ ଆହରଣ କରିବା ଓ ବିଜ୍ଞାନର ନାନାଦି ନୂତନ ଉଦ୍ଭାବନ ଓ ଆବିଷ୍କାରକୁ ଉପଭୋଗ କରିବା ଇତ୍ୟାଦିର ସୁଯୋଗକୁ ଏହାର କାରଣରୂପେ ତହିଁରେ ଦର୍ଶାଯାଇଛି। ତେବେ ଇତିମଧ୍ୟରେ ଅନେକ ସମୟ ବିତିଯାଇଥିଲେ ହେଁ ଅଧିକାଂଶ ପିଲାଙ୍କ ଭାଗ୍ୟରେ ତାହା ଯୁଟିବାର ସମ୍ଭାବନା ବି ସୃଷ୍ଟି ହୋଇପାରି ନାହିଁ। ବରଂ ସେମାନଙ୍କ ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ ଆଦି କଥା ବିଚାରକୁ ନେଲେ ଆମେ ଆମଠାରୁ କମ୍ ଅର୍ଥନୈତିକ ସମୃଦ୍ଧ ଅନେକ ଦେଶଠାରୁ ପଛରେ ପଡ଼ିରହିଛୁ। ସେଥିପାଇଁ ଆମ ଦେଶର ଶିଶୁମାନଙ୍କ ମଧ୍ୟରୁ ୩ ଲକ୍ଷରୁ ଊର୍ଦ୍ଧ୍ୱଙ୍କ ଭାଗ୍ୟରେ ମୃତ୍ୟୁ ଆସୁଛି ଜନ୍ମ ହେବାର ପ୍ରଥମ ଦିନରେ। ସଂଖ୍ୟା ଦୃଷ୍ଟିରୁ ଆମେ ଏ କ୍ଷେତ୍ରରେ ସାରା ବିଶ୍ୱରେ ପ୍ରଥମ (୨୯%)। ଏହାର ମୁଖ୍ୟ କାରଣ ହେଲା ଗର୍ଭବତୀ ମା'ମାନଙ୍କର ଅପପୁଷ୍ଟି (୫୧.୪%) ହେତୁ ରୁଗ୍‌ଣ ତଥା କମ୍ ଓଜନ ବିଶିଷ୍ଟ ଶିଶୁ ଜନ୍ମ (୪୭.୯%)। ନିକଟରେ ପୃଥିବୀର ୧୯୫ଟି ଦେଶରେ ହୋଇଥିବା ସର୍ଭେ ଅନୁସାରେ ସ୍ୱାସ୍ଥ୍ୟ ଯତ୍ନ ସୂଚକାଙ୍କ ମାପରେ ଭାରତର ସ୍ଥାନ ୧୫୪ତମ। ଶ୍ରୀଲଙ୍କା ଏଥିରେ ୭୨.୮ ପଏଣ୍ଟ ପାଇଲା ବେଳେ ବାଂଲାଦେଶ, ଭୁଟାନ ଓ ନେପାଳ ଯଥାକ୍ରମେ ୫୧.୭, ୫୨.୭ ଓ ୫୦.୮ ଏବଂ ଭାରତ ୪୪.୮ ଲାଭ କରିଛି।

### ଶିଶୁ ଦିବସ ଉପଲକ୍ଷେ

ଉପଯୁକ୍ତ ପ୍ରଶିକ୍ଷଣ ଲାଭ କରିଥିବା ଧାଈ ବା ଡାକ୍ତରଙ୍କ ପ୍ରସବକାଳୀନ ସହଯୋଗ ଏବଂ ଶିଶୁ ଓ ଜନନୀକୁ ପ୍ରସବ ପରବର୍ତ୍ତୀ ସ୍ୱାସ୍ଥ୍ୟଯତ୍ନ ସୁବିଧାର ଅଭାବକୁ ଏଥିପାଇଁ ଦାୟୀ କରାଯାଏ। କିନ୍ତୁ ଉପରୋକ୍ତ ଦେଶଗୁଡ଼ିକ ତୁଳନାରେ ଆମ ଦେଶରେ ଡାକ୍ତରଖାନାରେ ହେଉଥିବା ପ୍ରସବ ସଂଖ୍ୟା ବେଶ୍ ଅଧିକ। ଅନ୍ୟପକ୍ଷରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଓଡ଼ିଶାରେ ଏ ପ୍ରକାର ପ୍ରସବ ଯଥେଷ୍ଟ ବେଶି ହୋଇଥିଲେ ହେଁ ଶିଶୁମୃତ୍ୟୁ (୦ରୁ ୭ ଦିନରେ) ହାର ମଧ୍ୟ ଅଧିକ। ଗର୍ଭବତୀ ମା' ଏବଂ ଗର୍ଭସ୍ଥ ଶିଶୁ ଉପଯୁକ୍ତ ପରିମାଣରେ ପୁଷ୍ଟିପ୍ରାପ୍ତ ନ ହେବା ସମ୍ଭବତଃ ଏହାର ଅନ୍ୟତମ ମୁଖ୍ୟ କାରଣ।

ସେହିପରି ନିକଟରେ (୨୦୧୮) ହୋଇଥିବା ଏକ ଆକଳନ ଅନୁସାରେ ଆମ ଦେଶରେ ପ୍ରତିବର୍ଷ ୧.୦୪ ନିୟୁତ ୫ ବର୍ଷରୁ କମ୍ ବୟସ୍କ ଶିଶୁ ଅକାଳ ମୃତ୍ୟୁବରଣ କରନ୍ତି। ସେମାନଙ୍କ ମଧ୍ୟରୁ ଦୁଇତୃତୀୟାଂଶଙ୍କର ଏହା ଘଟେ ଅପପୁଷ୍ଟି ଯୋଗୁ। ସମଗ୍ର ବିଶ୍ୱରେ ଏମାନଙ୍କ ସଂଖ୍ୟା ପ୍ରାୟ ୧୪୨ ନିୟୁତ। ଏହା ବ୍ୟତୀତ ଏହି କାରଣରୁ ଶରୀରର ଠିକ୍ ଅଭିବୃଦ୍ଧି ନ ହେବା ଏବଂ ସାରା ଜୀବନ ଅଳ୍ପ ବହୁତ ଶାରୀରିକ ଅକ୍ଷମତା ଲାଗିରହିବା ମଧ୍ୟ ଘଟିଥାଏ। ଗଣନାରୁ ଜଣାପଡ଼ିଛି ଯେ, ୫ ବର୍ଷରୁ କମ୍ ବୟସ୍କ ଭାରତୀୟ ଶିଶୁଙ୍କ ମଧ୍ୟରୁ ୪୫%ଙ୍କର ତାଙ୍କ ବୟସ ଅନୁସାରେ ଉଚ୍ଚତା କମ୍ ହେଲାବେଳେ ୪୮%ଙ୍କର ଶାରୀରିକ ଅଭିବୃଦ୍ଧି ଯଥେଷ୍ଟ ହୋଇ ନ ଥାଏ। ଅବଶ୍ୟ ନିକଟରେ ଦ ଲାନସେଟ ଚାଇଲଡ ଆଣ୍ଡ ଆଡୋଲୋସେଣ୍ଟ ହେଲ୍‌ଥ ଦ୍ୱାରା ପ୍ରଦତ୍ତ ସୂଚନା ଅନୁସାରେ ୧୯୯୦ ରୁ ୨୦୧୭ ମଧ୍ୟରେ ଆମ ଦେଶରେ ଅପପୁଷ୍ଟି ହ୍ରାସ ପାଇଛି, ତଥାପି ଏବେ ମଧ୍ୟ ତାହା ହିଁ ଏଠାରେ ସର୍ବାଧିକ ଶିଶୁ ମୃତ୍ୟୁର କାରଣ ହୋଇ ରହିଛି। ଏହାର ଅନ୍ୟ ମୁଖ୍ୟ କାରଣଗୁଡ଼ିକ ହେଉଛି ରକ୍ତ ସ୍ୱଳ୍ପତା ଜନିତ ହୃଦ୍‌ରୋଗ (୧୫.୬%), ମସ୍ତିଷ୍କରୋଗ (୭.୮%), ଆମାଶୟ (୪.୭୫%), ମଧୁମେହ (୩.୩୭%) ଏବଂ ଜନ୍ମ ପୂର୍ବରୁ ଥିବା ଜଟିଳତା (୨.୯୯%)। ଅପପୁଷ୍ଟି ଏବଂ ଏ ପ୍ରକାର ବିବିଧ ୩୨ଟି ରୋଗ ବିଚାରକୁ ନେଇ ୧୮୮ଟି ଦେଶ ଉପରେ ସର୍ବେକ୍ଷଣ ଚଳାଇଥିଲେ 'ଗ୍ଲୋବାଲ ବର୍ଡନ ଅଫ ଡିଜିଜ୍'(ବା ଜିବିଡି) ନାମକ ଏକ ଆନ୍ତର୍ଜାତିକ ପ୍ରଯୋଜନାରେ କାର୍ଯ୍ୟରତ ୨୩୦୦ ଗବେଷକ। ଏହି କାର୍ଯ୍ୟକ୍ରମକୁ କୁହାଯାଉଛି ହେଲଥ ଆକ୍‌ସେସ ଆଣ୍ଡ କ୍ୱାଲିଟି ଇଣ୍ଡେକ୍ସ। ଏଥିରେ ରଖାଯାଇଥିଲା ୧ରୁ ୧୦୦ ପର୍ଯ୍ୟନ୍ତ ପଏଣ୍ଟ। ତହିଁରେ ଭାରତକୁ ମିଳିଛି ମାତ୍ର ୧୪। ଶିଶୁମୃତ୍ୟୁ ଓ ଅପପୁଷ୍ଟି ରୋକିବା କ୍ଷେତ୍ରରେ ଆମେ ଯେ କେତେ ପଛୁଆ ତାହା ଏଥିରୁ ସୁସ୍ପଷ୍ଟ।

ସେଭ୍ ଦ ଚିଲ୍ଡ୍ରେନ ଇନ୍ ଇଣ୍ଡିଆର ମୁଖ୍ୟ ଟମାସ ଚାଣ୍ଡିଙ୍କ ମତରେ ଦେଶର ଅର୍ଥନୈତିକ ସ୍ଥିତି ସହିତ ଏହା ସର୍ବୋଚ୍ଚ ଭାବେ ସମାନୁପାତିକ ନୁହେଁ। ନଚେତ୍ ଏ ଦୃଷ୍ଟିରୁ ଆମଠାରୁ ବହୁ ପଛରେ ଥିବା ଉପସାହାରୀୟ ଦେଶ ତୁଳନାରେ ଆମ ଦେଶ ତଥା ସମଗ୍ର ଦକ୍ଷିଣ-ଏସିଆରେ ଏଭଳି ଅଧିକ ଶିଶୁମୃତ୍ୟୁ ହୁଅନ୍ତା କାହିଁକି। ଅବଶ୍ୟ ୧୯୯୦ରୁ ସମନ୍ୱିତ ଶିଶୁ ବିକାଶ ଯୋଜନା, ଅଙ୍ଗନୱାଡ଼ି, ବିଦ୍ୟାଳୟରେ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ପୋଷଣ ଅଭିଯାନ ସହିତ ଗର୍ଭବତୀ ମା'ମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ବିବିଧ କାର୍ଯ୍ୟକ୍ରମର ପ୍ରଚଳନ ଫଳରେ ଏ ସମସ୍ୟାର କିଛି ମାତ୍ରାରେ ସମାଧାନ ହୋଇପାରିଛି। ତେବେ ତାହା ଯଥେଷ୍ଟ ନୁହେଁ। ଏପରିସ୍ଥଳେ, ଏ କ୍ଷେତ୍ରରେ ପ୍ରଗତି ଦ୍ରୁତ ନ ହେଲେ ଆମ ସହସ୍ରାବ୍ଦୀ ଲକ୍ଷ୍ୟ ସାଧନ ସମ୍ଭବ ହେବ ନାହିଁ। ସେଥିପାଇଁ ପ୍ରଥମତଃ ଲୋଡ଼ା ଦୁଇଟି କଥା– ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ସୁଷମ ଅର୍ଥନୀତି। ତା' ନ ହେଲେ ଆମ ଶିଶୁମାନେ ନା ଭାଗ୍ୟବାନ୍ ହୋଇପାରିବେ, ନା ଆୟୁଷ୍ମାନ୍। ପରିଣାମସ୍ୱରୂପ ଦେଶର ଆଗାମୀକାଲିର ପୁଞ୍ଜି ରୂପେ ଉପସ୍ଥାପିତ ଯୁବ ସମ୍ପଦର ଆଶାନୁରୂପ ବିକାଶ ହୋଇପାରିବ ନାହିଁ।

ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

## ପାଠକ ଶ୍ରେଷ୍ଠ ବିଚାରକ

### ଆଚରଣବିଧିରେ ୫-ଟି

ମହାଶୟ,

ସରକାରଙ୍କ ବିନାନୁମତିରେ କୌଣସି ସରକାରୀ ଅଧିକାରୀ କି କର୍ମଚାରୀ ଗଣମାଧ୍ୟମକୁ ବିବୃତି ଦେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଖବର ପ୍ରକାଶ ପାଇଛି। ଏବେ ତ ପ୍ରାୟ ସବୁ ବିଭାଗରେ କର୍ମଚାରୀମାନେ ସଂଘ ଗଠନ କରି ନିଜ ଦାବି ବିକ୍ଷୋଭ, କାର୍ଯ୍ୟବନ୍ଦ ଆଦି କରୁଛନ୍ତି। ଏହା ଉପରେ ସରକାରୀ କଟକଣା ନାହିଁ। ସରକାରୀ କର୍ମଚାରୀଙ୍କ ପାଇଁ ଆଚରଣ ବିଧି ୧୯୫୯ରୁ ପ୍ରଚଳିତ ଅଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବାକ୍ ସ୍ୱାଧୀନତା ଥିଲେ ହେଁ କେନ୍ଦ୍ର ବା ରାଜ୍ୟର ସମସ୍ତ କର୍ମଚାରୀ ନିର୍ଦ୍ଧାରିତ ଆଚରଣବିଧି ପରିସରରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ବିଧେୟ, ନ ହେଲେ କାର୍ଯ୍ୟାନୁଷ୍ଠାନ– ଏହା ତ ଚିରାଚରିତ ନିୟମ। ଏ ଆଇନରେ ସମ୍ପତ୍ତି ଠୁଳ, ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକର କୌଣସି ଉପହାର ଗ୍ରହଣ କରିବା ଓ ସଂଯତ ଆଚରଣ ଆଦି ବହୁ ବିଷୟ ଅଛି, ଯାହା ଆଉ ଥରେ ଛପାଇ କର୍ମଚାରୀଙ୍କୁ ବାଣ୍ଟିଲେ ସମସ୍ତେ ଚେତିବେ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ସରକାରୀ କଲେଜ ନ ଥିବା ଜିଲା

ରାଜ୍ୟ ବିଧାନସଭାରେ ଗତ ବଜେଟ ଅଧିବେଶନ ସମୟରେ ସରକାରଙ୍କ ତରଫରୁ ସୂଚନା ଦିଆଯାଇଥିଲା ଯେ, ଓଡ଼ିଶାର ୩ଟି ଜିଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଝାରସୁଗୁଡ଼ାରେ ସରକାରୀ କଲେଜ ନାହିଁ। ଏଣୁ ରାଜ୍ୟ ସରକାର ଏହି ତିନୋଟି ଜିଲାରେ ଗୋଟିଏ ଲେଖାଏ ଅଗ୍ରଣୀ କଲେଜକୁ ହାତକୁ ନେବା ଉଚିତ। ବିଶେଷକରି କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ଓ ଜଗତ୍‌ସିଂହପୁର ଏସ୍‌ଭିଏମ୍ କଲେଜକୁ ସରକାରୀ କଲେଜର ମାନ୍ୟତା ମିଳିବା ଆବଶ୍ୟକ। ତା'ଲେ ଏହି ଦୁଇଟି କଲେଜର ସୁନାମ ଓ ମର୍ଯ୍ୟାଦା ନିଶ୍ଚିତ ଭାବେ ବୃଦ୍ଧିପାଇବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସମାଜବାଦୀ ପାର୍ଟି ନେତା ମୁଲାୟମ ସିଂ ଯାଦବଙ୍କୁ ବୁଧବାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ତାଙ୍କୁ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ଇମର୍ଜେନ୍ସି ୱାର୍ଡରେ ଚିକିତ୍ସା କରାଯାଉଛି। ତାଙ୍କୁ ସେଠାରେ ଅବ୍‌ଜରଭେଶନରେ ରଖାଯିବ। ମୁଲାୟମ୍‌ଙ୍କ ପୁଅ ଅଖିଳେଶ୍ ସେଠାରେ ଥିବା ଜଣାପଡ଼ିଛି।



ବିଧାନସଭା ଶୀତ ଅଧିବେଶନ: ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗୃହକୁ ପ୍ରବେଶ କରୁଛନ୍ତି।

# ଆପଣମାନେ ଖୁସି ତ, ମୁଁ ବି ଖୁସି

## ବିଧାନସଭାରେ ହାସ୍ୟରୋଳ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ଆପଣମାନେ ଖୁସି ତ। ମୁଁ ବି ଖୁସି। କଂଗ୍ରେସ ଦଳ ନେତା ତାରାପ୍ରସାଦ ବାହିନୀପତିଙ୍କ ଏହି ଡାଇଲଗ୍‌କୁ ନେଇ ବୁଧବାର ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବିଧାନସଭାରେ ଏକ ହାସ୍ୟରୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଷୋଡ଼ଶ ବିଧାନସଭା ଦ୍ୱିତୀୟ ଅଧିବେଶନ ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସ ଥିବାରୁ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ବେଶ୍ ଉତ୍ସାହିତ ଏବଂ ଫ୍ରେଶ୍ ଜଣାପଡୁଥିଲେ। ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସଦସ୍ୟମାନେ ନିଜ ସିଟ୍‌ରେ ବସି ପରସ୍ପର ଆଲୋଚନାରେ ମାତିଥିଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଗୃହକୁ ପ୍ରବେଶ କରିବା ମାତ୍ରେ ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଥିଲା। ସେ ତାଙ୍କ ଢଙ୍ଗରେ ଶାସକ ଦଳର ସଦସ୍ୟ ଏବଂ ମନ୍ତ୍ରୀମାନଙ୍କୁ ହାତ ହଲାଇ ନମସ୍କାର ଜଣାଇବା ସହ ବ୍ୟଙ୍ଗ କରିଥିଲେ। ଶାସକଦଳ ସଦସ୍ୟଙ୍କୁ ଲକ୍ଷ୍ୟ କରି ସେ କହିଥିଲେ ଆପଣମାନେ ଖୁସି ତ। ମୁଁ ବି ବହୁତ ଖୁସି। ଏଭଳି ଢଙ୍ଗରେ କହୁଥିବାବେଳେ ୧୦ଟା ୫୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହକୁ ପ୍ରବେଶ କରିଥିଲେ। ମୁଖ୍ୟମନ୍ତ୍ରୀ ସଦସ୍ୟମାନଙ୍କୁ ନମସ୍କାର କରୁଥିବାବେଳେ ତାରା ତାଙ୍କୁ ଲକ୍ଷ୍ୟ କରି କହିଲେ, ସାର୍। ଆପଣ ଖୁସି ତ। ମୁଖ୍ୟମନ୍ତ୍ରୀ ସ୍ମିତ ହାସ୍ୟଦେଇ କହିଥିଲେ, ମୁଁ ବହୁତ ଖୁସି। ମୁଖ୍ୟମନ୍ତ୍ରୀଙ୍କଠାରୁ ଏଭଳି ପ୍ରତିକ୍ରିୟା ଦେଖି ଶାସକ ଦଳର ସଦସ୍ୟମାନେ ତାଳିମାରି ସ୍ୱାଗତ କରିଥିଲେ। ଏହାକୁ ନେଇ ଗୃହରେ ଏକ ହାସ୍ୟରୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ■ ବିଜେଡି ବିଧାୟକ ଦଳ ବୈଠକରେ ନବୀନଙ୍କ ନିର୍ଦ୍ଦେଶ

# ଅଧିବେଶନ ସମୟରେ ଶୃଙ୍ଖଳିତ, ସମୟାନୁବର୍ତ୍ତୀ ହୁଅ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)



ବିଧାୟକ ଦଳ ବୈଠକରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ଅଧିବେଶନରେ ବିଧାୟକମାନଙ୍କ ସକାରାତ୍ମକ ଉପସ୍ଥିତି ନେଇ ମତ ରଖିଛନ୍ତି। ଏନେଇ ନିଜର ଆଭିମୁଖ୍ୟକୁ ଅଧିକ ସ୍ପଷ୍ଟ କରିବା ସହ ତାହାର ଅନୁପାଳନ ପାଇଁ ବିଧାୟକମାନଙ୍କୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ ଦଳର ବିଧାୟକ ଦଳ ବୈଠକରେ ବିଜେଡି ସଭାପତି ଏହି କଥା କହିଛନ୍ତି। ଅଧିବେଶନ ଚାଲିଥିବା ସମୟରେ କୌଣସି ବିଜେଡି ବିଧାୟକ ୨ ଦିନରୁ ଅଧିକ ଛୁଟି ନେବାକୁ ଚାହିଁଲେ, ମୁଖ୍ୟମନ୍ତ୍ରୀଙ୍କ ଅନୁମତି ନେବା ଆବଶ୍ୟକ ବୋଲି କୁହାଯାଇଛି।

ରାଜ୍ୟ ସରକାର ଯେଉଁ ଢଙ୍ଗରେ ୫-ଟି କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ଅନୁରୂପଭାବେ ଶାସକ ଦଳ ବିଧାୟକମାନେ ବୈଷୟିକ ପଦ୍ଧତି ଉପଯୋଗ କରି ଉପସ୍ଥାନ ରେକର୍ଡ କରିବା ସହ ଗୃହ କାର୍ଯ୍ୟରେ ଅଂଶଗ୍ରହଣ କରିବାର ଆବଶ୍ୟକତା ରହିଛି। ସେହିପରି ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହ ଚାଲୁଥିବାବେଳେ ପ୍ରତିଦିନ ପୂର୍ବାହ୍ନ ୧୧ଟା ୩୦ରେ ଦଳୀୟ ବିଧାୟକଙ୍କ ଉପସ୍ଥିତି ନେଇ ସଭାପତିଙ୍କୁ ଜଣାଇବେ। ଏଥିସହିତ ଉପସ୍ଥିତ ଏବଂ ଅନୁପସ୍ଥିତ ବିଧାୟକଙ୍କ ତାଲିକା ମଧ୍ୟ ପ୍ରଦାନ କରିବେ। ସେହିପରି ଏହି ଅଧିବେଶନରେ ବିଧାୟକମାନେ ଯେପରି ବିତର୍କରେ ଅଧିକ ପରିମାଣରେ ଭାଗ ନେବେ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ନବ ନିର୍ବାଚିତ ବିଧାୟକମାନଙ୍କ ଅଂଶଗ୍ରହଣକୁ ସେ ଅନୁଧ୍ୟାନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିରୋଧୀ ଦଳଗୁଡିକ ଦ୍ୱାରା କରାଯାଉଥିବା ଗଠନଧର୍ମୀ ସମାଲୋଚନାକୁ ସ୍ୱାଗତ କରାଯିବ। ଅନୁରୂପଭାବେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଯେ କୌଣସି ପ୍ରସଙ୍ଗରେ ଶାସକ ଦଳ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି ବିଜେଡି ସଭାପତି କହିଛନ୍ତି। ଗଣତନ୍ତ୍ରରେ ଲୋକମାନେ ରାଜନେତାଙ୍କ ପ୍ରକୃତ ପ୍ରଭୁ। ସାଧାରଣ ନିର୍ବାଚନରେ ବିପୁଳ ବିଜୟ ପରେ ପାଟକୁରା ଏବଂ ବିଜେପୁର ଉପନିର୍ବାଚନରେ ଦଳ ପ୍ରତି ସମର୍ଥନ ବିଜେଡି ପ୍ରତି ଜନତାଙ୍କ ଅତୁଟ ବିଶ୍ୱାସ ବୋଲି କୁହାଯାଇଛି। ବିଜେଡି ବିଧାୟକମାନେ ଏଣିକି ପ୍ରତି ଦୁଇ ମାସରେ ନିଜ ନିର୍ବାଚନମଣ୍ଡଳୀ ସମ୍ପର୍କିତ କାର୍ଯ୍ୟାବଳୀର ବିବରଣୀ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବେ। ସେହିପରି ଏହି ରିପୋର୍ଟ ରୂପରେଖ କିପରି ରହିବ, ତାହା ପ୍ରସ୍ତୁତ କରିବା ପାଇଁ ବରିଷ୍ଠ ବିଧାୟକଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ୧୦ ଦିନ ମଧ୍ୟରେ ଏହି କମିଟି ରିପୋର୍ଟ ସମ୍ପର୍କିତ ରୂପରେଖ ପ୍ରସ୍ତୁତ କରିବ ବୋଲି ଜଣାପଡିଛି। ଏହି କମିଟିରେ ଅମର ଶତପଥୀ, ଉଷାଦେବୀ, ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ କିଶୋର ମହାନ୍ତି ପ୍ରମୁଖ ସଦସ୍ୟ ରହିଛନ୍ତି। ବିଧାୟକ ଦଳ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଏବଂ ଅନ୍ୟ ବିଧାୟକମାନେ ଉପସ୍ଥିତ ରହିଥିଲେ।

- ■ ପ୍ରତି ଦୁଇ ମାସରେ ବିଧାୟକ ଦେବେ ରିପୋର୍ଟ
- ■ ଗୃହରେ ଉପସ୍ଥାନ ନେଇ ପ୍ରତିଦିନ ରିପୋର୍ଟ ଦେବେ ମୁଖ୍ୟ ସଚେତକ
- ■ ନୂଆ ବିଧାୟକମାନଙ୍କ ପ୍ରଦର୍ଶନ ଉପରେ ନଜର

# ପୂର୍ବତନ ସଦସ୍ୟଙ୍କ ବିୟୋଗରେ ବିଧାନସଭାରେ ଶୋକ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)



ବିଧାନସଭାର ପୂର୍ବତନ ସଦସ୍ୟଙ୍କ ବିୟୋଗରେ ବୁଧବାର ଗୃହରେ ଶୋକପ୍ରକାଶ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରଲୋକଗତ ସଦସ୍ୟ ସାହୁରା ମଲ୍ଲିକ, ଉଦିତ୍ ପ୍ରତାପ ଦେଓ, ବୃନ୍ଦାବନ ପାତ୍ର ଏବଂ ଓଡ଼ିଶା ପୋଲିସର ପୂର୍ବତନ ଓଏପିଏଫ୍ ଜୟରାମ କବାସିଙ୍କ ବିୟୋଗରେ ଗୃହରେ ଶୋକପ୍ରସ୍ତାବ ଆଗତ କରିଥିଲେ।

ଷୋଡ଼ଶ ବିଧାନସଭାର ଦ୍ୱିତୀୟ ଅଧିବେଶନ ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସ ଥିବାରୁ ଗୃହକାର୍ଯ୍ୟ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା। ଜାତୀୟ ସଂଗୀତ ଗାନ ପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶୋକପ୍ରସ୍ତାବ ଆଗତ କରିବା ପାଇଁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ଶୋକପ୍ରସ୍ତାବ ଆଗତ କରିବା ସହ ଦିବଂଗତଙ୍କ ସ୍ମୃତିଚାରଣ କରିଥିଲେ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗୃହର ସମବେଦନା ଜଣାଇବା ସହ ସ୍ୱର୍ଗତ ଆତ୍ମାଙ୍କ ସଦ୍‌ଗତି କାମନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକପ୍ରସ୍ତାବକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ସମର୍ଥନ ଜଣାଇଥିଲେ। ବାଚସ୍ପତିଙ୍କ ଜରିଆରେ ନିଜ ଦଳର ସମବେଦନା ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଜଣାଇଥିଲେ। ଶେଷରେ ବାଚସ୍ପତି ମୃତ ସଦସ୍ୟଙ୍କ ଜୀବନୀ ବିଷୟରେ ସଂକ୍ଷେପରେ ଆଲୋକପାତ କରିବା ସହ ଗୃହ ତରଫରୁ ସ୍ୱର୍ଗତଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏଥିସହ ଗୃହରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ୧୧ଟା ୧୫ମିନିଟ୍ ପର୍ଯ୍ୟନ୍ତ ଗୃହରେ ଶୋକପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।

OFFICE OF THE TALATANLA S.C.S. LTD
(PRIMARY AGRICULTURAL CO-OPERATIVE SOCIETY) LTD.
At: Alanda, Po-Kumarapada, Dist.-Puri, Regd. No.534, P.U. Date: 09.04.1921
under A.R.C.S Puri Circle, Puri

Advertisement No.1 ADVERTISEMENT Date: 12.11.19

One post of Secretary of Talatanla S.C.S. (PACs) Ltd. to be filled up by way of direct recruitment on mark basis. Application form can be obtained in person from the office of the Talatanla S.C.S. (PACs) Ltd at :Alanda on payment of Rs. 100.00 (one hundred) only from 15.11.2019 to 30.11.2019 during 11.00 A.M. to 2.00 PM. (except holidays). The duly filled in application along with required documents as per application form should be submitted in the office of the Talatanla S.C.S (PACs) Ltd., At: Alanda, PO: Kumarapada, Dist-Puri in person and obtain the acknowledgement receipt latest 5 P.M. of date 30.11.2019. The application received beyond date will not be entertained. **Qualification** :-1. The candidate need to preferable be a permanent resident of the area of operation of Talatanla S.C.S.(PACs). 2. The candidate outside the area of operation of the Society but within the area of the Block/ District concerned may apply for the post, but their candidature can only be con- sidered if no eligible candidate is found from the area'of operation of the society. 3. The candidate must be a graduate in any discipline from any recognised university. 4. Preference/ additional points shall be given to the candidate having higher Diploma in Co-operative Management/ M.Sc./ MA/M.Com/ MCS/ MBA/BBA/BCA/LLM/LLB/Diploma in Co-operative Management and knowledge in Computer Application from a recognised University/Institution. **Age.** : The candidate must not be less than 21 years or more than 32 years of age as on dt. 01.04.2019. The upper age limit shall be 37 years in respect of persons belonging to SC/ST/ OBC/including SEBC/ Physically Handicapped persons/ Ex-Serviceman. The upper age limit shall be 45 years in respect of the persons employed in co-operative society. **Service condition and salary** : The service condition including the salary shall be governed as per the provision of the OCS Act, Rules, By laws of the society and the guidelines of the RCS(O) BBSR issued from time to time and subject to Capacity to pay of the PACs. **N.B.**: 1. All other service conditions for the post of Secretary are available in the PACs office. 2. The committee of Management of the PACs reserve the rights for addition and alternation and cancellation of the recruitment Process as and when felt necessary.

By the order of Board of Management
Sd./- Secretary, Talatanla S.C.S. (PACs) Ltd.

# ସାଢ଼େ ୩ କୋଟିରୁ ଅଧିକ ହିତାଧିକାରୀ ପାଉଛନ୍ତି ସରକାରୀ ଚାଉଳ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ୪ଲକ୍ଷ ୦୯ହଜାର ୬୫୮ଟି ପରିବାରର ୧୨ଲକ୍ଷ ୭୦ହଜାର ୬୩୯ଜଣ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ଏହି ସମସ୍ତ ହିତାଧିକାରୀ ସୁଲଭ ମୂଲ୍ୟରେ ଚାଉଳ ସରକାରଙ୍କଠାରୁ ପାଉଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁସାରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅଦ୍ୟାବଧି ରାଜ୍ୟର ୮୬ଲକ୍ଷ ୮୫ହଜାର ୪୨୨ଟି ପରିବାରର ୩କୋଟି ୨୩ଲକ୍ଷ ୮ହଜାର ୬୭୨ଜଣ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ହିତାଧିକାରୀ ଚୟନ ପ୍ରକ୍ରିୟାରେ ସରକାର ସ୍ୱତଃ-ଯୋଗ ମାନଦଣ୍ଡ ପ୍ରସ୍ତୁତ କରିଛନ୍ତି। ସେହିପରି ଅଯୋଗ୍ୟଙ୍କୁ ବାଦ୍ ଦେବା ଲାଗି ମଧ୍ୟ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବିଧାନସଭା ସଦସ୍ୟ ମନୋହର ରନ୍ଧାରୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସ୍ୱାଇଁ ଯୋଗ୍ୟ ହିତାଧିକାରୀ ଚୟନ ମାନଦଣ୍ଡ ସମ୍ପର୍କରେ ଦର୍ଶାଇ କହିଛନ୍ତି ଯେ, ସମସ୍ତ ଅସୁରକ୍ଷିତ ଆଦିମ ଅଧିବାସୀ ପରିବାର ସମୂହଙ୍କୁ ଏଥିରେ ସାମିଲ କରାଯାଇଛି। ବାସହୀନ ପରିବାର, ଭିକ୍ଷାବୃତ୍ତି କରି ଜୀବନ ନିର୍ବାହ କରୁଥିବା ନିରାଶ୍ରୟ ବ୍ୟକ୍ତି, ବିଧବା ଏବଂ ଏକୁଟିଆ ରହୁଥିବା ମହିଳା ଯେଉଁମାନଙ୍କ ନିୟମିତ ଆୟ ନ ଥିବ, ଶତକଡା ୪୦ଭାଗ ଭିନ୍ନକ୍ଷମ ବ୍ୟକ୍ତି, ପରିବାରର ବୃଦ୍ଧ ବ୍ୟକ୍ତି, କୌଣସି ପ୍ରକଳ୍ପ ଯୋଗୁ ବିସ୍ଥାପିତ ହୋଇଥିବା ପିରବାର, କୁଷ୍ଠ କିମ୍ବା ଏଚ୍‌ଆଇଭି ଆଦି ଗୁରୁତର ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ସେହିପରି ହିତାଧିକାରୀ ତାଲିକାରୁ ବାଦ୍ ପଡିବା ପାଇଁ ୯ଟି ମାନଦଣ୍ଡ ସରକାର ସ୍ଥିର କରିଛନ୍ତି। ଘରେ ଚାରି ଚକିଆ ଯାନ ନ ଥିବ, ସରକାରୀ ଯୋଜନାରେ ପକ୍କାଘର ନ ପାଇ ନିଜସ୍ୱ ବଡ଼ ଘର ଥିବ, ସରକାରୀ ଚାକିରି କରିଥିବ, ସରକାରଙ୍କ ନିକଟରେ ରେଜିଷ୍ଟ୍ରି ଭୁକ୍ତ ଘରୋଇ କମ୍ପାନୀ କରିଥିବ ଆଦି ଲୋକଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯାଇଛି। ରାଜ୍ୟରେ ଅଦ୍ୟାବଧି ୭ଲକ୍ଷ ୫୨ହଜାର ମୃତ ହିତାଧିକାରୀ ଏହି ଯୋଜନାରୁ ଲାଭ ଉଠାଉଥିଲେ। ଏମାନଙ୍କୁ ବାଦ୍ ଦିଆଯାଇଛି। ଭୁଲ୍‌ରେ ବାଦ୍ ପଡିଥିବା ହିତାଧିକାରୀଙ୍କୁ ପୁଣିଥରେ ସାମିଲ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଅନ୍ତ୍ୟୋଦୟ ଅନ୍ନ ଯୋଜନା(ଏଏୱାଇ)ରେ ଅଦ୍ୟାବଧି ୧୨ଲକ୍ଷ ୬୩ହଜାର ୭୭ଟି ପରିବାରର ୪୧ଲକ୍ଷ ୯୬ହଜାର ୧୭୬ଜଣ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ସ୍ୱାଇଁ ଉତ୍ତରରେ ଦର୍ଶାଇଛନ୍ତି। ଅର୍ଥାତ୍ ସବୁ ଯୋଜନା ମିଶାଇ ରାଜ୍ୟରେ ମୋଟ ୩କୋଟି ୭୭ଲକ୍ଷ ୭୫ହଜାର ୪୮୭ଜଣ ହିତାଧିକାରୀ ସରକାରୀ ଯୋଜନାରେ ଚାଉଳ ପାଉଥିବା ଜଣାପଡିଛି।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ସଂଶୋଧନ

ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଆର୍-ଟି-୯୨-୧୯-୨୦ ସନ୍ଦର୍ଭରେ "ଦୁର୍ଗ - ମାରାଉଡା ସେକ୍ସନ ମଧ୍ୟରେ ବ୍ରିଜ୍ ନଂ.୧୦ର ଆର୍‌ସିସି ସ୍ଲାବ୍‌କୁ ପିଏସ୍‌ସି ସ୍ଲାବ୍‌ରେ ବଦଳାଇବା" କାର୍ଯ୍ୟ ପାଇଁ ଇଏମ୍‌ଡି ପରିମାଣକୁ ପରିବର୍ତ୍ତନ କରାଯାଇଛି ଏବଂ ତାହାକୁ ନିମ୍ନ ଅନୁଯାୟୀ ପଢ଼ାଯିବ: ପ୍ରକାଶିତ ଇଏମ୍‌ଡି: ₹୫୫,୧୫୦/-, ଏବେ ପଢ଼ାଯିବ ଇଏମ୍‌ଡି: ₹୫୫,୨୦୦/-।

ଡିଭିଜନାଲ ଇଞ୍ଜିନିୟର (II)
PR/R/ENGG/HL/134 ଏସଇସି ରେଳପଥ, ରାୟପୁର
South East Central Railway @secrail

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. MCSW-Waterpipe-19-20-20

କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ BG କୋଚ୍‌ଗୁଡ଼ିକରେ ପାଣି ପାଇପ୍ ସଂଯୋଗ ସହ ସଂପର୍କିତ ଫର୍ଣ୍ଣିସିଙ୍ଗ୍ (Furnishing) କାର୍ଯ୍ୟକଳାପ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 84,10,982.40, EMD (ଟଙ୍କାରେ) : 1,68,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,000/-, ଶେଷ ହେବା ଅବଧି : 12 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.11.2019ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.12.2019ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (P)/ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର
PR-513/K/19-20

ଏସ୍.ଇ. ରେଳପଥ ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍‌ଇସିଏଚ୍‌ସିକେପି-୧୯-୨୦-୩୬, ତାରିଖ: ୦୬।୧୧।୨୦୧୯।

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ମେକାନିକାଲ୍), ଚକ୍ରଧରପୁର, ଏସ୍.ଇ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। **କାର୍ଯ୍ୟର ନାମ:** କେଏସ୍‌ଜିର ଷ୍ଟେଶନ ପରିସରଠାରେ ୨୦୦ କେଏଲ୍‌ଡିର ସିୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ତଥା ୱାଟର୍ ରିସାଇକଲିଂ ସ୍ଥାପନ। **ବିଭାଗୀୟ ମୂଲ୍ୟ:** ₹୧,୫୨,୧୨,୬୭୮/-, **ଇଏମ୍‌ଡି:** ₹୨,୨୬,୧୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/- । **ଟେଣ୍ଡର ଖୋଲାଯିବାର ସ୍ଥାନ:** ସିନିୟର୍ ଡିଏମ୍‌ଇ/ ସିକେପି, ଏସ୍.ଇ. ରେଳପଥଙ୍କ କାର୍ଯ୍ୟାଳୟ। **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୦୬।୧୨।୨୦୧୯ରିଖ ୧୫.୦୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-1002)

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଜ୍ୟୋତି ହୋତା



କୈଳାସ ଚନ୍ଦ୍ର ବିଶ୍ୱାଳ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

150 YEARS OF CELEBRATING THE MAHATMA

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
# ସୁରଭି : ୨୦୧୯
## (ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ)

**ସ୍ଥାନ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ୟୁନିଟ୍-୯, ଭୁବନେଶ୍ୱର || ତା: ୧୪, ୧୫ ଓ ୧୬ ନଭେମ୍ବର ୨୦୧୯**

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ନଭେମ୍ବର ୧୪, ୧୫ ଓ ୧୬ ତିନିଦିନ ଧରି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ ୟୁନିଟ୍-୯, ଭୁବନେଶ୍ୱର, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ।**

**ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ ଏହି ଉତ୍ସବରେ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିବେ।**

|| କାର୍ଯ୍ୟସୂଚୀ ||

| | | |
|---|---|---|
| ତା ୧୪।୧୧।୨୦୧୯ (ଗୁରୁବାର)<br>ସମୟ: ସକାଳ ୭.୩୦ ଘଟିକା<br>ଶିକ୍ଷା ସଚେତନତା ସାଇକେଲ ରାଲି: ବିଜୁ ପଟ୍ଟନାୟକ (ଫରେଷ୍ଟ) ପାର୍କଠାରୁ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯, ଭୁବନେଶ୍ୱର | ଆଦରଣୀୟ ଅତିଥି | **ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ,** ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା<br>**ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା,** ମାନ୍ୟବର ମନ୍ତ୍ରୀ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଶା |
| ତା୧୪।୧୧।୨୦୧୯ (ଗୁରୁବାର)<br>ସନ୍ଧ୍ୟା ୫.୦୦ ଘଟିକା:<br>ଉଦ୍‌ଘାଟନ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ | ଆଦରଣୀୟ ଅତିଥି | **ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ,** ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା<br>**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ** ମାନ୍ୟବର ସାଂସଦ, ଭୁବନେଶ୍ୱର<br>**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା** ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)<br>**ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ** ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)<br>**ମୋନିକା ନିଲ୍‌ସନ** ମୁଖ୍ୟ କ୍ଷେତ୍ର ଅଧିକାରୀ, ୟୁନିସେଫ୍, ଓଡ଼ିଶା |
| ତା ୧୫।୧୧।୨୦୧୯ (ଶୁକ୍ରବାର)<br>ସମୟ: ଅପରାହ୍ନ ୩.୦୦ ଘଟିକା : ଛାୟା ବିଧାନସଭା<br>ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ-୯, ଭୁବନେଶ୍ୱର | ଆଦରଣୀୟ ଅତିଥି | **ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ପାତ୍ର,** ମାନ୍ୟବର ବାଚସ୍ପତି ଓଡ଼ିଶା ବିଧାନସଭା<br>**ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ,** ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା |
| ସନ୍ଧ୍ୟା ୬.୦୦ ଘଟିକା: ସାଂସ୍କୃତିକ କାର୍ଯ୍ୟକ୍ରମ | ଆଦରଣୀୟ ଅତିଥି | **ଡ. ଅରୁଣ କୁମାର ସାହୁ,** ମାନ୍ୟବର ମନ୍ତ୍ରୀ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଓ ଉଚ୍ଚ ଶିକ୍ଷା, ଓଡ଼ିଶା<br>**ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ,** ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା<br>**ଶ୍ରୀଯୁକ୍ତ ଅସିତ କୁମାର ତ୍ରିପାଠୀ** ମୁଖ୍ୟ ଶାସନ ସଚିବ, ଓଡ଼ିଶା |
| ତା ୧୬।୧୧।୨୦୧୯ (ଶନିବାର)<br>ସମୟ ସନ୍ଧ୍ୟା ୬.୦୦ ଘଟିକା<br>ଉଦ୍‌ଯାପନ ଉତ୍ସବ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ-୯, ଭୁବନେଶ୍ୱର | ଆଦରଣୀୟ ଅତିଥି | **ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ** ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା<br>**ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ,** ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା<br>**ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା** ମାନ୍ୟବର ମନ୍ତ୍ରୀ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଓଡ଼ିଶା |

**ଉକ୍ତ ମହୋତ୍ସବରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ**
**କମିଶନର ତଥା ଶାସନ ସଚିବ**
**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**



ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ପ୍ରଧାନ ବିଚାରପତି, ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି। ତେବେ ରାଜନୈତିକ ଦଳଗୁଡ଼ିକୁ ଆର୍‌ଟିଆଇ ଆଇନର ପରିସରଭୁକ୍ତ କରାଯିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହିଁକି ନୀରବ ରହୁଛନ୍ତି?
-ଅଭିଷେକ ମନୁ ସିଂଘଭି, ବରିଷ୍ଠ କଂଗ୍ରେସ ନେତା

# ଶିବସେନା ଦାବି ଗ୍ରହଣୀୟ ନୁହେଁ

**ନୂଆଦିଲ୍ଲୀ/ମୁମ୍ବାଇ,୧୩।୧୧(ପି.ଟି.):** ୫୦:୫୦ ସୂତ୍ରରେ ମୁଖ୍ୟମନ୍ତ୍ରୀ ପଦବୀ ଭାଗବଣ୍ଟା ସମେତ ଶିବସେନାର ଅନ୍ୟ ଦାବିଗୁଡ଼ିକ ଗ୍ରହଣଯୋଗ୍ୟ ନୁହେଁ। ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି ହେବା ପରେ ରାଜନୈତିକ ସଙ୍କଟକୁ ନେଇ ବୁଧବାର ପ୍ରଥମଥର ପାଇଁ ମୁହଁ ଖୋଲି ଏପରି ସ୍ପଷ୍ଟବାଣୀ ଶୁଣାଇଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ। ସେହିପରି ରାଷ୍ଟ୍ରପତି ଶାସନକୁ ନେଇ ଭାଜପାକୁ ଶିବସେନା, ଏନ୍‌ସିପି ଏବଂ କଂଗ୍ରେସ ଟାର୍ଗେଟ କରୁଥିବାବେଳେ ଶାହ ଟୁଇଟରରେ ଏହାର ଜବାବ ରଖିଛନ୍ତି। ରାଷ୍ଟ୍ରପତି ଶାସନକୁ ସାମ୍ବିଧାନିକ ଓ ଯୁକ୍ତିଯୁକ୍ତ ଦର୍ଶାଇ ଏହାକୁ ନେଇ ବିରୋଧୀ ରାଜନୀତି କରୁଥିବା ସେ ସମାଲୋଚନା କରିଛନ୍ତି।

ସ୍ୱରାଷ୍ଟ୍ରମନ୍ତ୍ରୀ ଶାହ କହିଛନ୍ତି, ମହାରାଷ୍ଟ୍ରରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ସପକ୍ଷରେ ସେ ନାହାନ୍ତି। ଏବେ ସବୁ ଦଳ ପାଖରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ସରକାର ଗଠନ ଲାଗି ୬ ମାସ ସମୟ ରହିଛି। ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ଭାଜପା ସହିତ ଚୁକ୍ତି ହୋଇଥିବା ନେଇ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହୁଛନ୍ତି, ଯାହାକି ଭୁଲ କଥା। ମେଣ୍ଟ କ୍ଷମତାସୀନ ହେଲେ ଦେବେନ୍ଦ୍ର ଫଡ୍‌ନବିସ ପୁଣି ମୁଖ୍ୟମନ୍ତ୍ରୀ ହେବେ ବୋଲି ପ୍ରଧାନମନ୍ତ୍ରୀ ଓ ସେ ନିଜେ ଅନ୍ୟୂନ



ମହାରାଷ୍ଟ୍ର କ୍ଷମତା ଲଢ଼େଇ ନେଇ ମୁହଁ ଖୋଲିଲେ ଶାହ

୧୦୦ ଥର ପୂର୍ବରୁ ସାଧାରଣରେ ପ୍ରକାଶ କରିଥିଲେ। ଶିବସେନା ସେତେବେଳେ ଚୁପ୍ ରହିଥିଲା। ଏବେ କାହିଁକି ମୁଖ୍ୟମନ୍ତ୍ରୀ ପଦ ଉପରେ ଦାବି ଉଠାଉଛି। ଆମେ ଜନାଦେଶ ପାଇଛୁ। କିନ୍ତୁ ଆମ ସହଯୋଗୀ ଏବେ ଏପରି ଦାବି କରୁଛି, ଯାହାକି ଆମ ପାଇଁ ଗ୍ରହଣୀୟ ନୁହେଁ ବୋଲି ଶାହ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟପାଳ ଭଗତ ସିଂ କୋଶୟାରୀ ଅଧିକ ସମୟ ଦେଲେନାହିଁ ବୋଲି ତାଙ୍କ ବିରୋଧରେ ସୁପ୍ରିମକୋର୍ଟ ନ ଯିବା ପାଇଁ ଶିବସେନା ବୁଧବାର ନିଷ୍ପତ୍ତି ନେଇଛି। ରାଷ୍ଟ୍ରପତି ଶାସନ ଜାରି ହେବା ପରେ ରାଜ୍ୟରେ ରାଜନୈତିକ ସ୍ଥିତି ବଦଳିଥିବାରୁ ଦଳ ପିଟିଶନ ଦାଖଲ କରିବାକୁ ଚାହୁଁ ନ ଥିବା ଶିବସେନା ଓକିଲ ସୁନୀଲ ଫର୍ନାଣ୍ଡେଜ୍ କହିଛନ୍ତି। ଶିବସେନା ନେତା ସଞ୍ଜୟ ରାଉତ୍ ସୁସ୍ଥ ହୋଇ ମୁମ୍ବାଇର ଲୀଳାବତୀ ହସ୍ପିଟାଲରୁ ଘରକୁ ଫେରିଛନ୍ତି। ରାଜସ୍ଥାନର ଜୟପୁରସ୍ଥିତ ଏକ ହୋଟେଲରେ ଥିବା କଂଗ୍ରେସର ୪୪ ବିଧାୟକ ମହାରାଷ୍ଟ୍ରକୁ ବାହୁଡ଼ିଛନ୍ତି। ଶିବସେନା ସହ ମିଶି ସରକାର ଗଠନ ପାଇଁ ସେମାନେ ଦଳୀୟ ହାଇକମାଣ୍ଡଙ୍କୁ ଜଣାଇଦେଇଥିବା କହିଛନ୍ତି। କଂଗ୍ରେସ ନେତାଙ୍କ ସହ ମିଶି ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ (ସିଏମ୍‌ପି) ଚୂଡ଼ାନ୍ତ କରିବା ଲାଗି ହେବାକୁ ଥିବା ମିଳିତ ବୈଠକକୁ ବାତିଲ କରାଯାଇଥିବା ଏନ୍‌ସିପି ନେତା ଅଜିତ ପାୱାର ସୂଚନା ଦେଇଛନ୍ତି। ଭାଜପାର ନବନିର୍ବାଚିତ ବିଧାୟକମାନଙ୍କ ବୈଠକ ଗୁରୁବାର ହେବ।

# ଚାନ୍ଦା ନ ଦେବାରୁ ପିଟି ହତ୍ୟା

କଟିହାର,୧୩।୧୧(ପି.ଟି.)

ପଶ୍ଚିମବଙ୍ଗର ଏକ ହାଟକୁ ଗୋରୁ ବିକିବା ପାଇଁ ନେଉଥିବା ଜଣେ ବ୍ୟକ୍ତିଙ୍କୁ ବିହାରର କଟିହାର ଜିଲାରେ କିଛି ଦୁର୍ବୃତ୍ତ ପିଟିପିଟି ମାରିଦେଇଛନ୍ତି। ସୋମବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ମୃତକଙ୍କ ନାଁ ମହମ୍ମଦ ଜମାଲ ବୋଲି ଜଣାପଡିଛି।

ପୋଲିସ କହିବା ଅନୁଯାୟୀ ଜମାଲ, ତାଙ୍କ ଭାଇ ଓ ଅନ୍ୟ କେତେଜଣ ୧୮ଟି ଗୋରୁ ନେଇ ଆଜମନଗରର କୁର୍‌ସେଲ ହାଟକୁ ବିକିବା ପାଇଁ ଯାଉଥିଲେ। ଲାଭା ବ୍ରିଜ୍ ନିକଟରେ କିଛି ଲୋକ ସେମାନଙ୍କୁ ଘେରିଯାଇ ଜୋରଜବରଦସ୍ତ ଚାନ୍ଦା ମାଗିଥିଲେ। ଜମାଲ ଟଙ୍କା ଦେବାକୁ ମନା କରିଦେବାରୁ ଦୁର୍ବୃତ୍ତମାନେ ତାଙ୍କୁ ପିଟିଥିଲେ। ଜମାଲଙ୍କ ଅନ୍ୟ ସହଯୋଗୀମାନେ ସେଠାରୁ କୌଣସି ପ୍ରକାର ଖସି ପଳାଇଥିଲେ। ଫଳରେ ଜମାଲଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୋଲିସ ସାଗର ଯାଦବ ଓ ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରିଥିବା କଟିହାର ସଦର ଏସ୍‌ଡିପିଓ ଅନିଲ କୁମାର କହିଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଭିଡ଼ହିଂସା ପ୍ରତିବାଦରେ ସ୍ଥାନୀୟ ଲୋକେ କଟିହାର-ଗେରାବାରି ଜାତୀୟ ରାଜପଥ ୩୧କୁ ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି।

## 'ମନ୍ଦିର ଲାଗି ନୂଆ ଟ୍ରଷ୍ଟର ଆବଶ୍ୟକତା ନାହିଁ'



**ଅଯୋଧ୍ୟା, ୧୩।୧୧ :** ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ସରକାର ନୂଆ ଟ୍ରଷ୍ଟ ଗଠନ କରିବାର ଆବଶ୍ୟକତା ନାହିଁ ବୋଲି ରାମ ଜନ୍ମଭୂମି ନ୍ୟାସ ମୁଖ୍ୟ ମହନ୍ତ ନୃତ୍ୟଗୋପାଳ ଦାଶ ବୁଧବାର ପ୍ରକାଶ କରିଛନ୍ତି। ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ପରିଚାଳିତ ରାମ ଜନ୍ମଭୂମି ନ୍ୟାସ ଏବେ କାର୍ଯ୍ୟକ୍ଷମ ରହିଛି। ଏଥିରେ କେତେକ ନୂଆ ସଦସ୍ୟଙ୍କୁ ନେଇ ନୂତନତ୍ୱ ପ୍ରଦାନ କରିବାକୁ ସେ ମତ ଦେଇଛନ୍ତି। ହେଲେ ରାମ ଜନ୍ମଭୂମି ସହ ଜଡ଼ିତ ଥିବା ଦିଗମ୍ବର ଆଖଡ଼ା ମୁଖ୍ୟ ମହନ୍ତ ସୁରେଶ ଦାଶ ଭିନ୍ନ ମତ ଦେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ କେନ୍ଦ୍ର ସରକାର ନୂଆ ଟ୍ରଷ୍ଟ ଗଠନ କରିବା ଦରକାର ବୋଲି କହିଛନ୍ତି।

## ପୋଲିସ-ଭାଜପା କର୍ମୀ ସଂଘର୍ଷ

କୋଲକାତା,୧୩।୧୧(ପି.ଟି.)

ପଶ୍ଚିମବଙ୍ଗ ରାଜଧାନୀ କୋଲକାତାରେ ଡେଙ୍ଗୁ ମୃତ୍ୟୁକୁ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବୁଧବାର ବିକ୍ଷୋଭ ଚାଲିଥିଲାବେଳେ ଏହା ହିଂସାତ୍ମକ ରୂପ ନେଇଛି। ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ସେଣ୍ଟ୍ରାଲ ଆଭେନ୍ୟୁରୁ ଶୋଭାଯାତ୍ରାରେ ବାହାରି କୋଲକାତା ମ୍ୟୁନିସିପାଲ କର୍ପୋରେଶନ ମୁଖ୍ୟାଳୟକୁ ଘେରାଉ କରିବାକୁ ଯାଉଥିଲାବେଳେ ପୋଲିସ ସେମାନଙ୍କୁ ବାଧାଦେବାରୁ ସଂଘର୍ଷର ସୂତ୍ରପାତ ହୋଇଥିଲା। ର୍‍ୟାଲିକୁ ଅଟକାଇବା ପାଇଁ ପୋଲିସ ଚାନ୍ଦନୀ ଚୌକ ମେଟ୍ରୋ ଷ୍ଟେଶନଠାରେ ବାରିକେଡ୍ କରିଥିଲା। ପୋଲିସ ପ୍ରଥମେ ଭାଜପା କର୍ମୀମାନଙ୍କୁ ଫେରିଯିବା ପାଇଁ କହିଥିଲା। ସେମାନେ ଫେରିବା ବଦଳରେ ପୋଲିସ ଉପରକୁ ଢେଲା ଓ ପାଣି ବୋତଲ ମାଡ଼ କରିଥିଲେ। ଫଳରେ ସେମାନଙ୍କୁ ଘଉଡାଇବାକୁ ଯାଇ ପୋଲିସ ପକ୍ଷରୁ ପାଣି ମାଡ଼ କରାଯାଇଥିଲା। ସଂଘର୍ଷ ବେଳେ କେତେଜଣ ଭାଜପା କର୍ମୀଙ୍କୁ ପୋଲିସ ଅଟକ ରଖିଛି। କୋଲକାତା ଓ ଏହାର ଆଖପାଖ ଅଞ୍ଚଳରୁ ୪୪,୮୫୨ଟି ଡେଙ୍ଗୁ ଚିକିତ୍ସିତ ହୋଇଥିବା ବେଳେ ଜାନୁୟାରୀରୁ ଇତିମଧ୍ୟରେ ୨୫ ଜଣଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରେ ପ୍ରକାଶ ପାଇଥିଲା। ଡେଙ୍ଗୁ ନିୟନ୍ତ୍ରଣରେ ରାଜ୍ୟ ସରକାର ବିଫଳ ହୋଇଥିବା ଦର୍ଶାଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମ୍ୟୁନିସିପାଲ କର୍ପୋରେଶନ ମୁଖ୍ୟାଳୟ ଘେରାଉ ପାଇଁ ନିଷ୍ପତ୍ତି ହୋଇଥିଲା।

## ଲତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

**ମୁମ୍ବାଇ, ୧୩।୧୧ :** ଭାରତରତ୍ନ କଣ୍ଠଶିଳ୍ପୀ ଲତା ମଙ୍ଗେସ୍‌କର(୯୦)ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏବେ ସେ ଆଇସିୟୁର ଭେଣ୍ଟିଲେଟର ସପୋର୍ଟରେ ଅଛନ୍ତି। ଗୁରୁତର ହୋଇପଡ଼ିଥିବା ଲତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ତାଙ୍କୁ ବ୍ରିଚ୍‌କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା। ୭୦ ବର୍ଷର କ୍ୟାରିୟର ମଧ୍ୟରେ ସେ ବିଭିନ୍ନ ଭାଷାରେ ୩୦ ହଜାରରୁ ଊର୍ଦ୍ଧ୍ୱ ଗୀତ ଗାଇ ରେକର୍ଡ କରିଛନ୍ତି।

## ସଂକ୍ଷେପରେ

➤୧୬ ଦିନର ବିକ୍ଷୋଭ ପରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) କର୍ତ୍ତୃପକ୍ଷ ବୁଧବାର ବିପିଏଲ୍ ଛାତ୍ରୀଛାତ୍ରଙ୍କ ଦେୟ ହ୍ରାସ କରିବା ସହ ହଷ୍ଟେଲ୍ ମାନୁଆଲରୁ ଡ୍ରେସ୍ କୋଡ ହଟାଇ ଦେଇଛନ୍ତି। ସେହିପରି ଛାତ୍ରୀଛାତ୍ରଙ୍କ ହଷ୍ଟେଲ୍ ଫେରିବା ସମୟ କଟକଣା ମଧ କୋହଳ କରାଯାଇଛି।

➤ଭାରତ ଓ ଚାଇନା ସମୁଦ୍ରକୁ ଛାଡୁଥିବା ବର୍ଜ୍ୟସାମଗ୍ରୀ ଲସ୍ ଆଞ୍ଜେଲସ୍‌କୁ ଭାସିଆସି ଜଳପ୍ରଦୂଷଣ କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅଭିଯୋଗ କରିଛନ୍ତି।

➤ବାହାର ଦେଶରୁ ଆସି ଭାରତରେ ରହିଥିବା ଲୋକେ ନିଜସ୍ୱ ଘୋଷଣା ବଳରେ ସେମାନଙ୍କ ଆଧାର ଠିକଣା ବଦଳାଇପାରିବେ। ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ବିଦେଶୀମାନଙ୍କୁ ସାମିଲ କରିବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ।

➤ ପାକିସ୍ତାନରେ ଫାଶୀଦଣ୍ଡାଦେଶ ପାଇଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କ ମାମଲାକୁ ସାଧାରଣ କୋର୍ଟରେ ବିଚାର କରିବା ଲାଗି ଇସ୍‌ଲାମାବାଦ ସେନା ଆଇନରେ ସଂଶୋଧନ କରିବାକୁ ଯୋଜନା କରୁଛି।

➤ରାଜଧାନୀ ଦିଲ୍ଲୀ-ଏନ୍‌ସିଆର୍‌ରେ ବାୟୁ ପ୍ରଦୂଷଣ ମାତ୍ରା ଭୟଙ୍କର ରୂପ ଧାରଣ କରିବାରୁ ସ୍କୁଲଗୁଡ଼ିକୁ ୧୫ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ଷ୍ଟୋନ୍ କ୍ରସର କାମକୁ ମଧ ବନ୍ଦ ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

## ଇତିହାସର ଆଇନାରେ
### ନଭେମ୍ବର ୧୪ର ପ୍ରମୁଖ ଘଟଣା

୧୮୮୯ ନଭେମ୍ବର ୧୪ରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମଦିନକୁ ଦେଶବ୍ୟାପୀ ଶିଶୁଦିବସ ଭାବେ ପାଳନ କରାଯାଉଛି।

୨୦୧୨ ନଭେମ୍ବର ୧୪ରେ ଇସ୍ରାଏଲ ପକ୍ଷରୁ ହମାସ୍ ଶାସିତ ଗାଜାଷ୍ଟ୍ରିପ୍ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା।

No. RR-29:
ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ
"ଅକ୍ଷର"
୨ୟ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ
ଡିସେମ୍ବର ୬ରୁ ୧୫, ୨୦୧୯
ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର
ଷ୍ଟଲ ସଂରକ୍ଷଣ ନିମନ୍ତେ ଆଗ୍ରହୀ ପୁସ୍ତକ ପ୍ରକାଶକ, ବିତରକ ଓ ବିକ୍ରେତା ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ:
ସଭାପତି, ରାଜଧାନୀ ପୁସ୍ତକ ମେଳା, ୭୮, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଦୂରଭାଷ: ୯୪୩୭୧୩୩୩୬୮ / ୭୦୦୮୪୫୪୨୫୧ / ୭୬୫୮୮୬୧୪୩୪
ଶେଷ ତାରିଖ: ୨୦।୧୧।୨୦୧୯
ସହ-ଆୟୋଜନ:
ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ, କଳିଙ୍ଗ ପୁସ୍ତକ ମେଳା ଏବଂ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ
03016/11/0002/1920

DISTRICT PLANNING & MONITORING UNIT, PURI
Office Order No.889 / Dtd: 11.11.2019
Tender Notice for Outsourcing of Manpower
No.X-27 :- Bids in sealed cover are invited under two-bid system from reputed and experienced manpower service provider for providing Data Entry Operator / Field Enumerators for District Planning & Monitoring Unit (Statistical Wing), Puri. Intending agencies are required to download Tender Documents from Puri district website (http://puri.nic.in) from dt.16.11.2019. Last date of submission of bid is 30.11.2019 up to 3:00 PM (Contact No.- 06752-223210)
Sd./-
Asst. Director (Statistics)
DOMU, Puri
21011/11/0002/1920

CENTRAL ELECTRICITY SUPPLY UTILITY OF ODISHA
O/o. SUPERINTENDING ENGINEER (ELECT.)
ELECTRICAL CIRCLE No. - 1, Unit - 8, BBSR - 12
NOTICE INVITING TENDER
No.: CAD-564: Sealed tenders in two part bidding systems are invited from intending Manufacturers/Authorised Distributors/ Reputed Suppliers, who comply with the terms and conditions for the supply of different NSC materials. Approximately costing around 65 Lakh. Last date of receipt of bids is 21.11.19 upto 3.00 P.M. For details please visit our website www.cescoorissa.com / www.cesuodisha.com. Any amendments, corrigendum, time extension etc. will be uploaded in the above website only. The undersigned reserves the right to accept or reject any or all tenders without assigning any reason thereof.
04010/11/0003/1920 Superintending Engineer (Elect.)

No. C-312:
GOVERNMENT OF ODISHA
OFFICE OF THE EXECUTIVE ENGINEER
P.H. DIVISION, SAMBALPUR
Phone No.:(0663)-2412135. Fax No. : (0663) 2412335
Email ID :eephdsbp@gmail.com, eephsbp@nic.in
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. EEPHSBP-13/2019-20 Dt. 08.11.2019

| | | |
|---|---|---|
| 01. | Name of the Work | 2 nos. Work. |
| 02. | Type of Bid. | Single Bid System |
| 03. | Estimated Cost | Rs. 18.87 lakhs to Rs. 28.01 lakhs |
| 04. | Period of Completion | 3 (Three) Calendar Months. |
| 05. | Date & Time of availability of bid document in the portal | From 11.00 AM of dt. 18.11.2019 to 5.00 PM of 01.12.2019. |
| 06. | Last date / time of receipt of bids in the portal | 5.00 PM of 01.12.2019. |
| 07. | Date & Time of opening of Tender | At 11.30 AM of 02.12.2019. |
| 08. | Name and Address of the Officer Inviting Bid | Executive Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the web site http://tenders.ori.nic.in or www.tendersorissa.gov.in
Sd/- Executive Engineer
P.H. Division, Sambalpur
13026/11/0015/1920

C-310
GOVERNMENT OF ODISHA
OFFICE OF THE SUPERINTENDING ENGINEER,
PUBLIC HEALTH CIRCLE, SAMBALPUR, ODISHA.
E-mail id: - sephsbp@yahoo.in / sephsbp@gmail.com
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP- 07 /2019-20 Dt. 08.11.2019

| | | |
|---|---|---|
| 01. | Number of Work | 1 no. |
| 02 | Type of Bid | Two Bid system |
| 04 | Period of Completion | 3 (Three) Calendar Month |
| 05 | Class of Contractor | Contractors of 'B'/'A' Class |
| 06 | Date & Time of availability of bid document in the portal | From 11.00 Hrs. of Dt. 19.11.2019 to 17.00 Hrs of 03.12.2019 |
| 07 | Last date / time of seeking clarification | 17.00 Hrs of 25.11.2019 |
| 08 | Last date / time of receipt of bids in the portal | 17.00 Hrs of 03.12.2019 |
| 09 | Date & Time of opening of Technical bids | At 11.00 Hrs. of 06.12.2019 |
| 10 | Name and Address of the Officer Inviting Bid | Superintending Engineer, P.H. Circle, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the e-Procurement portal "http://www.tendersorissa.gov.in"
Sd/-
Superintending Engineer,
P.H. Circle, Sambalpur.
13018/11/0008/1920

COLLECTORATE, KORAPUT
(SPORTS SECTION)
No.: 424/II 41 Sports - 2019 Dated: 11.11.2019
Tender Call Notice for Construction of Wooden Badminton Court at Indoor Stadium, Koraput
No.: TT-15: Sealed tenders are invited by Collectorate, Koraput (Sports Section) from reputed Firms/Agencies as per tender specifications for construction of "Wooden Badminton Court" at Indoor Stadium, Koraput. The detailed tender document may be downloaded from website (www.koraput.nic.in).
Interested bidders may submit their sealed tender documents in the prescribed format mentioning "Wooden Badminton Court" on the cover of the envelope to the Collectorate, Koraput (Sports Section) by 25.11.2019 upto 5 P.M. Bidders are required to submit Technical Bid & the Financial Bid in the separate envelope through Register/Speed Post only.
The Technical & Financial Bid will be opened on 26.11.2019 at 4.00 P.M. in the presence of the district level committee members, bidders or their authorised representatives.
Tenders received after due date & time will not be accepted. Collectorate, Koraput (Sports Section) will not be responsible for postal delay or similar reasons.
Tenders sent through an electronic means shall not be accepted. Any Corrigendum/Addendum if any will be uploaded in the above mentioned website.
Collectorate, Koraput "Sports Section" reserves the right to accept or reject any or all tender without assigning any reason thereof. For any queries you may contact District Sports Officer, Koraput.
(Cell No.- 9437145404)
24057/11/0002/1920 Sd./- Addl. District Magistrate, Koraput

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER, MAYURBHANJ No.A-382
IRRIGATION DIVISION, BARIPADA
e-mail: exen.mid@gmail.com, FAX/TEL: 06792-260442
"E" PROCUREMENT NOTICE NO. 02MBJ/2019-20.

| | |
|---|---|
| 1. Name of works | : i. Bank protection work on left bank of river Budhabalanga near village Angaragadia (Jambhirapal) under Kuliana Block<br>ii. Restoration to TRE from Baradihi to Parchipur on right bank of river Sono near village Baradihi as mentioned in the website. |
| 2. Total No. of works | : 02 (Two) Nos. of work. |
| 3. Estimated Cost | : Varies from 39.28 lakh to 44.54 lakh |
| 4. Class of Contractor | : 'C' & 'B' and 'B' & 'A' |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Executive Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : 15.11.2019 from 10.00 Hours to 29.11.2019 upto 17.00 Hours. |
| (iii) Date, time and place of opening of Bid. | : On 30.11.2019 at 11.00 Hours in the O/o the Executive Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : On dt. 03.12.2019 at 11.00 AM. |
| 11. Further details can be seen from the 'e' Procurement Portal http://tendersorissa.gov.in | |

Sd./- Executive Engineer,
Mayurbhanj Irrigation Division,
Baripada.
32041/11/0004/1920

No. AA-16:
GOVERNMENT OF ODISHA
ELECTRICAL LICENSING BOARD
OFFICE OF THE ENGINEER-IN-CHIEF,ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA,
3RD FLOOR HEADS OF DEPARTMENT BUILDING, BHUBANESWAR-751 001.
Email-secyelbo@nic.in, Ph.0674-2394572
NOTICE
No. ELBO/SCC (MV & HT) EXAM /132/2019 / 1374 / Dated 11.11.2019
The Supervisor Certificate of Competency (SCC) (MV & HT) Examination-2019 is scheduled to be conducted on 24.11.2019 (SUNDAY) in two sittings as per the following:-

| | |
|---|---|
| 1) 1st Sitting - 10AM to 12Noon<br>2) 2nd Sitting - 2PM to 4PM | Venue:- Directorate of Distance & Continuing Education (DDCE), Utkal University, Vanivihar, Bhubaneswar |

Candidates are advised to reach the venue before 60 minutes of commencement of the Examination. The SMS has already been sent to eligible shortlisted candidates for downloading the Admit Card.
The applicants are also advised to visit the Website:- eicelectricityodisha.nic.in to view the list of eligible shortlisted candidates and download their Admit Card for appearing the Examination. No hard copy of Admit Card will be sent to the eligible shortlisted candidates.
04009/11/0002/1920 Sd/- SUPERINTENDING ENGINEER-CUM-SECRETARY, ELBO.

No. CAD-568:
Odisha State Medical Corporation Limited (OSMCL)
In front of Ram Mandir, Convent Square, Unit – III, Bhubaneswar -751 001
Tel. : (0674) 2380660/2380608
Website : www.osmcl.nic.in Email : logistics.osmcl.od@nic.in
Assuring Quality, Saving Lives
NOTICE INVITING E-TENDER FOR SUPPLY OF ANTI-CANCER DRUGS AND MEDICAL CONSUMABLES (GROUP-III) FOR THE YEAR 2019-20
Bid Ref. No. : OSMCL/2019-20/DRUGS-DHS-ACD-GR-III/05 Date: 13 /11/2019
Online Bids through e-Tender portal (https://tendersodisha.gov.in) are invited from eligible bidders for Supply of Anti-Cancer Drugs and Medical Consumables (Group-III) as per the particulars mentioned below::

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 15 /11 /2019, 3 PM | |
| 2. | Date & time of Pre-bid meeting | 22 /11 /2019, 11:00 AM<br>Venue : Tender Evaluation Room, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time<br>28 / 11 /2019, 3 PM | End Date & Time<br>12 / 12 /2019, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time<br>13 / 12 / 2019, 10 AM | End Date & Time<br>20 / 12 /2019, 11.00 AM |
| 5. | Date & time of online Technical bid opening | 20 / 12 / 2019, 11:00 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.
Sd/-
Managing Director
OSMCL
10112/11/0015/1920




ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
- ଗୀତା



## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, କନଷ୍ଟେବଲ ଗିରଫ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ):** ବ୍ରାଉନସୁଗାର କାରବାରରେ ପୋଲିସ। ନୟାପଲ୍ଲୀ ଥାନା ପୋଲିସ ବୁଧବାର ଜଣେ କନ୍‌ଷ୍ଟେବଲଙ୍କୁ ଗିରଫ କରିବା ସହ ତାଙ୍କଠାରୁ ବ୍ରାଉନସୁଗାର ଜବତ କରିଛି। ଗିରଫ କନ୍‌ଷ୍ଟେବଲ ଜଣକ ହେଲେ ଜେ. ଭାରିମଲ୍। ସେ ରିଜର୍ଭ ପୋଲିସ ବାଟାଲିୟନରେ କାର୍ଯ୍ୟରତ ଥିଲେ। ସେ ବ୍ରାଉନସୁଗାର ବେପାର କରୁଥିବାନେଇ କ୍ୟୁଏଟି ନିକଟରେ ଖବର ପହଞ୍ଚିଥିଲା। ନୟାପଲ୍ଲୀ ଥାନାଞ୍ଚଳରେ ସେ ବ୍ରାଉନସୁଗାର ଡିଲ୍ କରୁଥିବାବେଳେ କ୍ୟୁଏଟି ଓ ନୟାପଲ୍ଲୀ ପୋଲିସ ମିଳିତ ଭାବେ ଚଢାଉ କରିଥିଲେ। ସେ ଖସି ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ବ୍ରାଉନସୁଗାର ଜବତ କରିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ଭାରିମଲଙ୍କ ବିରୋଧରେ ୨୦୦୮ରେ ଏକ ହତ୍ୟା ମାମଲାରେ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଥିବା ଜଣାପଡିଛି। ସେହିଭଳି ବ୍ରାଉନସୁଗାର ଓ ବିଭିନ୍ନ ନିଶା କାରବାରେ କେତେଜଣ ପୋଲିସ କର୍ମଚାରୀ ସମ୍ପୃକ୍ତ ରହିଥିବା ନଜର ରହିଛି। ତେବେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ କହିବାନୁଯାୟୀ, ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପଚରାଉଚରା କରୁଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ।




ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟ ଅତିଥିଙ୍କ ଗହଣରେ ୨୦୧୭ ଓ ୨୦୧୮ ମସିହା ପାଇଁ ସମ୍ମାନ ପାଇଥିବା ବ୍ୟକ୍ତିତ୍ୱ।

### ୨ ବର୍ଷ ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

# ଶ୍ୟାମାମଣି, ଉପେନ୍ଦ୍ରଙ୍କୁ 'କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ'

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ନୃତ୍ୟ, ସଙ୍ଗୀତ ଓ ନାଟ୍ୟକଳା କ୍ଷେତ୍ରରେ ବିଶେଷ ଅବଦାନ ତଥା ଆଜୀବନ ସାଧନା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୨୦୧୭ ଏବଂ ୨୦୧୮ ମସିହା ନିମନ୍ତେ ଏକାଡେମୀର ସର୍ବୋଚ୍ଚ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ ଏବଂ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କ୍ରମରେ ୨୦୧୭ ଲାଗି କଟକର ବିଶିଷ୍ଟ ଓଡ଼ିଶୀ କଣ୍ଠସଙ୍ଗୀତ ଶିଳ୍ପୀ ଡ. ଶ୍ୟାମାମଣି ଦେବୀ ଏବଂ ୨୦୧୮ ନିମନ୍ତେ ଗଞ୍ଜାମର ପ୍ରଖ୍ୟାତ ଦାସକାଠିଆ ଶିଳ୍ପୀ ଉପେନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ।

ଏହି ଅବସରରେ ୨୦୧୭ ଏବଂ ୨୦୧୮ ଦୁଇବର୍ଷ ପାଇଁ ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଥିଲା। ୨୦୧୭ ଲାଗି ଓଡ଼ିଶୀ କଣ୍ଠସଙ୍ଗୀତରେ ଶାନ୍ତିଲତା ବାରିକ ଛୋଟରାୟ, ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତରେ ଅଳକା ଚାନ୍ଦ, ଯନ୍ତ୍ରସଙ୍ଗୀତ-ସୁଷୀର/ତାରରେ ରବିଶଙ୍କର ପ୍ରଧାନ, ଯନ୍ତ୍ରସଙ୍ଗୀତ-ଆନଦ୍ଧ ବାଦ୍ୟରେ କାଳନ୍ଦୀ ଚରଣ ପରିଡ଼ା, ସୁଗମ ସଙ୍ଗୀତରେ ଡ. ସୁଧା ମିଶ୍ର, ଲୋକବାଦ୍ୟରେ ଆଲୋକ ପ୍ରକାଶ ଦାସ, ଲୋକସଙ୍ଗୀତରେ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ନାଟ୍ୟ ରଚନାରେ ହେମେନ୍ଦ୍ର ମହାପାତ୍ର, ଅଭିନୟରେ ବୃନ୍ଦାବନ ବାରିକ ଓ ବିଦ୍ୟୁତ୍‌ପ୍ରଭା ପଟ୍ଟନାୟକ, ନିର୍ଦ୍ଦେଶନା କ୍ଷେତ୍ରରେ ପ୍ରସନ୍ନ ମିଶ୍ର, ମଞ୍ଚକଳାରେ ଅନ୍ତର୍ଯ୍ୟାମୀ ପଣ୍ଡା, ଓଡ଼ିଶୀ ନୃତ୍ୟରେ ବ୍ରଜକିଶୋର ମଲ୍ଲିକ, ଲୋକନୃତ୍ୟରେ ନୀଳକଣ୍ଠ ତରେଇ, ଲୋକନାଟ୍ୟରେ ଡ. କେଶରଞ୍ଜନ ପ୍ରଧାନ, ଗୀତି-କବିତାରେ ମୀନାକ୍ଷୀ ଦେବୀଙ୍କୁ ଏକାଡେମୀ ସମ୍ମାନ ଦିଆଯାଇଥିଲା। ସେହିଭଳି ୨୦୧୮ ଲାଗି ଓଡ଼ିଶୀ କଣ୍ଠସଙ୍ଗୀତରେ ସୀମାଞ୍ଚଳ ଦାସ, ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତରେ ହରିହର ରଥ, ଯନ୍ତ୍ର ସଙ୍ଗୀତ-ସୁଷୀର/ତାରରେ ରମେଶ ଚନ୍ଦ୍ର ଦାସ, ଯନ୍ତ୍ର ସଙ୍ଗୀତ-ଆନଦ୍ଧ ବାଦ୍ୟରେ ରାଧାକାନ୍ତ ନନ୍ଦ, ସୁଗମ ସଙ୍ଗୀତରେ ଗୀତା ଦାଶ, ଲୋକବାଦ୍ୟରେ ସନ୍ତୋଷ ସୁନା, ଲୋକସଙ୍ଗୀତରେ ବୀଥିକା ଚାଟାର୍ଜୀ, ନାଟ୍ୟ ରଚନାରେ ଡ. ସୁଧାଂଶୁ ନାୟକ, ଅଭିନୟରେ ନିରଞ୍ଜନ ସାହୁ ଓ ଲକ୍ଷ୍ମୀପ୍ରିୟା ମିଶ୍ର, ନାଟ୍ୟ ନିର୍ଦ୍ଦେଶନାରେ ହରେନ ସାହୁ, ମଞ୍ଚକଳାରେ ସଂଗ୍ରାମ କେଶରୀ ମହାରଣା, ଓଡ଼ିଶୀ ନୃତ୍ୟରେ ମୀରା ଦାସ, ଲୋକନୃତ୍ୟରେ ମାଗୁଣି ଜେନା, ଲୋକନାଟ୍ୟରେ ବିଜୟ କୁମାର ବହଳି ଏବଂ ଗୀତି-କବିତାରେ ବଦ୍ରି ମିଶ୍ରଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ ବାବଦରେ ୧ଲକ୍ଷ ଟଙ୍କା ଏବଂ ଏକାଡେମୀ ପୁରସ୍କାର ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା।

### ନିୟମିତ ହେବ ପୁରସ୍କାର ପ୍ରଦାନ: ମନ୍ତ୍ରୀ

ଆଗାମୀ ବର୍ଷଠାରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ ଶୃଙ୍ଖଳିତ ହେବାସହ ପ୍ରତିବର୍ଷ ନିୟମିତଭାବେ ପ୍ରଦାନ କରାଯିବ ବୋଲି ଏହି ଅବସରରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସୂଚନା ଦେଇଥିଲେ। ନୃତ୍ୟ, ସଙ୍ଗୀତ ଏବଂ ନାଟକ କ୍ଷେତ୍ରରେ ବରିଷ୍ଠ କଳାକାରମାନେ ଅଧିକ ଶିଷ୍ୟାଶିଷ୍ୟ ସୃଷ୍ଟିକରି କଳାର ସୁଦୂର ପ୍ରସାର କରିବା ସହ ସରକାରଙ୍କ ପକ୍ଷରୁ ବ୍ରାଣ୍ଡ ଆମ୍ବାସାଡର ଭାବେ କଳା, ସଂସ୍କୃତିର ପ୍ରଚାର ପ୍ରସାର କରିବାକୁ ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ ପୁରସ୍କାରକୁ ନେଇ ଉଠିଥିବା ବିବାଦ ସମ୍ପର୍କରେ କହିଥିଲେ। ସମସ୍ତେ ମହାନ୍ ଶିଳ୍ପୀ ଏବଂ ସର୍ବସମ୍ମତିକ୍ରମେ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିବା ସେ କହିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ରାମକୃଷ୍ଣ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ବିଜୟ ଜେନା ଧନ୍ୟବାଦ ଦେଇଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଓଡ଼ିଶା-ଇଣ୍ଡୋନେସିଆ କଳା, ସାହିତ୍ୟରେ ସମନ୍ୱୟ ରହିଛି

### ବାଲିଯାତ୍ରାରେ ମୋ' କଟକ ପାଭିଲିୟନ

**କଟକ ଅଫିସ, ୧୩।୧୧**

ଚଳିତବର୍ଷ ବାଲିଯାତ୍ରାରେ ନିଆଯାଇଥିବା ନୂତନ ପଦକ୍ଷେପ ମଧ୍ୟରେ ମୋ' କଟକ ପାଭିଲିୟନ ନୂତନ ଅଧ୍ୟାୟ ଯୋଡ଼ିଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପାଭିଲିୟନରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିଶେଷଜ୍ଞଙ୍କ ସହିତ ଆଲୋଚନା, ପର୍ଯ୍ୟାଲୋଚନା କରାଯିବା ସହ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବାଲିଯାତ୍ରାକୁ ଜିଜ୍ଞାସା ମନୋବୃତ୍ତି ନେଇ ଆସୁଥିବା ଦର୍ଶକମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ଅବଗତ କରାଯିବା ନିମନ୍ତେ ପ୍ରଶାସନ ପକ୍ଷରୁ ଏହି ଭିନ୍ନ ପ୍ରୟାସ କରାଯାଇଛି। ବୁଧବାର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ଏହି ପାଭିଲିୟନରେ ଓଡ଼ିଶା ଇଣ୍ଡୋନେସିଆ ରିଲେଶନ ମ୍ୟାରିଟାଇ ଟ୍ରେଡ ଆଣ୍ଡ ରିଲେଶନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ଏଥିରେ ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଂସ୍କୃତି ବିଭାଗ ଗବେଷକ ପ୍ରଫେସର ସୁବାସ ଚନ୍ଦ୍ର ଦାଶ ଯୋଗଦେଇ ଇଣ୍ଡୋନେସିଆ ଏବଂ ଓଡ଼ିଶାର କେବଳ ବାଣିଜ୍ୟିକ ସମ୍ପର୍କ ନୁହେଁ କଳା, ସାହିତ୍ୟ ଓ ସଂସ୍କୃତିରେ ମଧ୍ୟ ସମନ୍ୱୟ ସୃଷ୍ଟି ହୋଇପାରିଥିଲା ବୋଲି କହିଥିଲେ। ପୂର୍ବରୁ ଏହି ଅଞ୍ଚଳର ନାମ ଓଡ଼ିଶା କିମ୍ବା ଉତ୍କଳ ନ ଥିଲା ବରଂ କଳିଙ୍ଗ ନାମରେ ପ୍ରତିଷ୍ଠିତ ଥିଲା। କଳିଙ୍ଗର ବଣିକମାନେ ଇଣ୍ଡୋନେସିଆର ବାଲି, ଜାଭା, ସୁମାତ୍ରା ଆଦି ଅଞ୍ଚଳରେ ଏଠାକାର ସାମଗ୍ରୀକୁ ସେଠାରେ ଓ ସେଠାକାର ସାମଗ୍ରୀକୁ ଏଠାରେ ଆଣି ବ୍ୟବସାୟ କରୁଥିଲେ। ଆଜିବି କଟକ ଭଳି ବାଲିରେ ଫିଲିଗ୍ରୀ (ତାରକସି) କଳାର ଚାହିଦା ରହିଛି। ସେଠାରେ ଚାନ୍ଦି ତାରକସି କାମ ଓଡ଼ିଶା ଓ ଇଣ୍ଡେନେସିଆର ସମନ୍ୱୟ ଯୋଗୁ ସମ୍ଭବ ହୋଇପାରିଛି। ଏଥିସହିତ ଓଡ଼ିଶାର ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ଭଳି ଇଣ୍ଡୋନେସିଆରେ ମଧ୍ୟ ଗତ୍ୟୁନୃତ୍ୟ ଦେଖିବାକୁ ମିଳେ। ଯେଉଁ ନୃତ୍ୟରେ ବ୍ୟବହୃତ ପୋଷାକ, ଅଳଙ୍କାର ଏପରି କି ନୃତ୍ୟମୁଦ୍ରା ମଧ୍ୟ ଏକାଭଳି। କେବଳ ସେତିକି ନୁହେଁ ଓଡ଼ିଆଙ୍କ ଖାଦ୍ୟ ପଖାଳ ମଧ୍ୟ ସେଠାରେ ପ୍ରଚଳିତ ରହିଛି ବୋଲି ସେ କହିଥିଲେ।




ବାଲିଯାତ୍ରା ପଡ଼ିଆରେ ବିଭିନ୍ନ ଦୋଳିର ମଜା ନେଉଛନ୍ତି ଲୋକେ।



ମହାନଦୀ ମଞ୍ଚରେ ଶାରଳା ଗୀତିନାଟ୍ୟ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ବାଲିଯାତ୍ରା ତଳ ପଡ଼ିଆ ମହାନଦୀ କୂଳରେ ଆଳତି କରୁଛନ୍ତି ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରି।

### ଆଇନସେବା ସହାୟତା ପାଇଁ ଷ୍ଟଲ

ଓଡ଼ିଶା ଆଇନସେବା ପ୍ରାଧିକରଣ ଷ୍ଟଲକୁ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରି ଉଦ୍‌ଘାଟନ କରିଛନ୍ତି। ଏଠାରେ ଆଇନଗତ ସମସ୍ୟାର ପ୍ରତିକାର, ଆଇନ ସେବା ସମ୍ବନ୍ଧିତ ନିଃଶୁଳ୍କ ପରାମର୍ଶ ଓ ତଥ୍ୟଭିତ୍ତିକ ସୂଚନା ଯୋଗାଇ ଦିଆଯିବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଜ୍ୟ ଆଇନସେବା ସଦସ୍ୟ ସଚିବ ଦେବାଶିଷ ନାୟକ, ଜିଲା ଜଜ୍ ଶିଶିର କୁମାର ରଥ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଆଇନସେବା ପ୍ରାଧିକରଣ ବିଭାଗର ଦୀପକ ରଞ୍ଜନ ସାହୁ, କମଳାକାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ। ପରେ ମୁଖ୍ୟ ବିଚାରପତି ମହାନଦୀରେ ମହାଆଳତି କରିଥିଲେ।



ପଲ୍ଲିଶ୍ରୀ ମେଳାର ଏକ ଷ୍ଟଲ୍‌ରେ ହସ୍ତତନ୍ତରେ ଲୁଗା ବୁଣୁଛନ୍ତି କଟକ ବଡ଼ମ୍ବାରୁ ଆସିଥିବା ଜଣେ ମହିଳା।

### ଓର୍‌ମାସ୍ ପକ୍ଷରୁ ଖୋଲିଛି ୪୧୦ ଷ୍ଟଲ

ଦ୍ୱିତୀୟ ଦିନରେ ବାଲିଯାତ୍ରାରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଲୋକେ ସକାଳେ ପଥ ଉତ୍ସବ ଦେଖିଥିବାବେଳେ ସନ୍ଧ୍ୟାରେ ବାଲିଯାତ୍ରାରେ ବିଭିନ୍ନ ଷ୍ଟଲ୍ ବୁଲି ମଜା ନେଇଛନ୍ତି। ବାଲିଯାତ୍ରା ପଡ଼ିଆରେ ଓରମାସ ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ୍ ପଡ଼ିଛି। ଏଥିରେ ରାଜ୍ୟ ତଥା ଦେଶରୁ ବିଭିନ୍ନ ବ୍ୟବସାୟୀ ପସରା ମେଲାଇଛନ୍ତି। ଓରମାସ୍ ଏକ୍‌ଜିକ୍ୟୁଟିଭ ଅଫିସର ଶ୍ରୀକାନ୍ତ ପରିଜା କହିଛନ୍ତି, ଓରମାସ୍ ପକ୍ଷରୁ ଦୁଇଟି ସ୍ଥାନରେ ୪୧୦ଟି ଷ୍ଟଲ୍ ଖୋଲିଛି। ପଲିଥିନମୁକ୍ତ ପାଇଁ ପଦକ୍ଷେପ ନିଆଯିବା ସହ ମାଟିପାତ୍ରରେ ଚା ପିଇବାଠୁ ଆରମ୍ଭ କରି ଖାଇବା ପିଇବା ବ୍ୟବସ୍ଥା କରାଯାଇଛି। ଜମ୍ମୁ-କଶ୍ମୀର, ୟୁପି, ମହାରାଷ୍ଟ୍ର, ବିହାର, ହିମାଚଳପ୍ରଦେଶ, ରାଜସ୍ଥାନ ଆଦି ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀ ଆସିଛନ୍ତି। ତେଣୁ ଗତ ବର୍ଷଠାରୁ ଏଥର ଭଲ ବ୍ୟବସାୟ ହେବ ବୋଲି ଆଶା ରଖିଛୁ।



ଜୀବନ ବିନ୍ଦୁ ଷ୍ଟଲକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

### ଜୀବନ ବିନ୍ଦୁ ଷ୍ଟଲରେ ରକ୍ତଦାନ ସଚେତନତା

ରକ୍ତଦାନ କରି ଜୀବନ ବଞ୍ଚାଇବା ନିମନ୍ତେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜୀବନ ବିନ୍ଦୁ ଷ୍ଟଲ ଖୋଲାଯାଇଛି। ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ଏମ୍‌ପି ଭର୍ତ୍ତୃହରି ମହତାବ ଏହାକୁ ଉଦ୍‌ଘାଟନ କରିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଯୁବ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ବିଜୟ ନାୟକ, ଜୀବନ ବିନ୍ଦୁ କଟକ ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଭାରତ ମସଲାର କର୍ପୋରେଟ ଷ୍ଟଲ

**ଭୁବନେଶ୍ୱର, ୧୩-୧୧(ବ୍ୟୁରୋ)**

ଭାରତ ମସଲା ପକ୍ଷରୁ ବାଲିଯାତ୍ରାରେ ଏକ କର୍ପୋରେଟ ଷ୍ଟଲ ସ୍ଥାପନ କରାଯାଇଛି। ପ୍ରଥମ ଥର ଲାଗି ଏଭଳି ଏକ ଆକର୍ଷଣୀୟ ଷ୍ଟଲ କମ୍ପାନୀ ପକ୍ଷରୁ ସ୍ଥାପନ କରାଯାଇଥିବା ବେଳେ ଏହାକୁ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଉଦ୍‌ଘାଟନ କରିଥିଲେ। ଗ୍ରାହକଙ୍କ ଚାହିଦା ଏବଂ ଭଲପାଇବାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କମ୍ପାନୀର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ମେଳାରେ ଭାରତ ମସଲାର ବ୍ୟବସାୟିକ ଷ୍ଟଲଗୁଡିକରେ ଗ୍ରାହକମାନେ ପ୍ରଡକ୍ଟ କ୍ରୟ କ୍ଷେତ୍ରରେ ରିହାତି ଲାଭ କରିପାରିବେ ବୋଲି ପଣ୍ଡା ସୂଚନା ଦେଇଛନ୍ତି। ଏହି ଅବସରରେ କମ୍ପାନୀର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଉପଦେଷ୍ଟା ପ୍ରଫୁଲ୍ଲ ସିଂ, ମହାପ୍ରବନ୍ଧକ ଅରୁଣ ନାୟକ ଏବଂ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଆୟୁର୍ବେଦର ସୁବର୍ଣ୍ଣ ଯୁଗ ଆସୁଛି

ବ୍ରହ୍ମପୁର ନିକଟ ଆଙ୍କୁଶପୁର କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟର ଶିଶୁରୋଗ ବିଶେଷଜ୍ଞ ତଥା ଅଧ୍ୟାପକ ଡା. ବିମଳ କୁମାର ପଣ୍ଡାଙ୍କ ଇଚ୍ଛାଶକ୍ତି ତାଙ୍କ ପାଇଁ ଆଣିଦେଇଛି ସଫଳତା। ରୋଗ ପ୍ରତିରୋଧକ ଶକ୍ତି, ମେଧାଶକ୍ତି ଓ ସ୍ମରଣ ଶକ୍ତି ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପ ଜରିଆରେ ଶିଶୁମାନଙ୍କୁ ମାଗଣାରେ ସ୍ୱର୍ଣ୍ଣପ୍ରାସନ ଔଷଧ ମଧ୍ୟ ପ୍ରଦାନ କରୁଛନ୍ତି ସେ। ବାଲେଶ୍ୱର ଗଗନଧୂଳି ଗ୍ରାମରେ ଜନ୍ମିତ ତଥା ଚିକିତ୍ସା କ୍ଷେତ୍ରରେ କିଛି ନୂତନତ୍ୱ ଆଣିବାରେ ସଦାବ୍ୟସ୍ତ ଡା.ପଣ୍ଡାଙ୍କ ସହ ଧରିତ୍ରୀର ଅନ୍ତରଙ୍ଗ ଆଳାପ।



ଡା. ବିମଳ କୁମାର ପଣ୍ଡା

**ଧରିତ୍ରୀ ଆଳାପ**

**ଆୟୁର୍ବେଦ ଚିକିତ୍ସାରେ କ୍ୟାରିୟର କରିବାକୁ କାହିଁକି ମନ ବଳାଇଲେ ?**

▶ ଆୟୁର୍ବେଦ ଚିକିତ୍ସାରେ ଅଧ୍ୟୟନ ଓ କ୍ୟାରିୟର କରିବାକୁ କେବେ ବି ଚିନ୍ତା କରି ନ ଥିଲି। ଭଦ୍ରକ କଲେଜରେ ପଢୁଥିବା ବେଳେ କଲେଜ ପକ୍ଷରୁ କେରଳର କୋଚିରେ ଚାଲିଥିବା ଅଲ୍‌ଇଣ୍ଡିଆ ଏନ୍‌ସିସି କ୍ୟାମ୍ପ୍‌କୁ ଭାଗନେବାକୁ ଯାଇଥାଏ। ସେତେବେଳେ ବଡ଼ଭାଇ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ନାମଲେଖାଇବାକୁ ଫର୍ମ ଦାଖଲ କରିଦେଇଥିଲେ ଓ ସେହି କଲେଜରେ ମୋତେ ସିଟ୍ ମଧ୍ୟ ମିଳିଗଲା। କ୍ୟାମ୍ପରୁ ଫେରିବା ପରେ ଆୟୁର୍ବେଦର ବିଏମ୍‌ଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲି। ପ୍ରଥମ ବର୍ଷରେ ହିଁ କ୍ଲାସ୍‌ରେ ସର୍ବୋଚ୍ଚ ନମ୍ବର ରଖିଥିଲି। ପରବର୍ତ୍ତୀ ସମୟରେ ଆୟୁର୍ବେଦ ଉପରେ ବ୍ରତୀ ହେବା ସହ ଗବେଷଣା କରିବାକୁ ମନସ୍ଥ କଲି।

**ଆୟୁର୍ବେଦ ଚିକିତ୍ସାରେ କ୍ୟାରିୟର ପାଇଁ କାହାଠାରୁ ପ୍ରେରଣା ପାଇଛନ୍ତି ?**

▶ ନିଜର ପରିବାରଠାରୁ ଆୟୁର୍ବେଦ ଚିକିତ୍ସକ ହେବା ପାଇଁ ପ୍ରେରଣା ପାଇଛି। ମାଆ ତୁଳସୀମଣି ଓ ବାପା ପର୍ଶୁରାମ ପଣ୍ଡା ଆୟୁର୍ବେଦ ଚିକିତ୍ସକ ହେବାକୁ ପ୍ରତି ମୁହୂର୍ତ୍ତରେ ମୋତେ ପ୍ରେରଣା ଯୋଗାଇଆସିଛନ୍ତି।

**ଶିଶୁରୋଗ ଉପରେ ଗବେଷଣା ଓ ଚିକିତ୍ସକ ହେବାକୁ କାହିଁକି ଇଚ୍ଛା କଲେ ?**

▶ ସେହିସମୟରେ କଲେଜର ଟପ୍ପର ଛାତ୍ରୀଛାତ୍ରମାନେ ଶିଶୁରୋଗ ବିଭାଗରେ ହିଁ ଗବେଷଣା ଓ ଚିକିତ୍ସକ ହେବାକୁ ଇଚ୍ଛା ପ୍ରକାଶ କରୁଥିଲେ। ଯେହେତୁ କ୍ଲାସ୍‌ରେ ସର୍ବଦା ଟପ୍ପର ହେଉଥିଲି, ସେଥିପାଇଁ ଶିଶୁରୋଗ ଗବେଷକ ଓ ଚିକିତ୍ସକ ହେବାକୁ ନିଷ୍ପତ୍ତି ନେଇଥିଲି।

**ଜଣେ ସଫଳ ଆୟୁର୍ବେଦ ଶିଶୁରୋଗ ବିଶେଷଜ୍ଞ ଓ ଚିକିତ୍ସକ ଭାବେ ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ତେବେ ସଫଳତା ଓ ଅନୁଭୂତି ତଥା ଅଭିଜ୍ଞତା ସମ୍ପର୍କରେ କ'ଣ କହିବେ ?**

▶ ଜଣେ ସଫଳ ଚିକିତ୍ସକ ହେବାକୁ ହେଲେ ନିଜସ୍ୱ ଜ୍ଞାନ ସହ ଇଚ୍ଛାଶକ୍ତି ଓ ସାଧନାର ଆବଶ୍ୟକତା ରହିଛି। ଆୟୁର୍ବେଦରେ ଅଧ୍ୟୟନ ଆରମ୍ଭରୁ ସର୍ବଦା ସାଧନା, ଗବେଷଣାରେ ରତି ରହିଛି। ଶିଶୁରୋଗ ଉପରେ ନୂତନ ଆୟୁର୍ବେଦ ଚିକିତ୍ସା ଓ ଔଷଧ ଆବିଷ୍କାରକୁ ନେଇ ଗବେଷଣା କରିଆସିଛି। କିଛି ନୂଆ ଶିଖିବା, ନୂଆ କରିବାର ଚେଷ୍ଟା ଓ ସାଧନା ଫଳରେ ବର୍ତ୍ତମାନ ଶିଶୁରୋଗ ମଧ୍ୟରେ ଜନ୍ମରୁ ୧୬ ବର୍ଷର ଶିଶୁଙ୍କ ମଧ୍ୟରେ ଦେଖାଦେଉଥିବା ସିକିଲ ସେଲ୍ ଏନିମିଆ, କୁପୋଷଣ, ଅପସ୍ମାର ଭଳି ରୋଗର ସ୍ୱତନ୍ତ୍ର ଚିକିତ୍ସା ପ୍ରଦାନ କରିବାରେ ସଫଳ ହୋଇପାରୁଛି। ଏଥିସହ ଆୟୁର୍ବେଦ ଚିକିତ୍ସା ଦ୍ୱାରା ଶିଶୁରୋଗ ବ୍ୟତୀତ ବାତ, ଚର୍ମରୋଗର ମଧ୍ୟ ସଫଳ ଚିକିତ୍ସା ପ୍ରଦାନ କରିପାରୁଛି।

**ଆୟୁର୍ବେଦ ମାଧ୍ୟମରେ ଶିଶୁରୋଗର ସମ୍ପୂର୍ଣ୍ଣ ଉପଶମ ସମ୍ଭବ କି ?**

▶ ନିଶ୍ଚୟ ସମ୍ଭବ। ଶିଶୁର ରୋଗ ଆରମ୍ଭରୁ ଆୟୁର୍ବେଦର ନିୟମିତ ଚକିତ୍ସା ପ୍ରଦାନ କଲେ ସିକିଲ ସେଲ୍ ଏନିମିଆ, କୁପୋଷଣ, ଅପସ୍ମାର ଭଳି ଶିଶୁ ରୋଗର ଉପଶମ ସମ୍ଭବ ହୋଇପାରୁଛି। ଯଦି ଗବେଷଣା ଦ୍ୱାରା ଆୟୁର୍ବେଦର ବିଭିନ୍ନ ଚିକିତ୍ସା ପଦ୍ଧତିକୁ ଲୋକଲୋଚନକୁ ଅଣାଯାଇ ପାରିବ ତେବେ ଏହା ଦ୍ୱାରା ଅନେକ ରୋଗର ସମାଧାନ ସମ୍ଭବ ହୋଇପାରିବ।

**ଆଗାମୀ ଦିନର ଲକ୍ଷ୍ୟ କ'ଣ?**

▶ ସରକାରୀ ଚାକିରିରୁ ଅବସର ପରେ ଆୟୁର୍ବେଦର ନିଜସ୍ୱ ଗବେଷଣା ପ୍ରତିଷ୍ଠାନ କରିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ରତିଷ୍ଠାନ ଦ୍ୱାରା ନୂତନ ଆର୍ୟୁବେଦ ଚିକିତ୍ସକ, ଗବେଷକ ସୃଷ୍ଟି କରାଯାଇପାରିବ। ଏହା ଆୟୁର୍ବେଦର ପ୍ରଚାର, ପ୍ରସାର ଓ ବିକାଶରେ ମଧ୍ୟ ଯଥେଷ୍ଟ ସହାୟକ ହେବ।

**ଆୟୁର୍ବେଦ ଚିକିତ୍ସାର ବିକାଶ ଓ କ୍ୟାରିୟର ଗଠନ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ କ'ଣ କହିବେ ?**

▶ ବର୍ତ୍ତମାନ ଆୟୁର୍ବେଦର ସୁବର୍ଣ୍ଣ ଯୁଗ ଆସୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆୟୁର୍ବେଦ ଓ ଯୋଗର ଅନ୍ତର୍ଜାତୀୟସ୍ତରରେ ଆଦର ବଢିଛି। ଗବେଷଣା କ୍ଷେତ୍ରରେ ବିକାଶ ପାଇଁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ଯୋଜନା ହେଉଛି। ଏଥିପାଇଁ ବର୍ତ୍ତମାନ ଅଧ୍ୟୟନରତ ତଥା ଆୟୁର୍ବେଦ ଚିକିତ୍ସକ ଭାବେ କ୍ୟାରିୟର ଗଢିବାକୁ ଚାହୁଁଥିବା ଛାତ୍ରୀଛାତ୍ରମାନେ ଏହାର ମୂଳତତ୍ତ୍ୱକୁ ଜାଣିବା ଆବଶ୍ୟକ। ଆଧୁନିକ ଜ୍ଞାନକୌଶଳ ସହ ଆୟୁର୍ବେଦ ଚିକିତ୍ସା ଉପରେ ଗବେଷଣା କରିବା ଆବଶ୍ୟକ।

– ଦୀପକ କୁମାର ପଣ୍ଡା

# ବରଯାତ୍ରୀରେ ବୁଢ଼ୀ ମାଉସୀଙ୍କଠୁ ମାଡ଼ ଖାଇଥିଲି

**ଓଡ଼ିଆ ଟେଲିଭିଜନ ଦୁନିଆରେ ସୁଜିତ ପାଇକରାୟ ନାୟକ କମ୍, ଖଳନାୟକ ଭୂମିକାରେ ବେଶି ଦେଖିବାକୁ ମିଳନ୍ତି। ଭୁବନେଶ୍ୱରରେ ଜନ୍ମିତ ଏହି ଅଭିନେତା ନିଜର ବଳିଷ୍ଠ ଅଭିନୟ ମାଧ୍ୟମରେ ଓଡ଼ିଆ ଦର୍ଶକଙ୍କ ମହଲରେ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ପରିଚୟ। ସୁମିତ୍ରା ଓ ସୂର୍ଯ୍ୟକାନ୍ତ ପାଇକରାୟଙ୍କ ପୁଅ ସୁଜିତଙ୍କ ଅନୁଭୂତିରୁ କିଛି..**



ସୁଜିତ ପାଇକରାୟ

**ମୋ ଅନୁଭୂତି**

ପରଦାରେ ଖଳନାୟକ ଭାବେ ମୋତେ ଅନେକ ଲୋକ ଦେଖିଛନ୍ତି। କିଛି ବର୍ଷ ତଳର ଘଟଣା। ନେଇ ଯାରେ ମେଘ ମୋତେ ସିରିଏଲରେ ମୁଁ ମହ୍ଲାର ପଟ୍ଟନାୟକ ଭୂମିକାରେ ଅଭିନୟ କରୁଥିଲି। ସିରିଏଲ ଟେଲିକାଷ୍ଟ ହେବା ସମୟର ଘଟଣା। ମୁଁ ଏକ ବରଯାତ୍ରୀରେ ଯାଇଥାଏ। ବର ଗାଡ଼ି କନ୍ୟାଘର ପାଖେ ପହଞ୍ଚିଲା। ବର ଗାଡ଼ିରୁ ଓହ୍ଲାଇ ଭିତରକୁ ଯାଇ ସାରିଥାଏ। ସେଠାରେ ଉପସ୍ଥିତ ସମସ୍ତ ଲୋକ ମୋତେ ବଲବଲ କରି ଅନାଉଥାନ୍ତି। ମୁଁ ଭାବୁଥାଏ ବୋଧହୁଏ ମୋତେ ସିରିଏଲରୁ ଚିହ୍ନି ଏମିତି ପ୍ରତିକ୍ରିୟା ଦେଉଛନ୍ତି। ହଠାତ୍ ଭିଡ଼ ଭିତରୁ ଜଣେ ବୁଢ଼ୀ ଲୋକ ପାଖକୁ ଆସିଲେ ଆଉ ମୋ କାନ ମୋଡ଼ି ଗୋଟେ ଥାପଡ଼ ଲଗାଇଲେ। 'ତୁ ସେ ସନ୍ଧ୍ୟା(ସିରିଏଲରେ ହିରୋଇନର ନାଁ)କୁ କାହିଁକି ହଇରାଣ କରୁଛୁ। ସେ ପ୍ରତ୍ୟୁଷ(ସିରିଏଲରେ ହିରୋର ନାଁ) ପାଖରେ ରହୁ। ତୋର କ'ଣ ଅସୁବିଧା ହଉଛି'। ବୁଢ଼ୀ ମାଉସୀ ଜଣକ ଏପରି କଥା ମୋତେ କହି ଚାଲିଗଲେ। ଅନ୍ୟକିଛି ଲୋକ ଆସି ମୋତେ ବୁଝାଶୁଝା କରୁଥାନ୍ତି। ହେଲେ ମୋ ଭିତରୁ ଗୋଟେ ଅନ୍ୟପ୍ରକାର ଖୁସି ଅନୁଭବ ହେଉଥାଏ। ଏତେ ଲୋକଙ୍କ ସାମ୍ନାରେ ମାଡ଼ ଖାଇଲି, ତାହା ଖରାପ ଲାଗୁ ନ ଥାଏ। ଯାହାହେଉ ମୋ ଅଭିନୟକୁ ଲୋକେ ପସନ୍ଦ କରୁଛନ୍ତି, ଏପରି ମିଠା ଅନୁଭବ ହେଉଥାଏ। ଆଉ ଏକ ଅନୁଭୂତି ସମ୍ପର୍କରେ ସୁଜିତ କୁହନ୍ତି, ନିର୍ବାଚନ କ୍ୟାମ୍ପେନିଂରେ ବାଲେଶ୍ୱର ଯାଇଥାଏ। ସେଠାରେ ଭିଡ଼ ଏତେ ଥିଲା ଯେ, ମୋତେ କିଛିସମୟ ପର୍ଯ୍ୟନ୍ତ ଆଦୌ ଭଲ ଲାଗିଲାନି। ଗାଡ଼ି ଗଡ଼ିବାର ପ୍ରଶ୍ନ ଉଠୁ ନ ଥାଏ। ମୁଁ ଚୁପ କରି ଏକ ଖୋଲା ଜିପ୍‌ରେ ବସିଥାଏ। କିଛି କଲେଜ ପଢୁଆ ପିଲା ମୋ ପାଖକୁ ଆସିଲେ। ହେଲେ ମୁଁ ଖରାପ ଭାବିବି ବୋଲି ଭାବି ମୋଠାରୁ ଅଳ୍ପ ଦୂରରେ ଛିଡ଼ା ହେଲେ। ମୋ ସହ କଥା ହେବାକୁ ନିଜନିଜ ଭିତରେ ଠେଲାପେଲା ହେଉଥାନ୍ତି। ଖଳନାୟକ ଭୂମିକାରେ ଦେଖିଦେଖି ସେମାନଙ୍କ ମନରେ ବି ଏପରି ଭାବନା ଥାଏ। କିଛିସମୟ ପରେ ସେମାନଙ୍କୁ ପାଖକୁ ଡାକିଥିଲି ଆଉ ସେଲ୍‌ଫି ମଧ୍ୟ ଉଠାଇଥିଲି।

– କୁମାରଶ୍ରୀ ସାହୁ

# ଚିକେନ୍ ଦମ୍ ବିରିଆନି

**ଖାଦ୍ୟ ରୁଚି**



ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ସହରଟି ବିଦ୍ୟାନଗରୀ ଭାବେ ପରିଚିତ। ଏହି ବିଦ୍ୟାନଗରୀରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ସୁଇଟ୍, ବୀରସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ କଲେଜ ଓ ଡାକ୍ତରଖାନା ପ୍ରଭୃତି ରହିଛି। ଏହି ଶିକ୍ଷାନୁଷ୍ଠାନଗୁଡିକରେ ରାଜ୍ୟ ତଥା ରାଜ୍ୟବାହାରୁ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିବାକୁ ଆସିଥାନ୍ତି। ଛାତ୍ରୀଛାତ୍ରଙ୍କ ମନମୁତାବକ ଖାଦ୍ୟ ପ୍ରସ୍ତୁତ କରିବାକୁ ରେଷ୍ଟୁରାଣ୍ଟଗୁଡିକ ଗୁରୁତ୍ୱ ଦେଇଆସନ୍ତି। ଏହି କ୍ରମରେ ବୁର୍ଲା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ରୋଡ୍ ନିକଟରେ ରହିଛି ରେଷ୍ଟୁରାଣ୍ଟ ଫୁଡି-୧୫। ଏହି ରେଷ୍ଟୁରାଣ୍ଟର ସ୍ୱତନ୍ତ୍ର ଡିସ୍ ଭାବେ ଦମ୍‌ବିରିଆନି ଗ୍ରାହକଙ୍କୁ ଆକୃଷ୍ଟ କରିଛି। ରେଷ୍ଟୁରାଣ୍ଟ ସ୍ୱତ୍ୱାଧିକାରୀ ସୁଷମାରାଣୀ ହୋତା ଓ ମୁଖ୍ୟ ସେଫ୍ ଅର୍ଜୁନ ପାତ୍ର ଦମ୍ ବିରିଆନି ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ଶେଫ୍ ଅର୍ଜୁନ କହିଥିଲେ ଯେ, ସମସ୍ତଙ୍କୁ ଭଲ ଲାଗିବା ଭଳି ଦମ୍ ବିରିଆନି ଆମେ ପ୍ରସ୍ତୁତ କରୁଛୁ। ଏହାର ମୂଲ୍ୟ ୧୫୦ ଟଙ୍କା ରହିଛି। ଜଣେ ଗ୍ରାହକ ଏହାକୁ ମେନ୍ କୋର୍ସରେ ଖାଇ ପାରିବେ।

## ଆବଶ୍ୟକ ସାମଗ୍ରୀ

ଚିକେନ: ୧ କେଜି
ପିଆଜ: ୮ଟି
କାଜୁ: ୧୨ଟି
ଦହି: ଏକ୍ କପ୍
ରସୁଣ ପେଷ୍ଟ: ୨ ଚାମଚ୍
ବାସ୍‌ମତୀ ଚାଉଳ: ୫୦୦ ଗ୍ରାମ
ତେଲ: ୪ ଚାମଚ୍
ଲବଙ୍ଗ: ୭ଟି
ଡାଲଚିନି: ୨ ଖଣ୍ଡ
ଇଲାଚି: ୫ଟି
ଧନିଆ ଗୁଣ୍ଡ: ୧ ଚାମଚ୍
ଲଙ୍କା ଗୁଣ୍ଡ: ୧ ଚାମଚ୍
ହଳଦୀ ଗୁଣ୍ଡ: ୧ ଚାମଚ୍
କଞ୍ଚାଲଙ୍କା: ୪ଟି
ଅଦା ପେଷ୍ଟ: ୧ ଚାମଚ୍
କେଶର: ୧ ଚାମଚ୍
ଦେଶୀ ଘିଅ: ୪ ଚାମଚ୍
ଧନିଆ ପତ୍ର: ୧ କପ୍
ପୁଦିନା ପତ୍ର: ୧ କପ୍
ଲୁଣ: ସ୍ୱାଦ ଅନୁସାରେ
ତେଜପତ୍ର: ୬ଟି
ଜିରା: ୩ ଚାମଚ୍



ଶେଫ୍ ଅର୍ଜୁନ

ପ୍ରସ୍ତୁତି ବି. ଶଙ୍କର

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନକୁ ସଫାକରି ସ୍ୱଚ୍ଛ ପାତ୍ରରେ ରଖନ୍ତୁ। ଦହି, ଅଦା ଓ ରସୁଣ ପେଷ୍ଟ, କଞ୍ଚାଲଙ୍କା, ଧନିଆ ଓ ପୁଦିନା ପତ୍ର, ଲେମ୍ବୁ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଚିକେନ ମସଲା, କଶ୍ମୀରୀ ଚିଲି, ଚିକେନ କିମ୍ ଓ ଗରମ ମସଲାକୁ ଚିକେନ ସହ ମିଶ୍ରଣ କରନ୍ତୁ। ଏହାପରେ ହାଲୁକା ଗରମ ପାଣିରେ ଡାଲଚିନି, ବଡ ଓ ଛୋଟ ଇଲାଚି, ଜାଇତ୍ରି, ତେଜପତ୍ର, ସାଇଜିରା ପକାନ୍ତୁ। ଗରମ ପାଣି ଫୁଟିବା ପରେ ଚାଉଳ ଦିଅନ୍ତୁ। ଚାଉଳ ୭୦ ପ୍ରତିଶତ ଭାତ ହେବାପରେ ପୂର୍ବରୁ ହାଣ୍ଡିରେ ପ୍ରସ୍ତୁତ ହୋଇଥିବା ମ୍ୟାରିନେଟ୍ ଚିକେନ ଉପରେ ପକାନ୍ତୁ। ହାଣ୍ଡି ଉପର ଭାଗ ଚତୁଃପାର୍ଶ୍ୱରେ ଅଟା ଲେପନ କରି ପାତ୍ର ଘୋଡାଇ ଦିଅନ୍ତୁ। ଜଳୁଥିବା ଅଳ୍ପ ନିଆଁରେ ଥିବା ତାୱା ଉପରେ ହାଣ୍ଡିକୁ ବସାଇବାର ୧୦ ରୁ ୧୫ ମିନିଟ ପରେ ଦମ୍ ବିରିଆନି ପ୍ରସ୍ତୁତ ହୋଇଯାଏ। ଏହି ଦମ୍ ବିରିଆନି ଉପରେ ଗୋଲାପ ଜଳ, ଅଳ୍ପ ଘିଅ, କେଉଡା ୱାଟର୍ ଦେଇ ସୁସଜ୍ଜିତ ପ୍ଲେଟରେ ଗ୍ରାହକଙ୍କୁ ପରଷା ଯାଇଥାଏ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ରଶ୍ମିରଞ୍ଜନ



ପଞ୍ଚାନନ



ଲୋପାମୁଦ୍ରା



ହୃଷୀକେଶ



ଗୋପବନ୍ଧୁ



ଟୁନା



ରିତେଶ



ସାନୁ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ, ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇ ଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ ନୁହେଁ।

-ଶିରିଡ଼ି ସାଇବାବା



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ସୁରଭି ଉପଲକ୍ଷେ ସାଇକେଲ ରାଲି, ୟୁନିଟ୍ ୯ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସକାଳ ୬ଟା ୩୦, ଉଦ୍‌ଘାଟନୀ ଉତ୍ସବ ସନ୍ଧ୍ୟା ୫ଟା।
- ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ପକ୍ଷରୁ ୬୬ତମ ଏଆଇସି ସପ୍ତାହ, ୟୁନିଟ୍ ୯, ସମବାୟ ଭବନ, ସକାଳ ୭ଟା ୩୦।
- ମହର୍ଷି ପବ୍ଲିକ ସ୍କୁଲ ପକ୍ଷରୁ ଶିଶୁ ଦିବସ, ଆଇଆର୍‌ସି ଭିଲେଜ, ସକାଳ ୯ଟା ୩୦।
- କୃଷି ଓ ଖାଦ୍ୟ ଉତ୍ପାଦନ ନିଗମ ପକ୍ଷରୁ ମାଇକ୍ରୋ ଇରିଗେଶନ ଉପରେ ଜାତୀୟ ସମ୍ମିଳନୀ, ହୋଟେଲ ମେ' ଫେୟାର କନ୍‌ଭେନଶନ୍ ହଲ୍, ସମୟ ପୂର୍ବାହ୍ନ ୧୦ଟା।
- କସ୍ତୁରବା ନାରୀମହଲ ପକ୍ଷରୁ ଶିଶୁ ଦିବସ, ୟୁନିଟ୍ ୧, ଅପରାହ୍ନ ୩ଟା।
- ନେହେରୁ ଯୁବ ପ୍ରତିଷ୍ଠାନ ପକ୍ଷରୁ ଜାତୀୟ ସଂହତି ମହୋତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଆଇଏସ୍‌ଡି ପକ୍ଷରୁ ପୁସ୍ତକ ଉନ୍ମୋଚନ ଉତ୍ସବ, ଇଉ୍‌କଲ୍ ଅଡିଟୋରିୟମ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଓଡ଼ିଶୀ ରାଗ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଅନ୍ତର୍ଜାତୀୟ ଶିଶୁ ଏବଂ ଯୁବ ମହୋତ୍ସବ ଅଞ୍ଜଳି ପକ୍ଷରୁ ସଙ୍ଗୀତ ଏବଂ ନୃତ୍ୟ ସନ୍ଧ୍ୟା, ରେଲ୍‌ୱେ ଅଡିଟୋରିୟମ, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୭ଟା।
- ସେବା ପ୍ରତିନିଧି ପକ୍ଷରୁ ଶିଶୁମାନଙ୍କୁ ମହାପୁରୁଷଙ୍କ ବହିଖାତା ବଣ୍ଟନ, ଗୋଖିବାବା ଆଶ୍ରମ, ସନ୍ଧ୍ୟା ୭ଟା।

- **ବାଲିଅନ୍ତା**
- ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନୀ ଉତ୍ସବ, ବେଣୁପୁର ବିଦ୍ୟାଳୟ ପରିସର, ପୂର୍ବାହ୍ନ ୯ଟା।
- ଶିଶୁ ମହୋତ୍ସବ 'ଶେଫାଳି', ନହରକଣ୍ଟା ସରସ୍ୱତୀ ଶିକ୍ଷାମନ୍ଦିର, ପୂର୍ବାହ୍ନ ୧୦ଟା ୩୦।
- ଶିଶୁ ଦିବସ, ନହରକଣ୍ଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୂର୍ବାହ୍ନ ୧୦ଟା ୩୦।
- ଶିଶୁ ଦିବସ, ମା' ଜାଗୁଲାଇ ସରସ୍ୱତୀ ଶିଶୁମନ୍ଦିର, ଅଲାରପୁର, ପୂର୍ବାହ୍ନ ୧୦ଟା ୩୦।
- ନାଟକ ପରିବେଷଣ, ହଂସପାଳ ଛକ, ରାତି ୧୧ଟା ୩୦।

## ଗାଡ଼ି ଧକ୍କାରେ ଜଣେ ମୃତ

**ନରାଜ,୧୩।୧୧(ଡି.ଏନ୍.ଏ):** ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ଛକରେ ବୁଧବାର ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଗ୍ରାମର ମୁରଲୀ ପାଳ। ସୂଚନା ଅନୁଯାୟୀ, ମୁରଲୀ ମଙ୍ଗଳବାର ରାତି ପ୍ରାୟ ୧୧ଟା ରେ ତ୍ରିଶୁଳିଆ ଗୋଲେଇ ଛକ ଅତିକ୍ରମ କରି ଘର ଅଭିମୁଖେ ଯାଉଥିଲେ। ଏହି ସମୟରେ କଟକ ସୁବାସ ସେତୁ ପଟୁ ଆସୁଥିବା ଏକ ହାଇୱା ତାଙ୍କୁ ଧକ୍କା ଦେବା ସହ କିଛିବାଟ ଘୋସାରି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇବା ଗାଡି ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଗୋଡ଼ିସାହି ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ମଲ୍ଲିକ, ଏସିପି ଏସ୍.ଆର. ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡମେଡିକାଲକୁ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୯୪/୧୯)ରୁଜୁ ହୋଇଛି।

## ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ପି.ଏନ୍. କଲେଜ ପରିଦର୍ଶନ

ଖୋର୍ଦ୍ଧା ଅଫିସ,୧୩।୧୧:
ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ବୁଧବାର ଖୋର୍ଦ୍ଧାସ୍ଥିତ ପି.ଏନ. କଲେଜକୁ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ମନ୍ତ୍ରୀ ବିଭିନ୍ନ ଶ୍ରେଣୀଗୃହ ବୁଲି ଦେଖିବା ସହ ଅଧାପକମାନଙ୍କର ଉପସ୍ଥାନ ଯାଞ୍ଚ କରିଥିଲେ। ପରେ ଅଧାପକମାନଙ୍କ ସହ ବୈଠକ କରି ମନ୍ତ୍ରୀ ମହାବିଦ୍ୟାଳୟର ପ୍ରୋକ୍ଟୋରିୟାଲ୍ କ୍ଲାସ, ଶିକ୍ଷାଦାନ, ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବିଷୟରେ ପଚାରି ବୁଝିଥିଲେ। ବିଦ୍ୟାର୍ଥୀମାନଙ୍କ ସହ ସେମାନଙ୍କର ପାଠପଢ଼ାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ।

# ଗଙ୍ଗୁଆ ପାଇଁ ହେବ ଆନ୍ଦୋଳନ

**ବିଡିଏକୁ ସ୍ମାରକପତ୍ର ଦେଲା ଗଙ୍ଗୁଆ ବଞ୍ଚାଅ ଆନ୍ଦୋଳନ ସଙ୍ଗଠନ**



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ଦିନେ ଭୁବନେଶ୍ୱର ଓ ଉପକଣ୍ଠ ଅଞ୍ଚଳବାସୀଙ୍କ ଜୀବନରେଖା ଥିବା ଐତିହ୍ୟ ନଦୀ ଗନ୍ଧବତୀ ଏବେ ଗଙ୍ଗୁଆ ନାଳରେ ପରିବର୍ତ୍ତନ ହୋଇଛି। ସହରର ଆବର୍ଜନା ଓ ମଳ ଗଙ୍ଗୁଆକୁ ଛଡ଼ାଯାଉଥିବାରୁ ଏହା ପୂରା ଦୁର୍ଗନ୍ଧମୟ ହୋଇପଡିଛି। ଜବରଦଖଲ ଯୋଗୁ କେଉଁଠି ସଙ୍କୁଚିତ ହୋଇପଡିଛି ତ ଆଉ କେଉଁଠି ସତ୍ତା ହରାଇଛି। ଗଙ୍ଗୁଆର ପୁନରୁଦ୍ଧାର ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ମଧ୍ୟ ସେପରି କିଛି ଠୋସ୍ ପଦକ୍ଷେପ ନିଆଯାଉନି। ତେଣୁ ଆଗାମୀ ଦିନରେ ସ୍ମାର୍ଟସିଟି ଭୁବନେଶ୍ୱର ପାଇଁ ଗଙ୍ଗୁଆ ନାଳ ସବୁଠୁ ବଡ଼ ସମସ୍ୟା ପାଲଟିବ ବୋଲି ଗଙ୍ଗୁଆ ବଞ୍ଚାଅ ଆନ୍ଦୋଳନ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀଙ୍କ ଉଦ୍ଦେଶ୍ୟରେ ବୁଧବାର ସଚିବ ରବୀନ୍ଦ୍ର ମିଶ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗଙ୍ଗୁଆ ସ୍ଥିତିକୁ ସୁଧାରିବା ପାଇଁ ଉଚିତ ପଦକ୍ଷେପ ନିଆ ନ ଗଲେ ସଙ୍ଗଠନ ପକ୍ଷରୁ ବଡ଼ଧରଣର ଆନ୍ଦୋଳନାତ୍ମକ ପନ୍ଥା ଆପଣାଯିବ ବୋଲି ଚେତାବନୀ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଡ୍ରେନ୍‌ଗୁଡ଼ିକ ଗଙ୍ଗୁଆ ସହିତ ଯୋଡ଼ାଯାଇଛି। ସହରର ବଡ଼ ବଡ଼ ଆପାର୍ଟମେଣ୍ଟ ଓ କଲୋନୀର ବାହାରୁ ବାହାରୁଥିବା ଆବର୍ଜନା ପାଣି ଡ୍ରେନ୍ ଦେଇ ସିଧାସଳଖ ଗଙ୍ଗୁଆରେ ମିଶୁଛି। ସେହିପରି ଡ୍ରେନ୍ ଓ ଗଙ୍ଗୁଆ ପାର୍ଶ୍ୱରେ ଗଢ଼ି ଉଠୁଥିବା ଘରର ମଇଳା ପାଣି ସିଧାସଳଖ ଛଡ଼ାଯାଉଛି। ଏହାଦ୍ୱାରା ଗଙ୍ଗୁଆ ପ୍ରଦୂଷିତ ହେବା ସହ ଏହାର ଆର୍ବଜନା ଜଳ ଦୟା ନଦୀ ଦେଇ ୩୪କିମି ଦୂରରେ ଥିବା ପର୍ଯ୍ୟଟନ କ୍ଷେତ୍ର ଚିଲିକାରେ ମିଶୁଛି। ଏଥିଯୋଗୁ ଦୟା ନଦୀ ପଙ୍କିଳ ହୋଇପଡିବା ସହ ଚିଲିକାର ଜୈବ ବିବିଧତା ନଷ୍ଟ ହେଉଛି। ତେଣୁ ଏହାକୁ ଗୁରୁତର ଭାବେ ଗ୍ରହଣ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଙ୍ଗଠନ ଦାବି କରିଛି। ସ୍ମାରକପତ୍ର ପ୍ରଦାନ ସମୟରେ ମହାନଦୀ ବଞ୍ଚାଅ ସଙ୍ଗଠନ ଆବାହକ ସୁଦର୍ଶନ ଦାସ, ଆବାହକ ବାସୁଦେବ ଭଞ୍ଜ, ପ୍ରସନ୍ନ ବିଶୋୟୀ, ନିଲୁ ଖୁଣ୍ଟିଆ, ବିଜୟ ପ୍ରଧାନ, ରମୋ ଭାରତୀ, ପ୍ରସନ୍ନ ଶ୍ରୀଚନ୍ଦନ ରାୟ, ରାଜୀବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।।

**■କଟାଗୋଡ଼ର ରହସ୍ୟ ଖୋଜି ପାଉନି ପୋଲିସ**

## ଆଜି ଫରେନ୍‌ସିକ୍ ଲାବ୍‌କୁ ପଠାଯିବ ନମୁନା

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ବରମୁଣ୍ଡା ଓଭରବ୍ରିଜ୍ ଶଙ୍ଖ ନିକଟ ଓ୍ୟୁଏଟି ନାଳରୁ ମଙ୍ଗଳବାର ଜଣେ ମଣିଷର କଟାଗୋଡ଼ ମିଳିଥିଲା। ଆଣ୍ଠୁ ତଳକୁ ମାଂସ ରହିଥିବାବେଳେ ଉପର ଅଂଶଟି କେବଳ ହାଡ଼ ଥିଲା। ତେବେ ଘଟଣାର ୨୪ ଘଣ୍ଟା ପରେ ବି ପୋଲିସକୁ ଉକ୍ତ କଟାଗୋଡ ସମ୍ପର୍କରେ କୌଣସି ଅଧିକ ତଥ୍ୟ ପ୍ରମାଣ ମିଳିପାରି ନାହିଁ। ଶରୀରର ଅନ୍ୟ କୌଣସି ଅଙ୍ଗ ମିଳି ନ ଥିବା ଘଟଣା ରହସ୍ୟ ଘେରରେ ରହିଛି। ଗୁରୁବାର ଉକ୍ତ କଟା ଗୋଡ଼ର ପଞ୍ଚନାମା ପରେ ଏହାର ନମୁନାକୁ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଷ୍ଟେଟ ଫରେନସିକ ସାଇନ୍ସ ଲ୍ୟାବ୍(ଏସ୍‌ଏଫ୍‌ଏସ୍‌ଏଲ୍)କୁ ପରୀକ୍ଷା କରିବାକୁ ପଠାଯିବ। ଯଦି ଅନ୍ୟ କୌଣସି ଥାନାରେ ହତ୍ୟା କିମ୍ବା ନିଖୋଜ ସଂକ୍ରାନ୍ତ ଅଭିଯୋଗ ଆସିବ, ତେବେ ଏହାର ଡିଏନ୍‌ଏ ମ୍ୟାଚ୍ କରାଯାଇ ଉକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯିବ ବୋଲି ଖଣ୍ଡଗିରି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି। ତାଙ୍କ ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନରେ ଜଣେ ବ୍ୟକ୍ତି ଓ୍ୟୁଏଟି ନାଳକୁ ଶୌଚପାଇଁ ଯାଇଥିବାବେଳେ ଉକ୍ତ କଟାଗୋଡ଼ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖଣ୍ଡଗିରି ଥାନା ପୋଲିସ ଉକ୍ତ ଗୋଡକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଗୋଡ଼ ମିଳିବା ସ୍ଥାନ ଓ ଆଖପାଖରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ମୃତ ବ୍ୟକ୍ତି କିମ୍ବା ଅନ୍ୟ କୌଣସି ଅଙ୍ଗ ମିଳିପାରିନି। ଏହି ଗୋଡ଼ଟି ପୁରୁଷ ନା ମହିଳାଙ୍କର ତାହା ମଧ୍ୟ ଜଣାପଡିନାହିଁ। କେବଳ ୨୦ରୁ ୩୦ବର୍ଷ ବୟସ୍କ ବ୍ୟକ୍ତିର ହୋଇଥିବା ଅନୁମାନ କରାଯାଉଛି। ଏପରି କି ଜବତ ଗୋଡ଼ରେ ମାଟି ଲାଗିଥିବାରୁ ତାହାକୁ କୁକୁର କେଉଁଠୁ ଗୋଟାଇ ଆଣିଥିବା ପୋଲିସ ସନ୍ଦେହ କରୁଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ହତ୍ୟାକାଣ୍ଡ ଚର୍ଚ୍ଚା ଚାଲିଛି। ହତ୍ୟା ପରେ କେହି ପୋଲିସକୁ ଭୁଆଁ ବୁଲାଇବା ପାଇଁ ମୃତବ୍ୟକ୍ତିଙ୍କ ଶରୀରକୁ ଖଣ୍ଡଖଣ୍ଡ କରି ବିଭିନ୍ନ ସ୍ଥାନରେ ଫିଙ୍ଗି ଦେଇଥିବା କୁହାଯାଉଛି। ପୋଲିସ ୨୧୬/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**■ଦକ୍ଷତା ବିକାଶ ନିମନ୍ତେ ଦୁଇଦିନିଆ କର୍ମଶାଳା**

## ଆଇଟିଆଇରେ ୩୦ ପ୍ରତିଶତ ସିଟ୍ ବୃଦ୍ଧି ଲକ୍ଷ୍ୟ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ଦକ୍ଷତା ବୃଦ୍ଧି ନିମନ୍ତେ ଷ୍ଟ୍ରାଇଭ୍ ଯୋଜନା ମାଧ୍ୟମରେ ଗୋପବନ୍ଧୁ ଏକାଡେମୀଠାରେ ଦୁଇଦିନିଆ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତତ୍ତ୍ୱାବଧାନରେ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଅନ୍ତର୍ଗତ ଷ୍ଟେଟ୍ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେଶନ ୟୁନିଟ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାକୁ ବିଭାଗୀୟ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭାଗୀୟ ଶାସନ ସଚିବ ସଞ୍ଜୟ କୁମାର ସିଂ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଝାଡ଼ଖଣ୍ଡ ନିୟୋଜନ ଓ ପ୍ରଶିକ୍ଷଣ ବିଭାଗ ଯୁଗ୍ମସଚିବ ସୁନୀଲ୍ ଚୌଧୁରୀ, ବିବେକ ଆଚାର୍ଯ୍ୟ ଓ ନିର୍ଦ୍ଦେଶକ ଜଗତ ନାରାୟଣ ପ୍ରସାଦ ଉପସ୍ଥିତ ଥିଲେ। ବିଶ୍ୱବ୍ୟାଙ୍କ୍ ସହାୟତାରେ ଧନ୍ଦାମୂଳକ ପ୍ରଶିକ୍ଷଣର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ଷ୍ଟ୍ରାଇଭ୍ ଯୋଜନା ଆରମ୍ଭ କରାଯାଇଥିବାବେଳେ ଏହାଦ୍ୱାରା ପଛୁଆ ଏବଂ ଆର୍ଥିକ ଅନଗ୍ରସର ବର୍ଗର ଯୁବଗୋଷ୍ଠୀ ଦକ୍ଷତା ପ୍ରଶିକ୍ଷଣ ପାଇପାରୁଛନ୍ତି। ଏହି ଯୋଜନା ଅଧୀନରେ ୪୦୦ ସରକାରୀ ଓ ୧୦୦ ବେସରକାରୀ ଆଇଟିଆଇକୁ ସାମିଲ୍ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୩୧୪ ଆଇଟିଆଇକୁ ଚୟନ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ୨୮୧ ସରକାରୀ ଓ ୩୩ ବେସରକାରୀ ଆଇଟିଆଇ ରହିଛନ୍ତି।

ଏହି ଦୁଇଦିନିଆ କର୍ମଶାଳାରେ ମଧ୍ୟପ୍ରଦେଶ, ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ୨୮ ଆଇଟିଆଇ ସାମିଲ୍ ହୋଇଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ନାୟକ କହିଥିଲେ, ଆପ୍ରେଣ୍ଟିସ୍‌ଶିପ୍ ପ୍ରଶିକ୍ଷଣ ବିଶ୍ୱସ୍ତରରେ ମାନ୍ୟତା ପାଇପାରିଛି। ଏହା ମାଧ୍ୟମରେ ଅଣକୁଶଳୀ ଓ କୁଶଳୀଙ୍କ ମଧ୍ୟରେ ବ୍ୟବଧାନକୁ ଦୂର କରାଯାଇପାରୁଛି ବୋଲି ସେ କହିଥିଲେ। ସେହିଭଳି ବିଭାଗୀୟ ସଚିବ ଆଇଟିଆଇର ଭିତ୍ତିଭୂମି ବିକାଶକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଥିବା କହିଥିଲେ। ନିଯୁକ୍ତି ବଜାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଇଟିଆଇର ଯୁବଗୋଷ୍ଠୀଙ୍କୁ ଲାଇଫ୍ ସ୍କିଲ୍ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଆଇଟିଆଇରେ ମହିଳାଙ୍କ ସ୍ଥାନ ବୃଦ୍ଧି ନିମନ୍ତେ ଗୁରୁତ୍ୱାରୋପ କରାଯାଉଛି। ଏହାସହ ପ୍ରତ୍ୟେକ ଆଇଟିଆଇରେ ୩୦% ସିଟ୍ ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ଯୋଜନା କରାଯାଇଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ ଡିଟିଇଟି ନିର୍ଦ୍ଦେଶକ ରେଘୁ ଜି ସ୍ୱାଗତ ଭାଷଣ ଦେଇଥିବାବେଳେ ଉପନିର୍ଦ୍ଦେଶକ ଅଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ସଚିବ ସୁଦର୍ଶନ ପଣ୍ଡା, ଆଇଟିଆଇ ଅଧ୍ୟକ୍ଷ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଏସ୍‌ପ୍ଲାନେଡ୍‌ରେ 'ପ୍ରାଇଡ୍ ଆଣ୍ଡ ଗ୍ଲୋରି ଅଫ୍ ବାଲିଯାତ୍ରା' ପ୍ରଦର୍ଶିତ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ସ୍ଥାନୀୟ ଏସପ୍ଲାନେଡ୍-ୱାନ୍ ପରିସରରେ ବୁଧବାର ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବକୁ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସିଦ୍ଧାର୍ଥ ରେଜା ସୂର୍ଯ୍ୟଦିପୁରୋ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବ ଅବସରରେ 'ପ୍ରାଇଡ୍ ଆଣ୍ଡ ଗ୍ଲୋରି ଅଫ୍ ବାଲିଯାତ୍ରା' ଶୀର୍ଷକ ଡକ୍ୟୁମେଣ୍ଟାରି ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଏସ୍‌ପ୍ଲାନେଡ୍-ୱାନ୍‌ର କେନ୍ଦ୍ର ନିର୍ଦ୍ଦେଶକ ପାର୍ଥପ୍ରତିମ ନାୟକ, ମାର୍କେଟିଂ ମ୍ୟାନେଜର ଶ୍ୟାମା ଝା ଏବଂ ରିସୋର୍ସ ଇଣ୍ଡିଆ ନିର୍ଦ୍ଦେଶକ ସୁଦୀପ ସେନ ପ୍ରମୁଖ ଉପସ୍ଥିତ ରହି ବାଲିଯାତ୍ରା ସମ୍ପର୍କରେ କହିଥିଲେ। ଏହି ଉପଲକ୍ଷେ ମଲ୍‌କୁ ରଙ୍ଗବେରଙ୍ଗ ବୋଇତରେ ସଜାଯାଇଥିବାବେଳେ ପ୍ରତିଦିନ ବୋଇତର ରଙ୍ଗ ଅନୁସାରେ ମଲ୍ ପକ୍ଷରୁ ସ୍ୱତନ୍ତ୍ର ଅଫର୍ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା।

## ରାଉଣ୍ଡ ଟେବୁଲ ଇଣ୍ଡିଆ ୱିକ୍ ପାଳନ



**ଭୁବନେଶ୍ୱର,୧୩-୧୧(ବ୍ୟୁରୋ)**

ସାରା ଦେଶର ରାଉଣ୍ଡ ଟେବୁଲ ଇଣ୍ଡିଆ ୱିକ୍ ସାରା ଦେଶରେ ଚଳିତ ମାସ ୧୦ରୁ ୧୭ ତାରିଖ ଯାଏ ପାଳନ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ଏବଂ କଟକ ସର୍କଲ ପକ୍ଷରୁ ୪୦୦ ଅବହେଳିତ ବର୍ଗର ଶିଶୁଙ୍କୁ ସ୍ଥାନୀୟ ଏସ୍‌ପ୍ଲାନେଡ ମଲସ୍ଥିତ ସିନେପଲିସରେ ସିନେମା ଦେଖିବାର ସୁଯୋଗ ପ୍ରଦାନ କରାଯାଇଛି। ଗୋଷ୍ଠୀ ସେବା ଅନ୍ତର୍ଗତ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଚାପ୍ଟର ପକ୍ଷରୁ କୁହାଯାଇଛି। ସୁସ୍ଥ ଜୀନବ ଶୈଳୀ ଏବଂ ସ୍ୱଚ୍ଛ ପରିବେଶ ଭଳି ବିଭିନ୍ନ କ୍ଷେତ୍ରରେ ଏହା କାର୍ଯ୍ୟ କରୁଛି। ଇଂଲଣ୍ଡର ନରୱିଚ୍‌ରେ ପ୍ରଥମେ ଲୁଇସ ମାର୍ଚ୍ଚେସିଙ୍କ ଦ୍ୱାରା ସ୍ଥାପନ ହୋଇଥିବା ଏହି ବନ୍ଧୁତ୍ୱ ପ୍ରତିଷ୍ଠାନ ସାରା ବିଶ୍ୱର ୫୨ ଦେଶରେ କାର୍ଯ୍ୟ କରୁଛି। ଏଥିରେ ୪୩ ହଜାର ସଦସ୍ୟ ରହିଛନ୍ତି।

## ଆତ୍ମବିଶ୍ୱାସ ମାଧ୍ୟମରେ ସଫଳତାର ଶିଖରରେ ପହଞ୍ଚିହେବ



**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ସରଳତା ଓ ବିନମ୍ରତା ପ୍ରତ୍ୟେକ ମଣିଷ ଭିତରେ ରହିବା ଦରକାର। ଅନୁଶାସନ, ଦୃଢ଼ ସଂକଳ୍ପ ଓ ଆତ୍ମବିଶ୍ୱାସ ମାଧ୍ୟମରେ ସଫଳତାର ଶିଖରରେ ପହଞ୍ଚିହେବ ବୋଲି ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଚତୁର୍ଥ ବାର୍ଷିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମେଳା 'ସାଇ-ଟେକ୍' ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାକୁ ନେଇ ଏପରି କାର୍ଯ୍ୟକ୍ରମ ପ୍ରଶଂସନୀୟ ବୋଲି ପ୍ରକାଶ କରିଥିଲେ। ସାଇ ଇଣ୍ଟରନ୍ୟାଶନାଲ ଗ୍ରୁପ୍ ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ ସମ୍ମାନିତ ଅତିଥିଭାବେ କହିଥିଲେ ଯେ, 'ସାଇ-ଟେକ୍' ଛାତ୍ରୀଛାତ୍ରଙ୍କୁ ପୃଥିବୀର ନୂତନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହ ଯୋଡ଼ିବାର ଏକ ଉତ୍କୃଷ୍ଟ ଉପାୟ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମନରେ ଉଦ୍ୟୋଗୀ ହେବା ପାଇଁ ଚାରାରୋପଣ କରିବା ମଧ୍ୟ ଏହାର ଲକ୍ଷ୍ୟ ଅଟେ। କାର୍ଯ୍ୟକ୍ରମରେ ଭାଇସ୍ ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏବଂ ଆନାଲିସିସ୍ ମାସୋନ୍‌ର ସିନିୟର ଉପଦେଷ୍ଟା ତଥା ରିଲାଏନ୍ସ ଜିଓର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

କଟକ ଏବଂ ଭୁବନେଶ୍ୱରରୁ ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକରୁ ୫୫୦୦ରୁ ଅଧିକ ଛାତ୍ରୀଛାତ୍ର ଏହି ମେଳାରେ ଅଂଶଗ୍ରହଣ କରିଥିଲେ। 'ସାଇ-ଟେକ୍'ରେ ବିଭିନ୍ନ ୱାର୍କଶପ୍ ଓ ପ୍ରତିଯୋଗିତା ଯଥା ଟେକ୍-ଟକ୍, ଟେକ୍-କ୍ୟୁ (ବିଜ୍ଞାନ କୁଇଜ୍), ଟେକ୍-ଫେୟାର୍, ଫଟୋଗ୍ରାଫି, ଫିଲ୍ମ ମେକିଂ ଏବଂ କୋଡିଂ ଆଦି ଆୟୋଜିତ ହୋଇଥିଲା। ଫେଡ୍‌କୋ, ସାର୍କ, ବାଟୋଇ, ସିଭିରମନ୍, ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ ପରି ବିଭିନ୍ନ କମ୍ପାନୀ ଓ ଶିକ୍ଷାନୁଷ୍ଠାନ ଏଥିରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ବିଶିଷ୍ଟ କମେଡ଼ିଆନ୍ ଆକାଶ ଗୁପ୍ତା ଷ୍ଟେଜ୍ ଶୋ'ରେ ବିଭିନ୍ନ ପ୍ରକାରର ମଜା କଥା, ଅଭିନୟ ଓ ମିମିକ୍ରି ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ମନୋରଞ୍ଜନ କରିଥିଲେ। ଏହି ଅବସରରେ ସ୍କୁଲର ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ୨୭ରୁ ନିର୍ମାଣ ଶ୍ରମିକଙ୍କ ଅହୋରାତ୍ର ଧାରଣା

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଶ୍ରମିକ ମାରଣ ନୀତିକୁ ବିରୋଧ କରି ଆସନ୍ତା ୨୭ରୁ ଶ୍ରମିକ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନେ ଅହୋରାତ୍ର ଧାରଣା ଦେବେ। ଏହି ଧାରଣାରେ ମୁଖ୍ୟତଃ ପଞ୍ଜୀକୃତ ଶ୍ରମିକଙ୍କୁ ସହାୟତା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ ଓ ଏଥିରେ ଅହେତୁକ ବିଳମ୍ବ ଏବଂ ଶ୍ରମ କାର୍ଯ୍ୟାଳୟର ଶ୍ରମିକ ୟୁନିୟନ ବିରୋଧୀ ଆଭିମୁଖ୍ୟର ପ୍ରତିବାଦ କରାଯିବ। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ଆବାହକ ବିଜୟ ଜେନା ବୁଧବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ଓଏସ୍‌ଇଏସ୍‌ଏଲର ନୂତନ କର୍ମକର୍ତ୍ତା ନିର୍ବାଚିତ

**ଭୁବନେଶ୍ୱର,୧୩।୧୧(ବ୍ୟୁରୋ)**

ରାଜ୍ୟ ସୈନିକ ବୋର୍ଡ ତଥା ଭାରତୀୟ ଭୂତପୂର୍ବ ସୈନିକ ସଂଘର ସ୍ୱୀକୃତିପ୍ରାପ୍ତ ଓଡିଶା ରାଜ୍ୟ ଭୂତପୂର୍ବ ସୈନିକ ସଂଘ(ଓଏସ୍‌ଇଏସ୍‌ଏଲ)ର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଭୁବନେଶ୍ୱରସ୍ଥିତ ୧୨୦ ପଦାତିକ ବାହିନୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ନିର୍ବାଚନ ଅଧିକାରୀ କଲୋନେଲ ସୁପ୍ରିୟ ପାଣିଙ୍କ ଦ୍ୱାରା ପ୍ରକାଶିତ ସୂଚନା ଅନୁସାରେ ବ୍ରିଗେଡିୟର ବରଦା ପ୍ରସନ୍ନ ପଟ୍ଟନାୟକ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। କଲୋନେଲ ବୀରେନ୍ଦ୍ର ବସ୍ତିଆ ବରିଷ୍ଠ ଉପସଭାପତି, ୱିଙ୍ଗ୍ କମାଣ୍ଡର ନନ୍ଦକିଶୋର ସାମଲ ଓ ସୁବେଦାର ମେଜର ପ୍ରଶାନ୍ତ ଦାଶ ଉପସଭାପତି, ଲ୍ୟୁଟ୍‌ନାଣ୍ଟ କଲୋନେଲ ଡା. ଲୋକନାଥ ସାହୁ ସାଧାରଣ ସମ୍ପାଦକ, ଲ୍ୟୁଟ୍‌ନାଣ୍ଟ ବନବିହାରୀ ମିଶ୍ର ଓ କଲୋନେଲ ପ୍ରଶାନ୍ତ ସିଂହ ଯୁଗ୍ମ ସମ୍ପାଦକ ଏବଂ ସୁବେଦାର ମେଜର ନୃସିଂହ ଚରଣ ପଣ୍ଡା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସୁବେଦାର ମେଜର ତଥା ଅନରାରୀ କ୍ୟାପଟେନ୍ ଭରତ ଦାସ, ହାବିଲଦାର ଶରତ ଚନ୍ଦ୍ର ସ୍ୱାଇଁ, ସୁବେଦାର ଗୋପାଳ ଚନ୍ଦ୍ର ସ୍ୱାଇଁ, ହାବିଲଦାର ଡା. ନବକିଶୋର ମିଶ୍ର ଓ ହାବିଲଦାର ପ୍ରହଲ୍ଲାଦ ଗଣ୍ଡିଆ ପ୍ରମୁଖ ୫ ଜଣ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ଆୟୋଜିତ ସାଧାରଣ ଅଧିବେଶନରେ ରାଜ୍ୟ ସୈନିକ ବୋର୍ଡ ସମ୍ପାଦକ କମାଣ୍ଡର ଲଳିତ ଅଗ୍ରୱାଲ ଓ ବରିଷ୍ଠ ଉପଦେଷ୍ଟା ବ୍ରିଗେଡିୟର ଡ. ବାସୁଦେବ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋଟ ଗ୍ରହଣ କରାଯାଇଥିଲା। ଏଥିରେ ରାଜ୍ୟର ସମସ୍ତ ଜିଲାର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଅଧିବେଶନରେ ଓଏସ୍‌ଇଏସ୍‌ଏଲର ଆଇନ ପରାମର୍ଶଦାତା ବିଶିକେଶନ ପ୍ରଧାନ, ମିଡିଆ ସେଲ୍ ସଦସ୍ୟ ଆଦର୍ଶ ପଟ୍ଟନାୟକ ଉପସ୍ଥିତ ଥିଲେ।

**■ଆଜିଠାରୁ ଅଞ୍ଜଳି ଶିଶୁ ଓ ଯୁବ ମହୋତ୍ସବ**

## ଯୋଗଦେବେ ୩୫୦ ଶିଶୁ ଓ ଯୁବ ପ୍ରତିନିଧି

**ଭୁବନେଶ୍ୱର,୧୩।୧୧(ବ୍ୟୁରୋ)**

ଶିଶୁ ଦିବସ ଅବସରରେ 'ସ୍ୱାଭିମାନ' ପକ୍ଷରୁ ଗୁରୁବାରଠାରୁ ଚନ୍ଦ୍ରଶେଖରପୁରସ୍ଥିତ ରେଲୱେ ଅଡ଼ିଟୋରିୟମ୍‌ଠାରେ ଆୟୋଜିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ଅଞ୍ଜଳି ଶିଶୁ ଓ ଯୁବ ମହୋତ୍ସବ। ପ୍ରତିବର୍ଷ କେବଳ ଶିଶୁମାନଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ଚଳିତଥର ଯୁବପିଢ଼ିଙ୍କୁ ସାମିଲ କରାଯାଇଥିବାବେଳେ ମହୋତ୍ସବର ନାମ ମଧ୍ୟ ପରିବର୍ତ୍ତନ କରାଯାଇଛି। ୪ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ୧୮ତମ ଅଞ୍ଜଳି ଶିଶୁ ମହୋତ୍ସବରେ ଏଥର ମୋଟ ୩୫୦ ପିଲା ଭାଗ ନେବେ। ୧୧ ଟିମ୍‌ରେ ୨୫ ରାଜ୍ୟ ସହ ଓଡ଼ିଶାର ୩୦ ଜିଲାର ପିଲାମାନେ ଅଂଶଗ୍ରହଣ କରିବେ। ଏହାସହ ଚଳିତବର୍ଷ ଶ୍ରୀଲଙ୍କା, ନେପାଳ, ବାଂଲାଦେଶ, ଅଷ୍ଟ୍ରେଲିଆ ସହ ୟୁରୋପରୁ ପ୍ରତିନିଧିମାନେ ଯୋଗଦେବେ। ମହୋତ୍ସବ ଉଦ୍‌ଘାଟନ ପୂର୍ବରୁ ଏକ କାର୍ନିଭାଲ୍‌ର ସୈନିକ ସ୍କୁଲରୁ ବାହାରି ରେଳ ଅଡିଟୋରିୟମ୍ ପର୍ଯ୍ୟନ୍ତ ଯିବ। ଏଥିରେ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଓଲିଉଡ୍ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗଦେବେ। ଏନେଇ ବୁଧବାର ସ୍ଥାନୀୟ ପ୍ରେସ୍ କ୍ଲବ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ୱାଭିମାନ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୁତି ମହାପାତ୍ର ଏବଂ ମିହିର କୁମାର ମହାନ୍ତି, ରାଜେଶ ରଞ୍ଜନ ମହାନ୍ତି, ଅସିତ୍ କୁମାର ବେହେରା ପ୍ରମୁଖ ସୂଚନା ଦେଇଛନ୍ତି।

**■ଶ୍ରୀଲିଙ୍ଗରାଜଙ୍କ ଜବରଦଖଲ ଜମି ଉଚ୍ଛେଦ ନେଇ ରାଜ୍ୟପାଳଙ୍କୁ ଦାବିପତ୍ର**

## ସିବିଆଇ ତଦନ୍ତ ଦାବି କଲା ଏକାମ୍ର ଜନଜାଗରଣ ମଞ୍ଚ

ପୁରୁଣା ଭୁବନେଶ୍ୱର, ୧୩। ୧୧ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଏକର ଏକର ଜମି ଜବରଦଖଲକାରୀଙ୍କ କବ୍‌ଜାରେ। ଶହ ଶହ ଏକରରୁ ହାତଗଣତି କେବଳ ଠାକୁରଙ୍କ ନୀତିକାନ୍ତି ପାଇଁ ବଞ୍ଚି ରହିଥିବା ଭୂସମ୍ପତ୍ତି ଉପରେ ଜବରଦଖଲକାରୀଙ୍କ ଲୋଲୁପ ଦୃଷ୍ଟି ପଡିଛି। ଏହି ଜବରଦଖଲକୁ ଉଚ୍ଛେଦ କରିବା ପୂର୍ବକ ତୁରନ୍ତ ଜବରଦଖଲକାରୀଙ୍କ ବିରୋଧରେ ସିବିଆଇ ତଦନ୍ତ ସହ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ବୁଧବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦାବିପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ମଞ୍ଚର ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକଙ୍କ ନେତୃତ୍ୱରେ ୫ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳ ଗଣେଶୀ ଲାଲଙ୍କ ସହ ପ୍ରାୟ ୧୫ ମିନିଟ୍ ଆଲୋଚନା କରିବା ପରେ ଦାବିପତ୍ର ଦେଇଥିଲେ। ଠାକୁରଙ୍କ ବିଭିନ୍ନ ଜବରଦଖଲ ଜମି ମଧ୍ୟରେ ଭୀମପୁର ମୌଜାଠାରେ ଥିବା ୨. ୩୫୬ ଏକରକୁ ତତ୍‌କାଳୀନ ଦେବୋତ୍ତର ଆୟୁକ୍ତଙ୍କ ଆଦେଶରେ ଏକ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରିବା ଖବର ଜଣାପଡିବା ପରେ ବିରୋଧ କରାଯାଇଥିଲା। ମାତ୍ର ଏଠାରେ ବିଭିନ୍ନ ବିରୋଧ ସତ୍ତ୍ୱେ ପ୍ରଭାବଶାଳୀ ରାଜନେତା ବ୍ୟକ୍ତିଙ୍କ ପ୍ରୋତ୍ସାହନରେ ଜମି ଠାକୁରଙ୍କ ତହବିଲକୁ ଫେରିବା ପାଇଁ କୌଣସି ଶୁଭ ସଙ୍କେତ ଦେଖାଯାଉନାହିଁ। ଏହାକୁ ସିବିଆଇ ତଦନ୍ତ କରାଗଲେ ଏଥିରେ ବିଭାଗୀୟ ଅଧିକାରୀଙ୍କ ଚଞ୍ଚକତା ସ୍ପଷ୍ଟ ବାରି ହେବ ବୋଲି ମଞ୍ଚ କହିଛି। ଖାଲି ଏତିକି ନୁହେଁ କାଳୀକା ଦେବୀ ମନ୍ଦିର ନିକଟ, ବୈତାଳେଶ୍ୱର ମନ୍ଦିର ନିକଟ, ଭବାନୀ ମନ୍ଦିର ନିକଟ, ଶ୍ରୀପଞ୍ଚମୀ ପଡିଆ, ୩୧୬ ନମ୍ବର ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱ, ଗଙ୍ଗୁଆ ବ୍ରିଜର ବାମପାର୍ଶ୍ୱ ଆଦି ଅଞ୍ଚଳରୁ ଜବରଦଖଲ ହଟେଇବା ସହ ତୁରନ୍ତ ଜବରଦଖଲକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ରକୁ ରାଜ୍ୟପାଳ ଲିଗାଲ ଅଥରେଟିଙ୍କୁ ପ୍ରଦାନ କରିଛନ୍ତି। ଘଟଣାକୁ ବିଧାନସଭାର ପ୍ରଶ୍ନକାଳରେ ଉପସ୍ଥାପନ କରିବା ପାଇଁ ମଞ୍ଚ ପ୍ରସ୍ତୁତ ରହିଛି ବୋଲି କୁହାଯାଇଛି। ଜଗତ ଚନ୍ଦ୍ର ଦାଶ, ଦିବ୍ୟଜ୍ୟୋତି ମହାନ୍ତି, ସୁଲତା ସାହାଣି ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



ରାଜ୍ୟପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଏକାମ୍ର ଜନଜାଗରଣ ମଞ୍ଚର କର୍ମକର୍ତ୍ତା।

# ସିଜେଆଇଙ୍କ ଅଫିସ ସାଧାରଣ କର୍ତ୍ତୃପକ୍ଷ

**ନୂଆଦିଲ୍ଲୀ, ୧୩।୧୧ (ପି.ଟି./ଆଇଏଏନ୍ଏସ୍)**



ସିଜେଆଇଙ୍କ କାର୍ଯ୍ୟାଳୟ ସାଧାରଣ କର୍ତ୍ତୃପକ୍ଷ ଓ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ପରିସରଭୁକ୍ତ ବୋଲି ବୁଧବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ୨୦୧୦ରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟକୁ ବଳବତ୍ତର ରଖିବା ସହ ତାକୁ ଚ୍ୟାଲେଞ୍ଜ କରି ହୋଇଥିବା ତିନୋଟି ଅପିଲକୁ ଖାରଜ କରିଦେଇଛନ୍ତି।

ସିଜେଆଇଙ୍କ କ୍ଷେତ୍ରରେ ଆର୍‌ଟିଆଇ ଆଇନ ପ୍ରଯୁଜ୍ୟ ବୋଲି ୨୦୧୦ରେ ଦିଲ୍ଲୀ ହାଇକୋର୍ଟ ରାୟ ଦେଇଥିଲେ। ସୁପ୍ରିମକୋର୍ଟର ସେକ୍ରେଟାରି ଜେନେରାଲ ଓ କେନ୍ଦ୍ରୀୟ ସାଧାରଣ ସୂଚନା ଅଧିକାରୀଙ୍କ ପକ୍ଷରୁ ଏହାକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ୩ଟି ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ୍ ଏନ୍.ଭି. ରମନା, ଡି.ୱାଇ. ଚନ୍ଦ୍ରଚୂଡ଼, ଦୀପକ ଗୁପ୍ତା ଓ ସଞ୍ଜୀବ ଖାନ୍ନାଙ୍କୁ ନେଇ ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଏପ୍ରିଲ ୪ରେ ଶୁଣାଣି ଶେଷ କରି ଏହାର ରାୟ ସଂରକ୍ଷିତ ରଖିଥିଲେ, ଯାହା ବୁଧବାର ପ୍ରକାଶ ପାଇଛି। ଆର୍‌ଟିଆଇକୁ ସର୍ଭିଲାନ୍ସର ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ପୀଠ ନିଜ ରାୟରେ ସତର୍କ କରାଇଦେଇଛନ୍ତି। ଏହାସହ କହିଛନ୍ତି, ସ୍ୱଚ୍ଛତା ଅବଲମ୍ବନ ସମୟରେ ନ୍ୟାୟିକ ସ୍ୱାଧୀନତାକୁ ବିଚାରକୁ ନେବାକୁ ପଡ଼ିବ। ସେହିପରି ବିଚାରପତି ନିଯୁକ୍ତି କ୍ଷେତ୍ରରେ କଲେଜିୟମ୍ ପକ୍ଷରୁ ସୁପାରିସ କରାଯାଇଥିବା ଜଜ୍‌ମାନଙ୍କ ନାମ ପ୍ରଘଟ କରାଯାଇପାରିବ। କିନ୍ତୁ କେଉଁ କାରଣରୁ ସେମାନଙ୍କ ନାମ ସୁପାରିସ କରାଯାଇଛି ତାହା ଗୋପନୀୟ ରହିବ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଛନ୍ତି। ସିଜେଆଇ ଗୋଗୋଇ, ଜଷ୍ଟିସ୍ ଗୁପ୍ତା ଓ ଖାନ୍ନା ଗୋଟିଏ ରାୟ ଲେଖିଥିବାବେଳେ ଜଷ୍ଟିସ୍ ରମନା ଏବଂ ଚନ୍ଦ୍ରଚୂଡ଼ ଭିନ୍ନ ଭିନ୍ନ ମତପ୍ରକାଶ କରିଛନ୍ତି। ପ୍ରିଭେସି (ବ୍ୟକ୍ତିଗତ ଗୋପନୀୟତା) ଅଧିକାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ସିଜେଆଇଙ୍କ କାର୍ଯ୍ୟାଳୟରୁ ସୂଚନା ଦେବା ପାଇଁ ନିଷ୍ପତ୍ତି ନେବାବେଳେ ଏହାର ସ୍ୱଚ୍ଛତା ବଜାୟ ରଖି ସନ୍ତୁଳିତ ହେବାକୁ ପଡ଼ିବ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଭିନ୍ନ ରାୟରେ କହିଛନ୍ତି, ବିଚାରପତିମାନେ ସାମ୍ବିଧାନିକ ପଦବୀ ଉପଭୋଗ କରି ସାଧାରଣ କର୍ତ୍ତବ୍ୟ ନିର୍ବାହ କରୁଥିବାରୁ ନ୍ୟାୟପାଳିକା ସମ୍ପୂର୍ଣ୍ଣ ଭାବେ ପୃଥକ୍ ହୋଇ କାର୍ଯ୍ୟ କରିପାରିବ ନାହିଁ। ଜଷ୍ଟିସ୍ ଖାନ୍ନା ନିଜ ରାୟରେ କହିଲେ, ନ୍ୟାୟପାଳିକାର ସ୍ୱାଧୀନତା ଓ ସ୍ୱଚ୍ଛତା ଏକସଙ୍ଗେ ଚାଲିବ। ଜଷ୍ଟିସ୍ ଖାନ୍ନାଙ୍କ ସହ ଏକମତ ହୋଇ ଜଷ୍ଟିସ୍ ରମନା କହିଛନ୍ତି, ପ୍ରିଭେସି ଅଧିକାର ଓ ସ୍ୱଚ୍ଛତା ଅଧିକାର ପାଇଁ ସନ୍ତୁଳିତ ସୂତ୍ର ରହିବା ଉଚିତ। ଏହାସହ ନ୍ୟାୟପାଳିକାର ସ୍ୱାଧୀନତାକୁ ହସ୍ତକ୍ଷେପରୁ ସୁରକ୍ଷା ମିଳିବା ଜରୁରୀ।

### ସୁପ୍ରିମକୋର୍ଟ ରାୟ

- ନ୍ୟାୟପାଳିକାର ସ୍ୱାଧୀନତା ଓ ସ୍ୱଚ୍ଛତା ଏକସଙ୍ଗେ ଚାଲିବ
- ଆର୍‌ଟିଆଇକୁ ସର୍ଭିଲାନ୍ସର ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ପାରିବ ନାହିଁ
- ୨୦୧୦ରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟ ବଳବତ୍ତର

## କ'ଣ କହିଥିଲେ ଦିଲ୍ଲୀ ହାଇକୋର୍ଟ




୨୦୧୦ ଜାନୁୟାରୀ ୧୦ରେ ଦିଲ୍ଲୀ ହାଇକୋର୍ଟର ତିନିଜଣିଆ ଖଣ୍ଡପୀଠ ସିଜେଆଇଙ୍କ ଅଫିସକୁ ଆର୍‌ଟିଆଇ ପରିସରଭୁକ୍ତ ବୋଲି ରାୟ ଦେଇଥିଲେ। ନ୍ୟାୟିକ ସ୍ୱାଧୀନତା ଜଣେ ବିଚାରପତିଙ୍କ ବିଶେଷାଧିକାର ନୁହେଁ, ବରଂ ତାଙ୍କ ଉପରେ ନ୍ୟସ୍ତ ଉତ୍ତରଦାୟିତ୍ୱ ବୋଲି ମୁଖ୍ୟ ବିଚାରପତି ଏ.ପି. ଶାହ, ଜଷ୍ଟିସ୍ ବିକ୍ରମଜିତ୍ ସେନ ଏବଂ ଏସ୍. ମୁରଲୀଧରଙ୍କ ଖଣ୍ଡପୀଠ କହିଥିଲେ। ସିଜେଆଇଙ୍କ କାର୍ଯ୍ୟାଳୟ ଆର୍‌ଟିଆଇ ଆଇନ ଅଧୀନକୁ ଆଣିଲେ ନ୍ୟାୟିକ ସ୍ୱାଧୀନତା 'କ୍ଷତିଗ୍ରସ୍ତ' ହେବ ବୋଲି ସୁପ୍ରିମକୋର୍ଟ ପକ୍ଷରୁ ଦାଏର ଆବେଦନକୁ ହାଇକୋର୍ଟ ଖଣ୍ଡପୀଠ ସେତେବେଳେ ଖାରଜ କରିଦେଇଥିଲେ। ହାଇକୋର୍ଟଙ୍କ ଏହି ୮୮ ପୃଷ୍ଠା ସମ୍ବଳିତ ରାୟ ତତ୍କାଳୀନ ସିଜେଆଇ କେ.ଜି. ବାଲାକ୍ରିଷ୍ଣନ୍‌ଙ୍କ ପାଇଁ ଏକ ବ୍ୟକ୍ତିଗତ ଝଟକା ବୋଲି ବିବେଚନା କରାଯାଇଥିଲା। କାରଣ ସେ ବିଚାରପତିମାନଙ୍କ ରାୟ ସମ୍ପର୍କିତ ସୂଚନାଗୁଡ଼ିକୁ ଆର୍‌ଟିଆଇରେ ଦେବାକୁ ବିରୋଧ କରୁଥିଲେ। ସିଜେଆଇଙ୍କ ଅଫିସକୁ ସ୍ୱଚ୍ଛତା ଆଇନର ପରିସରଭୁକ୍ତ କରିବା ପାଇଁ ଆର୍‌ଟିଆଇ କର୍ମୀ ଏସ୍.ସି. ଅଗ୍ରୱାଲ ପ୍ରଥମେ ପଦକ୍ଷେପ ନେଇଥିଲେ।

### ପ୍ରଶାନ୍ତ ଭୂଷଣଙ୍କ ଯୁକ୍ତି



ଆର୍‌ଟିଆଇ କର୍ମୀ ଏସ୍.ସି. ଅଗ୍ରୱାଲଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ଅଦାଲତ ସବୁବେଳେ ଅନ୍ୟ ସଂସ୍ଥାଗୁଡ଼ିକର କାର୍ଯ୍ୟକାରିତା କ୍ଷେତ୍ରରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଆସିଛନ୍ତି। କିନ୍ତୁ ନିଜ ସହ ଜଡ଼ିତ ପ୍ରସଙ୍ଗ ଉପରେ ଧ୍ୟାନଦେବା କଥା ଉଠିଲେ ପଛଘୁଞ୍ଚା ଦେଉଛନ୍ତି। ବିଚାରପତିମାନେ ଭିନ୍ନ ବ୍ରହ୍ମାଣ୍ଡରେ ବସବାସ କରନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ନ୍ୟାୟପାଳିକାକୁ କାର୍ଯ୍ୟପାଳିକାର ହସ୍ତକ୍ଷେପରୁ ସୁରକ୍ଷା ଦେବା ଲାଗି 'ନ୍ୟାୟିକ ସ୍ୱାଧୀନତା' କ୍ଷେତ୍ରରେ ଜାତୀୟ ନ୍ୟାୟିକ ଉତ୍ତରଦାୟିତ୍ୱ କମିଶନ ଆଇନକୁ ଦୁର୍ବଳ କରି ଦିଆଯାଇଥିଲା। ଏହାର ତାତ୍ପର୍ଯ୍ୟ ନ୍ୟାୟପାଳିକାକୁ 'ଲୋକଙ୍କ ଯାଞ୍ଚ'ରୁ ମୁକ୍ତ କରିବା ନୁହେଁ ବୋଲି ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢ଼ିଥିଲେ।

## କେବେ କ'ଣ




**୨୦୦୭ ନଭେମ୍ବର ୧୧:** ଆର୍‌ଟିଆଇ କର୍ମୀ ସୁଭାଷ ଚନ୍ଦ୍ର ଅଗ୍ରୱାଲ ବିଚାରପତିମାନଙ୍କ ସମ୍ପତ୍ତି ସମ୍ପର୍କିତ ସୂଚନା ପାଇବା ଲାଗି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ

**ନଭେମ୍ବର ୩୦:** ଜବାବରେ ତାଙ୍କୁ ସୂଚନା ଦେବାକୁ ମନାକରାଯାଇଥିଲା।

**ଡିସେମ୍ବର ୮:** ଏହା ବିରୋଧରେ ସୁପ୍ରିମକୋର୍ଟ ରେଜିଷ୍ଟ୍ରିରେ ପ୍ରଥମ ଅପିଲ କରାଯାଇଥିଲା

**୨୦୦୮ ଜାନୁୟାରୀ ୧୨:** ସୁପ୍ରିମକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ପ୍ରଥମ ଅପିଲକୁ ଖାରଜ କରାଗଲା

**ମାର୍ଚ୍ଚ ୫:** ଅଗ୍ରୱାଲ ସିଆଇସିଙ୍କ ଦ୍ୱାରସ୍ଥ ହେଲେ।

**୨୦୦୯ ଜାନୁୟାରୀ ୬:** ସିଜେଆଇଙ୍କ ଅଫିସ ଆର୍‌ଟିଆଇ ଆଇନ ପରିସରରେ ଆସୁଥିବା ଦର୍ଶାଇ ବିଚାରପତିମାନଙ୍କ ସମ୍ପତ୍ତି ସମ୍ପର୍କିତ ସୂଚନା ଦେବାକୁ ସୁପ୍ରିମକୋର୍ଟଙ୍କୁ କହିଲେ ସିଆଇସି।

**ଜାନୁୟାରୀ ୧୭:** ସୁପ୍ରିମକୋର୍ଟ ସିଆଇସିଙ୍କ ନିର୍ଦ୍ଦେଶ ବିରୋଧରେ ଦିଲ୍ଲୀ ହାଇକୋର୍ଟ ଗଲେ।

**ଜାନୁୟାରୀ ୧୯:** ସିଆଇସିଙ୍କ ରାୟ ଉପରେ ଦିଲ୍ଲୀ ହାଇକୋର୍ଟ ସ୍ଥଗିତାଦେଶ ଜାରି କରି ସମ୍ବିଧାନ ବିଶେଷଜ୍ଞ ଫଲି ଏସ୍. ନରିମାନଙ୍କୁ ଏହି ଆଇନଗତ ପ୍ରସଙ୍ଗର ସମାଧାନ ପାଇଁ କହିଲେ। ବିଚାରପତିମାନେ ନିଜ ସମ୍ପତ୍ତି ତାଲିକା ଘୋଷଣା କରିବା ଜରୁରୀ କହି ନରିମାନ ସହଯୋଗ କରିବାକୁ ମନା କଲେ।

**ଫେବୃୟାରୀ ୨୬:** ବିଚାରପତିମାନେ ସିଜେଆଇଙ୍କୁ ସମ୍ପତ୍ତି ତାଲିକା ଦେବା 'ବ୍ୟକ୍ତିଗତ' ସୂଚନା, ଯାହାକୁ ଆର୍‌ଟିଆଇ ଆଇନ ଅନୁସାରେ ପ୍ରଘଟ କରାଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଲେ।

**ମାର୍ଚ୍ଚ ୨୪:** ସମ୍ପତ୍ତି ଘୋଷଣା ନେଇ ବିଚାରପତିମାନଙ୍କୁ ରାଜନେତାଙ୍କ ଭଳି ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ କହିଲେ।

**ମେ ୧:** ବିଚାରପତିମାନେ ସ୍ୱେଚ୍ଛାକୃତ ଭାବେ ନିଜ ସମ୍ପତ୍ତି ଘୋଷଣା କରନ୍ତୁ ବୋଲି ଦାବି କରି ଦିଲ୍ଲୀ ହାଇକୋର୍ଟ ବାର୍ ଆସୋସିଏଶନ୍ ହାଇକୋର୍ଟରେ ପିଟିଶନ ଦାଏର କଲା।

**ମେ ୪:** ସୁପ୍ରିମକୋର୍ଟ କହିଲେ, ଅତ୍ୟଧିକ ସ୍ୱଚ୍ଛତା ନ୍ୟାୟପାଳିକାର ସ୍ୱାଧୀନତାକୁ ପ୍ରଭାବିତ କରିପାରେ। ସୁପ୍ରିମକୋର୍ଟ ଆବେଦନ ଉପରେ ରାୟ ସଂରକ୍ଷିତ ରଖିଲେ ହାଇକୋର୍ଟ।

**ସେପ୍ଟେମ୍ବର ୨:** ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ସିଆଇସିଙ୍କ ରାୟକୁ ବଳବତ୍ତର ରଖି ସିଜେଆଇଙ୍କ ଅଫିସ ଆର୍‌ଟିଆଇ ପରିସରଭୁକ୍ତ ବୋଲି କହିଲେ।

**ଅକ୍ଟୋବର ୫:** ସୁପ୍ରିମକୋର୍ଟ ଏହାକୁ ଡିଭିଜନ ବେଞ୍ଚରେ ଚ୍ୟାଲେଞ୍ଜ କଲେ।

**୨୦୧୦ ଜାନୁୟାରୀ ୧୨:** ସିଜେଆଇଙ୍କ ଅଫିସ ଆର୍‌ଟିଆଇ ଆଇନ ପରିସରରେ ବୋଲି ହାଇକୋର୍ଟର ୩ ଜଣିଆ ଖଣ୍ଡପୀଠ ରାୟ ଦେଲେ।

**ନଭେମ୍ବର ୨୬:** ସୁପ୍ରିମକୋର୍ଟ ସେକ୍ରେଟାରି ଜେନେରାଲ ଏବଂ ସିପିଆଇଓ ହାଇକୋର୍ଟ ତଥା ସିଆଇସିଙ୍କ ରାୟ ବିରୋଧରେ ୩ଟି ଅପିଲ ସର୍ବୋଚ୍ଚ ଅଦାଲତରେ ଦାଏର କଲେ।

**୨୦୧୬ ଅଗଷ୍ଟ ୧୭:** ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ପାଇଁ ସାମ୍ବିଧାନିକ ପୀଠକୁ ପଠାଇଲେ।

**୨୦୧୯ ଏପ୍ରିଲ ୪:** ସିଜେଆଇଙ୍କ ଅଫିସ ଆର୍‌ଟିଆଇ ପରିସରଭୁକ୍ତ କି ନୁହେଁ, ତାହା ବିଚାର କରି ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ।

## ବିଧାୟକ ଅଯୋଗ୍ୟ ଘୋଷଣାର ଘଟଣାକ୍ରମ

**ଜୁଲାଇ ୬:** କଂଗ୍ରେସ-ଜେଡିଏସ୍ ମେଣ୍ଟର ୧୨ ଅସନ୍ତୁଷ୍ଟ ବିଧାୟକ ଇସ୍ତଫା ଦେବାରୁ ୧୩ ମାସର କୁମାରସ୍ୱାମୀ ସରକାରରେ ସଙ୍କଟ ଦେଖାଦେଇଥିଲା।

**ଜୁଲାଇ ୧୦:** ବାଚସ୍ପତି ଜାଣିଶୁଣି ସେମାନଙ୍କ ଇସ୍ତଫା ଗ୍ରହଣ କରୁ ନ ଥିବା ଅଭିଯୋଗ କରି ଉଭୟ ଦଳର ୧୦ ବିଧାୟକ ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ।

**ଜୁଲାଇ ୧୧:** ବିଧାୟକମାନଙ୍କ ଇସ୍ତଫା ସମ୍ପର୍କରେ ତୁରନ୍ତ ନିଷ୍ପତ୍ତି ନେବାକୁ ସର୍ବୋଚ୍ଚ ଅଦାଲତ ବାଚସ୍ପତି ରମେଶ କୁମାରଙ୍କୁ କହିଥିଲେ। ଉକ୍ତ ନିର୍ଦ୍ଦେଶନାମା ବିରୋଧରେ ବାଚସ୍ପତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଜୁଲାଇ ୧୫:** ଆଉ ୫ ବିଦ୍ରୋହୀ ବିଧାୟକ ପୂର୍ବର ୧୦ ବିଧାୟକଙ୍କ ସହ ସାମିଲ ହୋଇ ସେମାନଙ୍କ ଇସ୍ତଫା ଗ୍ରହଣ ପାଇଁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ।

**ଜୁଲାଇ ୧୬:** ବିଧାୟକମାନଙ୍କ ଇସ୍ତଫା ଓ ଅଯୋଗ୍ୟ ଘୋଷଣା ସମ୍ପର୍କରେ ଜୁଲାଇ ୧୭ ସୁଦ୍ଧା ନିଷ୍ପତ୍ତି ନେବେ ବୋଲି ବାଚସ୍ପତି ଅଦାଲତଙ୍କୁ କହିଥିଲେ। ଏଥିସହିତ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ଖଣ୍ଡପୀଠ ଦେଇଥିବା ପୂର୍ବ ନିର୍ଦ୍ଦେଶନାମାରେ ପରିବର୍ତ୍ତନ ଲାଗି ଅନୁରୋଧ କରିଥିଲେ।

**ଜୁଲାଇ ୧୭:** ୧୫ ବିଦ୍ରୋହୀ ବିଧାୟକ ବିଧାନସଭା ଅଧିବେଶନରେ ଯୋଗଦେଉ ନ ଥିବାରୁ ବାଚସ୍ପତି ଉପଯୁକ୍ତ ସମୟସୀମା ମଧ୍ୟରେ ସେମାନଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ନେଇପାରିବେ ବୋଲି ଅଦାଲତ କହିଥିଲେ।

**ଜୁଲାଇ ୨୨:** ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ଆସ୍ଥାଭୋଟରେ ହାରିଯିବା ପରେ କଂଗ୍ରେସ-ଜେଡିଏସ୍ ସରକାର ଭାଙ୍ଗିଯାଇଥିଲା।

**ଜୁଲାଇ ୨୫:** ଦଳବଦଳ ନିରୋଧୀ ଆଇନ ବଳରେ ବାଚସ୍ପତି ତିନିଜଣ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ।

**ଜୁଲାଇ ୨୬:** କର୍ଣ୍ଣାଟକର ଭାଜପା ନେତା ବି.ଏସ୍. ୟେଦୁରପ୍ପା ଚତୁର୍ଥ ଥର ପାଇଁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।

**ଜୁଲାଇ ୨୮:** ଦଳ ବଦଳ ଆଇନ ଅନୁଯାୟୀ ବାଚସ୍ପତି ଅନ୍ୟ ୧୪ ବିଧାୟକଙ୍କୁ ଚଳିତ ବିଧାନସଭା କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ଅଯୋଗ୍ୟ ଘୋଷଣା କରିଥିଲେ।

**ଜୁଲାଇ ୨୯:** ୟେଦୁରପ୍ପା ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇଥିଲେ। ଅଯୋଗ୍ୟ ଘୋଷଣା ନିଷ୍ପତ୍ତିକୁ ୨ ଜଣ ବିଦ୍ରୋହୀ କଂଗ୍ରେସ ବିଧାୟକ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

**ଅଗଷ୍ଟ ୧:** ଅନ୍ୟ ୧୪ ବିଦ୍ରୋହୀ ବିଧାୟକ ବାଚସ୍ପତିଙ୍କ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ।

**ସେପ୍ଟେମ୍ବର ୧୭:** ବିଧାୟକମାନଙ୍କ ଆବେଦନର ଶୁଣାଣିରୁ ବିଚାରପତି ଏମ୍.ଏମ୍. ଶାନ୍ତାନାଗୌଦାର ଓହରିଯାଇଥିଲେ।

**ସେପ୍ଟେମ୍ବର ୨୩:** କର୍ଣ୍ଣାଟକର ୧୫ ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନରେ ଲଢ଼ିବା ଲାଗି ଅଯୋଗ୍ୟ ବିଧାୟକମାନେ ଚାହିଁବାରୁ ସୁପ୍ରିମକୋର୍ଟ ଏହାର ଶୁଣାଣି ପାଇଁ ରାଜି ହୋଇଥିଲେ।

**ଅକ୍ଟୋବର ୨୫:** ଅଯୋଗ୍ୟ ଘୋଷଣା ପିଟିଶନ ଉପରେ ରାୟ ସଂରକ୍ଷିତ ରଖିଥିଲେ ସର୍ବୋଚ୍ଚ ଅଦାଲତ।

**ନଭେମ୍ବର ୮:** ରାୟ ପ୍ରକାଶ ପାଇ ନ ଥିବାରୁ ବିଧାନସଭା ଉପନିର୍ବାଚନ ସ୍ଥଗିତ ରଖିବା ଲାଗି ଅଯୋଗ୍ୟ ଘୋଷିତ ବିଧାୟକମାନେ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ।

**ନଭେମ୍ବର ୧୩:** ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ବାଚସ୍ପତିଙ୍କ ନିଷ୍ପତ୍ତିକୁ ସର୍ବୋଚ୍ଚ ଅଦାଲତ କାଏମ ରଖିବା ସହ ସେମାନଙ୍କୁ ଡିସେମ୍ବର ୫ ଉପନିର୍ବାଚନ ଲଢ଼ିବା ପାଇଁ ଅନୁମତି ଦେଇଛନ୍ତି।

## ଭାଜପାରେ ହୋଇପାରେ ବିଦ୍ରୋହ

**ବେଙ୍ଗାଲୁରୁ, ୧୩।୧୧ (ପି.ଟି.)**


ରାଜୁ କାଗେ


ଶରତ ବଚ୍ଚେଗୌଡା

ଅଯୋଗ୍ୟ ଘୋଷିତ ୧୭ ବିଧାୟକଙ୍କ ମଧ୍ୟରୁ କେତେଜଣଙ୍କୁ କର୍ଣ୍ଣାଟକ ବିଧାନସଭା ଉପନିର୍ବାଚନରେ ଭାଜପା ଟିକେଟ ଦେବ ବୋଲି କୁହାଯାଉଛି। ଏହା ଜଣାପଡିବା ପରେ ଭାଜପାରେ ବିଦ୍ରୋହ ସୃଷ୍ଟି ହୋଇପାରେ ବୋଲି ସୂଚନା ମିଳିଲାଣି। ଉପନିର୍ବାଚନରେ ଟିକେଟ ନ ମିଳିଲେ ବିଦ୍ରୋହ କରିବା ପାଇଁ କଗୱାଦ ଆସନରୁ ଆଶାୟୀ ରାଜୁ କାଗେ ଏବଂ ଭାଜପାର ଛିକ୍କବାଲାପୁରା ଏମ୍‌ପି ବି.ଏନ୍. ବଚ୍ଚେଗୌଡାଙ୍କ ପୁଅ ଶରତ ଖୋଲାଖୋଲି ଧମକ ଦେଇସାରିଲେଣି। ଉଭୟ ୨୦୧୮ରେ ଭାଜପା ଟିକେଟରେ ଲଢ଼ି ହାରିଯାଇଥିଲେ। କାଗେ ଭାଜପା ଛାଡ଼ି କଂଗ୍ରେସରେ ଯୋଗଦେବେ ବୋଲି କହିଥିଲାବେଳେ ହୋସ୍‌କୋଟେ ଆସନରୁ ଶରତ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବେ ବୋଲି ଚେତାବନୀ ଦେଇଛନ୍ତି।

■ କର୍ଣ୍ଣାଟକର ୧୭ ବିଧାୟକ ଅଯୋଗ୍ୟ ଘୋଷଣା ମାମଲା

# ଅଯୋଗ୍ୟ କିନ୍ତୁ ଲଢ଼ିପାରିବେ ନିର୍ବାଚନ

**ନୂଆଦିଲ୍ଲୀ, ୧୩।୧୧ (ପି.ଟି.)**


କର୍ଣ୍ଣାଟକ ବିଧାନସଭାର ଅଯୋଗ୍ୟ ଘୋଷିତ ବିଧାୟକମାନେ।

କର୍ଣ୍ଣାଟକ ବିଧାନସଭାରୁ କଂଗ୍ରେସ ଏବଂ ଜେଡିଏସ୍‌ର ୧୭ ବିଧାୟକ ଅଯୋଗ୍ୟ ଘୋଷଣା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ବୁଧବାର କାଏମ ରଖିଛନ୍ତି। କର୍ଣ୍ଣାଟକ ବିଧାନସଭାର ତତ୍କାଳୀନ ବାଚସ୍ପତିଙ୍କ ଦ୍ୱାରା ସେମାନେ ଅଯୋଗ୍ୟ ଘୋଷିତ ହୋଇଥିଲେ। ତେବେ ଡିସେମ୍ବର ୫ରେ ରାଜ୍ୟର ୧୫ଟି ଆସନରେ ହେବାକୁ ଥିବା ଉପନିର୍ବାଚନରେ ସେମାନେ ଲଢ଼ିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ତେବେ ଦଳୀୟ ନିର୍ଦ୍ଦେଶ ଅବମାନନା ଲାଗି ଅଯୋଗ୍ୟ ଘୋଷଣା ଭଳି କଠୋର ନିଷ୍ପତ୍ତି ବିଧାୟକମାନଙ୍କ ବୈଧ ଭିନ୍ନ ମତାମତ ପ୍ରଦାନ କ୍ଷେତ୍ରରେ ଗୁରୁତର ପ୍ରଭାବ ପକାଇବ ବୋଲି ଖଣ୍ଡପୀଠ କହିଛନ୍ତି।

ପୂର୍ବତନ ବାଚସ୍ପତି କେ. ଆର୍. ରମେଶ କୁମାର ୧୭ ଜଣ ବିଦ୍ରୋହୀ ବିଧାୟକଙ୍କୁ ୧୫ତମ ବିଧାନସଭା କାର୍ଯ୍ୟକାଳ ଶେଷ ଅର୍ଥାତ୍ ୨୦୨୩ ପର୍ଯ୍ୟନ୍ତ ଅଯୋଗ୍ୟ ଘୋଷଣା କରିଥିଲେ। ତେବେ ବାଚସ୍ପତିଙ୍କ ନିର୍ଦ୍ଦେଶନାମାର ଉକ୍ତ ଅଂଶକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇ ସେମାନଙ୍କୁ ଉପନିର୍ବାଚନ ଲଢ଼ିବା ଲାଗି ପଥ ପରିଷ୍କାର କରିଦେଇଛନ୍ତି। ବାଚସ୍ପତି ସମ୍ବିଧାନର ଦଶମ ଅନୁସୂଚୀର କ୍ଷମତା ବଳରେ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ତେବେ କେତେଦିନ ପର୍ଯ୍ୟନ୍ତ ବିଧାୟକ ଅଯୋଗ୍ୟ ରହିବେ ତା'ର ସମୟସୀମା ଧାର୍ଯ୍ୟ କରିବା କ୍ଷମତା ତାଙ୍କର ନାହିଁ। ସେହିପରି କାହାକୁ ନିର୍ବାଚନ ଲଢ଼ିବାରୁ ବାଚସ୍ପତି ଅଟକାଇପାରିବେ ନାହିଁ ବୋଲି ଜଷ୍ଟିସ୍ ଏନ୍.ଭି. ରମନା, ସଞ୍ଜୀବ ଖାନ୍ନା ଏବଂ କ୍ରିଷ୍ଣା ମୁରାରିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ୧୦୯ ପୃଷ୍ଠାର ରାୟରେ ଅଦାଲତ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ଆଇନ କିମ୍ବା ନିୟମାବଳୀର ଉଦ୍ଦେଶ୍ୟକୁ ସ୍ମରଣରେ ରଖିବା ଜରୁରୀ। ସାମ୍ବିଧାନିକ ନିର୍ଦ୍ଦେଶ ସମ୍ପର୍କରେ ନିଷ୍ପତ୍ତି ନେଲାବେଳେ ଏହାର ନୈତିକତା ସ୍ଥାନରେ କଦାପି ରାଜନୀତିର ନୈତିକତାକୁ ଚାପିଦିଆଯାଇପାରିବ ନାହିଁ। ସାମ୍ବିଧାନରେ ବାଚସ୍ପତିମାନଙ୍କ କାର୍ଯ୍ୟ ନିରପେକ୍ଷ ହୋଇଥିଲାବେଳେ ଅଧିକାଂଶ କ୍ଷେତ୍ରରେ ସେମାନେ ଏହା ବିରୋଧରେ ଯାଉଛନ୍ତି। ରାଜନୈତିକ ଦଳଗୁଡିକ ଘୋଡାବେପାର ଓ ଦୁର୍ନୀତିରେ ଲିପ୍ତ ରହିବା ଫଳରେ ସାଧାରଣ ଜନତା ସ୍ଥାୟୀ ସରକାର ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଖଣ୍ଡପୀଠ କହିଛନ୍ତି। ଗୃହକାର୍ଯ୍ୟ ଚଳାଇଲାବେଳେ କିମ୍ବା କୌଣସି ଆବେଦନ ଉପରେ ନିଷ୍ପତ୍ତି ନେଲାବେଳେ ବାଚସ୍ପତି ଜଣେ ନିରପେକ୍ଷ ବ୍ୟକ୍ତି ଭାବେ କାହା ଦ୍ୱାରା ପ୍ରଭାବିତ ନ ହୋଇ କାର୍ଯ୍ୟ କରିବା ଉଚିତ। ବାଚସ୍ପତିଙ୍କ ଉପରେ ନ୍ୟସ୍ତ ସାମ୍ବିଧାନିକ ଦାୟିତ୍ୱକୁ ସେ ନିଷ୍ଠାର ସହ ନିର୍ବାହ କରିବା ଆବଶ୍ୟକ। କୌଣସି ଆବେଦନର ବିଚାର କଲାବେଳେ ରାଜନୈତିକ ସମ୍ପର୍କ ତାହା ଉପରେ ପ୍ରଭାବ ବିସ୍ତାର କରିବା ଉଚିତ ନୁହେଁ। ଏହିସବୁ ଚିନ୍ତାଧାରାକୁ ସୁଦୃଢ଼ କରାଗଲେ ଅଗଣତାନ୍ତ୍ରିକ କାର୍ଯ୍ୟ ବନ୍ଦ ହୋଇପାରିବ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି।

ସୂଚନାଯୋଗ୍ୟ ପୂର୍ବତନ ବାଚସ୍ପତିଙ୍କ ଅଯୋଗ୍ୟ ଘୋଷଣା ନିଷ୍ପତ୍ତିକୁ ସମ୍ପୃକ୍ତ ବିଧାୟକମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ ସେମାନେ ପ୍ରଥମେ ହାଇକୋର୍ଟଙ୍କୁ ନ ଯାଇ ସିଧାସଳଖ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବାରୁ ସେମାନଙ୍କର ଏଭଳି କାର୍ଯ୍ୟକୁ ଖଣ୍ଡପୀଠ ନିନ୍ଦା କରିଥିଲେ।

- ବାଚସ୍ପତିଙ୍କ ନିଷ୍ପତ୍ତି ସୁପ୍ରିମକୋର୍ଟରେ କାଏମ
- ଅଯୋଗ୍ୟ ଘୋଷଣା ଭଳି କଠୋର ନିଷ୍ପତ୍ତି ବୈଧ ଭିନ୍ନମତକୁ ପ୍ରଭାବିତ କରିବ: ଖଣ୍ଡପୀଠ



ଅଯୋଗ୍ୟ ଘୋଷିତ ବିଧାୟକମାନଙ୍କୁ ଉପନିର୍ବାଚନ ଲଢ଼ିବା ଲାଗି ସୁପ୍ରିମକୋର୍ଟ ଅନୁମତି ଦେଇଥିବାରୁ ଏହା ସ୍ୱାଗତଯୋଗ୍ୟ। ତତ୍କାଳୀନ ବାଚସ୍ପତି କେ.ଆର୍. ରମେଶ କୁମାର ଓ କଂଗ୍ରେସ ନେତା ସିଦ୍ଧାରାମାୟାଙ୍କ ଷଡ଼ଯନ୍ତ୍ର ବିରୋଧରେ ଏହି ରାୟ।

**–ବି.ଏସ୍. ୟେଦୁରପ୍ପା, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ**



୧୭ ବିଧାୟକଙ୍କ ଅଯୋଗ୍ୟ ଘୋଷଣା ନିଷ୍ପତ୍ତିକୁ ସର୍ବୋଚ୍ଚ ଅଦାଲତ କାଏମ ରଖିଥିବାରୁ ଆଶ୍ୱସ୍ତ।

**–କେ.ଆର୍. ରମେଶ କୁମାର, କର୍ଣ୍ଣାଟକର ପୂର୍ବତନ ବାଚସ୍ପତି**



ସୁପ୍ରିମକୋର୍ଟଙ୍କ ରାୟ ପରେ ଅଯୋଗ୍ୟ ଘୋଷିତ ବିଧାୟକମାନଙ୍କୁ କିଭଳି ପରିଚାଳନା କରିବାକୁ ହେବ ସେଥିପାଇଁ ଆଉ ଚିନ୍ତା ନ ଥିବାରୁ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ତାଙ୍କ ସରକାରର ଅବଶିଷ୍ଟ ସମୟ ନିରାପଦରେ ଚଳାଇପାରିବେ।

**–ଏଚ.ଡି. ଦେବେଗୌଡା, ଜେଡିଏସ୍ ଅଧ୍ୟକ୍ଷ**

ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ କାଏମ ରଖିବା ସ୍ୱାଗତଯୋଗ୍ୟ। ବି.ଏସ୍. ୟେଦୁରପ୍ପାଙ୍କ ନେତୃତ୍ୱାଧୀନ ରାଜ୍ୟର ଭାଜପା ସରକାର ବେଆଇନ ବୋଲି ଏହି ରାୟ ପ୍ରମାଣ କରିଛି। ଉକ୍ତ ସରକାରକୁ ବରଖାସ୍ତ କରାଯାଉ।

**–କର୍ଣ୍ଣାଟକ କଂଗ୍ରେସ**

## କ'ଣ ହୋଇଥିଲା

**ବେଙ୍ଗାଲୁରୁ, ୧୩।୧୧**

୨୦୧୮ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଜେଡିଏସ୍ ତୃତୀୟ ସଂଖ୍ୟାଗରିଷ୍ଠ ଦଳ ଥିଲା। ୧୦୪ ଆସନରେ ଜିତି ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ହେଁ ଏହାକୁ କ୍ଷମତାଠାରୁ ଦୂରେଇ ରଖିବା ଲାଗି ୮୦ ଆସନରେ ଜିତି ଦ୍ୱିତୀୟ ବୃହତ୍ ଦଳ ଭାବେ ଉଭାହୋଇଥିବା କଂଗ୍ରେସ ସରକାର ଗଠନ ଲାଗି ଜେଡିଏସ୍‌କୁ ସମର୍ଥନ ଦେଇଥିଲା। ଫଳରେ ୩୭ ଆସନରେ ଜିତିଥିବା ଜେଡିଏସ୍ କଂଗ୍ରେସ ସହାୟତାରେ ସରକାର ଗଠନ କରିଥିଲା। ଜେଡିଏସ୍ ରାଜ୍ୟ ସଭାପତି ଏଚ୍.ଡି. କୁମାରସ୍ୱାମୀ ୨୦୧୮ ମେ ୨୩ରେ ମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହାର ୧୩ ମାସ ପରେ ଚଳିତ ବର୍ଷ ଜୁଲାଇରେ ୧୩ଜଣ ଅସନ୍ତୁଷ୍ଟ କଂଗ୍ରେସ ବିଧାୟକ ଓ ୩ ଜେଡିଏସ୍ ବିଧାୟକ ଇସ୍ତଫା ଦେଇଥିଲେ। ଏଥିସହିତ ଜଣେ ବିଏସ୍‌ପି ବିଧାୟକ ଓ ୨ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କରିନେବାରୁ କୁମାରସ୍ୱାମୀ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିଲା। ଜୁଲାଇ ୨୩ରେ ଅନୁଷ୍ଠିତ ଆସ୍ଥାଭୋଟରେ କୁମାରସ୍ୱାମୀଙ୍କ ସପକ୍ଷରେ ୯୯ ଭୋଟ ଯାଇଥିଲାବେଳେ ୧୦୫ ଭୋଟ ତାଙ୍କ ବିରୋଧରେ ପଡ଼ିଥିଲା। ଆସ୍ଥାଭୋଟରେ ହାରିଯିବାରୁ ସରକାରର ପତନ ଘଟିଥିଲା ଓ ମୁଖ୍ୟମନ୍ତ୍ରୀ ପଦରୁ କୁମାରସ୍ୱାମୀ ଇସ୍ତଫା ଦେଇଥିଲେ। ଫଳରେ ଏକକ ସଂଖ୍ୟାଗରିଷ୍ଠ ଦଳର ନେତା ବି.ଏସ୍. ୟେଦୁରପ୍ପା ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହାକୁ 'ଅପରେଶନ କମଲ'ର ସଫଳତା ବୋଲି ସେତେବେଳେ କୁହାଯାଇଥିଲା।

## ଆଜି ଭାଜପାରେ ମିଶିବେ ଅଯୋଗ୍ୟ ବିଧାୟକ

**ବେଙ୍ଗାଲୁରୁ, ୧୩।୧୧ (ପି.ଟି.)**

ଅଯୋଗ୍ୟ ଘୋଷିତ କର୍ଣ୍ଣାଟକର ୧୭ ବିଧାୟକଙ୍କୁ ଡିସେମ୍ବର ୫ ଉପନିର୍ବାଚନରେ ଲଢ଼ିବା ଲାଗି ସୁପ୍ରିମକୋର୍ଟ ଅନୁମତି ଦେବା ପରେ ସେମାନେ ଗୁରୁବାର ଭାଜପାରେ ସାମିଲ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ଅଶ୍ୱତ୍ଥନାରାୟଣ ସି.ଏନ୍. କହିଛନ୍ତି। ସେମାନେ ଭାଜପାରେ ମିଶିବା ପାଇଁ ଆଗ୍ରହୀ ଓ ଦଳର ବରିଷ୍ଠ ନେତାମାନଙ୍କୁ ସାକ୍ଷାତ କରିଛନ୍ତି। ସେମାନଙ୍କୁ ଭାଜପାରେ ସ୍ୱାଗତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ଭାଜପା ସ୍ୱାଗତ କରିବା ସହ ଆସନ୍ତା ମାସରେ ହେବାକୁଥିବା ଉପନିର୍ବାଚନରେ ଉପରୋକ୍ତ ବିଧାୟକମାନଙ୍କୁ ଟିକେଟ ଦେବା ନେଇ ଦଳୀୟ ନେତୃତ୍ୱ ନିଷ୍ପତ୍ତି ନେବେ। ଆସନ୍ତା ମାସ ୫ ତାରିଖରେ ୧୫ଟି ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ଅଯୋଗ୍ୟ ବିଧାୟକମାନଙ୍କୁ ଟିକେଟ ଦେବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ୟୁରପ୍ପା ଓ ଦଳର କୋର କମିଟି ନିଷ୍ପତ୍ତି ନେବ ବୋଲି ଏହାର ରାଜ୍ୟ ସଭାପତି ନଳୀନ କୁମାର କାଟିଲ୍ କହିଛନ୍ତି।

## ବନ୍ଧା ହେଲେ ନକଲି ଡାକ୍ତର

### ମହଙ୍ଗା ପଡ଼ିଲା ଜାଲ୍ ସାର୍ଟିଫିକେଟରେ ଚାକିରି

**ସୁନ୍ଦରଗଡ଼, ୧୩।୧୧ (ଡି.ଏନ୍.ଏ.)**

ଦିନେ ନୁହେଁ କି ଦୁଇଦିନ ନୁହେଁ। ଜାଲ୍ ସାର୍ଟିଫିକେଟ ବଳରେ ଗତ ୩ ବର୍ଷ ୩ମାସ ପର୍ଯ୍ୟନ୍ତ ସେ ସୁନ୍ଦରଗଡ ଜିଲା ନୂଆଁଗାଁ ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାକିରି କରୁଥିଲେ। ପ୍ରତି ମାସରେ ତାଙ୍କୁ ଦରମା ବାବଦରେ ୫୫ହଜାର ଟଙ୍କା ଓ ଅନ୍ୟାନ୍ୟ ଭତ୍ତା ମିଳୁଥିଲା। ସୂଚନା ଅଧିକାର ଆଇନ ବଳରେ ସଂପୃକ୍ତ ଡାକ୍ତର ପଦ୍ମନାଭ ମୁଖୀ କାରୁଆଙ୍କ ନକଲି ତଥ୍ୟ ପଦାକୁ ଆସିବା ପରେ ବୁଧବାର ତାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ଏହି ନାମଧାରୀ କୌଣସି ଡାକ୍ତରୀ ଛାତ୍ର ୨୦୦୨ରେ ଫାଇନାଲ କିମ୍ବା ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇ ନ ଥିବା ସ୍ପଷ୍ଟ ସୂଚନା ମିଳିଛି। ଏଣେ ଡାକ୍ତରଙ୍କ ଏମ୍‌ବିବିଏସ୍ ସାର୍ଟିଫିକେଟ ଜାଲ୍ ବୋଲି ଜଣାପଡିବା ପରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରାତିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର ସଂପୃକ୍ତ ଡାକ୍ତରଙ୍କ ବିରୋଧରେ ସୁନ୍ଦରଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟାଉନ ଥାନାରେ ଏକ ଠକେଇ ମାମଲା (ନଂ ୨୫୪/୧୯)ରୁଜୁ କରିବା ସହ ସେ ସମୟର ସମସ୍ତ ନିଯୁକ୍ତି ସମ୍ପର୍କିତ କାଗଜପତ୍ର ଓ ସାର୍ଟିଫିକେଟ ଜବତ କରିଛି। ବିଳମ୍ବିତ ରାତିରେ ପୋଲିସ ସଂପୃକ୍ତ



ଡାକ୍ତରଙ୍କୁ ଥାନାକୁ ଆଣି ପଚରାଉଚରା ଆରମ୍ଭ କରିଥିଲା। ଏସ୍‌ପି ସୌମ୍ୟା ମିଶ୍ରାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଏସ୍‌ପି ରବି ନାରାୟଣ ବାରିକ, ଡିଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ, ଟାଉନ ଥାନା ଆଇଆଇସି ବିଭିସ୍ର କୁମାର ପ୍ରଧାନ ପ୍ରମୁଖ ତାଙ୍କୁ ମାରାଥନ୍ ଜେରା କରିଥିଲେ। ଶେଷରେ ତାଙ୍କୁ ଗିରଫ କରାଯାଇ ରାତି ପ୍ରାୟ ସାଢେ ୭ଟାରେ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ବିରୋଧରେ ଦଫା ୪୨୦, ୪୬୫, ୪୬୮, ୪୭୧ରେ ମାମଲା ରୁଜୁ ହୋଇଛି।

ଝାଡଖଣ୍ଡର ମୂଳ ବାସିନ୍ଦା ପଦ୍ମନାଭ ରାଉରକେଲା ସେକ୍ଟର ୬ସ୍ଥିତ ଇସ୍ପାତ୍ ଶିକ୍ଷାସଦନରୁ ୧୯୮୯ ମସିହା ସେପ୍ଟେମ୍ବରରେ ତୃତୀୟ ଶ୍ରେଣୀରେ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାରେ ପାସ୍ କରିଥିଲେ। ରାଉରକେଲା ଇସ୍ପାତ ମହାବିଦ୍ୟାଳୟରୁ ୧୯୯୧ରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ତୃତୀୟ ଶ୍ରେଣୀରେ ପାସ କରିଥିଲେ। ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରୁ ୨୦୦୨ରେ ଏମ୍‌ବିବିଏସ୍ ପାସ୍ କରିଥିବା ନେଇ ନିଯୁକ୍ତି ବେଳେ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ନିକଟରେ ଦାଖଲ କରିଥିବା ସାର୍ଟିଫିକେଟରୁ ଜଣାଯାଇଛି। ଏପରି କି ଗତ କିଛିଦିନ ଧରି ଏହି ଡାକ୍ତରୀ ସାର୍ଟିଫିକେଟ ଦେଖାଇ ସେ ରାଉରକେଲା ହାଇଟେକ୍ ମେଡିକାଲ, ବନ୍ଧମୁଣ୍ଡା ରେଳବିଭାଗ ଡାକ୍ତରଖାନା ଓ ରାଉରକେଲା ଇସ୍ପାତ କାରଖାନା ଡାକ୍ତରଖାନାରେ ରୋଗୀ ସେବା କରିଆସୁଥିଲେ। ହେଲେ ତାଙ୍କ ସାର୍ଟିଫିକେଟର ସତ୍ୟତା ନେଇ ସନ୍ଦେହ ସୃଷ୍ଟି ହେବାରୁ ତଡା ଖାଇଥିଲେ। ୨୦୧୬ରେ ତତ୍କାଳୀନ ସିଡିଏମ୍‌ଓ ଶଶୀଭୂଷଣ ନାଏକଙ୍କ ସମୟରେ ତାଙ୍କୁ ଚୁକ୍ତିଭିତ୍ତିକ ସରକାରୀ ଡାକ୍ତର ଭାବେ ନିଯୁକ୍ତି ମିଳିଥିଲା। ମାତ୍ର ନୂଆଁଗାଁ ଅଞ୍ଚଳରେ ତାଙ୍କ ରୋଗୀ ସେବାକୁ ନେଇ ପୁଣି ସନ୍ଦେହ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଗତ ୩ମାସ ତଳେ ଅଞ୍ଚଳବାସୀଙ୍କ ତରଫରୁ ଜିଲାପାଳଙ୍କଠାରେ ଅଭିଯୋଗ କରାଯାଇଥିଲା। ତାଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯିବା ପରେ ସେପ୍ଟେମ୍ବର ୨୭ ତାରିଖରେ ଧରିତ୍ରୀରେ ଏ ସଂକ୍ରାନ୍ତରେ ପ୍ରଥମେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ପ୍ରକାଶ ପାଇଥିଲା। ଏହା ଦେଖି ପଦ୍ମନାଭ ଜିଲା ମୁଖ୍ୟ ଚିକିତ୍ସାଳୟର କେତେଜଣ କର୍ମଚାରୀଙ୍କୁ ହାତ କରି ଅନ୍ୟତ୍ର ବଦଳି ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ।

## ରାଜ୍ୟରେ ୯ ଅର୍ବାନ ବ୍ୟାଙ୍କ କାର୍ଯ୍ୟକ୍ଷମ

### କର୍ମକର୍ତ୍ତାଙ୍କ ବିରୋଧରେ ୬ ଅଭିଯୋଗ

**ଭୁବନେଶ୍ୱର, ୧୩।୧୧ (ବ୍ୟୁରୋ):** ରାଜ୍ୟରେ ବର୍ତ୍ତମାନ ୯ଟି ଅର୍ବାନ ବ୍ୟାଙ୍କ ଓ ଉତ୍କଳ କୋଅପରେଟିଭ ବ୍ୟାଙ୍କ କାର୍ଯ୍ୟକ୍ଷମ ଅଛି। ଅର୍ବାନ ବ୍ୟାଙ୍କ ଓ କର୍ମକର୍ତ୍ତାଙ୍କ ବିରୋଧରେ ୨୦୧୯ ଜାନୁୟାରୀରୁ ବର୍ତ୍ତମାନ ସୁଦ୍ଧା ୬ଟି ଅଭିଯୋଗ ଆସିଛି ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଭାଜପା ସଦସ୍ୟ କୁସୁମ ଟେଟେ ବିଧାନସଭା ଅଣତାରକା ପ୍ରଶ୍ନ ୧୨୧ର ଉତ୍ତରରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି , କଟକର ଅର୍ବାନ କୋଅପରେଟିଭ ବ୍ୟାଙ୍କର ଦୁଇଜଣ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସିଥିବା ବେଳେ ଦୁଇଟି ଯାକ କ୍ଷେତ୍ରରେ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କର ଜଣେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଏ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କେବଳ ତଦନ୍ତ ରିପୋର୍ଟ ପ୍ରସ୍ତୁତ ଚାଲିଛି, ଯାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେହିପରି ନିର୍ଦ୍ଦିଷ୍ଟ ଏକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର ଅନୁଯାୟୀ କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କର ଏକ ଘଟଣାକୁ ନେଇ ତଦନ୍ତ ଚାଲିଛି। ଏହି ସମ୍ପର୍କିତ ରିପୋର୍ଟ ୧୫ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସେହିପରି ରାଉରକେଲା କୋଅପରେଟିଭ ବ୍ୟାଙ୍କରେ ସଭାପତି ଦୁର୍ନୀତି କରିଥିବା ଅଭିଯୋଗ ହୋଇଛି। ଏନେଇ ମଧ୍ୟ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କରେ ଋଣ ସମ୍ବନ୍ଧୀୟ ଏକ ଘଟଣାରେ ତଦନ୍ତ ପାଇଁ କୁହାଯାଇଥିଲା ବେଳେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ମନ୍ତ୍ରୀ କହିଛନ୍ତି।

## ଥାନା ହାଜତରୁ ଅଭିଯୁକ୍ତ ଫେରାର

**ନବରଙ୍ଗପୁର/ପାପଡାହାଣ୍ଡି, ୧୩।୧୧ (ବି.ପ୍ର./ଡି.ଏନ.ଏ.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ହାଜତରୁ ଜଣେ ଅଭିଯୁକ୍ତ ପରିସ୍ରା ଯିବା ବାହାନାରେ ମଙ୍ଗଳବାର ରାତିରେ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ତେନ୍ତୁଳିଖୁଣ୍ଟି ଥାନା ଅଧୀନ ପଠାନଗୁଡା ଗାଁର ଅରୁଣ ହରିଜନ। ଅକ୍ଟୋବର ୫ ତାରିଖରେ ଜେଲରୁ ସେ ଜାମିନରେ ଆସିଛନ୍ତି। ଏକ ଲୁଟ ଘଟଣାରେ ଅରୁଣଙ୍କୁ ରବିବାର ନବରଙ୍ଗପୁର ପୋଲିସ ଗିରଫ କରିଥିଲା। ଯେ ହେତୁ ପାପଡାହାଣ୍ଡି ଥାନାରେ ଅରୁଣଙ୍କ ନାମରେ ପୂର୍ବରୁ ମାମଲା ରହିଛି ତେଣୁ ତାଙ୍କୁ ପାପଡାହାଣ୍ଡି ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ମଙ୍ଗଳବାର ରାତି ପ୍ରାୟ ୨ ଟା ସମୟରେ ପରିସ୍ରା ଯିବାକୁ କହି ଅରୁଣ ବାହାରକୁ ଆସି ଫେରାର ହୋଇଯାଇଥିଲେ। ସେହି ସମୟରେ ଥାନାରେ ସେଣ୍ଟ୍ରି ଦାୟିତ୍ୱରେ କନଷ୍ଟେବଳ ଗଣେଶ ମାଝି ଥିଲେ। କାର୍ଯ୍ୟରେ ଅବହେଳା ପାଇଁ ଗଣେଶଙ୍କୁ ଏସପି ନିତିନ୍ କୁଶଲକର ତୁରନ୍ତ ନିଲମ୍ବିତ କରିଛନ୍ତି। ଅରୁଣଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ଆଇଆଇସି ଲିମରାଜ ପ୍ରଧାନ କହିଛନ୍ତି। ପାପଡାହାଣ୍ଡି, ତାରାଗାଁ ଓ ସିଂଗସାରି ଥାନାରେ ଅରୁଣଙ୍କ ନାମରେ ପୂର୍ବରୁ ମାମଲା ରହିଛି।


### ପୌର ପରିଷଦ, ମାଲକାନଗିରି
### OFFICE OF THE MUNICIPAL COUNCIL, MALKANGIRI

Odisha, Pin: 764045, Ph: 06861-230244, e-Mail: eomalkangiri@gmail.com

**ବିଜ୍ଞାପନ**

ଏତଦ୍ୱାରା ପୌର ପରିଷଦ, ମାଲକାନଗିରି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନବ ମଳ ପରିଚାଳନା (Faecal Sludge and Septage Management-FSSM) 2018 ଅଧିନିୟମ ପୌର ପରିଷଦ, ମାଲକାନଗିରି ଦ୍ୱାରା ଅନୁମୋଦିତ ହୋଇ ରାଜ୍ୟ ସରକାରଙ୍କର ରାଜ ପତ୍ର (Odisha Gazette)ରେ ଗତ 14.08.2019 ତାରିଖରେ ପ୍ରକାଶିତ ହୋଇଅଛି। ଏ ସମ୍ବନ୍ଧରେ ଯଦି କାହାର କୌଣସି ଆପତ୍ତି ଓ ଅଭିଯୋଗ ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ଏକ ମାସ ମଧ୍ୟରେ ଉକ୍ତ ବ୍ୟକ୍ତିବିଶେଷ ଅଭିଯୋଗ ଓ ପରାମର୍ଶ ଲିଖିତ ଭାବେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଜଣାଇବେ। ଉକ୍ତ ଅବଧି ପରେ ପ୍ରାପ୍ତ ହୋଇଥିବା ଆପତ୍ତି ଓ ଅଭିଯୋଗ ବା ପରାମର୍ଶ ବିଚାରକୁ ନିଆଯିବ ନିହଁ।

**ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ମାଲକାନଗିରି**

---

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
### cmpdi CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited / Govt. of India Public Sector Undertaking)
Regional Institute - VII, Plot No. : E-4, Near Gandhi Park, Samantapuri, PO : RRL, Bhubaneswar - 751013 (Odisha)

#### e-TENDER NOTICE

Offers are invited for CMPDI, RI -VII, Samantapuri, Near Gandhi Park, Bhubaneswar through e-Tendering (ON-LINE BIDDING) only : **(1) Tender Notice No. CMPDI/RI-VII/BBSR/CIVIL/e-T/2019/E-380739 Dt.: 14.10.2019 Name of work :** Construction of Toilet block with water supply arrangement near CMPDI Colony, Bhubaneswar under CSR. **Work value :** ₹ 29,59,956/-. **(2) Tender Notice No. CMPDI/RI-VII/BBSR/CIVIL/R_e-T_1/2019/E-380731 Dt.: 14.10.2019 Name of work :** Construction of classroom with provision of electrical appliances for Bapuji Govt. UP School, Godakana, Bhubaneswar under CSR. **Work value :** ₹ 13,03,569/-. **Sale Period : 14.11.2019 to 28.11.2019.** (For NIT Sl. No. 1 & 2). The details of the tenders are available on following website **www. cmpdi.co.in, www.eprocure.gov.in** and **https://coalindia tenders.nic.in**. Important Note to all prospective bidders : For On-line Bidding, the bidders should possess Class II/III Digital Signature Certificate (DSC) and enroll themselves at **https://coalindiatenders.nic.in.** For any query, contact HOD (Civil), CMPDI, RI-VII, Bhubaneswar Mobile 9438881023, 9438881014 & Fax No. 0674 - 2394357.

**Regional Director**

---

### OFFICE OF THE REGULATED MARKET COMMITTEE, BARGARH

**No. 29** **Date: 12.11.19**

**SHORT TENDER / QUOTATION CALL NOTICE**

The Addl. District Magistrate-cum-Chairman, Regulated Market Committee, Bargarh invite rate quoted bid in sealed cover from reputed manufacturer/ authorized registered dealers for supply, installation and commissioning along with AMC charges of grading equipments viz (i) Electronic Weighing Scale 300 Kg. capacity, (ii) Mini Grader, (iii) Analysis Box / Kit, (iv) Sample Divider (boerner type), (v) Set of sieves, (vii) Micro Meter, (viii) Moisture Meter according to the specification communicated vide lette No. 3252 dtd. 30.10.2018 and letter No. 1729 (66) dtd. 20.08.2019 of OSAM Board, Bhubaneswar. The quotations should be reached to this office by Regd. post/Office Box in person on or before 3.00 PM of 20.11.2019. The bids will be opened at 11.00 AM on 22.11.2019 in this office in presence of tenderer or their representative. The intending firms must submit papers like valid GST certificate, PAN and other related documents as per norms fixed by the Government.

The authority reserves all the right to reject all or any of the quotation without assigning any reason thereof. For further details contact vide e-mail: **rmcbargarh58@gmail.com** and also visit website: **www.bargarh.nic.in**.

**Sd./- Secretary, RMC, Bargarh**

---

### PARADIP PORT TRUST

**e-TENDER CALL NOTICE**

Name of the work : **"Supply, Installation & Commissioning of Additional CCTV Security Surveillance System in Township of Paradip Port Trust**. Estimated cost : Rs.73,54,987/-, Last date & time of submission of bid : dt.29.11.2019 to 17.00Hrs. Refere our website for details **https://eprocure.gov.in/eprocure/app.**

**Executive Engineer(PED-III)**
**PPT/PR/451/19-20 Dt.13.11.2019**

---

### OFFICE OF THE REGULATED MARKET COMMITTEE, BARGARH

**No. 28** **Date: 12.11.19**

**SHORT TENDER / QUOTATION CALL NOTICE**

The Addl. District Magisrate-cum-Chairman, Regulated Market Committee, Bargarh invite rate quoted bid in sealed cover from the eligible authenticated Suppliers/ Firms for establishment of fully electronic type (pitless kind) Weighbridge on turnkey basis with 60 M.T. capacity at Krushaka Bazar, RMC, Bargarh within two months from the finalization of the bid by signing of agreement by the bidder as per the **specification** given by the OSAM Board, Bhubaneswar vide letter no. 1729 (66) dated 20.08.2019 attached with the notice and **terms & condition** as laid down vide OSAM Board, Bhubaneswar Notice No. 2978 dated 19.10.2016. The quotations should be reached to this office by Regd. post/ Office Box on or before 3.00 PM of 20.11.2019. The bids will be opened at 11.00 AM on 22.11.2019 in this office in presence of tenderer or their representative. The intending firms must submit papers like valid GST certificate, PAN and other related documents as per norms fixed by the Government.

The authority reserves all the right to reject all or any of the quotation without assigning any reason thereof. For further details contact vide e-mail: **rmcbargarh58@gmail.com** and also visit website: **www.bargarh.nic.in**.

**Sd./- Secretary, RMC, Bargarh**

---

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ
#### (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
#### ବିଜ୍ଞପ୍ତି

ପତ୍ର ସଂଖ୍ୟା: ୭୮୩/ଡି.ସି.ପି.ୟୁ./୧୯ ତାରିଖ: ୧୩।୧୧।୨୦୧୯

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଚାରିଛକ ପାଖରେ ସ୍ଥିତ ରାଣୀପଥର ନାଳ ନିକଟରୁ ଏକ ଶିଶୁକନ୍ୟା ଶ୍ରୀମତୀ ସରୋଜିନୀ ବେହେରା, ସ୍ୱା.- ରାଏଧର ବେହେରା, ଗ୍ରା- ଟିକରପଡ଼ା, ଥାନା- ବଘିଆପଡ଼ାଙ୍କ ଦ୍ୱାରା ଉଦ୍ଧାର କରାଯାଇଥିଲା ଏବଂ ଶିଶୁ ମଙ୍ଗଳ ସମିତି, ବୌଦ୍ଧଙ୍କ ପାଖରେ ଉପସ୍ଥିତ କରାଯାଇଥିଲା। ପରେ ଶିଶୁ ମଙ୍ଗଳ ସମିତି, ବୌଦ୍ଧଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା (ଏସ୍.ଏ.ଏ.) ଯୁବ ଜ୍ୟୋତି ଯୁବକ ସଂଘ, ସୋନପୁର, ଜିଲ୍ଲା- ସୁବର୍ଣ୍ଣପୁରଠାରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଛି। ଉକ୍ତ ଶିଶୁଟିର ଯଦି କେହି ଜନ୍ମିତ ପିତାମାତା କିମ୍ବା ଅଭିଭାବକ ଓ ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ (ତିରିଶ) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବୌଦ୍ଧ, **ଫୋନ୍- ୦୬୮୪୧- ୨୨୨୪୪୪, ୯୪୩୭୮୨୭୨୫୪** କିମ୍ବା ଜିଲ୍ଲା ଶିଶୁ ମଙ୍ଗଳ ସମିତି ବୌଦ୍ଧ, **ଫୋନ୍ - ୦୬୮୪୧-୨୨୨୮୨୪, ୯୪୩୭୨୯୮୬୦୪**କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ଉକ୍ତ ଶିଶୁଟିକୁ ନେଇ ଯିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ତଥା Adoption Regulation - 2017 ଅନୁଯାୟୀ ଶିଶୁଟିକୁ ଆଇନତଃ ଦାୟମୁକ୍ତ ଘୋଷଣା କରାଯାଇ ପୋଷ୍ୟ ସନ୍ତାନ ନିମନ୍ତେ ବ୍ୟବସ୍ଥା କରାଯିବ।

| ନାମ | ଲିଙ୍ଗ | ଉଦ୍ଧାର ତାରିଖ | ଉଦ୍ଧାର କରାଯାଇଥିବା ସ୍ଥାନ | ଫଟୋ |
|---|---|---|---|---|
| ଯୋଶୋଦା | ଝିଅ | ୩୦।୧୦।୨୦୧୯ | ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଚାରିଛକ ପାଖରେ ସ୍ଥିତ ରାଣୀପଥର ନାଳ |  |

**ସ୍ୱା./- ଜିଲ୍ଲାପାଳ, ବୌଦ୍ଧ**

---

### ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଡ଼ଚଣା
### PANCHAYAT SAMITI OFFICE, BARCHANA

At/PO: Barchana, Dist: Jajpur, Pin: 754296, Tel/Fax No.: 06725-226269,
E-mail: ori-badachana@nic.in

**DTCN No. / Dev-2019-20 4642** **Date: 13.11.2019**

The Block Development Officer, Barchana invites sealed tenders on behalf of Governor of Odisha from registered and eligible Contractors of the State P.W.D (R&B)/Water Resources/ Rural Works/M.I./C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the work | Amount put to tender | Cost of tender paper non-refundable | E.M.D. 1% | Time for completion the work in months | Class of contractors |
|---|---|---|---|---|---|---|
| 1. | Const. of new class room and office room of B.B. Autonomous Mohavidyalaya, Chandikhole | Rs. 25,00,000 | Rs. 6720/- | Rs. 25000/- | 06 (Six) calendar months | "B" & above |

**Terms and Conditions:**

1. **Cost of Tender Paper:** The tender specifications can be obtained from Panchayat Samiti Office, Barchana on payment towards cost of the tender papers as mentioned above (Non-refundable) in shape of Bank Draft in favour of Block Development Officer, Barchana in S.B.I. Bank having its branch at Chandikhole.
2. **Sale of Tender Papers:** The tender documents will be sold from 15.11.19 to 29.11.19 at Panchayat Samiti Office, Barchana. The tender documents will be sold during the above mentioned period between 10 AM to 5 PM on working days only. The cost of bid document should be attached with the bid (in shape of Bank Draft payable at SBI, Chandikhole).
3. **Date of receipt and mode of submission of Tender Papers:** The tenderers have to submit sealed tender papers in complete shape through Registered Post/ Speed Post only to the B.D.O., Barchana in his official postal address. The last date of receipt of tender papers is 29.11.19 (upto 5 PM). The undersigned will not be responsible for postal delay if any or non-receipt of the papers in time. The tenderers must superscribe the name of the work/project on the sealed envelopes.
4. **Date of Opening of Tender Paper:** The tender papers shall be opened on 30.11.19 at 11 AM at Conference Hall, Barchana Block in the presence of the tenderers or their authorized representatives having written authorization for the purpose and the tender committee.
5. **Earnest Money Deposit:** The E.M.D. is to be deposited in shape of Post Office Short Term deposit/ Term Deposit/ N.S.C./KVP, or deposit receipt of any Nationalized Bank duly pledged in favour of Block Development Officer, Barchana. The Tender Papers without required amount of E.M.D. will not be considered and transfer or adjustment of E.M.D. is not also admissible.
6. **Document to be Attached:** The tender is to submit in one cover is to contain E.M.D., signed DTCN, Price bid duly filled in and signed by the tenderer along with the following documents should be furnished with the tender papers failing which the tender will be liable to rejection. a) E.M.D. pledged in favour of the Block Development Officer, Barchana. (b) Attested copy of Contractor Registration Certificate. (c) Attested copy of PAN card. d) Up to date GST clearance certificate. e) Attested copy of up to date valid labour license. f) Attested copy of Caste Certificate issued by competent authorities in case of S.C./ S.T. contractors desirous of availing preference. g) Affidavit as regards the fact of availing award of work without submission of E.M.D. / I.S.D. during the current financial year in case of Engineer Contractors desirous of availing exemption of E.M.D. h) Affidavit about the authentication of document including bank guarante..
7. **Additional Performance Security Deposit:** The additional performance security shall be deposited by the bidder, when the bid amount less than the estimated cost put to tender. In such case/event the bidder who have quoted less bid price than the estimated cost put to tender shall have to furnish the exact amount of differential cost i.e. estimated cost put to tener minus the quoted amount as Additional Performance Security in shape of Post office short term deposit/NSC/K.V.P./ deposit receipt of any Nationalized Bank duly pledged in favour of Block Development Officer, Barchana in the sealed envelope alongwith the price bid at the time of submission of bids.
8. **Forfeiture:** a) The E.M.D. amount will be forfeited, if the tenderer backs out from the offer of acceptance of tender, by the competent authority. b) Submission of more than one tender paper by a bidder for a single work will be liable for rejection of all such tender papers. c) On review of the last performance of the works executed through B.D.O., Barchana previously, the lowest-1 tenderer may/may not be considered for the works, though he/she becomes lowest-1 tender. d) The Contractors who have failed to execute projects of this agency/ backed out from execution process/abandoned the project work midway/those who have been declared by this agency to be the defaulters otherwise will not be allowed to participate in the present tender process. If any of such contractors participates then his/her papers will not be considered at all. e) The undersigned reserves the right either to reject any or all tenders or cancel the entire process without assigning the reason thereof.

**Sd./- Block Development Officer, Barchana**

---

### ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପିପିଲି

**ସଂଖ୍ୟା: ୧୪୭୦** **ତା. ୧୧।୧୧।୨୦୧୯**

#### ଇସ୍ତାହାର

ମହାଶୟ,

ଏତଦ୍ୱାରା ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପିପିଲି ପୌର ପରିଷଦ ଅଧୀନରେ ଥିବା ସଂଲଗ୍ନ ଫର୍ଦ୍ଦ ମୁତାବକ ସୈରାତଗୁଡ଼ିକ ଧାର୍ଯ୍ୟ ହୋଇଥିବା ନିଲାମ ତାରିଖ ଦିନ ୧୧ ଘଟିକା ଠାରୁ ଦିବା ୧ ଘଟିକା ମଧ୍ୟରେ ପିପିଲି ପରିଷଦ କାର୍ଯ୍ୟାଳୟରେ ସର୍ବସାଧାରଣରେ ସ୍ନ ୨୦୧୯-୨୦ ଆର୍ଥିକ ବର୍ଷ ଠାରୁ ୨୦୨୧-୨୨ ଆର୍ଥିକ ବର୍ଷ ତା ୩୧।୦୩।୨୦୨୨ ରିଖ ପର୍ଯ୍ୟନ୍ତ ପ୍ରକାଶ୍ୟ ନିଲାମ ଦିଆଯିବ।

ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଏଥିନିମନ୍ତେ ପ୍ରଦତ୍ତ ଥିବା ଧାର୍ଯ୍ୟ ନିଲାମର ସର୍ବନିମ୍ନ ଆନୁମାନିକ ମୂଲ୍ୟଠାରୁ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ସମ୍ପୃକ୍ତ ସୈରାତର ଡାକିଥିବା ନିଲାମ ଅର୍ଥକୁ ଏକକାଳୀନ ଦାଖଲ ଦେବେ, ନଚେତ ଦାଖଲ ଦେଇଥିବା ଅମାନତ ଅର୍ଥକୁ ବାଜ୍ୟାପ୍ତି କରାଯିବା ସଙ୍ଗେସଙ୍ଗେ ଉକ୍ତ ନିଲାମରେ ଅଂଶଗ୍ରହଣ କରିଥିବା ଦ୍ୱିତୀୟ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ସମ୍ପୃକ୍ତ ସୈରାତର ଡାକିଥିବା ନିଲାମର ସମସ୍ତ ଅର୍ଥକୁ ଏକକାଳୀନ ପଇଠ କରି ଏକ ମାସ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଏଗ୍ରୀମେଣ୍ଟ ଓ ଅନ୍ୟାନ୍ୟ କାଗଜାତମାନ ଦରଜ କରାଇନେବେ।

**ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପିପିଲି**

**ବି.ଦ୍ର:-** ୧. ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ସେମାନଙ୍କର ଆଧାର କାର୍ଡ ଏବଂ ୧ ଗୋଟି ପାସପୋର୍ଟ ସାଇଜ ଫଟୋ ଦାଖଲ କରିବେ।
୨. ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ ଯେ କୌଣସି ନିଲାମକୁ ରଦ୍ଦ କରିପାରିବେ, ଏଥିନିମନ୍ତେ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ଦର୍ଶାଇବାକୁ ବାଧ୍ୟ ନୁହନ୍ତି।

**ନିଲାମ ସୈରାତଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ**

| ସଂଖ୍ୟା | ସୈରାତର ନାମ | ମୌଜା | ନିଲାମର ସର୍ବନିମ୍ନ ଆନୁମାନିକ ମୂଲ୍ୟ | ଅମାନତ ଦାଖଲ ପରିମାଣ | ନିଲାମ ତାରିଖ |
|---|---|---|---|---|---|
| ୧ | ବେଣ୍ଟ ପୋଖରୀ | ଶିରିଆପୁର | ୬୫୩୦୦.୦୦ | ୧୬୫୦୦.୦୦ | ୨୩।୧୧।୨୦୧୯ |
| ୨ | କେନ୍ଦୁଆ ପୋଖରୀ | ଜୟପୁର ଶାସନ | ୫୦୦୦.୦୦ | ୧୫୦୦.୦୦ | ୨୩।୧୧।୨୦୧୯ |
| ୩ | ଖମା ମୁହଁ ପୋଖରୀ | ପିପିଲି ଶାସନ | ୫୦୦୦.୦୦ | ୧୫୦୦.୦୦ | ୨୩।୧୧।୨୦୧୯ |
| ୪ | ଭୁବନାନନ୍ଦ ପୋଖରୀ | ଜୟପୁର କିଲ୍ଲା | ୨୨୦୦୦୦.୦୦ | ୫୫୦୦୦.୦୦ | ୨୬।୧୧।୨୦୧୯ |
| ୫ | ଜାଣଶଙ୍ଖ ପୋଖରୀ | ବେଜପୁର | ୨୦୦୦୦.୦୦ | ୫୦୦୦.୦୦ | ୨୬।୧୧।୨୦୧୯ |
| ୬ | ଅନନ୍ତି ପାତ୍ର ପୋଖରୀ | ନରସିଂହପୁର | ୩୦୦୦୦.୦୦ | ୭୫୦୦.୦୦ | ୨୬।୧୧।୨୦୧୯ |
| ୭ | ନନୁଆ ପୋଖରୀ | ଜୟପୁର ଶାସନ | ୨୫୦୦.୦୦ | ୧୦୦୦.୦୦ | ୨୭।୧୧।୨୦୧୯ |
| ୮ | ଗୋଳା ପୋଖରୀ | ଭବାନୀପୁର | ୫୦୦୦୦.୦୦ | ୧୨୫୦୦.୦୦ | ୨୭।୧୧।୨୦୧୯ |
| ୯ | ବଡ଼ ପୋଖରୀ | ଖଣ୍ଡିଆଗିରି | ୪୦୦୦୦.୦୦ | ୧୦୦୦୦.୦୦ | ୨୭।୧୧।୨୦୧୯ |
| ୧୦ | କୁଶୁ ପୋଖରୀ | ପିପିଲି ଶାସନ | ୫୦୦୦୦.୦୦ | ୧୨୫୦୦.୦୦ | ୨୮।୧୧।୨୦୧୯ |
| ୧୧ | ତାଳ ପୋଖରୀ | ପିପିଲି ଶାସନ | ୪୦୦୦୦.୦୦ | ୧୦୦୦୦.୦୦ | ୨୮।୧୧।୨୦୧୯ |
| ୧୨ | ଶୁକୁଟିଆ ପୋଖରୀ | ଜୟପୁର ଶାସନ | ୧୦୦୦୦.୦୦ | ୨୫୦୦.୦୦ | ୨୮।୧୧।୨୦୧୯ |
| ୧୩ | ଖଜୁରିଆ ପୋଖରୀ | ମଡିଆଳି | ୧୦୦୦୦.୦୦ | ୨୫୦୦.୦୦ | ୨୮।୧୧।୨୦୧୯ |

---

### GOVERNMENT OF ODISHA
### OFFICE OF THE DISTRICT PROJECT COORDINATOR, SARVASIKHYA AVIYAN, SAMBALPUR

**E-Procurement Notice**

**BID IDENTIFICATION No.SSA/SBP/CIVIL/29/2019-20**
**E-mail : dpcsambalpur.opepa@nic.in**
**Phone / Fax - 0663-2410834**

**No.1087/CW** **Dated: 13.11.19**

1. The District Project Coordinator, SSA, Sambalpur on behalf of Governor of Odisha, invites Percentage Rate bids in Double Cover System in ONLINE MODE for construction of Buildings, as detailed in the DTCN from the eligible Class of Contractors.
2. No. of works : 01 (ONE)
3. Tender Cost : Rs.10,000/-
4. Class of Contractor : "B" Class or equivalent
5. Date and time available in Website & receipt of Bids : 12:00 hrs. of 15.11.2019 to 17:00 hrs. of 26.11.2019.
6. Date of opening of tender : 29.11.2019 at 11:30 hrs.
7. The Bidders have to participate in ONLINE bidding only. Further details can be seen from the Website **www.tendersodisha.gov.in** only.
8. Any Corrigendum / Addendum will be displayed in the website **www.tendersodisha.gov.in** only.

**Sd./-**
**District Project Coordinator**
**SSA, Sambalpur**

---

### DISTRICT RURAL DEVELOPMENT AGENCY, NUAPADA

**NOTICE NO.3064 / MGNREGS / DATE: 13.11.2019**

DRDA Nuapada invites **"Tender for Supply of Manpower"** as per specifications from only registered and reputed manpower service providers having valid license / authorization for supply of adequate No. of Technical Assistants to District Rural Development Agency. Nuapada through two bid system.

Detailed Tender documents comprising Background, scope of work. Technical evaluation criteria. Financial Bid evaluation and annexure for submitting the tender can be downloaded from District website **www.nuapada.nic.in** during the notice period.

1. Tender Paper can be purchased from the DRDA Nuapada office on any working day from 13.11.2019. 11.00 A.M. to 5.00 P.M. or downloaded from District website during the notice period.
2. The last date for purchase / download of Tender Paper is 27.11.2019 01.00 P.M.
3. Last date for submission of Tender documents : 28.11.2019. 5.00 P.M. through Regd. Post / Speed Post only.
4. Technical Bid will be opened on : 29.11.2019, 11.00 A.M.
5. Financial Bid will be opened on 29.11.2019, 3.00 P.M.
6. The cost of Tender Paper is Rs.10,000.00 (non-refundable) will only be received in shape of Demand Draft only drawn in favour of **"Project Director, DRDA Nuapada"** payable at Nuapada.
7. EMD for Rs.1,00,000.00 must be submitted in shape of Demand Draft only drawn in favour of **"Project Director, DRDA Nuapada"** payable at Nuapada.

The authority reserves the right to reject any or all Tender without assigning any reasons thereof.

**Sd./- Project Director,**
**DRDA Nuapada**

# ସ୍ପେଶାଲ ଗିଫ୍ଟ


ରଣବୀର-ଦୀପିକା

ରଣବୀର ସିଂ ଏବଂ ଦୀପିକା ପାଦୁକୋନଙ୍କ ପାଇଁ ନଭେମ୍ବର ୧୪ ସବୁବେଳେ ସ୍ମରଣୀୟ ହୋଇ ରହିବ। କାରଣ କ'ଣ ଜାଣନ୍ତି ? ଏହି ଦିନ ଏହି ଯୋଡି ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଆଜି ହେଉଛି ସେମାନଙ୍କର ପ୍ରଥମ ମ୍ୟାରେଜ ଆନିଭର୍ସାରି। ତେଣୁ ଏହାକୁ ସ୍ପେଶାଲ କରିବାକୁ ଦୁହେଁ ଯୋଜନା କରିସାରିଛନ୍ତି। ଏହି ଦିନ ସେମାନେ ପରିବାର ସହ ପ୍ରଥମେ ତିରୁପତି ଯିବେ। ତା'ପରେ ଅମୃତସର ଯିବେ। ଅର୍ଥାତ୍ ଏପରି ସ୍ପେଶାଲ ଦିନରେ ଦୁହେଁ ଦେବଦେବୀ ଦର୍ଶନ କରି ଆଶୀର୍ବାଦ ନେବାକୁ ସ୍ଥିର କରିଛନ୍ତି। ହେଲେ ପ୍ରଥମ ମ୍ୟାରେଜ ଆନିଭର୍ସାରିରେ ଦୀପିକାଙ୍କୁ ରଣବୀର ଏକ ସ୍ପେଶାଲ ଗିଫ୍ଟ ଦେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ରଣବୀର କୁହନ୍ତି, 'ଏହି ସ୍ପେଶାଲ ଗିଫ୍ଟଟି କ'ଣ ତାହା ପୂର୍ବରୁ କହିବା ଠିକ୍ ହେବ ନାହିଁ। ସେହି ଦିନ ହିଁ ସମସ୍ତେ ଜାଣିପାରିବେ। ଦୀପିକା ମୋ ପାଇଁ ସବୁବେଳେ ସ୍ପେଶାଲ।' ସୂଚନାଯୋଗ୍ୟ ଦୁହେଁ ଏବେ କପିଲ ଦେବଙ୍କ ବାୟୋପିକ '୮୩'ରେ ଅଭିନୟ କରୁଛନ୍ତି।

## କମେଡି ମାୟା

ନିକଟରେ ରିଲିଜ ହୋଇଛି ସବ୍ୟସାଚୀ-ଏଲିନା ଅଭିନୀତ 'ମାଲ ମହୁ ଜୀବନ ମାଟି'। ଏଥିରେ ଡନ୍ ଡୋଗ୍ରାର ଅନ୍ୟତମ ସହଯୋଗୀ ଭାବରେ ଅଭିନୟ କରିଛନ୍ତି ବିଜୁ ବଡଜେନା। ଦୀର୍ଘବର୍ଷ ଧରି ଖଳନାୟକ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ଏହି ଅଭିନେତାଙ୍କୁ ଏଥିରେ କମେଡି କରୁଥିବାର ଦେଖିବାକୁ ମିଳିଛି। ହେଲେ ସେଥିରେ ନେଗେଟିଭ୍ ଟଚ୍ ରହିଛି। ଏ ସମ୍ପର୍କରେ ବିଜୁ କହନ୍ତି, 'ବଡ଼ ପରଦାରେ ମୁଁ ପ୍ରଥମ ଥର ପାଇଁ କମେଡି କରୁଛି। ଯାହାହେଉ ଏକ ନୂଆ ଅଭିଜ୍ଞତା


ବିଜୁ ବଡଜେନା

ହେଲା। ମୋତେ ଯେଉଁ ଭୂମିକା ମିଳୁ ନା କାହିଁକି ତାକୁ ମୁଁ ସିରିୟସ୍‌ଲି ନେଇଥାଏ। ସେହି ଚରିତ୍ରଟିକୁ କିପରି ଠିକ୍ ଭାବରେ ଫୁଟାଇ ହେବ ଚେଷ୍ଟା କରିଥାଏ।' ଏବେ ତାଙ୍କ ଅଭିନୀତ ପାଞ୍ଚଟି ଫିଲ୍ମ-'ତୁ ଭାରି ବିୟୁଟିଫୁଲ', 'ଆଣ୍ଟି ନମସ୍କାର', 'ଆସିବି ଫେରି ମୁଁ ବସୁଧା ଚିରି', 'ରଘୁ ସର୍ଦ୍ଦାର' ଏବଂ 'ଅଟୋଗ୍ରାଫ-ଦ ସାଇନ୍ ଅଫ ଲଭ୍'। ତେବେ ଏଥିରେ ମିଳିଥିବା ଭୂମିକାରେ ବିଜୁ ଦର୍ଶକଙ୍କୁ କେତେଦୂର ପ୍ରଭାବିତ କରୁଛନ୍ତି ତାହା ଫିଲ୍ମଗୁଡିକ ରିଲିଜ ହେଲେ ହିଁ ଜଣାପଡିବ।


ଖୁସି-ଜ୍ୟୋତି

## ଏଥର ଡବଲ ରୋଲ୍

ଅଭିନେତା ଜ୍ୟୋତିଙ୍କ ଖୁସି କହିଲେ ନ ସରେ। କାରଣ ଓଡ଼ିଆ ସିନେମାରେ ସେ ପ୍ରଥମ ଥର ପାଇଁ ଡବଲ ରୋଲ୍‌ରେ ଅଭିନୟ କରିବେ। ଫିଲ୍ମଟି ହେଲା ଖୁସି କ୍ରିଏସନ୍ସ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା 'ହିରୋ ନମ୍ବର ଜିରୋ'। ଚିତ୍ରର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ 'ପ୍ରେମ ପାଇଁ ମହାଭାରତ'ର ନିର୍ଦ୍ଦେଶକ ନିରଞ୍ଜନ ବେହେରା। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିବେ ନବାଗତା ଖୁସି। ନବାଗତ ସ୍ମୃତିରଞ୍ଜନ ବିଶ୍ୱାଳ ପ୍ରଥମ ଥର ପାଇଁ ପ୍ରଯୋଜନା ଦାୟିତ୍ୱ ସମ୍ଭାଳୁଛନ୍ତି। ଏହାର କାହାଣୀ ସମ୍ପୂର୍ଣ୍ଣ ମୌଳିକ ଏବଂ କୌଣସି ଫିଲ୍ମରୁ କପି କରାଯାଇ ନାହିଁ। ଏଥିରେ ଲଭ୍, ଇମୋଶନ, ଆକ୍ସନ ରହିଛି। କାରଣ ମୋ ନିର୍ଦ୍ଦେଶିତ ପ୍ରଥମ ଫିଲ୍ମ 'ପ୍ରେମ ପାଇଁ ମହାଭାରତ'ର ସଫଳତା ପରେ ଏହି ଫିଲ୍ମଟି କିପରି ସବୁ ଦୃଷ୍ଟିରୁ ସରସ ସୁନ୍ଦର ହେବ ସେ ନେଇ ନିଶ୍ଚୟ ଚେଷ୍ଟା କରିବି ବୋଲି କହନ୍ତି ଏହାର ନିର୍ଦ୍ଦେଶକ ନିରଞ୍ଜନ ବେହେରା।' ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଜ୍ୟୋତି-ଖୁସି ଯୋଡ଼ି ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ବବି ମିଶ୍ର, ଶ୍ରୀତମ ଦାସ, ବିଜୁ ବଡ଼ଜେନା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିବେ।

## ଛବିର ମଣିଷ କାଳୀପ୍ରସାଦ

ଭଲ ମଣିଷ ଭିତରେ ଯେଉଁମାନଙ୍କ ପାଖରେ ସୃଜନଶୀଳତା ଥାଏ ସେମାନେ ସଂସାର ଭିତରେ କମ୍ ସମୟ ରହିଥାଆନ୍ତି। ତାଙ୍କର ସୀମିତ ପରିସୀମା ମଧ୍ୟରେ ସେମାନଙ୍କର ସୃଜନଶୀଳତାକୁ ନେଇ ସାଧାରଣରେ ଚର୍ଚ୍ଚା ହୁଏ। ଏପରି କିଛି ନୂତନତାର ସ୍ୱାଦ ସାଧାରଣରେ ଚର୍ଚ୍ଚା ହୁଏ। ଆଉ ସେହି ମୂଲ୍ୟବୋଧକୁ ସାଇତି ରଖି ସେମାନେ ସୁନାମ ସାଉଁଟିଥାଆନ୍ତି। ଆଉ ଏପରି ଜଣେ ଚିତ୍ରଗ୍ରହଣକାରୀ ହେଲେ କାଳୀ ପ୍ରସାଦ ମିଶ୍ର। ଓଡ଼ିଆ ଚଳଚ୍ଚିତ୍ରରେ ସ୍ଥିର ଚିତ୍ର ଗ୍ରହଣ କରିବା


କାଳୀପ୍ରସାଦ ମିଶ୍ର

ଦିଗରେ ସେ ଥିଲେ ଅନ୍ୟତମ ପ୍ରତିଭା। ତାଙ୍କ ଦ୍ୱାରା ଉତ୍ତୋଳିତ ଛବି ଦେଖିଲେ ସେଗୁଡିକ ସତେ ଯେମିତି କଥା କହୁଥିବା ପରି ଲାଗିଥାଏ। ସ୍ଥିର ଫଟୋଗ୍ରାଫି ତାଙ୍କର ପେସା ଥିଲା। ଦେଶ ବିଦେଶରେ ଫଟୋଗ୍ରାଫି ଉପରେ ଯାହା କିଛି ପୁସ୍ତକ ପ୍ରକାଶ ପାଏ ତାହାକୁ କାଳୀବାବୁ ମଗାଇ ତାଙ୍କ ପାଠାଗାରରେ ରଖନ୍ତି। ବ୍ୟାଙ୍କରେ ଚାକିରି କରିଥିଲେ ସେ। ହେଲେ ଫଟୋ ନିଶାରେ ସେ ଏମିତି ମାତିଯାଇଥିଲେ ଯେ ସୃଜନଶୀଳତାର ପ୍ରଭାବ ତାଙ୍କ ଫଟୋରେ ପ୍ରକାଶିତ ହେଉଥିଲା। ପର୍ଯ୍ୟଟନ ବିଭାଗର ଏକ ପୁସ୍ତକରେ ଜଗନ୍ନାଥଙ୍କ ସମ୍ପର୍କିତ ବହୁତ ଫଟୋ ସେ ଉଠାଇଥିଲେ, ଯାହାକି ପର୍ଯ୍ୟଟକଙ୍କୁ ବିଶେଷ ଆକୃଷ୍ଟ କରିଥିଲା। ଫଟୋ ମାଧ୍ୟମରେ ନୂଆ କିଛି ପରିକଳ୍ପନା କରିବା ଥିଲା ତାଙ୍କର ଗବେଷଣା। ଭଲ ଭଲ କ୍ୟାମେରା ମାଧ୍ୟମରେ ସେ ଫଟୋରେ ଚରିତ୍ରଟିକୁ ବେଶ୍ ଜୀବନ୍ତ ଭାବରେ ଫୁଟାଇ ପାରୁଥିଲେ। କେବଳ ଫଟୋ ନିଶାରେ ନିଶାଗ୍ରସ୍ତ କାଳୀବାବୁଙ୍କ ମରଶରୀର ସ୍ୱର୍ଗଦ୍ୱାରରେ ଲୀନ ହେଲା ସତ ହେଲେ ତାଙ୍କର ପ୍ରତିଟି ଫଟୋ ଆଜି ବି ଜୀବନ୍ତ। ଜଣେ ସଫଳ ଚିତ୍ରଗ୍ରହଣକାରୀ ଚରିତ୍ରମାନଙ୍କୁ ତାଙ୍କ ଦୃଷ୍ଟିକୋଣରୁ ବିଚାର କରି ସାଧାରଣରେ ଫଟୋଟିକୁ ପ୍ରକାଶ କରି ସେ ଅନ୍ୟମାନଙ୍କୁ ଯେଉଁ ଆନନ୍ଦ ଦେଉଥିଲେ ତାହା ଆଜି ନିସ୍ତବ୍ଧ ପାଲଟି ଗଲା। ଜଡବସ୍ତୁକୁ ଜୀବନ୍ତ କରୁଥିବା ଚିତ୍ରଗ୍ରହଣକାରୀ ନିଜେ ଫଟୋ ମଧ୍ୟରେ ସୀମିତ ହୋଇଗଲେ। ଓଡ଼ିଶାରେ ଖୁବ୍ କମ୍ ଫଟୋଗ୍ରାଫର ଅଛନ୍ତି ଯେଉଁମାନଙ୍କର କାର୍ଯ୍ୟଶୈଳୀ ସେମାନଙ୍କର ଦେହାନ୍ତ ପରେ ବି ଜୀବନ୍ତ ହୋଇରହିଛି। କାଳୀପ୍ରସାଦଙ୍କ ଫଟୋସମୂହକୁ ନେଇ ଏକକ ଫଟୋ ପ୍ରଦର୍ଶନୀ ନିମନ୍ତେ ମୁଁ ଅନେକ ଥର କାଳୀବାବୁଙ୍କୁ କହିଛି। ସେ ସବୁବେଳେ ଉତ୍ତର ଦିଅନ୍ତି 'ନିଶ୍ଚୟ କରିବା'। ସେହି କଥା ଆଜି ନୀରବ ହୋଇଗଲା। କଥା କଥାରେ ରହିଗଲା। କଥାରେ ଅଛି-'ପ୍ରାଣୀର ଭଲମନ୍ଦ ବାଣୀ ମରଣ କାଳେ ତାହା ଜାଣି'।

କାଳୀବାବୁ ତୁମେ ଆଜି ବି ଅମର। ତୁମର କାର୍ଯ୍ୟ ସମସ୍ତଙ୍କୁ ସ୍ମରଣ କରି ରଖିଥିବ। ତୁମେ ଯେଉଁଠି ଥିଲେ ବି ସୃଜନଶୀଳତା ମଧ୍ୟରେ ଭଗବାନ ତୁମର ଆୟୁଷ କମାଇ କାହିଁକି ନେଇଗଲେ ତାହା ଆଜି ବି ପ୍ରଶ୍ନବାଚୀ ହୋଇରହିଛି। ତୁମ ଛବି ଆଜି ଫଟୋ ବନ୍ଧାରେ ରହି ପୂଜିତ ହେଉଛି। ତୁମ ଆତ୍ମାର ସଦ୍‌ଗତି କାମନା କରୁଛି।

**-ଦିଲୀପ ହାଲି,** ମୋ : ୯୮୬୧୦୦୯୨୫୨

## ହରିପୁରରେ ଆଜିଠାରୁ 'ମାୟାବିନୀ ମୌସୁମୀ'

ରାଜ୍ୟର ଅନ୍ୟତମ ଯାତ୍ରାକୁମ୍ଭ ଭାବରେ ପରିଚିତ ଯାଜପୁରସ୍ଥ ହରିପୁର କୁଞ୍ଜମେଳାରେ ଆରମ୍ଭ ହୋଇଯାଇଛି ଯାତ୍ରା ଫିଭର। ଜଲିଉଡ୍‌ର ଅନ୍ୟତମ ପ୍ରତିଷ୍ଠିତ ଯାତ୍ରା ଅନୁଷ୍ଠାନ 'ଅପେରା ସୂର୍ଯ୍ୟମନ୍ଦିର' ଆଜି ଠାରୁ ଏଠାରେ ଯାତ୍ରା ପରିବେଷଣ ଆରମ୍ଭ କରୁଛି। ଯାତ୍ରା ଫ୍ୟାନମାନଙ୍କର ଆଗ୍ରହକୁ ଆଖିଆଗରେ ରଖି ଅନୁଷ୍ଠାନ ଏଠାରେ ତା'ର ଏ ବର୍ଷର ସବୁଠାରୁ ସଫଳ ନାଟକ 'ମାୟାବିନୀ ମୌସୁମୀ'କୁ ଅସ୍ତ୍ର କରିଛି ବୋଲି ସୂଚନା ଦେଇଛନ୍ତି ନାଟ୍ୟକାର ତଥା ପରିଚାଳକ ବଙ୍କିମ ସ୍ୱାଇଁ। ସେ କହିଛନ୍ତି ଯେ, ଏ ପର୍ଯ୍ୟନ୍ତ ଯେଉଁଠି ବି ଏହି ନାଟକ ହୋଇଛି ତାହାକୁ ଦର୍ଶକମାନେ ପସନ୍ଦ କରିଛନ୍ତି। ସେମାନଙ୍କର ଭଲପାଇବା ଦେଇଛନ୍ତି। ହରିପୁର ଏକ ପ୍ରତିଷ୍ଠିତ ଯାତ୍ରା ଅନୁଷ୍ଠାନ ହୋଇଥିବାରୁ ଏଠାକୁ ବହୁ ଦୂରଦୂରାନ୍ତରୁ ଗୁଣୀ ଦର୍ଶକ ଯାତ୍ରା ଦେଖିବାକୁ ଆସିଥାନ୍ତି। ତେଣୁ 'ମାୟାବିନୀ ମୌସୁମୀ' ନାଟକ ନିଶ୍ଚିତ ସେମାନଙ୍କର ଭରପୂର ମନୋରଞ୍ଜନ କରିବ ବୋଲି ମୁଁ ଆଶାବାଦୀ।' ସୂଚେଇ ଦିଆଯାଇପାରେ ଯେ, ନାରୀର ସ୍ନେହ, ପ୍ରେମ, ତ୍ୟାଗ ତଥା ବଳିଦାନର କାହାଣୀକୁ ନେଇ ରଚିତ ହୋଇଛି ନାଟକ 'ମାୟାବିନୀ ମୌସୁମୀ'। ନାରୀଟିଏ ଠିକ୍ ମୌସୁମୀ ପରି। ମୌସୁମୀ ଯେପରି ପୃଥିବୀକୁ ଶସ୍ୟଶ୍ୟାମଳା କରେ। ସବୁଜିମାରେ ଭରିଦିଏ। ମାତ୍ର ଯେବେ ମୌସୁମୀ ରାଗିଯାଏ ସେତେବେଳେ ଧୂଳି ଧୂସର ହୋଇଯାଏ ପୃଥିବୀ। ଠିକ୍ ସେହିପରି ନାରୀର ସ୍ନେହ, ପ୍ରେମ, ତ୍ୟାଗ, ଭଲ ପାଇବାକୁ ନେଇ ପୁରୁଷ ସୁଖର ସଂସାର କରେ। ମାତ୍ର ନାରୀ ବିଗିଡ଼ିଗଲେ ତା' ଆଖିର ନିଆଁରେ ପୁରୁଷର ସାମ୍ରାଜ୍ୟ ଜଳିପୋଡ଼ି ଛାରଖାର ହୋଇଯାଏ। ନାଟକଟିକୁ ଅଧ୍ୟାପକ ଚିନ୍ମୟ ଦାସ ଚରନା କରିଥିବା ବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି କିଶୋର ଖଣ୍ଡୁଆଳ। ନିଗମ ମିଶ୍ରଙ୍କ


ବଙ୍କିମ୍ ସ୍ୱାଇଁ

ଗୀତକୁ ସଙ୍ଗୀତରେ ସଜେଇଛନ୍ତି ବିକାଶ ଶୁକ୍ଳା। ଅଭିନୟରେ ଅଛନ୍ତି ବିନୋଦ, ବେବିନା, ରୀନା, ଲିଜା, ପୂଜା, ସାଇ ସୁରଜ, ଦୀପକ ବୋଷ, ଅଭି, ବ୍ରଜ ପାଣି, ବାପି, ଟୁକୁ ପ୍ରମୁଖ।

## ଆକ୍ଟ୍ରେସ୍ ହେବା ନିଷ୍ପତ୍ତିରେ ମୁଁ ହଣ୍ଡ୍ରେଡ୍ ପର୍‌ସେଣ୍ଟ ସନ୍ତୁଷ୍ଟ

ପାଠପଢ଼ା ଆଉ ଅଭିନୟ – ଏହି ଦୁଇଟିକୁ ବେଶ୍ ସମାନ୍ତରାଳ ଭାବରେ ନେଇ ଆଗେଇ ଚାଲିଛନ୍ତି ନବାଗତା ଆହାନା। ଡେବ୍ୟୁ ଫିଲ୍ମ 'ଭିରବ' ପରେ ତାଙ୍କ ଅଭିନୀତ ଅନ୍ୟତମ ଫିଲ୍ମ 'ବ୍ଲାକ୍‌ମେଲ୍' ଗତବର୍ଷ ରିଲିଜ ହୋଇଥିଲା। ନିଜ ରିଲ୍ ଏବଂ ରିୟଲ ଲାଇଫ ସମ୍ପର୍କରେ ପାଞ୍ଚଟି କଥା...




**-ଅଭିନେତ୍ରୀ ହେବାର ନିଷ୍ପତ୍ତି ନିଜକୁ କେତେ ଆତ୍ମତୃପ୍ତି ଦେଇଛି ?**

▸ ଆକ୍ଟ୍ରେସ ହେବି ଆଉ ଓଡ଼ିଆ ସିନେମାରେ ଏହାକୁ କ୍ୟାରିୟର କରିବି- ମୋର ଏଭଳି ଡିସିସନ୍‌ରେ ମୁଁ ହଣ୍ଡ୍ରେଡ୍ ପର୍‌ସେଣ୍ଟ ସନ୍ତୁଷ୍ଟ। ଏବେ ତ ପାଠପଢ଼ା ଚାଲିଛି। ତେଣୁ ମୋତେ ବାଲାନ୍ସ କରି ଚଳିବାକୁ ପଡୁଛି।

**-ଅବସର ମିଳିଲେ କ'ଣ କରନ୍ତି ?**

▸ ଓ ହୋ, ଅବସର ! କୁହନ୍ତୁନି। ବର୍ତ୍ତମାନ ମୋର ଟାଇଟ ଶିଡ୍ୟୁଲ। ପାଠପଢ଼ା ଚାଲିଛି ପୁଣି ତା' ସହ ଆକ୍ଟିଂ। ପୁଣି ନିଜକୁ ଫିଟ୍ ରଖିବାକୁ ପ୍ରତିଦିନ ଏକ୍ସରସାଇଜ। ଯେତେବେଳେ ମୋତେ ଅବସର ମିଳେ ମୁଁ ଶୋଇବାକୁ ପସନ୍ଦ କରେ। କିଛି ସମୟ ଶୋଇ ପଡିଲେ କି ଶାନ୍ତି! ଅନ୍ୟପକ୍ଷରେ ଅବସର ମିଳିଲେ ମୁଁ ୟୁ ଟ୍ୟୁବ୍‌ରେ ଭଲ ଭଲ ମେକ୍‌ଅପ ଷ୍ଟାଇଲ, ପେଣ୍ଟିଂ, ଡେୟାରଡେଭିଲ ଗେମ୍ ଦେଖିଥାଏ। ସବୁଠାରୁ ଖାସ୍ କଥା ହେଲା ସମୟ ମିଳିଲେ ମୁଁ ଲଙ୍ଗ୍ ଡ୍ରାଇଭରେ ବାହାରିଯାଏ। ଏକୁଟିଆ ରାସ୍ତାରେ ମନ ପସନ୍ଦର ଗୀତ ଶୁଣି ଗାଡି ଚଲାଇବାର ମଜା ନିଆରା।

**-କେବେ ମିଛ କହିଛନ୍ତି ?**

▸ ଇସ୍, ମିଛ କହିବା ପିଲାଦିନେ ମୋର ଏକ ଅଭ୍ୟାସ ଥିଲା। କେଉଁଠି ଭୁଲ୍ କରିଥିବି ତାକୁ ଲୁଚାଇବାକୁ ମିଛ କହେ। ଲୁଚାଇ କିଛି ଖାଇଦେଇଥିବି, ମୋତେ ପଚାରିଲେ ମୁଁ କୁହେ-ମୁଁ ଖାଇନି କି ଜାଣିନି। ତା' ପରେ କେତେ ଥର ପରିସ୍ଥିତିର ସାମନା କରି ମିଛ କହିଛି। ହେଲେ ବଡ଼ ହେବା ପରେ ଜାଣିପାରିଲି ଯେ ମିଛ କହିବା ସବୁଠାରୁ ବଡ଼ ଭୁଲ୍।

**-ଏ ପର୍ଯ୍ୟନ୍ତ କିଛି ଅବସୋସ ରହିଛି କି ?**

▸ ଅବସୋସ ତ ନିଶ୍ଚୟ ରହିଛି। ମୋ ଆକ୍ଟିଂ ଲାଇଫକୁ ନେଇ ବଡ଼ ଆଶା ରହିଛି। କେବଳ ଓଡ଼ିଆ ସିନେମା ନୁହେଁ, ହିନ୍ଦୀ କିମ୍ବା ଅନ୍ୟ ପ୍ରାନ୍ତୀୟ ଭାଷାରେ ନିର୍ମିତ ହେଉଥିବା ଚଳଚ୍ଚିତ୍ରରେ ମୋତେ ଯଦି ସେପରି ଭଲ ସୁଯୋଗ ମିଳେ ତେବେ ତାହାକୁ କେବେ ହାତଛଡା କରିବି ନାହିଁ। ମୁଁ ନିଜକୁ କେବଳ ରୋମାଣ୍ଟିକ ରୋଲ୍‌ରେ ସୀମିତ କରି ରଖିବାକୁ ଚାହେଁନା। ମୁଁ ଅପରାଜିତା, ମହାଶ୍ୱେତାଙ୍କ ପରି ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଚାହେଁ, ଯାହାକୁ ଦର୍ଶକ ସବୁବେଳେ ମନେରଖିବେ।

**-କିପରି ବ୍ୟକ୍ତିଙ୍କୁ ଜୀବନସାଥୀ ଭାବରେ ଚଏସ୍ କରିବେ ?**

▸ ଏକଥା ଏବେ ମୁଁ ଚିନ୍ତା କରିନି। ଯେତେବେଳେ ସମୟ ଆସିବ, ତାହା ମୁଁ ସମ୍ପୂର୍ଣ୍ଣ ଭାବରେ ମୋ ମା'-ବାପାଙ୍କ ଉପରେ ଛାଡ଼ିଦେଇଛି। ତଥାପି ସେହି ବ୍ୟକ୍ତି, ଯାହାଙ୍କ ସହ ମୁଁ ବାକି ଜୀବନ କଟାଇବି, ସେ ପ୍ରଥମେ ଭଦ୍ର, ନମ୍ର ସ୍ୱଭାବ ତଥା ସୋବର ପର୍ସନାଲିଟିର ହୋଇଥିବେ। ମୋତେ ଖୁସିର ମାହୋଲରେ ରଖିପାରୁଥିବେ।

## ବଲିଉଡ୍ ହାଲଚାଲ


କ୍ରିତି ସାନନ

▸ ଚଳିତବର୍ଷ ଅକ୍ଷୟ କୁମାରଙ୍କ ଆଉ ଏକ ଫିଲ୍ମ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି। ତାଙ୍କ ଅଭିନୀତ 'ହାଉସଫୁଲ-୪' ୨୦୦ କୋଟି କ୍ଲବରେ ପ୍ରବେଶ କରିଛି। ଏଥିରେ ଅକ୍ଷୟଙ୍କ ବ୍ୟତୀତ ରିତେଶ ଦେଶମୁଖ, କ୍ରିତି ସାନନ ଏବଂ ପୂଜା ହେଗ୍‌ଡେ ଅଭିନୟ କରିଛନ୍ତି।

▸ ଷ୍ଟାର କିଡ୍ ଅନନ୍ୟା ପାଣ୍ଡେ ବର୍ତ୍ତମାନ ଦିନ ଗଣିବାରେ ଲାଗିଛନ୍ତି। କାରଣ ସେ ଅଭିନୟ କରିଥିବା 'ପତି ପତ୍ନୀ ଔର ୱୋ' ଆସନ୍ତା ମାସ ୬ରେ ରିଲିଜ ହେବାକୁ ଯାଉଛି।

▸ ଜ୍ୟାକଲିନ୍ ଫର୍ନାଡିସ୍‌ଙ୍କ ହାତରେ ଏବେ ତିନୋଟି ବଲିଉଡ୍ ଅଫର ରହିଛି। ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ତାଙ୍କୁ ଅତି କମ୍‌ରେ ଦୁଇ ସପ୍ତାହ ଲାଗିବ ବୋଲି ସେ କହିଛନ୍ତି।

▸ ରୋହିତ ସେଟ୍ଟୀଙ୍କ ଆଗାମୀ ଫିଲ୍ମର ନାୟିକା ଭାବରେ ସାରା ଅଲ୍ଲୀ ଖାଁ ଅଭିନୟ କରିବାର ଯୋଜନା ରହିଛି ବୋଲି ରୋହିତ ସୂଚନା ଦେଇଛନ୍ତି।

▸ ରିଚା ଚଡ଼ା ଏବେ ଗୁରୁ ଖୋଜିବାରେ ବ୍ୟସ୍ତ ଅଛନ୍ତି। କାରଣ ଏଣିକି ସେ କମେଡି ରୋଲ୍‌କୁ ଅଧିକ ଗୁରୁତ୍ୱ ଦେବେ। ସେଥିପାଇଁ ଜଣେ ଭଲ କମେଡି ଗୁରୁ ସନ୍ଧାନରେ ସେ ଅଛନ୍ତି।

ଧରିତ୍ରୀ DHARITRI
Bhubaneswar, Thursday, 14 November 2019



| Dollar | Sensex | Nifty | Gold | Silver |
|---|---|---|---|---|
| 72.09 (62) | 40,116.06 (229.02) | 11,840.45 (73) | 38,715.00 (₹225) | 45,480.00 (₹440) |



“ପଛୁଆ ଅଞ୍ଚଳକୁ ଋଣ ଯୋଗାଣ ଉପରେ ବ୍ୟାଙ୍କଗୁଡିକ କାର୍ଯ୍ୟକରିବାର ଆବଶ୍ୟକତା ରହିଛି।
– ଏମ୍.କେ. ଜୈନ, ଡେପୁଟି ଗଭର୍ନର, ରିଜର୍ଭ ବ୍ୟାଙ୍କ



“ରିୟଲ ଇଷ୍ଟେଟ ଡେଭଲପରମାନେ ପୁଞ୍ଜି କ୍ଷେତ୍ରରେ ଏବେ ବିଭିନ୍ନ ଅସୁବିଧା ସାମ୍ନା କରୁଛନ୍ତି। ଏକ୍ଷେତ୍ରରେ ସୁଧାର ଆସିବା ନେଇ ଆଶାବାଦୀ।
– ରମେଶ ନାୟାର, ସିଇଓ, ଜେଏଲ୍ଏଲ୍ ଇଣ୍ଡିଆ

## ସଂକ୍ଷେପରେ

### ୧୬ ମାସର ସର୍ବୋଚ୍ଚ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୩-୧୧:** ଚଳିତ ବର୍ଷ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୧୬ ମାସର ସର୍ବୋଚ୍ଚ ସ୍ତରରେ ରହିଛି। ଖାଦ୍ୟ ସାମଗ୍ରୀ ଦର ବଢ଼ିବା ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ୪.୬୨% ସ୍ତରରେ ରହିଥିବା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ରହିଛି। ସେପ୍ଟେମ୍ବରରେ ଖାଉଟି ମୂଲ୍ୟ ସୂଚୀ (ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ୩.୯୯% ସ୍ତରରେ ରହିଥିଲା। ଗତବର୍ଷ ଅକ୍ଟୋବରରେ ଏହା ୩.୩୮ ସ୍ତରରେ ଥିଲା। ସେହିଭଳି ୨୦୧୮ ଜୁନରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତର ୪.୯୨% ଛୁଇଁଥିଲା। ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ଚଳିତ ବର୍ଷ ଅକ୍ଟୋବରରେ ୭.୮୯% ସ୍ତରକୁ ବଢ଼ିଛି। ଏହା ଗତ ବର୍ଷ ସମାନ ମାସରେ ୫.୧୧% ରହିଥିଲା। ସେହିଭଳି ପନିପରିବା ବର୍ଗରେ ମୁଦ୍ରାସ୍ଫୀତି ୨୬.୧୦% ରହିଛି। ଏହା ଗତ ସେପ୍ଟେମ୍ବରରେ ୫.୪୦% ଥିଲା। ଏହାବାଦ ଡାଲି,ମାଛ, ମାଂସ ଏବଂ ଅଣ୍ଡା କ୍ଷେତ୍ରରେ ଏହା ତ୍ୱରିତ ଭାବେ ବଢ଼ି ଯଥାକ୍ରମରେ ୨.୧୬%, ୯.୭୫% ଏବଂ ୬.୨୬% ରହିଛି। ଡାଲି ଜାତୀୟ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି ୧୧.୭୨% ସ୍ତରକୁ ବୃଦ୍ଧି ଘଟିଛି।

### ଟିକସ ହ୍ରାସ ନେଇ ପରାମର୍ଶ ଲୋଡ଼ିଲା ଅର୍ଥ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ,୧୩-୧୧:** ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନ ଆଣିବା ଲାଗି ସରକାର ଯୋଜନା ରଖିଛନ୍ତି। ଆଗାମୀ ବଜେଟରେ ଏଥି ସଂକ୍ରାନ୍ତ ଘୋଷଣା ହେବ ବୋଲି ଶୁଣାଯାଉଛି। ଏପଟେ ଟିକସ ହ୍ରାସ ପଦକ୍ଷେପ ଲାଗି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମଥର ଲାଗି ଦେଶର ଶିଳ୍ପ ଜଗତ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକର ମତାମତ ଲୋଡାଯାଇଛି। ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ହେବା ଯୋଗୁ ମାନ୍ଦାବସ୍ଥା ସ୍ଥିତି ଲାଗି ରହିଛି। ଅର୍ଥ ବ୍ୟବସ୍ଥାକୁ ନୂଆ ଗତି ପ୍ରଦାନ କରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅତିରିକ୍ତ ଘୋଷଣା କରିବା ନେଇ ଯୋଜନା ରଖାଯାଇଛି। ଆସନ୍ତା ଫେବୃୟାରୀ ପହିଲାରେ ଆସିବାକୁ ଥିବା ବଜେଟରେ ଏ ନେଇ ଘୋଷଣାମାନ ହେବ। ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ପକ୍ଷରୁ ଅଂଶୀଦାରଙ୍କ ଲାଗି ଏକ ସର୍କୁଲାର ଜାରି କରାଯିବା ସହ ଏନେଇ ବିଭିନ୍ନ ପ୍ରସ୍ତାବ ଉପରେ କର୍ପୋରେଟ ଏବଂ ବ୍ୟକ୍ତିବିଶେଷଙ୍କ ମତାମତ ଲୋଡାଯାଇଛି। ଉଭୟ ପ୍ରତ୍ୟକ୍ଷ ତଥା ପରୋକ୍ଷ ଟିକସ କ୍ଷେତ୍ରରେ ଟିକସ ପରିସରକୁ ବଢ଼ାଇବା ଲାଗି ପଦକ୍ଷେପ ନିଆଯାଉଛି। ଏଥି ଲାଗି ଟିକସ ବ୍ୟବସ୍ଥାର ସଂରଚନା ସରକାର କରିବେ ବୋଲି ଜଣାପଡିଛି।

# ‘ନିଯୁକ୍ତି, ବିକାଶର ଇକୋସିଷ୍ଟମ ସୃଷ୍ଟି କରିଛି ଓଡ଼ିଶା’



କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥି।

**ଭୁବନେଶ୍ୱର,୧୩-୧୧(ବ୍ୟୁରୋ)**

ଟେକ୍ନୋଲୋଜି ଏବଂ ସ୍ୱଚ୍ଛତା ସହ ଓଡିଶା ଏବେ ଅଗ୍ରସର ହେଉଛି। ବିକାଶ ଏବଂ ଲଗାତର ଭାବେ ନିଯୁକ୍ତି ସୃଷ୍ଟି ଦିଗରେ ରାଜ୍ୟ ଏକ ଇକୋସିଷ୍ଟମ ସୃଷ୍ଟି କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କହିଛନ୍ତି। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ଏବଂ ରାଜ୍ୟ ସରକାରଙ୍କ

**ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା ଉଦ୍‌ଘାଟିତ**

ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ୨୨ତମ ଏଣ୍ଟରପ୍ରାଇଜ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭିତ୍ତିଭୂମି ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ରାଜ୍ୟ ସରକାର ଗ୍ରହଣ କରୁଛନ୍ତି। ସ୍କିଲ୍ ଓଡ଼ିଶା ପଦକ୍ଷେପ ଦ୍ୱାରା ଯୁବବର୍ଗଙ୍କୁ ନିଯୁକ୍ତି ଉପଯୋଗୀ କରି ଗଢିତୋଳିବା ଲାଗି ଯୋଜନା ହାତକୁ ନିଆଯାଇଛି। ଷ୍ଟାର୍ଟ ଅପ୍ ଓଡ଼ିଶା ଉପରେ ଏବେ ଫୋକସ କରାଯାଇଥିବା ବେଳେ ୨୦୨୦ ସୁଦ୍ଧା ୧୫୦ ଷ୍ଟାର୍ଟଅପ୍ ସ୍ଥାପନ ଲାଗି ଲକ୍ଷ୍ୟ ରଖାଯାଇଛି। ଖଣିଜ ଏବଂ ଧାତୁ ଉତ୍ପାଦନ ଭିଜନ ଡକ୍ୟୁମେଣ୍ଟ ଉପରେ ମତ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ୍ଷେତ୍ରରେ ଅଂଶୀଦାରମାନେ ମିଳିତ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏହା ହେଲେ ରାଜ୍ୟରେ ଏକ ବିକଶିତ ଔଦ୍ୟୋଗିକ ଭିତ୍ତିଭୂମି ଗଠନ ଦିଗରେ ସହାୟକ ହୋଇପାରିବ।

କାର୍ଯ୍ୟକ୍ରମରେ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଜାତୀୟ ସ୍ତରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ସ୍ଥାନରେ ରଖିବା ଲାଗି ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଭିନ୍ନ ପଦକ୍ଷେପ ହାତକୁ ନେଉଛନ୍ତି। ରାଜ୍ୟର ଶିଳ୍ପ ବିକାଶରେ ଯୋଗଦାନ ରଖୁଥିବାରୁ ସେ ଶିଳ୍ପ ଲିଡରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏକ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ ଯୋଗାଣ ଧାରା ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ମେକ୍ ଇନ ଓଡ଼ିଶା ୨୦୧୮ରେ ଆସିଥିବା ବିଭିନ୍ନ ନିବେଶ ପ୍ରସ୍ତାବ ମଧ୍ୟରୁ ଏବେ ୯୧ଟି କାର୍ଯ୍ୟାନ୍ୱୟନର ବିଭିନ୍ନ ସ୍ତରରେ ରହିଛି। ଏହା ଦେଶର ଶିଳ୍ପ ମାନଚିତ୍ରରେ ଓଡିଶାକୁ ଏକ ପ୍ରମୁଖ ସ୍ଥାନକୁ ନେବାରେ ସହାୟକ ହେବ ବୋଲି ଏମ୍ଏସ୍ଏମ୍ଇ ବିଭାଗର କମିଶନର ତଥା ସଚିବ ହେମନ୍ତ କୁମାର ଶର୍ମା କହିଛନ୍ତି। ଓଡିଶାର ଖଣି କ୍ଷେତ୍ରରେ ଉନ୍ନତ ଭିତ୍ତିଭୂମି ଥିବାରୁ ଏହା ଭାରତର ଅଷ୍ଟ୍ରେଲିଆ ହେବାର କ୍ଷମତା ରଖିଥିବା ବେଦାନ୍ତ ଲିମିଟେଡ ସିଇଓ ରାହୁଲ ଶର୍ମା କହିଛନ୍ତି।

### ୨୦ ହଜାର ବର୍ଗ ମିଟର ସ୍ଥାନରେ ପ୍ରଦର୍ଶନୀ

୨୦,୦୦୦ ବର୍ଗ ମିଟର ପରିମିତ ସ୍ଥାନରେ ଏହି ପ୍ରଦର୍ଶନୀ ଚାଲିଥିବା ବେଳେ ରାଜ୍ୟର ବିଭିନ୍ନ ଶିଳ୍ପ ଉଦ୍ୟୋଗ ଏଠାରେ ଭାଗ ନେଇଛନ୍ତି। ଖଣି, ଖଣିଜ, ଶକ୍ତି, ବୟନ, ଖାଦ୍ୟ ପ୍ରକ୍ରିୟାକରଣ,ସେବା, ଶିକ୍ଷା, ରିୟଲ ଇଷ୍ଟେଟ, ଅଟୋମୋବାଇଲ, କେମିକାଲ, ପେଟ୍ରୋକେମିକାଲ, ଉଦ୍ୟୋଗ ଏବଂ ନିର୍ମାଣ ଯନ୍ତ୍ରାଂଶ, ସଦ୍ୟତମ ଟେକ୍ନୋଲୋଜି, ଉତ୍ପାଦନ କୌଶଳକୁ ଏଠାରେ ପ୍ରଦର୍ଶନ କରାଯାଉଛି। ସେହିଭଳି ଆଇଟି ସେବା, ଶିକ୍ଷା, ରିୟଲ ଇଷ୍ଟେଟ, ଅଟୋମୋବାଇଲ ଭଳି ବିଭିନ୍ନ ବର୍ଗରେ ମୋଟ ୨୦୦ ଷ୍ଟଲ ସ୍ଥାପନ କରାଯାଇଛି। ଏଥିରେ ମୋଟ ୧୫୦ କମ୍ପାନୀ ଭାଗ ନେଇଛନ୍ତି।

### ଓଡ଼ିଶା ମାଇନିଂ ଶୋ’, ଓ୍ୱାଇଆଇ ଇନୋଭେକ୍ସ

ଏହି ଅବସରରେ ଓଡିଶା ମାଇନିଂ ଶୋ’ ଏବଂ ଓଡ଼ିଶା ଇନୋଭେକ୍ସ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଯୁବବର୍ଗଙ୍କ ମଧ୍ୟରେ ନୂଆ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଉଦ୍ୟୋଗ ବିକାଶକୁ ଧ୍ୟାନରେ ରଖି ଅଭିନବତା ଏବଂ ମେଣ୍ଟରଶିପ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହି ସମୟ ମଧ୍ୟରେ ବି୨ଜି ସେସନ ଆୟୋଜନ କରାଯିବ। ଇଜ ଅଫ୍ ଡୁଇଁ ବିଜନେସ, ଏମ୍ଏସ୍ଏମ୍ଇ ଫାଇନାନ୍ସିଂ, ନିଯୁକ୍ତିକ୍ଷମ ମାନବ ସମ୍ବଳ, ଜ୍ଞାନକୌଶଳ ଏବଂ ଖଣି ନିରାପତ୍ତା ଉପରେ ଏଠାରେ ଆଲୋଚନାଚକ୍ରମାନ ଆୟୋଜନ ହେବ ବୋଲି ଜଣାପଡିଛି।

# ଟାଟା ମୋଟର୍ସର ଇଣ୍ଟିଆକୀ ଦୁସ୍‌ରୀ ଦିଓ୍ୱାଲି ଅଭିଯାନ

**ନୂଆଦିଲ୍ଲୀ,୧୩-୧୧**



ଟାଟା ମୋଟର୍ସ ପକ୍ଷରୁ ଇଣ୍ଡିଆକୀ ଦୁସରୀ ଦିଓ୍ୱାଲି ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଭିଯାନ ଅନ୍ତର୍ଗତ କ୍ଷୁଦ୍ର ବାଣିଜ୍ୟିକ ଯାନ ଉପରେ ଗ୍ରାହକଙ୍କୁ ବିଶେଷ ରିହାତି ପ୍ରଦାନ କରାଯିବ। ଏହି ସମୟରେ କମ୍ପାନୀର କ୍ଷୁଦ୍ର ବାଣିଜ୍ୟିକ ଯାନ ଏବଂ ପିକଅପ୍ କ୍ରୟ ଉପରେ ସ୍କ୍ରାଚ କାର୍ଡ ସିଷ୍ଟମରେ ନିଶ୍ଚିତ ଉପହାର ଉପଲବ୍ଧ ହେବ। ବମ୍ପର ପ୍ରାଇଜରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୋଲ୍ଡ ଭାଉଚର ସୁବିଧା ଗ୍ରାହକଙ୍କ ଲାଗି ରହିଛି। ଏହାବାଦ୍ ଏଲ୍ଇଡି ଟିଭି, ଓ୍ୱାଶିଂମେଶିନ, ମୋବାଇଲ ଫୋନ, ଜୁସ ମିକ୍ସର, ଫୁଏଲ କୁପନ ଭଳି ଆକର୍ଷଣୀୟ ରିହାତି ମଧ୍ୟ ରହିଛି। କାର୍ଗୋ ଯାନ ଏବଂ ପିକଅପର ବିସ୍ତୃତ ରେଞ୍ଜରେ ଗ୍ରାହକମାନେ ଚଳିତ ମାସ ୩୦ ଯାଏ ଏହି ଅଫର ଲାଭ କରିପାରିବେ। ଟାଟା ଏସ୍ ଯାନର ବିକ୍ରି ସଫଳତା ଆଧାରରେ କମ୍ପାନୀ ପକ୍ଷରୁ ଏହି ଅଫରକୁ ଆରମ୍ଭ କରାଯାଇଛି। ଏହି ମଡେଲର ୨୨ ଲକ୍ଷ ଯାନ କମ୍ପାନୀ ବିକ୍ରି କରିଛି। ଗ୍ରାହକଙ୍କ ମୂଲ୍ୟଯୁକ୍ତ ସେବା ଯୋଗାଣ ସହ ବିଭିନ୍ନ ଅଫର ପ୍ରଦାନ ଉପରେ କାର୍ଯ୍ୟ କରୁଥିବା ଟାଟା ମୋଟର୍ସର ସେଲ୍ସ ମାର୍କେଟିଂ ମୁଖ୍ୟ ରାଜେଶ କୌଲ କହିଛନ୍ତି।

# ୟୁନିୟନ ବ୍ୟାଙ୍କର ରକ୍ତଦାନ ଶିବିର

**ଭୁବନେଶ୍ୱର,୧୩-୧୧**



୧୦୦ ବର୍ଷ ପୂର୍ତ୍ତୀ ପାଳନ ଅବସରରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବ୍ୟାଙ୍କର ଉପମହାପ୍ରବନ୍ଧକ ରୂପଲାଲ ମୀନା ଏହି ଅବସରରେ ଯୋଗ ଦେଇ ରକ୍ତଦାନ କରିବା ସହ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ରୀୟ କାର୍ଯ୍ୟାଳୟ ସହାୟକ ମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ପତି, ସହାୟକ ମହାପ୍ରବନ୍ଧକ କେ.ଡି. ଗୁପ୍ତା, ଅବସରପ୍ରାପ୍ତ ମହାପ୍ରବନ୍ଧକ ମିହିର ପଟ୍ଟନାୟକ, କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟ କର୍ମଚାରୀମାନେ ଏହି ଅବସରରେ ଯୋଗ ଦେଇଥିଲେ। ୧୪ଟି ଜିଲାସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ମୋଟ ୫୯୬ ଜଣ ରକ୍ତଦାନ କରିଥିଲେ।

# ‘ଶିକ୍ଷା କ୍ଷେତ୍ରକୁ ଏସ୍ଆର୍ଏମ୍‌ର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ’

**କଟାନକୁଲାଥର,୧୩-୧୧**



ବର୍ତ୍ତମାନର ସମୟ ଅନେକ ଆହ୍ୱାନପୂର୍ଣ୍ଣ। ମାତ୍ର ଏହାକୁ ସାମ୍ନା କରି ଆଗକୁ ବଢ଼ିବାକୁ ହେବ। ନିଜ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରସ୍ତୁତି ଏଥିଲାଗି ରଖିବାକୁ ହେବ ବୋଲି ସତୀଶ ଧାଓ୍ୱନ ସ୍ପେସ୍ ସେଣ୍ଟରର ନିର୍ଦ୍ଦେଶକ ଏ. ରାଜାରାଜନ କହିଛନ୍ତି। ଏସ୍ଆର୍ଏମ୍ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ୧୫ତମ ବାର୍ଷିକ କନ୍‌ଭୋକେସନ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ଶିକ୍ଷା କ୍ଷେତ୍ରକୁ ଏସ୍ଆର୍ଏମ୍‌ର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଛାତ୍ରୀଛାତ୍ରମାନେ ସର୍ବଦା ନିଷ୍ଠାର ସହ କଠିନ ପରିଶ୍ରମ କରିବାର ଆବଶ୍ୟକତା ରହିଛି। ବଡମାନଙ୍କର ଅବଦାନକୁ ସର୍ବଦା ମନେ ରଖି ସମାଜର ବିକାଶ ଦିଗରେ ନିଜର ଯୋଗଦାନ ରଖିବାକୁ ସେ ମତ ରଖିଛନ୍ତି। ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଶିକ୍ଷାର ଏକ ପ୍ରମୁଖ ଭୂମିକା ରହିଥିବା ବେଳେ ଏସ୍ଆର୍ଏମ୍ ଏ ଦିଗରେ ନିଜର ନିରନ୍ତର ଯୋଗଦାନ ରଖି ପାରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଆଟୋମିକ ଏନର୍ଜି କମିଶନର ଅଧ୍ୟକ୍ଷ କେ.ଏନ୍.ବ୍ୟାସଙ୍କୁ ସମ୍ମାନଜନକ ଡକ୍ଟରଅଫ୍ ସାଇନ୍ସ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଚାନ୍‌ସେଲର ଟି.ଆର୍. ପରିଭେନ୍ଦର, କୁଳପତି ସନ୍ଦୀପ ସାଞ୍ଚେତି, ସଭାପତି ପି.ସତ୍ୟନାରାୟଣନ, ସହ ଅଧ୍ୟକ୍ଷ ରାମପୁରମ ଏନ୍ ନିରଞ୍ଜନ, ପ୍ରୋଭାଇସ ଚାନ୍‌ସେଲର ଟିପି ଗଣେଷନ, ପ୍ରୋଭାଇସ ଚାନ୍‌ସେଲରଡ.ଆର୍ ବାଲସୁବ୍ରମଣ୍ୟନ, ରେଜିଷ୍ଟ୍ରାର ଏନ୍. ସେଥୁରାମନ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ସଶକ୍ତୀକରଣ ନିମନ୍ତେ ଜେଏସ୍‌ପିଏଲ୍ ପୁରସ୍କୃତ

**ଭୁବନେଶ୍ୱର,୧୩-୧୧**



ଜିନ୍ଦଲ ଷ୍ଟିଲ ଆଣ୍ଡ ପାଓ୍ୱାର ଲିମିଟେଡ(ଜେଏସ୍‌ପିଏଲ୍) ମହିଳା ସଶକ୍ତୀକରଣ ଦିଗରେ ବିଭିନ୍ନ ଉଲ୍ଲେଖନୀୟ ଯୋଗଦାନ ଲାଗି ପୁରସ୍କୃତ ହୋଇଛି। କମ୍ପାନୀକୁ ଓମେନ୍ ଆଚିଭର୍ସ ପୁରସ୍କାରରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଓମେନ୍ ଲିଡରଶିପ୍ ଏବଂ ଏମ୍ପାଓ୍ୱାରମେଣ୍ଟ ସମିଟ୍‌ରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଭି.ଆର୍. ଶର୍ମା କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟ,ଜୀବିକା, ଶିକ୍ଷା ଏବଂ କ୍ରୀଡା ଭଳି ଅନ୍ୟାନ୍ୟ କ୍ଷେତ୍ରରେ କମ୍ପାନୀ ଏହାର ସିଏସ୍ଆର୍ ସଂସ୍ଥା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଦ୍ୱାରା କାର୍ଯ୍ୟକ୍ରମ ଜାରି ରଖିଛି। ଓଡ଼ିଶା, ଛତିଶଗଡ, ଝାଡଖଣ୍ଡ ଏବଂ ହରିୟାଣା ଭଳି ରାଜ୍ୟଗୁଡିକରେ ୯ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ସଶକ୍ତୀକରଣ ଦିଗରେ କମ୍ପାନୀ ଏହାର ଯୋଗଦାନ ରଖିଥିବା କହିଛି। ଜେଏସ୍‌ପିଏଲ୍‌କୁ ଅଭିନନ୍ଦନ ଜଣାଇ ଫାଉଣ୍ଡେଶନର ଅଧ୍ୟକ୍ଷା ସାଲୁ ଜିନ୍ଦଲ କହିଛନ୍ତି ଯେ, ବହୁମୁଖୀ କାର୍ଯ୍ୟକ୍ରମ ଦ୍ୱାରା ମହିଳାଙ୍କ ବିକାଶ ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି।


**OFFICE OF THE CHIEF GENERAL MANAGER (P&C) IDCO,** idco ODISHA NEW OPPORTUNITIES
**IDCO TOWERS, JANPATH, BHUBANESWAR-751022**
Tender Call Notice No. IDCO/H.O./P&C/EST/E-3624/04/2019/ 19348 Date : 08.11.2019
**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**
1. Name of the Work : Design, Engineering, Supply and Installation of Teepee System for Transitional Rehabilitation of Beach Vendors on Puri Sea Beach, Puri Town, Odisha.
2. Estimated cost : Rs. 347.00 lakh
3. Period of completion : 03(Three) Calendar Months
4. Other details :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid Id. No. PC/EST/E-41/ 2019-20 | 19.11.2019 at 17.00 Hrs. | 04.12.2019 up to 17.00 Hrs |

Further details can be seen from the e- Procurement Portal. www.tendersodisha.gov.in and Corrigendum if any will not be published in news papers and can only be seen in the e-procurement portal www.tendersodisha.gov.in and www.idco.in .
14003/11/0010/1920 Sd/- Chief General Manager (P&C), I/C
No. CAD-565



E-Mail:- serwbpr2004@yahoo.com
Tel/Fax:- 0680-2404287
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE SUPERINTENDING ENGINEER RURAL WORKS CIRCLE, BERHAMPUR**
At:- Ambapua
Po:- Engineering School
Near Income Tax office,
Berhampur-760011
No.O-507 :-
**NATIONAL COMPETITIVE BIDDING THROUGH e-Procurement** E-Mail / E-Despatch
**Bid Identification No. Online Tender /17-2019-20/BPR**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 17-2019-20/BPR | Road Works under UPANTA | 07 Nos. | From Rs. 73.68 lakhs to Rs. 611.02 Lakhs | “B” Class, “A” Class, “Special” Class & “Super” Class as applicable | 06 (Six), 09 (Nine) 11 (Eleven) & 12 (Twelve) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/17-2019-20/BPR | 21.11.2019 at 10.00 A.M. | 11.12.2019 upto 3.00 P.M. |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: - www.tendersodisha.gov.in
25071/11/0016/1920 Sd/- Superintending Engineer R.W.Circle, Berhampur



NATIONAL HEALTH MISSION | world diabetes day 14 November
**ବିଶ୍ୱ ମଧୁମେହ ଦିବସ ୧୪ ନଭେମ୍ବର,୨୦୧୯**
**ଏ ବର୍ଷର ଆହ୍ୱାନ: “ପରିବାର ଏବଂ ମଧୁମେହ”**
(ମଧୁମେହର ପ୍ରତିରୋଧ,ନିୟନ୍ତ୍ରଣ ଏବଂ ତଦ୍‌ଜନିତ ସମସ୍ୟାର ନିରାକରଣରେ ପରିବାରର ଭୂମିକା)
**ମନେରଖନ୍ତୁ:**
- ଡ଼ାଇବେଟିସ୍ (ମଧୁମେହ)ଠାରୁ ଦୂରେଇ ରହିବା ପାଇଁ ନିୟମିତ ବ୍ୟାୟାମ କରିବା ସହିତ ଶରୀରର ଓଜନ ଓ ଖାଦ୍ୟପେୟ ନିୟନ୍ତ୍ରଣରେ ରଖନ୍ତୁ ।
- ଯୁବଗୋଷ୍ଠୀ ଆଧୁନିକ ଜୀବନ ଶୈଳୀ ଓ ଖାଦ୍ୟପେୟ ପ୍ରତି ସତର୍କ ଓ ସଚେତନ ରୁହନ୍ତୁ ।
- ଧୂମପାନ, ତମାଖୁ ଓ ମାଦକଦ୍ରବ୍ୟ ସେବନରୁ ନିବୃତ୍ତ ରୁହନ୍ତୁ ।
- ମଧୁମେହରେ ଆକ୍ରାନ୍ତ ବ୍ୟକ୍ତି ପାଦରେ ଘା’ ନହେବା ପାଇଁ ବିଶେଷ ଯତ୍ନବାନ୍ ହୁଅନ୍ତୁ ।
- ଡ଼ାଇବେଟିସ୍ ଯୋଗୁଁ ଅନ୍ୟାନ୍ୟ ରୋଗ ଯଥା, ହୃଦ୍‌ଘାତ, ଉଚ୍ଚରକ୍ତଚାପ,ବୃକକ୍ ଏବଂ ଯକୃତ ଜନିତ ରୋଗ, ପକ୍ଷାଘାତ, ଚକ୍ଷୁ ଓ ସ୍ନାୟୁଜନିତ ସମସ୍ୟା ଆଦି ଦେଖାଯିବାର ସମ୍ଭାବନା ଅଧିକ ଥାଏ ।

**ନିୟମିତ ଡାକ୍ତରୀ ପରାମର୍ଶ ଓ ଉପଯୁକ୍ତ ଚିକିତ୍ସା ଡାଇବେଟିସ୍ ନିୟନ୍ତ୍ରଣରେ ସହାୟକ ହୋଇଥାଏ ।**
**ଡାଇବେଟିସ୍‌ର ନିରୂପଣ ଓ ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।**
ଆସନ୍ତୁ ସମସ୍ତ ବ୍ୟକ୍ତି ଯେପରି ମଧୁମେହର ନିୟନ୍ତ୍ରଣ ଓ ପ୍ରତିରୋଧ ପାଇଁ ଆବଶ୍ୟକୀୟ ସେବା ଓ ସୁବିଧା ପାଇପାରିବେ ସେଥିପ୍ରତି ଯତ୍ନବାନ ହେବା ।
Facebook.com http://www.health.odisha.gov.in HFWOdisha
**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**
DSPL-146
10003/13/0051/1920

"ମୋତେ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଯାଇଥିବାରୁ ଚାପ ଅନୁଭବ କରୁନାହିଁ। ପୂର୍ବରୁ ଯେମିତି ବ୍ୟାଟିଂ କରୁଥିଲି ଏବେ ମଧ ସେହିଭଳି କରିବି ।
–ମୋମିନୁଲ ହକ୍, ବାଂଲାଦେଶ ନୂଆ ଅଧିନାୟକ



"ବର୍ତ୍ତମାନ ଉତ୍ତରାଧିକାରୀର କୌଣସି ଯୋଜନା ନ ଥିବାରୁ ମୁଁ ଜାତୀୟ ଦଳର କୋଚ୍ ଭାବେ କାମ କରିବା ଜାରି ରଖିବାକୁ ଚାହୁଁଛି ।
–ପୁଲେଲା ଗୋପୀଚାନ୍ଦ, ଭାରତୀୟ ବ୍ୟାଡ୍‌ମିଣ୍ଟନ କୋଚ୍



## ସଂକ୍ଷେପରେ

ଜାପାନ ଅନ୍ତର୍ଜାତୀୟ ପାରାବ୍ୟାଡ୍‌ମିଣ୍ଟନ

### ପ୍ରମୋଦଙ୍କ ଡବଲ ବିଜୟ



**ଭୁବନେଶ୍ୱର, ୧୩।୧୧(କ୍ରୀଡ଼ା ପ୍ରତିନିଧି):** ଜାପାନ ଅନ୍ତର୍ଜାତୀୟ ପାରାବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ବୁଧବାର ଟୋକିଓରେ ଆରମ୍ଭ ହୋଇଛି। ବିଶ୍ୱର ୧୯୨ ପ୍ରତିଯୋଗୀଙ୍କୁ ନେଇ ହେଉଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ପ୍ରମୋଦ ଭଗତ ସିଙ୍ଗଲ୍ସ ଇଭେଣ୍ଟରେ ଡବଲ ବିଜୟ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ପ୍ରମୋଦ ପେରୁର ପେଡ୍ରୋ ବାବିଓ ଡି ଭିନାଟିଆଙ୍କୁ ୨୧-୧୪, ୨୧-୮ ପଏଣ୍ଟରେ ହରାଇ ଦେଇଛନ୍ତି। ସେହିପରି ଦ୍ୱିତୀୟ ରାଉଣ୍ଡରେ ସେ ୟୁକ୍ରେନର ଓଲେକଜାଣ୍ଡର ଚିର୍କୋଭଙ୍କୁ ୨୧-୧୯, ୨୧-୮ ପଏଣ୍ଟରେ ପରାସ୍ତ କରି ଆଗକୁ ବଢ଼ିଛନ୍ତି।

### ଭିଲାଙ୍କ ଅବସର ଘୋଷଣା



**ଟୋକିଓ, ୧୩।୧୧(ଏଏଫ୍‌ପି):** ସ୍ପେନ ପାଇଁ ଅନ୍ତର୍ଜାତୀୟ ସ୍ତରରେ ସର୍ବାଧିକ ଗୋଲ କରିଥିବା ଷ୍ଟାର ଷ୍ଟ୍ରାଇକର ଡେଭିଡ୍ ଭିଲା ଆସନ୍ତା ମାସରେ ଅବସର ନେବେ। ଜାଜ୍ୱଲ୍ୟମୟ କ୍ୟାରିୟରରେ ସେ ଫିଫା ବିଶ୍ୱକପ୍, ୟୁରୋପିଆନ ଚାମ୍ପିୟନଶିପ ଓ ଚାମ୍ପିୟନ୍ସ ଲିଗ୍ ଜିତି ସାରିଛନ୍ତି। ୩୭ ବର୍ଷୀୟ ଭିସେଲ କୋବ ଷ୍ଟ୍ରାଇକର ଚଳିତ ଜେ ଲିଗ୍ ସିଜନ ଶେଷରେ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ୧୯ ବର୍ଷର ଲମ୍ବା କ୍ୟାରିୟରରେ ସେ ବାର୍ସିଲୋନା, ଆଟଲେଟିକୋ ମାଡ୍ରିଡ୍ ଓ ଭାଲେନ୍‌ସିଆ ଭଳି କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରିବା ସହ ଦେଶ ପାଇଁ ୯୮ ମ୍ୟାଚ ଖେଳିଛନ୍ତି। ସେ ନ୍ୟୁୟର୍କର ନୂଆ ଫ୍ରାଞ୍ଚାଇଜ କୁଇନ୍ସବୋରୋ ଏଫ୍‌ସିରେ ଧନ ବିନିଯୋଗ କରିବେ। ୩ ଫିଫା ବିଶ୍ୱକପ୍ ଖେଳିବା ସହ ୨୦୧୦ ବିଶ୍ୱକପ୍ ଚାମ୍ପିୟନ ଦଳର ଗୁରୁତ୍ୱପୂର୍ଣ୍ଣ ଷ୍ଟ୍ରାଇକର ଥିଲେ। ତାଙ୍କ ପ୍ରତିନିଧିତ୍ୱରେ ସ୍ପେନ ୟୁରୋପିଆନ ଚାମ୍ପିୟନଶିପ ଜିତିଥିଲେ। ଅନ୍ତର୍ଜାତୀୟ ସ୍ତରରେ ସେ ୫୯ ଗୋଲ କରିଛନ୍ତି, ଯାହାକି ଏକ ଜାତୀୟ ରେକର୍ଡ।

### ଫାଇନାଲରେ ଓଡ଼ିଶା ପୋଷ୍ଟାଲ

**ରସୁଲପୁର/ଧର୍ମଶାଳା, ୧୩।୧୧ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ୧୦ମ ସିକୁ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲରେ ଓଡ଼ିଶା ପୋଷ୍ଟାଲ ଏକାଦଶ ପ୍ରବେଶ କରିଛି। ବୁଧବାର ୨ୟ ସେମିଫାଇନାଲ୍‌ରେ ଓଡ଼ିଶା ପୋଷ୍ଟାଲ ଏକାଦଶ ୭ ରନରେ ଫରେଷ୍ଟ ଏକାଦଶ (ଛତିଶଗଡ଼)କୁ ହରାଇଛି। ଓଡ଼ିଶା ପୋଷ୍ଟାଲ ପ୍ରଥମେ ବ୍ୟାଟିଂ କରି ୨୮.୪ ଓଭର୍‌ରେ ୨୨୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଅନୁରାଗ ଷଡ଼ଙ୍ଗୀ ୭୮ ଓ ସିଦ୍ଧାନ୍ତ ଜେନା ୬୬ ରନ କରିଥିଲେ। ଛତିଶଗଡ ଦଳର ସୁବ୍ରମଣ୍ୟମ୍ ଓ ବିକାଶ ରାଉତ ୪ଟି ଲେଖାଏଁ ଉଇକେଟ୍ ପାଇଥିଲେ। ଜବାବ୍‌ରେ ଫରେଷ୍ଟ ଏକାଦଶ ୨୫.୨ ଓଭରରେ ୮ ଉଇକେଟ୍ ହରାଇ ୨୧୫ ରନ୍ କରିଥିବାବେଳେ ସନ୍ଧ୍ୟା ହୋଇଯିବାରୁ ମ୍ୟାଚ୍ ବନ୍ଦ କରାଯାଇଥିଲା। ରନ୍ ରେଟ୍ ଆଧାରରେ ଫରେଷ୍ଟ ଏକାଦଶ ୭ ରନ୍‌ରେ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଦୀପକ ଯାଦବ ୫୬ ରନ୍ ଓ ରାକେସ ପଟ୍ଟନାୟକ ୩୮ ରନ୍ କରିଥିଲେ। ବିଜୟୀ ଦଳର ଆଲୋକ ସାହୁ ଓ ପ୍ରୀତମଜିତ ଦାସ ୨ଟି ଲେଖାଏଁ ଉଇକେଟ୍ ପାଇଥିଲେ। ବିଜୟୀ ଦଳର ସିଦ୍ଧାନ୍ତ ଜେନାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ପ୍ରଦାନ କରାଯାଇଛି। ଶୁକ୍ରବାର ଓଡ଼ିଶା ପୋଷ୍ଟାଲ ଏକାଦଶ ଓ ୟୁନିୟନ ସ୍ପୋର୍ଟିଂ (ଝାଡଖଣ୍ଡ) ମଧରେ ଫାଇନାଲ ଅନୁଷ୍ଠିତ ହେବ। ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

■ ଇମ୍ରାନ ମେମୋରିଆଲ ଟ୍ୱିନ୍‌ସିଟି କ୍ରିକେଟ ଉଦ୍‌ଯାପିତ

# ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ୍

**ଭୁବନେଶ୍ୱର, ୧୩।୧୧(କ୍ରୀଡ଼ା ପ୍ରତିନିଧି)**

ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳ ପଡ଼ିଆରେ ମହମ୍ମଦ ଇମ୍ରାନ ମେମୋରିଆଲ ଟ୍ୱିନ୍ ସିଟି ୧୭ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ୬ ଉଇକେଟରେ ହରାଇ ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୪୦ ଓଭରରେ ୬ ଉଇକେଟ ହରାଇ ୧୫୩ ରନ କରିଥିଲା। ଦଳ ପକ୍ଷରୁ ସାଇ ଶୁଭମ୍ ସର୍ବାଧିକ ୪୮ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ନୀତୀଶ ମୁଦୁଲି ୮ ଓଭରରେ ୩୫ ରନ ଦେଇ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ୧୫୪ ରନ ବିଜୟ ଲକ୍ଷ୍ୟକୁ ୟୁନିୟନ ସ୍ପୋର୍ଟିଂ ୩୮ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ବିନାୟକ ମହାନ୍ତି ୫୭ ରନରେ ଅପରାଜିତ ରହି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପାରାମାଉଣ୍ଟର ସ୍ୱୟମ ସାର୍ଥକ ୮ ଓଭରରେ ୨୩ ରନ ବିନିମୟରେ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଥିଲେ। ବିନାୟକ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିବାବେଳେ ଆଶୁତୋଷ ନାୟକ ଶ୍ରେଷ୍ଠ ବୋଲର, ସାଇ ଶୁଭମ୍ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଏବଂ ଦିବ୍ୟ କୀର୍ତ୍ତି ପଟ୍ଟନାୟକ ଶ୍ରେଷ୍ଠ ଉଇକେଟ କିପର ପୁରସ୍କାର ହାସଲ କରିଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ବରିଷ୍ଠ କୋଚ୍ କିଶୋର ମାଣିଆ, ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା, ଅଶୋକ ପାତ୍ର, ପୂର୍ବତନ କର୍ପୋରେଟର ଅକ୍ଷୟ ଲେଙ୍କା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ସୁଶାନ୍ତ ଦାଶ ଓ ଖଗେଶ୍ୱର ମଲିକ ମ୍ୟାଚ ପରିଚାଳନା କରିଥିଲେ।




ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ୟୁନିୟନ ସ୍ପୋର୍ଟିଂର ଖେଳାଳିମାନେ।

**ସମ୍ମାନିତ ହେଲେ ୫ ଅମ୍ପାୟର**

ଉଦ୍‌ଯାପନୀ ଉତ୍ସବରେ ୫ ଜଣ ଓସିଏ(ଓଡ଼ିଶା କ୍ରିକେଟ ଆସୋସିଏଶନ) ପ୍ୟାନେଲ ଅମ୍ପାୟରଙ୍କୁ ସୌମ୍ୟରଞ୍ଜନ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନେ ହେଲେ ରମାକାନ୍ତ ମହାନ୍ତି, ବୁଲୁ ପଟ୍ଟନାୟକ(ଉଭୟେ କେନ୍ଦୁଝର), ଆଲୋକ କୁମାର ଦାସ (କଟକ), ପ୍ରବୀର କୁମାର ବିଶ୍ୱାସ (ମୟୂରଭଞ୍ଜ) ଓ ପବିତ୍ର କୁମାର ପ୍ରଧାନ(ଭୁବନେଶ୍ୱର)। ପ୍ରକାଶ ଯୋଗ୍ୟ ଯେ, ସ୍ୱର୍ଗତ ସୌମ୍ୟରଞ୍ଜନ ଦାସ ୨୦୦୬ରେ ଓସିଏ ଏବଂ ୨୦୦୯ରେ ବିସିସିଆଇ ଲେଭଲ-୧ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ୨୦୧୭ ଏପ୍ରିଲ ୨୬ରେ ସାକ୍ଷୀଗୋପାଳଠାରେ ଏକ ସଡ଼କ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଥିଲେ।

### ୧୭ ବର୍ଷରୁ କମ୍ ବାଳକ ବକ୍ସିଂରେ ଓଡ଼ିଶାରୁ ୧୨ ଭାଗନେବେ

**ଭୁବନେଶ୍ୱର, ୧୩।୧୧ (କ୍ରୀଡ଼ା ପ୍ରତିନିଧି)**

ମିଜୋରାମର ଆଇଜଲଠାରେ ଚଳିତମାସ ୧୯ରୁ ୨୨ ପର୍ଯ୍ୟନ୍ତ ୧୭ ବର୍ଷରୁ କମ୍ ବାଳକ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ମୋଟ ୧୨ ପ୍ରତିଯୋଗୀ, କୋଚ୍ ଓ ମ୍ୟାନେଜର ଅଂଶଗ୍ରହଣ କରିବେ। ଭାଗ ନେବାକୁ ମନୋନୀତ ହୋଇଥିବା ପ୍ରତିଯୋଗୀମାନେ ହେଲେ ରାଇଲା ରାହୁଲ(୪୬ କେଜି), ଟୁଲୁ ସେଠୀ(୪୮ କେଜି), ଗୁରୁଦେବ ବାଗ୍(୫୦ କେଜି), ରାକେଶ କୁମାର ଭୋଇ(୫୨ କେଜି), କରେଶାନ୍ତ ମୁର୍ମୁ(୫୪ କେଜି), ଯୋଦେଶ ମହାପାତ୍ର(୫୭ କେଜି), ରୋହନ ସାହୁ(୬୦ କେଜି), ଜୟପ୍ରକାଶ ସେନାପତି(୬୩ କେଜି), ଜାନ୍ମେଜୟ ନାୟକ(୬୬ କେଜି), ଲିଙ୍ଗରାଜ ବିଶୋୟୀ(୭୦ କେଜି), ଅଙ୍କିତ୍ କୁମାର ସେଠୀ(୭୫ କେଜି), ଆଶିଷ କୁମାର ଜେନା(୮୧ କେଜି)। ରୂପକ କୁମାର ପ୍ରସାଦ କୋଚ୍ ଓ ନିରଞ୍ଜନ ମିଶ୍ର ମ୍ୟାନେଜରଭାବେ ଦଳସହ ବୁଧବାର ମିଜୋରାମ ଯାତ୍ରା କରିଛନ୍ତି।

## ଓଡ଼ିଶା ଭିନ୍ନକ୍ଷମ ଫ୍ଲୋରବଲ୍ ଦଳ ଘୋଷିତ

**ଭୁବନେଶ୍ୱର, ୧୩।୧୧(କ୍ରୀଡ଼ା ପ୍ରତିନିଧି)**

ହରିଦ୍ୱାରଠାରେ ଚଳିତମାସ ୧୫ରୁ ୧୯ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ଭିନ୍ନକ୍ଷମ ଫ୍ଲୋରବଲ୍ ଚାମ୍ପିୟନଶିପ୍ ପାଇଁ ବୁଧବାର ଓଡ଼ିଶା ଦଳ ଘୋଷିତ ହୋଇଛି। କୋଚ୍ ଝସକେତନ ସାହୁଙ୍କ ତତ୍ତ୍ୱାବଧାନରେ ସ୍ପେଶାଲ ଅଲିମ୍ପିକ୍, ଭାରତ ପକ୍ଷରୁ ମନୋନୀତ ୮ ଜଣିଆ ଓଡ଼ିଶା ଦଳ ହରିଦ୍ୱାର ଯାତ୍ରା କରିଛି। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଯୋଗେନ୍ଦ୍ର ଛତ୍ରିଆ, ସୌଦାଗର ସାହୁ, ପୀତାମ୍ବର ମହାନନ୍ଦ, ରାମେଶ୍ୱର ବାରିକ, ସୁନୀଲ ଭୋଇ, କାହ୍ନା ସାହୁ, ସମିତ ଖୁଣ୍ଟିଆ ଓ ଇନ୍ଦ୍ରମଣି କାଣ୍ଡି। ସହକାରୀ କୋଚ୍‌ଭାବେ ରଞ୍ଜିତ ନାଏକ ମଧ ଦଳ ସହ ହରିଦ୍ୱାର ଯାଇଛନ୍ତି। ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବଲାଙ୍ଗୀର ଜିଲା ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ତ୍ରିପାଠୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଡ. ହରେକୃଷ୍ଣ ମହତାବ ମାନସିକ ନ୍ୟୂନତା ଅନୁଷ୍ଠାନର ଅଧକ୍ଷା ସ୍ନେହଲତା ମହାନ୍ତି ଓ ସମ୍ପାଦକ ରଞ୍ଜିତ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ପେଶାଲ ଅଲିମ୍ପିକ୍, ଭାରତର ଏରିଆ ଡାଇରେକ୍ଟର ପ୍ରକାଶ କୁମାର ରଥ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।




କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଭିନ୍ନକ୍ଷମ ଫ୍ଲୋରବଲ୍ ଦଳର ଖେଳାଳିମାନେ।

## ଲାୟନ୍ସେସ-ଟାଇଗ୍ରେସେସ୍ ଫାଇନାଲ

**କଲ୍ୟାଣୀ, ୧୩।୧୧:** ପଶ୍ଚିମବଙ୍ଗର କଲ୍ୟାଣୀଠାରେ ଚାଲିଥିବା ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଲାୟନ୍ସେସ ଓ ଟାଇଗ୍ରେସେସ ଫାଇନାଲରେ ପହଞ୍ଚିଛନ୍ତି। ବୁଧବାର ୨ୟ ରାଉଣ୍ଡ ମ୍ୟାଚରେ ଟାଇଗ୍ରେସେସ ୫-୨ ଗୋଲରେ ପାନ୍ଥର୍ସଙ୍କୁ ଏବଂ ଲାୟନ୍ସେସ ୬-୧ ଗୋଲରେ ଚିତାସ୍‌କୁ ହରାଇଛି। ରବିବାର ଫାଇନାଲ ଅନୁଷ୍ଠିତ ହେବ। ପ୍ରତି ଦଳ ୨ଟିଲେଖାଏ ମ୍ୟାଚ ଖେଳିଥିବାବେଳେ ଲାୟନ୍ସେସ ଓ ଟାଇଗ୍ରେସେସ ୬ ପଏଣ୍ଟ ଲେଖାଏ ପାଇଛନ୍ତି।

## ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୩।୧୧ (କ୍ରୀଡ଼ା ପ୍ରତିନିଧି):** ଭୋପାଳଠାରେ ଚାଲିଥିବା ସିବିଏସଇ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ସୁଇମିଂରେ ଓଡ଼ିଶାର ପ୍ରତ୍ୟାଶା ରାୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ପ୍ରତ୍ୟାଶା ୩୧.୨୮ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିବା ତାଙ୍କ ବାପା ରଜତ ରାୟଙ୍କ ସୂତ୍ରରୁ ପ୍ରକାଶ।



୫୦ ମିଟର ବଟରଫ୍ଲାଏ ଇଭେଣ୍ଟ ଅବସରରେ ପ୍ରତ୍ୟାଶା ରାୟ।

## ବିଶ୍ୱଜିତ୍‌ଙ୍କୁ ୫ ଉଇକେଟ, ଓଡ଼ିଶା ବିଜୟୀ

**କଟକ ଅଫିସ, ୧୩।୧୧:** ଡେରାଡୁନଠାରେ ଚାଲିଥିବା ୨୩ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ବୁଧବାର ଓଡ଼ିଶା ୪ ଉଇକେଟରେ ଗୋଆକୁ ପରାସ୍ତ କରିଛି। ଲୋସ୍କୋରିଂ ଏହି ମ୍ୟାଚ୍‌ରେ ସ୍ୱସ୍ତିକ ସାମଲ ୪୩ରନର ଅପରାଜିତ ଇନିଂସ ଖେଳି ଦଳକୁ ଜିତାଇଛନ୍ତି । ଗୋଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୧୫ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ବିଶ୍ୱଜିତ ମଲ୍ଲିକ ୫ଟି ଓ ପ୍ରୀତ କନୱର ସିଂ ଚୌହ୍ୱାନ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ରାହୁଲ ଚୌଧୁରୀଙ୍କୁ ୨ଟି ଉଇକେଟ ମିଳିଥିଲା। ଗୋଆ ପକ୍ଷରୁ କାଶ୍ୟପ ବାଖାଲେ ସର୍ବାଧିକ ୩୮ରନ କରିଥିଲେ। ୧୧୬ରନର ସହଜ ବିଜୟ ଲକ୍ଷ୍ୟ ଥିଲେ ମଧ ୧୦ରନରେ ପ୍ରଥମ ଓ ୬୫ରନରେ ୬ଟି ଉଇକେଟ ହରାଇ ଓଡ଼ିଶା ସଙ୍କଟରେ ପଡ଼ିଥିଲା। ତେବେ ସ୍ୱସ୍ତିକ ୫୫ବଲରୁ ୪୩ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳି ଦଳକୁ ଜିତାଇଥିଲେ। ଏହାଛଡ଼ା ସ୍ପିନର ରାଜକିଶନ ପଟେଲ ୧୮ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଓଡ଼ିଶା ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଗୋଆ ପକ୍ଷରୁ ଭିଜେଶ ପ୍ରଭୁଦେଶାଇ ୫ ଉଇକେଟ ଦଖଲ କରିଥିଲେ।



### ଛତିଶଗଡ଼କୁ ହରାଇଲା ଓଡ଼ିଶା

**କଟକ ଅଫିସ, ୧୩।୧୧:** ଗୁଣ୍ଟୁରର ଆର୍‌ଭିଆର ଆଣ୍ଡ ଜେସି କଲେଜ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ୨୩ବର୍ଷରୁ କମ୍ ମହିଳା ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୧୯ରନରେ ଛତିଶଗଡ଼କୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ୨ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶାର ଏହା ପ୍ରଥମ ବିଜୟ। ପୂର୍ବ ମ୍ୟାଚ୍‌ରେ ବେଙ୍ଗଲଠାରୁ ଦଳ ୭ ଉଇକେଟରେ ପରାସ୍ତ ହୋଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୮ ଉଇକେଟ ହରାଇ ୧୨୩ରନ ସଂଗ୍ରହ କରିଥିଲା। ଓପନର କାଜଲ ଜେନା(୨୩ରନ)ଓ ଅଞ୍ଜଳି ସିଂ (୧୬ରନ) ପ୍ରଥମ ଉଇକେଟରେ ୪୦ରନ ସଂଗ୍ରହ କରିଥିଲେ। ଉଭୟଙ୍କ ଉଇକେଟ ପତନ ପରେ ଶୁଭ୍ର ନିର୍ଝରିଣୀ ସ୍ୱାଇଁ ୪୬ବଲରୁ ୪୦ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ସଙ୍ଗୀତା ଖାଡ଼ିଆ ୧୨ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଛତିଶଗଡ଼ ପକ୍ଷରୁ ଦେବୀକା ବୈଦ୍ୟ ସର୍ବାଧିକ ୩ଟି ଉଇକେଟ ହାସଲ କରିଥିଲେ। ୧୨୪ରନର ବିଜୟଲକ୍ଷ୍ୟ ପିଛା କରିଥିବା ଛତିଶଗଡ଼ ଧୀମା ବ୍ୟାଟିଂ କରିବା ଫଳରେ ୧୯ରନ ପଛରେ ପଡ଼ିଥିଲା। ଦଳ ୭ ଉଇକେଟ ହରାଇ ୧୦୪ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ମନପ୍ରୀତ ସିଂ ୩୨ରନ ଓ ଯଶୀ ପାଣ୍ଡେ ୨୬ରନ କରିଥିବା ବେଳେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଆଖି ଦୃଶିଆ ପ୍ରଦର୍ଶନ କରି ପାରି ନ ଥିଲେ। ଓଡ଼ିଶାର ଲୁଇସା ଦାସଙ୍କୁ ୨ଟି ଉଇକେଟ ମିଳିଥିବା ବେଳେ ତରଣା ପ୍ରଧାନ, ନିବେଦିତା ନାୟକ, ଅଞ୍ଜଳି ସିଂ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।

## ଓଡ଼ିଶା ଟେବୁଲ ଟେନିସ୍ ଦଳ ଘୋଷିତ



ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଟେବୁଲ ଟେନିସ ଦଳ।

**କଟକ ଅଫିସ, ୧୩।୧୧**

ହିମାଚଳପ୍ରଦେଶର ଧର୍ମଶାଳାଠାରେ ନଭେମ୍ବର ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୮୧ତମ କ୍ୟାଡେଟ୍, ସବ୍‌ଜୁନିୟର ଜାତୀୟ, ଆନ୍ତଃ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥି ପାଇଁ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ବୁଧବାର ଦଳ ଘୋଷଣା କରାଯାଇଛି। ଜିତୁ ପଣ୍ଡା ଦଳର କୋଚ୍ ଅଛନ୍ତି। ସମ୍ବିତ ଦାସ ମ୍ୟାନେଜର ଭାବେ ଦଳରେ ସାମିଲ ହୋଇଥିବା ବେଳେ ହସରତୁନ ନିସା ପ୍ରତିଯୋଗିତାରେ ଅମ୍ପାୟର ଦାୟିତ୍ୱ ତୁଲାଇବେ। ଓଡ଼ିଶା ଦଳ ବୁଧବାର ଧର୍ମଶାଳା ଯାତ୍ରା କରିଛି ।

### ଓଡ଼ିଶା ଦଳ

କ୍ୟାଡେଟ ବାଳକ: ଆନିନ୍ଦ୍ୟ ଅନୁପମ ଦାସ, ଅର୍ଚ୍ଚିତ କୁମାର ବେହେରା, ଜିଜ୍ଞାସୁ ସାହୁ, ଶ୍ରେୟାନ ଧାର, ଅଭିସ୍ମାର ଚୌଧୁରୀ, ଅଙ୍କିତ କିଣ୍ଡୋ। କ୍ୟାଡେଟ ବାଳିକା: ସାଧିକା ସୋଦାଭରମ, ଉର୍ଜା ବର୍ମା, ସାକ୍ଷୀ ଭଗତ, ଭୂମିକା ବଳ। ସବ୍‌ଜୁନିୟର ବାଳକ: ଅଙ୍କୁର ବିଶ୍ୱାଳ, ନକୁଲ ଜାମୁଲା, ଆନିନ୍ଦ୍ୟ ଅନୁପମ ଦାସ, ଏ.ସନ୍ତୋଷ ପ୍ରୀତମ, ଅର୍ଚ୍ଚିତ କୁମାର ବେହେରା। ସବ୍‌ଜୁନିୟର ବାଳିକା: ଶ୍ୱେତପଦ୍ମା ଦଳାଇ, ସୁଶ୍ରୀ ପଟ୍ଟନାୟକ, ବୈଶାଖୀ ବଳ, ସୋହାଲିକା ସୋଦାଭରମ, ଏମ.ବି ବର୍ଷା ପଣ୍ଡା।

## ଓଡ଼ିଶାରୁ ଭାଗନେବେ ୩ ପ୍ରତିଯୋଗୀ



**ହୁଇଲ ଚେୟାର ଫେନ୍‌ସିଂ ବିଶ୍ୱକପ**

**ଭୁବନେଶ୍ୱର, ୧୩।୧୧ (କ୍ରୀଡ଼ା ପ୍ରତିନିଧି):** ନେଦରଲାଣ୍ଡର ଆମଷ୍ଟରଡାମଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ହୁଇଲ ଚେୟାର ଫେନ୍‌ସିଂ ବିଶ୍ୱକପ। ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ୩ ଖେଳାଳି ଭାଗନେବେ। ସେମାନେ ହେଲେ ରମେଶ ରାଓ, ରାଖାଲ କୁମାର ସେଠୀ ଓ ଦେବାମୃତ ସାହୁ। ଓଡ଼ିଶାର ଦୁଇ ଅଭିଜ୍ଞ ଖେଳାଳି ରମେଶ ଓ ରାଖାଲ ପାରାଅଲିମ୍ପିକ୍ ଦୌଡ଼ରେ ଅଛନ୍ତି। ରମେଶ ଜାତୀୟ ସ୍ତରରେ ୧୭ ଓ ଅନ୍ତର୍ଜାତୀୟ ସ୍ତରରେ ୧୧ ପଦକ ଜିତିଛନ୍ତି। ସେହିପରି ରାଖାଲ ୧୫ଟି ଜାତୀୟ ଓ ୧୦ ଅନ୍ତର୍ଜାତୀୟ ପଦକ ଜିତିବାର ଅଭିଜ୍ଞତା ରଖିଛନ୍ତି। ଦେବାମୃତ ପ୍ରଥମଥରପାଇଁ ଅନ୍ତର୍ଜାତୀୟ ପଦାର୍ପଣ କରିବାକୁ ଯାଉଛନ୍ତି।

# ପ୍ରଥମ ଟେଷ୍ଟ ଆଜିଠାରୁ: ଭାରତ ଫେଭରାଇଟ

ଇନ୍ଦୋର, ୧୩।୧୧ (ପି.ଟି.)

ଭାରତ ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଗୁରୁବାରଠାରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ସ୍ଥାନୀୟ ହୋଲ୍‌କାର କ୍ରିକେଟ ଷ୍ଟାଡିୟମରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଆୟୋଜନ ହେବ। ଟି୨୦ ସିରିଜ୍‌ରେ ୨-୧ ବ୍ୟବଧାନରେ ବିଜୟୀ ହୋଇଥିବା ଭାରତ ଟେଷ୍ଟ ସିରିଜରେ ମଧ୍ୟ ଫେଭରାଇଟ ବିବେଚିତ ହେଉଛି। ତେବେ କୋଲକାତାର ଇଡେନ ଗାର୍ଡେନଠାରେ ଖେଳାଯିବାକୁ ଥିବା ଦିବାରାତ୍ର ଟେଷ୍ଟ ଉପରେ ସମସ୍ତଙ୍କ ନଜର ରହିଛି। ଫ୍ଲଡ୍ ଲାଇଟ୍ ତଳେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ନେଇ ସମସ୍ତଙ୍କ ଉତ୍କଣ୍ଠା ରହିଛି। ଭାରତ ପ୍ରଥମଥର ପାଇଁ ଦିବାରାତ୍ର ଟେଷ୍ଟ ଖେଳିବାକୁ ଯାଉଛି ଓ ଏଥିରେ ବାଂଲାଦେଶକୁ ଭେଟିବାକୁ ଥିବାରୁ ଉଭୟ ଦେଶର କ୍ରିକେଟ ପ୍ରଶଂସକ ଏହି ନେଇ ବେଶ୍ ଉତ୍ସାହିତ ରହିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶ ବିଶେଷ ହୋଇଥିବାରୁ ଏହି ସିରିଜର ଗୁରୁତ୍ୱ ବଢ଼ିଯାଇଛି। ବିଶ୍ୱ ର୍‍ୟାଙ୍କିଂର ଶୀର୍ଷସ୍ଥାନରେ ଥିବା କୋହଲିଙ୍କ ନେତୃତ୍ୱରେ ଭାରତ ଏବେ ଜବରଦସ୍ତ ଫର୍ମରେ ରହିଛି।

ତାମିମ ଇକ୍‌ବାଲ ଓ ବାସନ୍ଦ ହୋଇଥିବା ତାରକା ଅଲରାଉଣ୍ଡର ଶକିବ ଅଲ ହାସନଙ୍କ ଅନୁପସ୍ଥିତିରେ ବାଂଲାଦେଶର ପ୍ରଦର୍ଶନ ନିଶ୍ଚିତ ଭାବେ ପ୍ରଭାବିତ ହେବ। ସୀମିତ ଓଭର କ୍ରିକେଟ ଅପେକ୍ଷା ବାଂଲାଦେଶ ଟେଷ୍ଟରେ ଅପେକ୍ଷାକୃତ ଦୁର୍ବଳ ମନେ ହେଉଛି। ଗତ ସିରିଜରେ ଭାରତ ୩-୦ରେ ଦକ୍ଷିଣ ଆଫ୍ରିକାକୁ ହରାଇ କ୍ଲିନ୍ ସୁଇପ୍ କରିଥିଲା। ଭାରତୀୟ ଦଳର ଦ୍ରୁତ ବୋଲିଂ ବିଭାଗ ଇତିହାସର ଶ୍ରେଷ୍ଠ ବୋଲି ବିବେଚିତ ହେଉଛି। ଫଳରେ ବାଂଲାଦେଶକୁ ନିୟନ୍ତ୍ରଣରେ ରଖିବାକୁ ଭାରତ ସକ୍ଷମ ହୋଇପାରିବ ବୋଲି କୁହାଯାଇପାରେ। ବାଂଲାଦେଶ ଅଧିନାୟକ ମୋମିନୁଲ ହକ୍ ମାତ୍ର ୮ଟି ଟେଷ୍ଟ ଶତକ ହାସଲ କରିଛନ୍ତି। ଯଦିଓ ମୁସ୍‌ଫିକର ରହିମ ଓ ମହମୁଦୁଲ୍ଲା ରିୟାଦ ଉତ୍ସର୍ଗୀକୃତ କ୍ରିକେଟର ଭାବେ ଜଣାଶୁଣା ଥିଲେ ମଧ୍ୟ ବାଂଲାଦେଶର ବ୍ୟାଟିଂ ସେତେଟା ଦୃଢ଼ ମନେ ହେଉନାହିଁ।

ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତୀୟ ଅଧିନାୟକ କୋହଲି ୨୬, ଅଜିଙ୍କ୍ୟ ରାହାନେ ୧୧, ଚେତେଶ୍ୱର ପୂଜାରା ୧୮ଟି ଶତକ ହାସଲ କରିଛନ୍ତି। ମିଳିତ ଭାବେ ଏମାନେ ୫୦ରୁ ଊର୍ଦ୍ଧ୍ୱ ଶତକ ଅର୍ଜନ କରିଛନ୍ତି। ଫଳରେ ମୁସ୍ତାଫିଜୁର ରହମାନ, ତାଇଜୁଲ ଇସ୍‌ଲାମ ଓ ମେହିଦି ହାସନ ମିରାଜଙ୍କୁ ନେଇ ଗଠିତ ବାଂଲାଦେଶ ବୋଲିଂ ବିଭାଗ ପରୀକ୍ଷାର ସମ୍ମୁଖୀନ ହେବ। କୋହଲି, ରାହାନେ ଓ ପୂଜାରାଙ୍କୁ ପୂର୍ବରୁ ବାଂଲାଦେଶ ବୋଲରଙ୍କୁ ଦୁଇ ଓପନର ମୟଙ୍କ ଅଗ୍ରୱାଲ ଓ ବିସ୍ଫୋରକ ରୋହିତ ଶର୍ମାଙ୍କୁ ସାମ୍ନା କରିବାକୁ ହେବ। ଏହା ବ୍ୟତୀତ ଭାରତୀୟ ବୋଲିଂ ୟୁନିଟ୍ ୮୦୦ରୁ ଊର୍ଦ୍ଧ୍ୱ ଉଇକେଟ ହାସଲ କରିସାରିଛି।

ଶକିବଙ୍କ ନେତୃତ୍ୱରେ ଶକିବ ଗତ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନ ଭଳି ଦୁର୍ବଳ ଦଳଠାରୁ ପରାସ୍ତ ହୋଇଥିଲା। ଫେଭରାଇଟ ବିବେଚିତ ହୋଇଥିଲେ ମଧ୍ୟ ଭାରତ ଏହି ମ୍ୟାଚ୍‌କୁ ଆଦୌ ହାଲ୍‌କା ଭାବେ ନେବ ନାହିଁ। ବାଂଲାଦେଶ ଏକ ଭଲ ଦଳ। କିଛି ଦିନ ତଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆମେ ଭଲ ପ୍ରଦର୍ଶନ କରିଥିଲୁ। ଏହା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶ ବିଶେଷ ହୋଇଥିବାରୁ ସବୁ ମ୍ୟାଚ୍ ସମାନ ଗୁରୁତ୍ୱପୂର୍ଣ୍ଣ ବୋଲି ରାହାନେ କହିଛନ୍ତି। ଆମେ ଗୋଟିଏ ସମୟରେ ଗୋଟିଏ ମ୍ୟାଚ୍‌କୁ ଗୁରୁତ୍ୱ ଦେଇଥାଉ। ବାଂଲାଦେଶ ଦଳ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି। ତେଣୁ ଭ୍ରମଣକାରୀ ଦଳ ବିଷୟରେ ଅଧିକ ଚିନ୍ତା ନ କରି ଖେଳ ଉପରେ ଆମେ ଗୁରୁତ୍ୱ ଦେବୁ।

ହୋଲକାରର ଏହି ପିଚ୍ ସବୁବେଳେ ବ୍ୟାଟ୍ସମ୍ୟାନଙ୍କୁ ସୁହାଇଥାଏ। ବ୍ୟାଟ୍ସମ୍ୟାନଙ୍କ ସ୍ୱର୍ଗ ରୂପେ ଜଣାଥିବା ଏହି ଉଇକେଟରେ ବୋଲରମାନେ ପରୀକ୍ଷାର ସମ୍ମୁଖୀନ ହେବେ। ତେବେ ଏଥିରେ ବଲ୍ ଭଲ ବାଉନ୍ସ ହେବ। ମହମ୍ମଦ ସାମି ଓ ଉମେଶ ଯାଦବ ଖେଳିବା ନିଶ୍ଚିତ। ସ୍ପିନର ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଖେଳିବା ଆଶା କରାଯାଉଛି। ତେବେ ଜଣେ ଅତିରିକ୍ତ ସ୍ପିନର ବଦଳରେ ଇଶାନ୍ତ ଶର୍ମା ତୃତୀୟ ବୋଲରଭାବେ ଦଳରେ ସାମିଲ ହେବେ ବୋଲି କୋହଲି ପ୍ରାକ୍ ସୂଚନା ଦେଇଛନ୍ତି। ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଏପର୍ଯ୍ୟନ୍ତ ଫିଟ୍ ହୋଇପାରି ନାହାନ୍ତି। ଗତ ଦୁଇ ବର୍ଷ ହେବ ଇଶାନ୍ତ ସର୍ବାଧିକ ସ୍ଥିର ପ୍ରଦର୍ଶନ କରିଛନ୍ତି ବୋଲି କୋହଲି କହିଛନ୍ତି। ତେଣୁ ସେ ଏହି ଟେଷ୍ଟରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି କୋହଲି ଆଶାପ୍ରକାଶ କରିଛନ୍ତି। ଅପରପକ୍ଷରେ ଯୁବ ଖେଳାଳିଙ୍କୁ ନେଇ ଗଠିତ ବାଂଲାଦେଶ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ। ଯଦି ପଞ୍ଚମ ଦିବସ ପର୍ଯ୍ୟନ୍ତ ଖେଳ ଚାଲେ ତାହାଲେ ନିଶ୍ଚିତ ଭାବେ ବଡ଼ କଥା ହେବ।


ଅଭ୍ୟାସ ଅବସରରେ ବିରାଟ କୋହଲି।

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ରବୀନ୍ଦ୍ର ଜାଡେଜା, ଋଦ୍ଧିମାନ ଶାହ (ଉଇକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ସାମି, ଉମେଶ ଯାଦବ, ଇଶାନ୍ତ ଶର୍ମା, କୁଲଦୀପ ଯାଦବ। ରିଜର୍ଭ ଖେଳାଳି: ଶୁବମନ ଗିଲ୍, ହନୁମା ବିହାରୀ, ଋଷଭ ପନ୍ତ।
- **ବାଂଲାଦେଶ ଦଳ:** ମୋମିନୁଲ ହକ୍ (ଅଧିନାୟକ), ଇମରୁଲ କାଏସ, ମୁସ୍‌ଫିକର ରହିମ (ଉଇକେଟ କିପର), ମହମୁଦୁଲ୍ଲା ରିୟାଦ, ମହମ୍ମଦ ମିଥୁନ, ଲିଟନ କୁମାର ଦାସ, ମେହିଦି ହାସନ ମିରାଜ, ମୁସ୍ତାଫିଜୁର ରହମାନ, ତାଇଜୁଲ ଇସ୍‌ଲାମ, ଆବୁ ଜାଏଦ, ଇବାଦତ ହୋସେନ ଓ ଅଲ ଆମିନ ହୋସେନ।

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ମ୍ୟାଚ୍ ଆରମ୍ଭ: ୯.୩୦ | ସ୍ଥାନ: ଇନ୍ଦୋର**

**ଷଷ୍ଠ ଜନ୍ମଦିନ ଶୁଭେଚ୍ଛା**

**ଅନୁଭା ସାହୁ**
ସାହାପୁର, ଗେଡ଼ମା, କେନ୍ଦୁଝର
ଆଜି ତୋର ଷଷ୍ଠ ଜନ୍ମଦିନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ, ସେ ତୋତେ ଦୀର୍ଘାୟୁ, ସୁସ୍ଥ ଓ ଯଶସ୍ୱୀ କରିବା ସହିତ ତୋର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରନ୍ତୁ।
**ଶୁଭେଚ୍ଛା ସହ**
ବାପା, ମା’, ଜେଜେବାପା, ଜେଜେମା’, ଅଜା, ଆଈ, ମାମୁ, ମାଈଁ, ଉଜ୍ଜ୍ୱଳ, ହର୍ଷିତା, ଅଭିଜିତ୍, ଉମାକାନ୍ତ, ବାପି, ଦେବସ୍ମିତା ଓ ସମସ୍ତ ପରିବାରବର୍ଗ।
ଧ-୧୪୭୮୩

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**

**ସତ୍ୟନାରାୟଣ ସାହୁ (ଗୁଗୁଲ)**
ଗେଟବଜାର, ସାକ୍ଷୀଗୋପାଳ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ। ଯଶସ୍ୱୀ ଭବଃ।
**ଶୁଭେଚ୍ଛା ସହ**
ଅଜା ଆଈ, ବାବା ମାମା, ଦାଦା ଖୁଡୀ, ମାମୁ ମାଈଁ, ରାଜା, ବାବୁ, କୁନ୍ନ, ମୁନ୍ନ, କ୍ରିଷ୍ଣା, ସାଇ, ବନ୍ଧୁ ଓ ପରିବାରବର୍ଗ
ଧ-୬୭୬୦୮

**ଜନ୍ମଦିନ ଶୁଭେଚ୍ଛା**

**ରୁବି ଦାସ (ରିଙ୍କି)**
ଚନ୍ଦ୍ରମାପାଟପୁର, ଗୋଳବାଇ, ଜଙ୍କିଆ, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ମା’ ଭଗବତୀ ତୋର ଚଲାପଥକୁ କସୁମିତ କରନ୍ତୁ।
**ଶୁଭେଚ୍ଛା ସହ:**
ବାପା, ମା’, ମଉସା, ମାଉସୀ, ମାମୁ, ମାଈଁ, ଭାଇ ଓ ଭଉଣୀ ତଥା ବନ୍ଧୁ ପରିବାରବର୍ଗ।
ଧ-୧୫୧୮୨

**ଜନ୍ମଦିନ ଶୁଭେଚ୍ଛା**

ଆଜି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାର ପ୍ରିୟାଂଶ ଶେଖର ବେହେରା (ଓମ୍)ର ୩ୟ ଜନ୍ମ ବାର୍ଷିକ ଉତ୍ସବରେ ମାତା ଶୁଭସ୍ମିତା ବେହେରା, ଆଈ ବିଜୟଲକ୍ଷ୍ମୀ ବେହେରା, ଅଜା ବୃନ୍ଦାବନ ବେହେରା, ମାଉସୀ ମନସ୍ମିତା, ଭାଇ ଶ୍ରେୟାଂଶଙ୍କ ସମେତ ବାପା, ମାମୁ-ଦେବବ୍ରତ ଓ ଶିବବ୍ରତ, ଜେଜେମା’, ମା’ ଶୁଭ ଆଶୀର୍ବାଦ କାମନା କରୁଛନ୍ତି।
ଧ-୧୫୨୦୭

## ଭାରତୀୟ ଖୋ ଖୋ ଶିବିରରେ ଓଡ଼ିଶାର ସତ୍ୟଜିତ, ସସ୍ମିତା



ଭୁବନେଶ୍ୱର, ୧୩।୧୧ (କ୍ରୀଡ଼ା ପ୍ରତିନିଧି)

**ସାଉଥ୍ ଏସିଆନ ଗେମ୍ସ**

ନେପାଳର କାଠମାଣ୍ଡୁଠାରେ ଆସନ୍ତା ଡିସେମ୍ବର ୧ରୁ ୧୦ ପର୍ଯ୍ୟନ୍ତ ୧୩ତମ ସାଉଥ୍ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଭାରତୀୟ ଖୋ ଖୋ ଦଳର ପ୍ରଶିକ୍ଷଣ ଶିବିର ଗତ ୧୨ ତାରିଖରୁ ଆରମ୍ଭ ହୋଇଛି। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିର ପାଇଁ ଓଡ଼ିଶାର ସସ୍ମିତା ନାଥଶର୍ମା ଓ ସତ୍ୟଜିତ ସିଂ ମନୋନୀତ ହୋଇଛନ୍ତି। ଉଭୟ ଖେଳାଳି ମଙ୍ଗଳବାର ଦିଲ୍ଲୀ ଯାତ୍ରା କରିବା ଅବସରରେ ଓଡ଼ିଶା ଖୋ ଖୋ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଉପସ୍ଥିତ ରହି ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ପୁରାନ ବାସନ୍ଦ



**ଦୁବାଇ, ୧୩।୧୧:** ୱେଷ୍ଟଇଣ୍ଡିଜ୍ ବ୍ୟାଟ୍ସମ୍ୟାନ ନିକୋଲାସ ପୁରାନଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୪ ମ୍ୟାଚ୍‌ରୁ ବାସନ୍ଦ କରିଛି। ଲକ୍ଷ୍ନୌଠାରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ବଲ୍ ସ୍ଥିତିକୁ ପରିବର୍ତ୍ତନ କରିଥିବାରୁ ପୁରାନଙ୍କୁ ଏଭଳି ଦଣ୍ଡାଦେଶ ଦିଆଯାଇଛି। ୨୪ ବର୍ଷୀୟ କ୍ରିକେଟର ମ୍ୟାଚ୍ ବେଳେ ବଲକୁ ବୁଢ଼ା ଆଙ୍ଗୁଠି ନଖରେ ଆମ୍ପୁଡ଼ି ଥିବା ଭିଡିଓରୁ ଜଣାପଡ଼ିଛି। ବାସନ୍ଦାଦେଶ ଯୋଗୁ ସେ ଭାରତରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଖେଳିପାରିବେ ନାହିଁ। ଦଳୀୟ ସାଥୀ ଖେଳାଳି, ସମର୍ଥକ ଓ ଆଫଗାନିସ୍ତାନ ଦଳକୁ ମୋ କାର୍ଯ୍ୟ ପାଇଁ କ୍ଷମା ପ୍ରାର୍ଥନା କରୁଛି। ମୁଁ ନିଜ ଭୁଲ ବୁଝିପାରିଛି ଓ ଆଇସିସି ଦଣ୍ଡାଦେଶକୁ ଗ୍ରହଣ କରୁଛି। ଏଭଳି ଭୁଲ ଆଉ କଦାପି ହେବ ନାହିଁ। ଏଥିନେଇ ମୁଁ ପଶ୍ଚାତାପ କରୁଛି। ମୁଁ ଦଳକୁ ଭଲ କ୍ରିକେଟର ହୋଇ ଫେରିବି ବୋଲି ପୁରାନ କହିଛନ୍ତି।

### ଭାରତକୁ ୬ ପଦକ ମିଳିବା ନିଶ୍ଚିତ

**ଉଲାନବାତାର, ୧୩।୧୧ (ପି.ଟି.):** ମଙ୍ଗୋଲିଆର ଉଲାନବାତାରଠାରେ ଚାଲିଥିବା ଏସିଆନ ୟୁଥ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତୀୟ ପ୍ରତିଯୋଗୀମାନେ ବୁଧବାର ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଏଥିରେ ୬ ଭାରତୀୟ ବକ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଭାରତକୁ ଅତିକମ୍‌ରେ ୬ଟି ପଦକ ମିଳିବା ନିଶ୍ଚିତ ହୋଇଛି। ୪୯ କେ.ଜି. ବର୍ଗରେ ସୋଏ ସିଲେ, +୯୧ କେ.ଜି. ବର୍ଗରେ ଅମନ, ୬୦ କେ.ଜି.ରେ ଅଙ୍କିତ ନରୱାଲ, ୫୧ କେ.ଜି. ବର୍ଗରେ ନାଓରେମ ଚାନୁ, ୫୭ କେ.ଜି. ବର୍ଗରେ ଜାସମିନ୍ ଓ ୬୪ କେ.ଜି. ବର୍ଗରେ ଭିନ୍‌କା ସେମିଫାଇନାଲରେ ପ୍ରବେଶ କରିଛନ୍ତି।

## ‘ଟାଇମ୍’ ୧୦୦ ପ୍ରଭାବଶାଳୀ ତାଲିକାରେ ଦୂତୀ

ଭୁବନେଶ୍ୱର, ୧୩।୧୧ (କ୍ରୀଡ଼ା ପ୍ରତିନିଧି)



ଟାଇମ୍ ମାଗାଜିନର ୧୦୦ ପ୍ରଭାବଶାଳୀ ବ୍ୟକ୍ତି ତାଲିକାରେ ସ୍ଥାନ ପାଇଛନ୍ତି ଭାରତର ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ବିଜ୍‌ନେସ, ମନୋରଞ୍ଜନ, ସ୍ପୋର୍ଟ୍ସ, ରାଜନୀତି, ସ୍ୱାସ୍ଥ୍ୟ ଓ ବିଜ୍ଞାନ କ୍ଷେତ୍ରରେ ସକ୍ରିୟଥିବା ବ୍ୟକ୍ତିବିଶେଷଙ୍କୁ ନେଇ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଥିବା ଦୂତୀ ୧୦୦ ମିଟର ଦୌଡ଼କୁ ୧୧.୨୨ ସେକେଣ୍ଡରେ ଅତିକ୍ରମ କରି ଜାତୀୟ ରେକର୍ଡର ଅଧିକାରୀ ଅଛନ୍ତି। ଭାରତର ପ୍ରଥମ ମହିଳା ସ୍ପ୍ରିଣ୍ଟରଭାବେ ସେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ହାଇପରଆଣ୍ଡ୍ରୋଜେନିଜମ୍ ନିୟମ ବିରୋଧରେ ଲଢ଼େଇ କରି ସେ ବିଜୟୀ ହୋଇଥିଲେ। ଏହା ବ୍ୟତୀତ ଭାରତର ପ୍ରଥମ ମହିଳା ଆଥଲେଟ୍‌ଭାବେ ସେ ସମଲିଙ୍ଗୀ ସମ୍ପର୍କରେ ଥିବା ପ୍ରକାଶ କରି ଚର୍ଚ୍ଚାର ପରିସରକୁ ଆସିଥିଲେ। ନିକଟରେ ଭୋଗ୍ ଇଣ୍ଡିଆ ମାଗାଜିନ ପକ୍ଷରୁ ତାଙ୍କୁ ‘ସ୍ପୋର୍ଟ୍ସ ପର୍ଶନ ଅଫ୍ ଦି ଇୟର’ ପୁରସ୍କାର ପ୍ରଦାନ କରାଯାଇଥିଲା। ଟାଇମ୍ ମାଗାଜିନର ୧୦୦ ପ୍ରଭାବଶାଳୀ ବ୍ୟକ୍ତି ତାଲିକାରେ ସ୍ଥାନ ପାଇଥିବାରୁ ଦୂତୀ ଟୁଇଟ୍ କରି ଖୁସି ଜାହିର କରିଛନ୍ତି। ଲୋକଙ୍କ ଅଧିକାର, ସମାନତା ଓ ସ୍ୱାଭିମାନ ପାଇଁ ମୋର ଲଢ଼େଇ ଜାରି ରହିବ ବୋଲି ଦୂତୀ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୂତୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ମହିଳା ଟି୨୦ ଫାଇନାଲରେ ପ୍ରଦର୍ଶନ କରିବେ ପେରି

**ସିଡନୀ, ୧୩।୧୧ (ଏଏଫ୍‌ପି):** ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ମହିଳା ଟି୨୦ ବିଶ୍ୱକପ୍ ଫାଇନାଲରେ ଆମେରିକାର ପପ୍ ଷ୍ଟାର କେଟି ପେରି ପରଫର୍ମ କରିବେ। ଏ ନେଇ ସେ ନିଜେ ବୁଧବାର ଘୋଷଣା କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିବା ପୋଷ୍ଟରେ ଲେଖିଛନ୍ତି, ଚାଲ କିଛି ରେକର୍ଡ ଭାଙ୍ଗିବା। ୨୦୨୦ ମାର୍ଚ୍ଚ ୮ ତାରିଖରେ ମେଲବୋର୍ନଠାରେ ଖେଳାଯିବାକୁ ଥିବା ମହିଳା ଟି୨୦ ଫାଇନାଲରେ ମୋ ସହ ଯୋଗ ଦିଅ। ଅନ୍ତର୍ଜାତୀୟ ମହିଳା ଦିବସରେ ମହିଳାଙ୍କୁ ସମର୍ଥନ ଓ ଉତ୍ସାହିତ କରିବା ଉଚିତ। ଏ ସମ୍ପର୍କରେ ଆଇସିସି ପକ୍ଷରୁ କୁହାଯାଇଛି, ଫାଇନାଲ ମ୍ୟାଚ୍ ପୂର୍ବରୁ ଓ ପରେ ଉଭୟ ଥର ପେରି ପରଫର୍ମ କରିବେ। ଏହାଦ୍ୱାରା ମହିଳା ମ୍ୟାଚ୍ ଦେଖିବା ପାଇଁ ରେକର୍ଡ ସଂଖ୍ୟକ ଦର୍ଶକ ଯୋଗ ଦେଇପାରନ୍ତି। କାଲିଫର୍ନିଆଠାରେ ଅନୁଷ୍ଠିତ ୧୯୯୯ ମହିଳା ଫିଫା ବିଶ୍ୱକପ୍ ବେଳେ ୯୦,୧୮୫ ଦର୍ଶକ ଉପସ୍ଥିତ ଥିଲେ, ଏହା ମହିଳାଙ୍କ କୌଣସି କ୍ରୀଡ଼ାଭିତ୍ତିକ ମ୍ୟାଚ୍‌ରେ ଯୋଗ ଦେଇଥିବା ସର୍ବାଧିକ ସଂଖ୍ୟକ ଦର୍ଶକ।

## ପଞ୍ଜାବରେ କବାଡ଼ି ବିଶ୍ୱକପ୍

**ଚଣ୍ଡିଗଡ଼, ୧୩।୧୧ (ପି.ଟି.):** ୨୦୧୯ କବାଡ଼ି ବିଶ୍ୱକପ୍ ପଞ୍ଜାବରେ ଅନୁଷ୍ଠିତ ହେବ। ଡିସେମ୍ବର ୧ରୁ ୯ ତାରିଖ ପର୍ଯ୍ୟନ୍ତ ଏହା ଆୟୋଜିତ ହେବ। ସେହିଭଳି ଶିଖ୍ ଗୁରୁ ‘ଗୁରୁ ନାନକ ଦେବ ଜୀ’ଙ୍କ ୫୫୦ତମ ଜନ୍ମବାର୍ଷିକ ଏହି ବର୍ଷ ପାଳନ କରାଯାଉଥିବାରୁ ବିଶ୍ୱକପ୍‌କୁ ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ ବୋଲି ପଞ୍ଜାବ କ୍ରୀଡ଼ାମନ୍ତ୍ରୀ ରାଣା ଗୁର୍‌ମିତ୍ ସିଂ ସୋଧି ବୁଧବାର କହିଛନ୍ତି। ଏହି ବିଶ୍ୱକପ୍‌ରେ ଆୟୋଜକ ଭାରତ ସମେତ ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଶ୍ରୀଲଙ୍କା, କେନିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ କାନାଡା ଅଂଶଗ୍ରହଣ କରିବେ। ‘କେବଳ ପାକିସ୍ତାନ ଓ କାନାଡାକୁ ଛାଡ଼ି ବାକି ସମସ୍ତ ଦେଶକୁ ଭାରତ ସରକାରଙ୍କ ପକ୍ଷରୁ ଭିଜା ପ୍ରଦାନ କରାଯାଇସାରିଛି। ଏହି ଦୁଇଟି ଦେଶକୁ ଅପେକ୍ଷା କରିବାକୁ ପଡ଼ିବ’ ବୋଲି ସୋଧି ଏହି ଅବସରରେ ପ୍ରକାଶ କରିଛନ୍ତି। ଡିସେମ୍ବର ୧ରେ ସୁଲତାନପୁର ଲୋଧିସ୍ଥିତ ଗୁରୁ ନାନକ ଷ୍ଟାଡିୟମରେ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ସେହିଦିନ ୪ଟି ମ୍ୟାଚ୍ ମଧ୍ୟ ସେଠାରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

## ଗଗନ ନାରଙ୍ଗ ଶୁଟିଂ ସେଣ୍ଟର ଆରମ୍ଭ

ଭୁବନେଶ୍ୱର, ୧୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ବିର୍ଲା ଗଗନ ନାରଙ୍ଗ ହାଇ ପରଫର୍ମାନ୍ସ ସେଣ୍ଟର ଇନ୍ ଶୁଟିଂ ବୁଧବାର ଭୁବନେଶ୍ୱରରେ କାର୍ଯ୍ୟ କରିବା ଆରମ୍ଭ କରିଛି। ଗଗନ ନାରଙ୍ଗ ସ୍ପୋର୍ଟ୍ସ ପ୍ରମୋଶନ ଫାଉଣ୍ଡେଶନ ଓ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ମିଳିତ ସହଭାଗିତାରେ ସ୍ଥାପନ ହୋଇଥିବା ଏହି ଶୁଟିଂ ସେଣ୍ଟର ‘ଓଡ଼ିଶା ଟାଲେଣ୍ଟ ଆଡପଶନ ପ୍ରୋଗ୍ରାମ (ଓଟିଏପି)’ ବ୍ୟାନର ତଳେ ଆରମ୍ଭ ହୋଇଛି। ରାଜ୍ୟରେ ଶୁଟିଂର ପ୍ରଚାର, ପ୍ରସାର ଓ ବିକାଶ ପାଇଁ ଏହା କାର୍ଯ୍ୟ କରିବ। ଏହି ସେଣ୍ଟର ଦୁଇଟି ଅଭିମୁଖ୍ୟ ନେଇ କାର୍ଯ୍ୟ କରିବ।

ପ୍ରଥମଟି ହେଲା ଓଡ଼ିଶାର ଜାତୀୟସ୍ତରର ଆଥଲେଟ୍ ତଥା ରାଇଫଲ ଓ ଶୁଟରଙ୍କ ପାଇଁ ହାଇ ପରଫର୍ମାନ୍ସ ଟ୍ରେନିଂ କ୍ୟାମ୍ପ ଆୟୋଜନ କରିବା। ଏହା ଓଡ଼ିଶା ରାଇଫଲ ଆସୋସିଏଶନ (ଓଆଇଏ) ଏଥିରେ ସହଯୋଗ କରିବ। ଏହି ଜାତୀୟ ପ୍ରସ୍ତୁତି ଶିବିରରେ ଜାତୀୟ ଆଥଲେଟ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବ। ଭୋପାଳରେ ଆସନ୍ତା ଡିସେମ୍ବର ୭ରୁ ଜାନୁୟାରୀ ୩ ତାରିଖରେ ଆୟୋଜନ ହେବାକୁ ଥିବା ଜାତୀୟ ଶୁଟିଂ ଟୁର୍ଣ୍ଣାମେଣ୍ଟକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତୁତି ଶିବିର ଆୟୋଜନ ହେବ।

ଦ୍ୱିତୀୟଟି ହେଲା, ପ୍ରତିଭା ଚିହ୍ନଟ ପ୍ରକ୍ରିୟା। ଏହା ଏବେ ଭୁବନେଶ୍ୱରର ବିଭିନ୍ନ ସ୍କୁଲରେ ଚାଲୁ ରହିଛି। ୧୧ରୁ ୧୪ ବର୍ଷ ବୟସ ବର୍ଗରେ ମାନସିକ ଓ ଶାରୀରିକ ପରୀକ୍ଷା କରାଯାଇ ସ୍ୱାଭାବିକ ଭାବେ ପ୍ରତିଭାଶାଳୀ ସ୍କୁଲ ଛାତ୍ରମାନଙ୍କୁ ଚିହ୍ନଟ କରାଯାଉଛି। ଏହି ପରୀକ୍ଷାରେ ବିଏମ୍‌ଆଇ, ୩ଡି କୋର୍ଡିନେଶନ, ମଶଲ ଷ୍ଟ୍ରେନ୍ଥ, ଫିଙ୍ଗର ଡେକ୍ସଟେରିଟି, ଫିଙ୍ଗର ଟାପିଙ୍ଗ୍, ରିଆକ୍ସନ ଟାଇମ, ଆଡାପ୍ଟିଭ୍ ମାଟ୍ରିସେସ୍ ଟେଷ୍ଟ, ରିଆକ୍ଟିଭ ଷ୍ଟ୍ରେସ୍ ଟଲରେନ୍ସ ଓ ଟୁ ହାଣ୍ଡ କୋର୍ଡିନେସନ ସାମିଲ ରହିଛି। ଏବେ କିସ୍‌ରେ ୧୦୦୦ ପିଲାଙ୍କର ସାଇଣ୍ଟିଫିକ୍ ଟେଷ୍ଟ ଚାଲୁରହିଛି। ଭୁବନେଶ୍ୱର ବିଭିନ୍ନ ସ୍କୁଲରୁ ମୋଟ ୪,୦୦୦ ପିଲା ଓଟିଏପିର ପ୍ରତିଭା ଚିହ୍ନଟ ପରୀକ୍ଷାରେ ସାମିଲ ହେବେ। ଏମାନଙ୍କୁ କଳିଙ୍ଗ ଷ୍ଟାଡିୟମରେ ନୂଆ କରି ନିର୍ମାଣ କରାଯାଇଥିବା ୧୦ ମିଟର ଶୁଟିଂ ରେଞ୍ଜ୍‌ରେ ମାଗଣାରେ ପ୍ରଶିକ୍ଷଣ ଦିଆଯିବ।

ଏହି ପରୀକ୍ଷାରେ ସଫଳ ହୋଇଥିବା ପିଲାଙ୍କୁ ଶୁଟିଂ କ୍ରୀଡ଼ାରେ ସାମିଲ କରାଯିବ ବୋଲି ଗଗନ ନାରଙ୍ଗ ସ୍ପୋର୍ଟ୍ସ ପ୍ରମୋଶନ ଫାଉଣ୍ଡେଶନ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଗଗନ ନାରଙ୍ଗ କହିଛନ୍ତି। ସେହିପରି ଶୁଟିଂର ବିକାଶ ପାଇଁ ସରକାର ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବେ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ଇନ୍‌ଫୋ ଭ୍ୟାଲିର ୨୦ ଏକର ବିଶିଷ୍ଟ ସ୍ଥାନରେ ସ୍ଥାୟୀ ଶୁଟିଂ ରେଞ୍ଜ୍ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି। ଏହି ରେଞ୍ଜ୍‌ରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଶୁଟିଂ ପ୍ରତିଯୋଗିତା ଆୟୋଜନ ହେବ। ସେହିପରି ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ, ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମିଶ୍ର ମଧ୍ୟ ରାଜ୍ୟରେ ଶୁଟିଂର ବିକାଶ ନେଇ ନିଜର ଉତ୍ସାହ ପ୍ରକଟ କରିଛନ୍ତି। ଏବେ ରାଜ୍ୟର ଆଥଲେଟମାନେ ବିଭିନ୍ନ କ୍ରୀଡ଼ାରେ ଅନ୍ତର୍ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରୁଛନ୍ତି ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଓଡ଼ିଶା ଏକାଧିକ ତାରକା ଶୁଟର ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଟ କରିଛନ୍ତି। ଉଲ୍ଲେଖଥାଉ କି, ୨୦୧୮ରେ ଏହି ଶୁଟିଂ ହାଇ ପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ନେଇ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହୋଇଥିଲା।

### ସ୍କୁଲରୁ ପ୍ରତିଭା ଚିହ୍ନଟ ପ୍ରକ୍ରିୟା


ବିର୍ଲା ଗଗନ ନାରଙ୍ଗ ହାଇ ପର୍ଫର୍ମାନ୍ସ ଶୁଟିଂ ସେଣ୍ଟର କାର୍ଯ୍ୟ ଆରମ୍ଭ କରିବା ଅବସରରେ ପ୍ରତିଯୋଗୀମାନେ।

**ମନେ ପଡ଼ନ୍ତି**

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

**ସ୍ୱର୍ଗତ ରାଜକିଶୋର ମହାରଣା**
କଂସାରୀସାହି ପାଟଣା, କଣ୍ଟିଲୋ, ନୟାଗଡ଼
ଆବିର୍ଭାବ: ୧୯୩୪ ମସିହା
ତିରୋଧାନ: ତା.୦୫।୧୧।୨୦୧୯ ଗୁରୁବାର (ଅଁଳା ନବମୀ)
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ନୀଳମାଧବ ଜୀଉଙ୍କ ଶ୍ରୀ ଚରଣରେ ଆମର ବିନମ୍ର ପ୍ରଣତି।
**ଶୋକସନ୍ତପ୍ତ**
ଭାଇ: କାଳନ୍ଦୀ, ଶରତ।
ପୁତ୍ର: ରଞ୍ଜନ, ସୁଧୀର, ପ୍ରବୀର,
ଝିଅ: ମାନସୀ ତଥା ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୧୫୧୯୮

**ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**

**ସ୍ୱର୍ଗତ ଲିଙ୍ଗରାଜ ଜେନା (ରାଜା)**
ଗ୍ରାମ: ଶାଳଗାଁ, ଜଗତ୍‌ସିଂହପୁର
ଆବିର୍ଭାବ: ୨୫।୧୧।୧୯୬୫
ତିରୋଧାନ: ୨୫।୧୧।୨୦୧୮ (ଦ୍ୱିତୀୟା ତିଥି)
ତୁମର ଅମରାତ୍ମା ବିଭୁଙ୍କ ପାଦପଦ୍ମରେ ଲୀନ ହେଉ, ଏହାହିଁ ଆମର କାମନା।
**ଶୋକସନ୍ତପ୍ତ:**
ସ୍ତ୍ରୀ: ଲକ୍ଷ୍ମୀପ୍ରିୟା ଜେନା
ଝିଅ: ସୋନୁ, ମନୁ
ଭାଇ: ଟିଲୁ, ଲିଟୁ, ମଣ୍ଟୁ
ବନ୍ଧୁ ଓ ପରିବାରବର୍ଗ
ଧ-୧୫୨୦୮

## ଶ୍ରୀଲିଙ୍ଗରାଜ ମନ୍ଦିରର କୀର୍ତ୍ତିରାଜି ଅସୁରକ୍ଷିତ

# ଚକଡ଼ା ସିଂହକୁ ତାଡ଼ି ଫୋପାଡ଼ି ଦେଲେ

ପୁରୁଣା ଭୁବନେଶ୍ୱର, ୧୩। ୧୧ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିରର ଦକ୍ଷିଣ ପାର୍ଶ୍ୱ ମେଘନାଦ ପାଚେରିକୁ ଲାଗି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମାଣ ହୋଇଛି ପର୍ଯ୍ୟଟକଙ୍କ ସେଲ୍। ଏହି ନିର୍ମାଣ ପାଇଁ ପାଚେରିକୁ ଲଗାଇ ବଡ଼ବଡ଼ ଗାତ ଖୋଳାଯିବା ସହ ଉକ୍ତ ସ୍ଥାନରେ ଥିବା ପ୍ରାଚୀନ କୀର୍ତ୍ତିରାଜିଗୁଡ଼ିକୁ ନଷ୍ଟ କରି ଦିଆଯାଇଛି। କାର୍ଯ୍ୟ କରୁଥିବା ଠିକାଦାର ପଥର ସିଂହ ମୂର୍ତ୍ତିକୁ ତାଡ଼ି ଫୋପାଡି ଦେଇଥିବାରୁ ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବାରମ୍ବାର ବିରୋଧ ସତ୍ତ୍ୱେ ଠିକାଦାର ଜଣକ କିଛି ନ ଶୁଣି ଏପରି କାର୍ଯ୍ୟ ଜାରି ରଖିଥିବାବେଳେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ନିଷ୍କ୍ରିୟତା ଯୋଗୁ ଏଭଳି ଅନେକ ପୁରାତନ ସ୍ଥାପତ୍ୟ ନଷ୍ଟ



ରାସ୍ତା ଉପରେ ପଡ଼ିରହିଥିବା ସିଂହ ମୂର୍ତ୍ତି।

ହେବାରେ ଲାଗିଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନାନୁସାରେ, ଲିଙ୍ଗରାଜ ମନ୍ଦିର ସିଂହଦ୍ୱାରକୁ ଲାଗି ରହିଥିଲା ଐତିହ୍ୟ ଚକଡା। ଏହାର କାନ୍ଥରେ ରହିଥିବା ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପ୍ରତିମୂର୍ତ୍ତିକୁ ଦର୍ଶନ କରିବା ପରେ ପର୍ଯ୍ୟଟକ ଓ ଭକ୍ତମାନେ ମନ୍ଦିର ଭିତରକୁ ଯାଇଥାନ୍ତି। ମନ୍ଦିର ବୁଲି ସାରିବା ପରେ ଏହି ଚକଡ଼ାରେ ବିଶ୍ରାମ ନେଇଥାନ୍ତି। ଏବେ ଉକ୍ତ ଚକଡାକୁ ଭାଙ୍ଗି ଦିଆଯାଇ ପାଦ ପ୍ରକ୍ଷାଳନ ଓ ଯୋତା ଷ୍ଟାଣ୍ଡ୍ କରାଯାଇଛି। ସେହିପରି ଏହି ଚକଡାକୁ ଲାଗି ରହିଥିଲା ବୃହଦାକାରର ଏକ ପଥର ସିଂହ। ଶ୍ରଦ୍ଧାଳୁମାନେ ମଧ୍ୟ ଏହି ସିଂହକୁ ମୁଣ୍ଡିଆ ମାରି ପ୍ରଭୁଙ୍କ ଡାକିଥାନ୍ତି। ହେଲେ କାମ କରୁଥିବା ଠିକାଦାର ଉକ୍ତ ଐତିହ୍ୟକୁ କାଢି ଫୋପାଡି ଦେଇଛନ୍ତି। ଫଳରେ ଏହା ଦୀର୍ଘଦିନ ଧରି ରାସ୍ତାପାର୍ଶ୍ୱରେ ସେମିତି ଭଗ୍ନ ଅବସ୍ଥାରେ ପଡ଼ିରହିଛି। ଗାଡ଼ି, ମୋଟରରେ ଧକ୍କା ଲାଗି ସିଂହଟିର ବିଭିନ୍ନ ଅଂଶ ଭାଙ୍ଗିବାରେ ଲାଗିଛି। କେତେଜଣ ଶ୍ରଦ୍ଧାଳୁ ଓ ସ୍ଥାନୀୟ ବୁଦ୍ଧିଜୀବୀ ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏଯାଏ ସେପରି କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଛି।

୪ ମାସ ତଳେ ମନ୍ଦିର ଗର୍ଭଗୃହ ଆଡ଼କାଠରେ ଥିବା ପ୍ରାଚୀନ ବୃଷଭ ପ୍ରତିମୂର୍ତ୍ତିଟିକୁ କେହି ସେବାୟତ କାଢି ବାହାରେ ଫୋପାଡି ଦେଇଥିଲେ। ଏଯାଏ ଉକ୍ତ ପ୍ରତିମୂର୍ତ୍ତିକୁ ଯଥା ସ୍ଥାନରେ ସ୍ଥାପନ କରାଯାଇ ନାହିଁ। ଉଭୟ ସିଂହ ଓ ବୃଷଭ ମୂର୍ତ୍ତିକୁ ଯଥାଶୀଘ୍ର ଉପଯୁକ୍ତ ସ୍ଥାନରେ ସ୍ଥାପନ ହେବା ଜରୁରୀ ବୋଲି ବ୍ରାହ୍ମଣ ନିଯୋଗର ପୂର୍ବତନ ସମ୍ପାଦକ ଅଭିମନ୍ୟୁ ମହାପାତ୍ର କହିଛନ୍ତି। ଏ ନେଇ ଏଏସ୍ଆଇ ସଂରକ୍ଷଣ ଅଧୀକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ର କୁହନ୍ତି, ଗୁରୁବାର ସିଂହ ମୂର୍ତ୍ତିର ସ୍ଥିତିକୁ ଅନୁଧ୍ୟାନ କରାଯିବା ପରେ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୧୫ରୁ ବିଧାନସଭା ସମ୍ମୁଖରେ ଶିକ୍ଷକ ସଂଘର ଆନ୍ଦୋଳନ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ):** ବେସରକାରୀ ଅନୁଦାନ ଓ ଅଣଅନୁଦାନ ପ୍ରାପ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୧୫ରୁ ବିଧାନସଭା ସମ୍ମୁଖରେ ଏକ ବଡ଼ ଆନ୍ଦୋଳନ ହେବ। ବୁଧବାର ଆୟୋଜିତ ଏକ ବୈଠକରେ ସଂଘ ଏଭଳି ନିଷ୍ପତ୍ତି ନେବାସହ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛି। ରାଜ୍ୟର ପ୍ରାୟ ୩ଶହ ମହାବିଦ୍ୟାଳୟର ୩ହଜାର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସ୍ୱଳ୍ପ ବେତନରେ ଦୀର୍ଘ ୧୧ବର୍ଷ ହେଲା କାର୍ଯ୍ୟ କରିଆସୁଛନ୍ତି। ଏମାନଙ୍କ ସ୍ଥାୟିତ୍ୱ ପାଇଁ ରାଜ୍ୟ ସରକାରଙ୍କୁ ତାଲିକା ପ୍ରଦାନ କରାଯିବା ସହ ସମସ୍ତ ସମସ୍ୟା ବାବଦରେ ମଧ୍ୟ ଅବଗତ କରାଯାଇଛି। ହେଲେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ଏମାନଙ୍କୁ ଏଯାବତ୍ ସରକାରୀ ଅନ୍ତର୍ଭୁକ୍ତ କରିନାହାନ୍ତି। ଦାବି ପୂରଣ ପାଇଁ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ସଂଘ ଘୋଷଣା କରିଛି। ବୈଠକରେ ଉପସ୍ଥିତ ସଂଘ ସଭାପତି ଡ. ଦେବ ବିଜୟୀ ମିଶ୍ର, ସାଧାରଣ ସମ୍ପାଦକ ଅଭୟ କୁମାର ପ୍ରଧାନ, ଉପସଭାପତି ରଶ୍ମିତା ମହାପାତ୍ର, କୋଷାଧ୍ୟକ୍ଷ ଦିବ୍ୟକାନ୍ତ ତ୍ରିପାଠୀ, ଆବାହକ ବିମଳ ଚନ୍ଦ୍ର ନନ୍ଦୀ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ରାୟ ଓ ରବି ନାରାୟଣ କରଣ ପ୍ରମୁଖ ଏହି ସୂଚନା ଦେଇଛନ୍ତି।




## ବନ୍ଦ ହେବ ଆଉ ୩ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ

### ବିଦ୍ୟାଳୟରେ ଉପସ୍ଥାନ ହ୍ରାସ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ଚାଲୁ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲା ସ୍ତରରେ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଉପଯୁକ୍ତ ଭାବେ ଯାଞ୍ଚ କରାଯାଇ ବନ୍ଦ କରିବା ଲାଗି ପଦକ୍ଷେପ ନିଆଯାଉଛି। ୨୦୧୫-୧୬ରୁ ୨୦୧୮-୧୯ ଭିତରେ ରାଜ୍ୟରେ ୧୨୩୬ ପ୍ରାଥମିକ ବିଦ୍ୟାଳୟ ଓ ୪୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିୟମାନୁଯାୟୀ ବନ୍ଦ କରାଯାଇଛି। ସେହିପରି ୨୦୧୯-୨୦ବର୍ଷରେ ଅଦ୍ୟାବଧି ୪୭୫ ପ୍ରାଥମିକ ଓ ୧୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି। ସେହିପରି ୩ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ୩ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଉପସ୍ଥାନ ହ୍ରାସ କାରଣରୁ ବନ୍ଦ କରିଦିଆଯାଇଛି। ଆଗକୁ ଆଉ ୩ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟକୁ ଏହି କାରଣରୁ ବନ୍ଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବନ୍ଦ ହୋଇଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିକଟବର୍ତ୍ତୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇ ପାଠପଢ଼ା ଜାରି ରହିଛି। ଏତଦ୍ବ୍ୟତୀତ ନିକଟସ୍ଥ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଯଦି ୧ କିମି ଓ ୩ କିମିରୁ ଅଧିକ ଦୂରରେ ଥାଏ, ତେବେ ଛାତ୍ରୀଛାତ୍ରଙ୍କୁ ପରିବହନ ଭତ୍ତା ପ୍ରଦାନ କରାଯାଇ ବିଦ୍ୟାଳୟକୁ ଅଣାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ବୁଧବାର ବିଧାନସଭାରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ବନ୍ଦ ହୋଇଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଉପରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହି ଉତ୍ତର ରଖିଛନ୍ତି।

## ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା

# ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ, ୧୦ ହଜାର ଜରିମାନା

କଟକ ଅଫିସ, ୧୩।୧୧

ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାରେ କଟକ ତୃତୀୟ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ତଥା ପୋକ୍ସୋ ଅଦାଲତ ବିଚାରପତି ବନ୍ଦନା କର ଅଭିଯୁକ୍ତ ନାଗେଶ୍ୱର ସିଂ ଓରଫ ନାଗାଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ଏକବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କଟକ ଫେଜ-୨ ଥାନା ଅଞ୍ଚଳର ନାଗେଶ୍ୱର (୪୦) ୨୦୧୭ ଫେବୃୟାରୀ ୨୫ରେ ଜଣୈକା ୧୦ବର୍ଷୀୟା ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଦିନ ଅପରାହ୍ନ ପ୍ରାୟ ୩ଟାରେ ଭାଇଙ୍କ ସହ ପୀଡ଼ିତା ଗଡ଼ା ଉପରକୁ ଗୁପଚୁପ ଖାଇବାକୁ ଯାଇଥିଲେ। ତେବେ ନାଗା ନାବାଳିକାଙ୍କୁ ଟଙ୍କା ଦେବା ବାହାନାରେ ଘରକୁ ଡାକି ନେଇଥିଲେ। ଦୀର୍ଘ ସମୟ ଧରି ଝିଅ ଘରକୁ ନ ଫେରିବାରୁ ତାଙ୍କ ମା' ଗୁପଚୁପ ବ୍ୟବସାୟୀଙ୍କ ପାଖରେ ପହଞ୍ଚି ପଚାରିଥିଲେ। ଝିଅ ନାଗାଙ୍କ ସହ ଯାଇଥିବା ତାଙ୍କଠାରୁ ଜାଣିବାକୁ ପାଇଥିଲେ। ସେ ନାଗାଙ୍କ ଘରେ ପହଞ୍ଚି ଝିଅ ବଡ଼ ପାଟିରେ କାନ୍ଦୁଥିବା ଦେଖିଥିଲେ। ଝିଅକୁ ନେଇ ସେ ଘରକୁ ଫେରିବା ପରେ କଟକ ମହିଳା ଥାନାରେ ଅଭିଯୋଗ କରିଥିଲେ। ଯୌନ ନିର୍ଯାତନା ଅଭିଯୋଗରେ ନାଗାଙ୍କୁ ପୋଲିସ ଗିରଫ କରିଥିଲା। ଏହି ମାମଲାରେ ୧୩ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯିବା ସହ ଡାକ୍ତରୀ ରିପୋର୍ଟ ତଥା ଅନ୍ୟାନ୍ୟ ତଥ୍ୟକୁ ଭିତ୍ତିକରି ଅଦାଲତ ଅଭିଯୁକ୍ତଙ୍କୁ ଆଇପିସି ଧାରା ୩୭୩ ଅନୁଯାୟୀ ୫ବର୍ଷ ଜେଲ ଓ ୧୦ହଜାର ଟଙ୍କା ଜରିମାନା ଏବଂ ପୋକ୍ସୋ ଆଇନ ଧାରା ୧୦ ଅନୁଯାୟୀ ୫ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ୧ବର୍ଷ ଲେଖାଏ ଅଧିକ ଦଣ୍ଡ ଭୋଗିବାକୁ ପଡ଼ିବ। ଏକସଙ୍ଗେ ଅଭିଯୁକ୍ତଙ୍କୁ ଉଭୟ ଦଣ୍ଡ ଭୋଗିବାକୁ ହେବ। ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ଅଦାଲତ ଜିଲା ଆଇନସେବା ପ୍ରାଧିକରଣକୁ ଏହି ମାମଲା ହସ୍ତାନ୍ତର କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଭୁବନେଶ୍ୱର ବସ୍ତିରୁ କେନିଆ

## ସୋସିଆଲି ସ୍ମାର୍ଟ ପ୍ରକଳ୍ପର ସଫଳତା ବଖାଣିବେ ଦୀପାଞ୍ଜଳି

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ଭୁବନେଶ୍ୱର ଶାନ୍ତିନଗର ପ୍ରେସ୍ କଲୋନୀରୁ କେନିଆର ନାଇରୋବି ସହର। ପ୍ରଗତିସାଥୀରୁ ପିଆର୍ ଲିଡରର ନୂଆ ପରିଚୟ ପାଇଛନ୍ତି ଦୀପାଞ୍ଜଳି ସ୍ୱାଇଁ। ସେ ନାଇରୋବିରେ ଚାଲିଥିବା ଅନ୍ତର୍ଜାତୀୟ ମାନବ ବିକାଶ ସମ୍ମିଳନୀ(ଆଇସିପିଡି)ରେ ଯୋଗଦେଇଥିବାବେଳେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ କରାଯାଉଥିବା ସୋସିଆଲ୍ ସ୍ମାର୍ଟ ପ୍ରକଳ୍ପର ସଫଳତା ବଖାଣିବେ। ଏଥିସହ ଭୁବନେଶ୍ୱର ସ୍ମାର୍ଟସିଟିକୁ ନେଇ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବେ। ୧୯ ବର୍ଷୀୟା ଦୀପାଞ୍ଜଳି ଜଣେ ଭଲ



ଅନ୍ୟ ଦେଶର ପ୍ରତିନିଧିଙ୍କ ସହ ଦୀପାଞ୍ଜଳି(ବାମରୁ ଦ୍ୱିତୀୟ)

ଗୋଷ୍ଠୀଗତ ତାଲିମଦାତ୍ରୀ ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କୁ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ସୁଯୋଗ ମିଳିଛି ବୋଲି ବିଏସ୍‌ସିଏଲ୍ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ତାଙ୍କ ସହ ବିଏସ୍‌ସିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ ମଧ୍ୟ ଦୀପାଞ୍ଜଳିଙ୍କ ସହ ଉକ୍ତ ସମ୍ମିଳନୀରେ ଯୋଗଦେଇଛନ୍ତି। ସାମାଜିକ ପରିବର୍ତ୍ତନକୁ ସଫଳ କରିବା ପାଇଁ ବିଏସ୍‌ସିଏଲ୍ 'ସୋସିଆଲ୍ ସ୍ମାର୍ଟ' ପ୍ରକଳ୍ପ ଆରମ୍ଭ କରିଥିଲା। ଏହା ମାଧ୍ୟମରେ ରାଜଧାନୀରେ କିପରି ପରିବର୍ତ୍ତନର ଧାରାକୁ ଆଗକୁ ନିଆଯାଉଛି ସେ ସମ୍ପର୍କରେ ଚୌଧାରୀ ତଥ୍ୟ ଉପସ୍ଥାପନ କରିବେ ବୋଲି ବିଏସ୍‌ସିଏଲ୍ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ବିଶ୍ୱରେ ଜନସଂଖ୍ୟା ନିୟନ୍ତ୍ରଣ ସହ ପ୍ରସବଜନିତ ମାତୃ ମୃତ୍ୟୁ ରୋକିବା ଏବଂ ଯୌନ ଉତ୍ପୀଡ଼ନ ତଥା ହିଂସାରୁ ମହିଳାଙ୍କ ରକ୍ଷା କରିବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି। ଏଥିରେ ସାରା ବିଶ୍ୱରୁ ବିଭିନ୍ନ ଦେଶର ମୁଖ୍ୟଙ୍କ ସମେତ ନେତା, ଯୁବ ସମାଜ ଓ ବ୍ୟବସାୟୀ ଏହି ପ୍ରସଙ୍ଗ ଉପରେ ମତ ରଖିବେ।

## ଲେମନ୍ ଏଣ୍ଟରଟେନ୍‌ମେଣ୍ଟର ପୂର୍ବତନ ନିର୍ଦ୍ଦେଶକ ଗିରଫ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ):** ଚିଟ୍‌ଫଣ୍ଡ ଠକେଇ ମାମଲାରେ ଲେମନ୍ ଟିଭି ଆଣ୍ଡ୍ ଏଣ୍ଟରଟେନ୍‌ମେଣ୍ଟ ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ମହମ୍ମଦ ଆରିଫ୍‌ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବୁଧବାର ଗିରଫ କରିଛି। ବାରମ୍ବାର ସମନ ସତ୍ତ୍ୱେ ସେ କୋର୍ଟରେ ହାଜର ହେଉ ନ ଥିବା ଇଡି ପକ୍ଷରୁ କୁହାଯାଇଛି। ଫାଇନ୍ ଇଣ୍ଡିସେଲସ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଚିଟ୍‌ଫଣ୍ଡ ଠକେଇରେ ଆରିଫ୍‌ଙ୍କ ସଂପୃକ୍ତି ରହିଥିଲା। ଏହି କମ୍ପାନୀ ବିଭିନ୍ନ ରାଜ୍ୟରେ ଶାଖା ଖୋଲି ପ୍ରାୟ ୨ଲକ୍ଷରୁ ଉର୍ଦ୍ଧ୍ୱ ଜମାକାରୀଙ୍କୁ ଠକିଥିବା ଅଭିଯୋଗ ରହିଛି। ଫିଲ୍ମ ଇଣ୍ଡଷ୍ଟ୍ରି ଏବଂ ଆକର୍ଷଣୀୟ ସ୍କିମ ଜରିଆରେ କୋଟି କୋଟି ଟଙ୍କା ଠକି ନେଇଥିଲା। ଜମାକାରୀଙ୍କୁ ଟଙ୍କା ନ ଫେରାଇ ସଂସ୍ଥା ସମସ୍ତ ଶାଖା କାର୍ଯ୍ୟାଳୟ ବନ୍ଦ କରି ଫେରାର ହୋଇଯାଇଥିଲା। ତେବେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ୬ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କଠାରୁ ୫ ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସଂସ୍ଥା ଠକେଇ କରିଥିବା ସୂଚନା ରହିଛି। ପୂର୍ବରୁ ଏହି ମାମଲାରେ ସମ୍ପୃକ୍ତ କମ୍ପାନୀର ୮ଜଣ ଅଧିକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ, ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇ ଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ ନୁହେଁ। -ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଶହୀଦଙ୍କ ପରିବାରକୁ ଭେଟିଲେ ବିଧାୟକ

**ବଡ଼ମ୍ବା,୧୩।୧୧(ଡି.ଏନ୍.ଏ.):** ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ନିକଟରେ ଶହୀଦ ହୋଇଥିବା ଜବାନ ଲୁଲୁ ଦଳବେହେରାଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ସେ ଶହୀଦ ଜବାନଙ୍କ କନ୍ତପଡ଼ା ଗ୍ରାମକୁ ଯାଇ ମା' ଶାନ୍ତିଲତା ବେହେରା ଓ ସାନଭାଇ ଜୀବନ ବେହେରାଙ୍କୁ ସାକ୍ଷାତ କରି ସମବେଦନା ଜଣାଇଥିଲେ। ଏଥିସହ ଶହୀଦ ଜବାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହୀଦଙ୍କ ପରିବାରକୁ ଖୁବ୍‌ଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଗ୍ରାମର ଯୁବଗୋଷ୍ଠୀଙ୍କ ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରା ଶହୀଦଙ୍କ ଘରୁ ବାହାରି ଗ୍ରାମ ପରିକ୍ରମା କରିବା ସହ ଶହୀଦଙ୍କ ଶ୍ମଶାନ ସ୍ଥଳରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇବା ଥିଲା। ଏଥିରେ ବିଜୁ ଛାତ୍ରଜନତା କଟକ ଜୋନ୍ ଉପସଭାପତି ଆୟୁଷ୍ମାନ ପଟ୍ଟନାୟକ, ବରିଷ୍ଠ ବିଜେଡି କର୍ମକର୍ତ୍ତା ସରୋଜ କୁମାର ପଟ୍ଟନାୟକ, ବିଜୁ ଯୁବବାହିନୀ କର୍ମକର୍ତ୍ତା ବଟକୃଷ୍ଣ ମହାନ୍ତି, ସାମାଜିକର୍ମୀ ପ୍ରାଣବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପାଣିରେ ବୁଡ଼ି ଯୁବକ ମୃତ

**ନରସିଂହପୁର ୧୩।୧୧ (ଡି.ଏନ୍.ଏ.):** ନରସିଂହପୁର ଥାନା ଅନ୍ତର୍ଗତ ନୂଆ ରଣସିଂହପୁର ଗ୍ରାମର ଜଣେ ଯୁବକ ଶୌଚ ହେବାକୁ ଯାଇ ବାଘୁଆପାଳ ବନ୍ଧରେ ବୁଡି ଯାଇଛନ୍ତି। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପ୍ରଭାତ କୁମାର ଗୋଚ୍ଛାୟତ। ପ୍ରଭାତ ସନ୍ଧ୍ୟା ସମୟରେ ଏକ ବନ୍ଧକୁ ଶୌଚ ହେବାକୁ ଯାଇ ଆଉ ଫେରି ନ ଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ତାଙ୍କୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶେଷରେ ବନ୍ଧରୁ ତାଙ୍କୁ ଉଦ୍ଧାର କରି ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ଗୁରୁବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଡମ୍ପା ଡାକ୍ତରଖାନାକୁ ପଠାଯିବା ବୋଲି ନରସିଂହପୁର ଥାନା ପକ୍ଷରୁ କୁହାଯାଇଛି।

### ହାଇୱା ଧକ୍କାରେ ଜଣେ ମୃତ

**ନରାଜ,୧୩।୧୧(ଡି.ଏନ୍.ଏ.):** ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ଛକରେ ମଙ୍ଗଳବାର ରାତିରେ ହାଇୱା ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଗ୍ରାମର ମୁରଲି ପାଲ(୪୦)। ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀପାଳ ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ ତ୍ରିଶୁଳିଆ ଗୋଲେଇ ଛକ ପାରହୋଇ ଘର ଅଭିମୁଖେ ଆସୁଥିଲେ। ଏହି ସମୟରେ କଟକ ସୁବାସ ସେତୁ ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ହାଇୱାଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଖବରପାଇ ଗୋଡିସାହି ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ମଲ୍ଲିକ, ଏସିପି ଏସ୍.ଆର ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ଏନେଇ ଥାନାରେ ମାମଲା (ନଂ. ୧୯୪/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ରାସ୍ତା ଉପରୁ ୭ଫୁଟର ଅଜଗର ଉଦ୍ଧାର



**ଆଠଗଡ,୧୩।୧୧(ସ୍ୱ.ପ୍ର.):** ଆଠଗଡ-ଖୁଣ୍ଟୁଣୀ ରାସ୍ତାର ସାପୁଆନଦୀ ନିକଟ ୬୫ନଂ ରାଜ୍ୟ ରାଜପଥ ଉପରୁ ବୁଧବାର ସନ୍ଧ୍ୟାରେ ଏକ ୭ ଫୁଟ ଲମ୍ବର ଅଜଗର ସାପକୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଉଦ୍ଧାର କରିଛନ୍ତି। ସେ ହେଲେ ହେମମାଳପୁର ଗ୍ରାମର ସୁରେନ୍ଦ୍ର ଜେନାଙ୍କ ପୁଅ ଶୁଭ୍ରକାନ୍ତ। ରାସ୍ତାରେ ସାପଟିକୁ ଦେଖି ଶୁଭ୍ରକାନ୍ତ ଉଦ୍ଧାର କରି ଗୋପବନ୍ଧୁ ଛକରେ ପହଞ୍ଚି ଥିଲେ। ଶୁଭ୍ରକାନ୍ତଙ୍କଠାରୁ ସୂଚନାପାଇ ସ୍ଥାନୀୟ ବନବିଭାଗ କର୍ମଚାରୀ ଗୋପବନ୍ଧୁ ଛକରେ ପହଞ୍ଚି ଅଜଗରଟିକୁ ନେଇ ନିକଟବର୍ତ୍ତୀ ବୌଦା-ବନଖଣ୍ଡି ସଂରକ୍ଷିତ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡି ଦେଇଥିଲେ।

## ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଉଦ୍‌ଯାପିତ

# ବାରଙ୍ଗ ଐତିହ୍ୟର ପୁନରୁଦ୍ଧାର ଉଦ୍ୟମ ଆବଶ୍ୟକ

**ନରାଜ, ୧୩।୧୧(ଡି.ଏନ୍.ଏ.)**

ଚୂଡଙ୍ଗ ଗଡ ମହୋତ୍ସବ କମିଟି ପକ୍ଷରୁ ୨ଦିନ ଧରି ଆୟୋଜିତ ବାରଙ୍ଗ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ପରିପେକ୍ଷୀରେ ସଭାପତି ପ୍ରେମାନନ୍ଦ ସାହୁଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା । ସଭାରେ ବିଶିଷ୍ଟ ଐତିହାସିକ ଅନିଲ ଧୀର ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଶିଳ୍ପପତି ଅର୍ଜୁନ ମହାରଣା, ମହୋତ୍ସବ କମିଟିର ଉପଦେଷ୍ଟା ବସନ୍ତ କୁମାର ପାଣି, ଅମରେନ୍ଦ୍ର ମହାପାତ୍ର ଓ ବସନ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଚୁଡ଼ଙ୍ଗଗଡର ଐତିହ୍ୟ ସମ୍ପର୍କରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ୩୫ ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ୩ ମହାବିଦ୍ୟାଳୟରୁ ଏକାଧିକ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂଗୀତ, ଫିୟୁଜନ ଡ୍ୟାନ୍ସ ଓ ଝୋଟି ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମଶ୍ରୀ ଡି ପ୍ରକାଶ ରାଓ, ଶିକ୍ଷାବିତ୍ ଗଣେଶ୍ୱର ନାୟକ, କୈଳାସ ଚନ୍ଦ୍ର ରାଉତରାୟ, ନଳୀନ କୁମାର ରାୟ ଓ ଖବରଦାତା ଲିଙ୍ଗରାଜ ରାଉତ ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବକୁ ମୁଖ୍ୟଅତିଥି ଧୀର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ବାରଙ୍ଗ ଅଞ୍ଚଳର ଐତିହ୍ୟ କୀର୍ତ୍ତି ଲୁପ୍ତ ହୋଯାଇଛି। ଏହାକୁ ପୁନରୁଦ୍ଧାର କରିବା ସହ ଜାତୀୟ ପର୍ଯ୍ୟଟନୀସ୍ଥଳି ଭାବେ ମାନ୍ୟତା ଦେବାପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ କମିଟିର ସଭାପତି ପ୍ରେମାନନ୍ଦ ସାହୁ, କାର୍ଯ୍ୟକାରୀ ସଭାପତି ତୁସାରକାନ୍ତ ଚକ୍ରବର୍ତ୍ତୀ, ମୁଖ୍ୟ ପୁରଧା ବସନ୍ତ କୁମାର ମହାପାତ୍ର ଓ ଉପଦ୍ରେଷ୍ଟା ସୁନିଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସମ୍ପାଦକ ଭୃପତି ଭୁଷଣ ପାଣି ସୁଚାର ଭାବେ ଉତ୍ସବକୁ ପରିଚାଳନା କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯାଜପୁର କଳିଙ୍ଗ ଭାରତୀ ଡ୍ୟାନ୍ସ ଗ୍ରୁପ୍‌ଙ୍କ ଦ୍ୱାରା ଘୋଡାନାଚ, ସମ୍ବଲପୁରୀ ନୃତ୍ୟ, ପାଇକ ଆଖଡା, ଓଡିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ ଓ ଘୁମୁରା ବାଘ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା।କାର୍ଯ୍ୟକ୍ରମକୁ ଦେବାଶିଷ ରାଉତ, ମଣ୍ଟୁ ମାଝୀ ଓ ଦିପକ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।



ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ ।

## ବଟ ଗୋସ୍ୱାମୀ ନାଟ୍ୟସଂସଦର ବାର୍ଷିକ ଉତ୍ସବ

**ସାଲେପୁର, ୧୩।୧୧(ଡି.ଏନ୍.ଏ)**

ସାଲେପୁର ବ୍ଲକ୍ ଅନ୍ତର୍ଗତ ମହଣ ପଞ୍ଚାୟତସ୍ଥିତ ବାସୁଦେବପୁର ବଟଗୋସ୍ୱାମୀ ନାଟ୍ୟସଂସଦ ପକ୍ଷରୁ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ବଟଗୋସ୍ୱାମୀ ନାଟ୍ୟସଂସଦର ଉପ-ସଭାପତି ପ୍ରଭାତ କୁମାର ପାତ୍ର ସଭାପତିତ୍ୱ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥିଭାବେ ସାଲେପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ଏହିଅବସରରେ ସେ କହିଥିଲେ, ଖୁବ୍‌ଶୀଘ୍ର ବଟଗୋସ୍ୱାମୀ ନାଟ୍ୟ ସଂସଦ ନାମରେ ବାସୁଦେବପୁରରେ ଏକ ସ୍ମୃତିସ୍ତମ୍ଭ ସ୍ଥାପନ କରାଯିବ। ମୁଖ୍ୟବକ୍ତାଭାବେ ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ଦୀଲୀପ କୁମାର ଦାଶ ଓ ସମ୍ମାନିତ ଅତିଥିଭାବେ ଖବରଦାତା ଶାରଦା ପ୍ରସନ୍ନ ପଣ୍ଡା ଯୋଗଦେଇ ଅନୁଷ୍ଠାନର ବିଭିନ୍ନ ସାଂସ୍କୃତିକ ଏବଂ ସାମାଜିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଧାୟକ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନୁଷ୍ଠାନ ପକ୍ଷରୁ ବଟଗୋସ୍ୱାମୀ ନାଟ୍ୟସଂସଦର ସଭାପତି ତଥା ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ଗାହାଣଙ୍କୁ ମଞ୍ଚମଣିଷ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଚନ୍ଦ୍ରକାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ନାଟକ 'ଗୁପ୍ତ ସମ୍ପର୍କ' ପରିବେଷଣ କରାଯାଇଥିଲା।



ବାର୍ଷିକ ଉତ୍ସବରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

# ଦୟାର ସାଗର ଥିଲେ ହଜରତ ମହମ୍ମଦ

**ଟିଗିରିଆ, ୧୩।୧୧(ଡି.ଏନଏ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳ ଜାମା ମସ୍‌ଜିଦ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ପୈଗମ୍ବର ହଜରତ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବାତ୍ୟା ବୁଲ୍‌ବୁଲ୍ ଯୋଗୁ ଏହି ଜୟନ୍ତୀ ଗତ ରବିବାର ପରିବର୍ତ୍ତେ ମଙ୍ଗଳବାର ପାଳନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଧର୍ମ ସଭାରେ ଗ୍ରାମ୍ୟ କମିଟି ସଭାପତି (ଅମିର୍) ରୋଶନ ଖାଁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପବିତ୍ର କୋରାନ ଶ୍ଳୋକ ମୌଲାନା ତୟବ ଅହମ୍ମଦ ପାଠ କରାଯାଇଥିଲା। ପରେ ଉର୍ଦ୍ଦୁ କବିତା ଅବରାର ଅଲ୍ଲୀ , ଓଡ଼ିଆ କବିତା (ନଜମା) ଅବରାର ଅହମ୍ମଦ ଓ ଅବସରପ୍ରାପ୍ତ ଶିକ୍ଷକ ଶାହାବାଜ୍ ଖାଁ ପାଠ କରିଥିଲେ। ଏହି ଅବସରରେ ମୌଲାନାମାନେ ହଜରତ ମହମ୍ମଦ ଦୟାର ସାଗର ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ଅବୁବକର ଖାଁ, ଇଜାବୁଲ୍ ହକ୍ ଖାଁ, ମହମ୍ମଦ ସୁବାନ୍, ଜୟୀନୁଲ୍ ଆବେଦିନ, ମହେବୁବ ଅହମ୍ମଦ ଖାଁ, ଗନି ଖାଁ, ମୌଲାନା ମହମ୍ମଦ ସେ.କ ହାରୁନ ରସିଦ, ମୌଲାନା ହଲିମ୍ ଅହମ୍ମଦ ଓ ପଙ୍କାଳ ଜମାତ ଅହମ୍ମଦିୟା ମୌଲାନା ମେରାଜ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। କଟକ ଜିଲା ଜମାତ ଅହମ୍ମଦିୟା ସଭାପତି ପ୍ରଫେସର ଅବଦ୍ଦୁଲ ଇସମାଇଲ ଖାଁ ହଜରତ ମହମ୍ମଦଙ୍କ ଜୀବନୀ ଉପରେ ଏକ ସାଧାରଣଜ୍ଞାନ କାର୍ଯ୍ୟକ୍ରମକରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସ୍ଥାନୀୟ ଅଞ୍ଚଳର ୭ଜଣ ମୌଲାନାଙ୍କୁ ସମ୍ମାନିତ କରାଯାଇଥିଲା।




ଅହମ୍ମଦିୟା ପଙ୍କାଳ ଜାମା ମସ୍‌ଜିଦ୍‌ରେ ଆୟୋଜିତ ଧର୍ମସଭା।

## ଓକିଲ ସଂଘର ପ୍ରତିବାଦ

**ନରସିଂହପୁର, ୧୩।୧୧(ସ୍ୱ.ପ୍ର.)**

ନରସିଂହପୁରରେ ଛାଡଖାଇ ମହୋତ୍ସବ ୭ ଦିନ ଧରି ଅନୁଷ୍ଠିତ ହେଉଛି। ଏହି ଅବସରରେ ବିଭିନ୍ନ ବର୍ଗର ସମ୍ବର୍ଦ୍ଧନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ନରସିଂହପୁର ଓକିଲ ସଂଘର ୩ ଜଣ ବରିଷ୍ଠ ଆଇନଜୀବୀଙ୍କୁ ସମ୍ମାନିତ ଅତିଥିଭାବେ ନିମନ୍ତ୍ରଣ ଦିଆଯାଇ ଡକାଯାଇଥିଲା। ମାତ୍ର ଛାଡ଼ଖାଇ କମିଟି ତରଫରୁ ସେମାନଙ୍କ ମତାମତ ନିଆଯାଇ ନଥିବା ଅଭିଯୋଗ ହୋଇଛି। ଏନେଇ ଓକିଲ ସଂଘ ତରଫରୁ ପ୍ରତିବାଦ କରାଯାଇଛି। ଓକିଲ ସଂଘ ସଭାପତି ସରୋଜ କୁମାର ସାହୁ ଏକ ଖବରଦାତା ସମ୍ମିଳନୀ ଡକାଇ ଏଭିଳି ନିମନ୍ତ୍ରଣ ପତ୍ରକୁ ଭୁଲ ବୋଲି କହିଛନ୍ତି। ଏସମ୍ପର୍କରେ ଛାଡ଼ଖାଇ ମହୋତ୍ସବ କମିଟି ସମ୍ପାଦକ ଲିଙ୍ଗରାଜ କହିଛନ୍ତି, ସାମାନ୍ୟ ତ୍ରୁଟି ପାଇଁ ଏଭଳି ପରସ୍ଥିତି ସୃଷ୍ଟି ହୋଇଛି। ଭବିଷ୍ୟତରେ ଏଭିଳ ତ୍ରୁଟି ହେବ ନାହିଁ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## କାର୍ଯ୍ୟରେ ଅନିୟମିତତା ଅଭିଯୋଗ

# ସମିତି ସମ୍ପାଦକ ନିଲମ୍ବିତ

**ଟିଗିରିଆ, ୧୩।୧୧ (ଡି.ଏନ.ଏ.)**

ଟିଗିରିଆ ଓ ବଡ଼ମ୍ବା ବ୍ଲକ ମଧ୍ୟସ୍ଥଳ ମାନପୁରଠାରେ ଅବସ୍ଥିତ ଟିଗିରିଆ, ମାନପୁର, ହରିଠା ସେବା ସମବାୟ ସମିତିର ସମ୍ପାଦକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସେ ହେଲେ ଶୁନ୍ୟବାସୀ ସ୍ୱାଇଁ। ସେ କାର୍ଯ୍ୟରେ ଅନିୟମିତତା କରିଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଏନେଇ କଟକ ଜିଲା ସମବାୟ ସମିତି ରେଜିଷ୍ଟ୍ରାର ଓ ଆଠଗଡ଼ ସହକାରୀ ସମବାୟ ସମିତି ନିବନ୍ଧକ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ବୋଲି ସମିତିର ସଭାପତି ରମେଶ କୁମାର ଦଳେଇ କହିଛନ୍ତି। ଖବର ଅନୁଯାୟୀ, ସମିତିର ସମ୍ପାଦକ ସ୍ୱାଇଁ ଚାଷୀଙ୍କୁ ଋଣ ଦେବା ନାମରେ ଠକେଇ କରିବା ସହ ଆବଶ୍ୟକ ସାର ଓ ଔଷଧ ଚାଷୀଙ୍କୁ ନଦେଇ ବାହାରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ଚାଷୀଙ୍କ ଦ୍ୱାରା ସମିତିରେ ଧାରଣା ଦିଆଯାଇଥିଲା। ଖବରପାଇ କଟକ ଜିଲା ସମବାୟ ସମିତି ରେଜିଷ୍ଟ୍ରାର ଗତ ଅକ୍ଟୋବର ୩୦ରେ ଏହାର ତଦନ୍ତ କରିଥିଲେ। ଏହାପରେ ୨୩।୧୦।୧୯ରେ ରେଜିଷ୍ଟ୍ରାରଙ୍କ ଚିଠି ନଂ.୧୭୫୮ ଏବଂ ୩୧।୧୦।୧୯ରେ ଆଠଗଡ଼ ସହକାରୀ ନିବନ୍ଧକଙ୍କ ଚିଠି ନଂ.୧୫୯୧ ଅନୁଯାୟୀ ସ୍ୱାଇଁଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି ବୋଲି ଦଳେଇ କହିଛନ୍ତି। ଅପରପକ୍ଷେ ସମ୍ପାଦକଙ୍କୁ ନିଲମ୍ବନ କରାଯିବାର ୧୦ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ ସ୍ଥାନରେ ଅନ୍ୟ କେହି ଯୋଗଦେଇ ନଥିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ନୂତନ ସମ୍ପାଦକଙ୍କୁ ନିଯୁକ୍ତି ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ଛାଡ଼ଖାଇ ଉତ୍ସବ ଭାଇଚାରା ସୃଷ୍ଟି କରିବାର ଏକ ମାଧ୍ୟମ



ଛାଡ଼ଖାଇ ମହୋତ୍ସବରେ ମଞ୍ଚାସୀନ ଅତିଥି।

**ନରସିଂହପୁର, ୧୩।୧୧ (ଡି.ଏନ୍.ଏ.)**

ନରସିଂହପୁର ଛାଡଖାଇ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କଟକ ଗ୍ରାମାଞ୍ଚଳ ଏସପି ରାଧା ବିନୋଦ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଅଭ୍ୟର୍ଥନା କମିଟିର ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତାଭାବେ ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ମହାପାତ୍ର, ସମ୍ମାନିତ ଅତିଥିଭାବେ ଆଠଗଡ ଉପଖଣ୍ଡ ପୋଲିସ ଅଧିକାରୀ ଆଲୋକ ରଞ୍ଜନ ରାୟ, ନିଜିଗଡ ସରପଞ୍ଚ ପ୍ରଭାକର ମିଶ୍ର ଯୋଗ ଦେଇଥିଲେ। ନରସିଂହପୁର ଥାନା ଅଧିକାରୀ ତଥା ଉତ୍ସବ କମିଟିର ସମ୍ପାଦକ ଲିଙ୍ଗରାଜ ଲେଙ୍କା ସ୍ୱାଗତ ଭାଷଣ ଦେଇଥିଲେ। ୧୯୬୬ରେ ଏହି ଛାଡଖାଇ ମହୋତ୍ସବ ନରସିଂହପୁର ଥାନା ଭିତର କଇଁଥ ଗଛ ମୂଳରେ ଥିବା ତ୍ରିନାଥ ଠାକୁରଙ୍କ ମେଳାରୁ ଆରମ୍ଭ ହୋଇଥିଲା। ବର୍ତ୍ତମାନ ୭୦୦ ରୁ ଊର୍ଦ୍ଧ୍ୱ ଷ୍ଟଲ କରାଯାଇ ଏହି ଯାତ୍ରାକୁ ଆକର୍ଷଣ କରାଯାଇପାରିଛି ବୋଲି ଅତିଥିମାନେ କହିଥିଲେ। ଏହି ମହାନ ଗଣ ପର୍ବ ଐତିହ୍ୟ ପରମ୍ପରା ତଥା ଭାଇଚାରା ସୃଷ୍ଟି କରିବାର ଏକ ମାଧ୍ୟମ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷ ଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଥାନା ପେଣ୍ଡାଲରେ ପ୍ରତ୍ୟହ ପାଲା, ରାମଲୀଳା, ସ୍ଥାନୀୟ ଲୋକନୃତ୍ୟ ଆଦି ପରିବେଷଣ କରିବା ଲାଗି ସ୍ଥିର କରାଯାଇଛି। ସନ୍ଧ୍ୟାରେ ୨ୟ ମଣ୍ଡପରେ ରାଜ୍ୟ ତଥା ରାଜ୍ୟ ବାହାର ଲୋକନୃତ୍ୟ ପରିବେଷଣ କରାଯାଇଛି। ଏହି ଉତ୍ସବକୁ ଆଇନଜୀବୀ ଦେବଦତ୍ତ ମଳୟ କୁମାର ବରାଳ ସଂଯୋଜନା କରିଥିଲେ।

# ବିଜ୍ଞାନମେଳାରେ ୩୦ ପ୍ରକଳ୍ପ ପ୍ରଦର୍ଶିତ

**ବାଙ୍କୀ,୧୩।୧୧(ସ୍ୱ.ପ୍ର)**

ବାଙ୍କୀ ସରକାରୀ ବାଳିକା ବିଦ୍ୟାଳୟରେ ବିଜ୍ଞାନ ବୁଧବାର ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଳା ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ୬ଷ୍ଠ, ୭ମ, ୮ମ ଏବଂ ୯ମ ଶ୍ରେଣୀର ଛାତ୍ରୀମାନେ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ।ଏହି ଅବସରରେ ସ୍ୱଚ୍ଛଭାରତ, କୃଷିକ୍ଷେତ୍ରରେ ଶକ୍ତି ଶକ୍ତି, ପ୍ଲାଷ୍ଟିକ୍ ମୁକ୍ତ ବିଦ୍ୟାଳୟ, ମ୍ୟାଜିକ୍ ନମ୍ବର, ପରିବେଶ ସୁରକ୍ଷା, ପଲିଥିନ ଯୋଗୁ ସଂକ୍ରମିତ ହେଉଥିବା ରୋଗ, ବୃକ୍ଷରୋପଣ ଦ୍ୱାରା ଜଙ୍ଗଲ ସୃଷ୍ଟି, ଜଙ୍କଫୁଡ୍ ଖାଦ୍ୟ ବର୍ଜନ ଭଳି ୩୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ସ୍କୁଲର ଶିକ୍ଷୟିତ୍ରୀ ଶର୍ମିଳାଙ୍କ ସମେତ ସୁଚରିତା ପାଢୀ, ଜୟନ୍ତୀ ଗୋଚ୍ଛି, ପ୍ରିୟଦର୍ଶନୀ ମହାରଣା ଯୋଗଦେଇ ଥିଲେ। ମେଳାରେ ଜାଞ୍ଜସିନୀ ପଣ୍ଡା ପ୍ରଥମ, ସ୍ୱୟଂଜିତ୍ ନନ୍ଦ ୨ୟ, ମନୋସ୍ୱିନୀ ମହାରଣା ୩ୟ ସ୍ଥାନ ଅଧିକାର କରି ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଛନ୍ତି।



ଛାତ୍ରୀମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ସାପ ବିଷ ଝାଡ଼ିବା ପାଇଁ ଅନ୍ଧବିଶ୍ୱାସର ସାହାରା

# ମୁଣ୍ଡରେ ୧୨୦ ଗରା ପାଣି ଢାଳିଲେ ଗ୍ରାମବାସୀ

**ବାଙ୍କୀ,୧୩।୧୧(ସ୍ୱ.ପ୍ର.)**

ଏବେବି ଅନ୍ଧ ବିଶ୍ୱାସରୁ ମୁକୁଳିପାରୁନି ମଣିଷ। ସାପ କାମୁଡିଥିବା ବ୍ୟକ୍ତଙ୍କ ବିଷ ଝଡାଇବା ପାଇଁ ଗ୍ରାମବାସୀ ମନ୍ଦିରକୁ ନେଇଛନ୍ତି। ସେଠାରେ ଚିକିତ୍ସା କରାଇବା ବଦଳରେ ତାଙ୍କ ମୁଣ୍ଡରେ ୧୨୦ ଗରା ପାଣି ଢ଼ାଳିଛନ୍ତି। ଏଭଳି ଘଟଣା ଘଟିଛି କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମରେ। ଏହି ଗ୍ରାମସ୍ଥିତ ହରିଜନ ସାହିର ଭରତ ଭୋଇ (୫୬) ମଙ୍ଗଳବାର ବିଲକୁ କାଠ କାଟିବାକୁ ଯାଇଥିଲେ। ମାତ୍ର ବାଟରୁ ଘରକୁ ଫେରି ଆସି ତାଙ୍କୁ ସାପ କାମୁଡ଼ିଥିବା ନେଇ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ଭରତଙ୍କୁ ଡାକ୍ତରଖାନା ନେବା ବଦଳରେ ଗ୍ରାମବାସୀଙ୍କ ସହାୟତାରେ ପାଟପୁରସ୍ଥିତ ସିଂହନାଥ ଦେବଙ୍କ ପୀଠକୁ ନେଇ ଗୁହାରିଆ ପଡ଼ିଥିଲେ। ମନ୍ଦିରର ପୂଜାରୀମାନେ ତାଙ୍କୁ ନେଇ ନିକଟସ୍ଥ ପୁଷ୍କରିଣୀରେ ବୁଡାଇ ମନ୍ତ୍ର ଉଚ୍ଚାରଣ କରିଥିଲେ। ଏଥିସହ ଭରତଙ୍କ ମୁଣ୍ଡରେ ୧୨୦ ଗରା ପାଣି ଢ଼ାଳିଥିଲେ। ଏହାପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ବୁଧବାର ସକାଳୁ ସେ ପୁନର୍ବାର ଅସୁସ୍ଥତା ଓ ମୁଣ୍ଡ ବୁଲାଇବା ଅନୁଭବ କରିଥିଲେ। ଖବରପାଇ ସ୍ଥାନୀୟ ସାମାଜିକକର୍ମୀ ଗୌତମ ମିଶ୍ର ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ବୁଝାଶୁଝା କରି ଭରତଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସା ପରେ ଏବେ ସେ ସୁସ୍ଥ ଥିବା ଜଣାପଡିଛି। ଏ ସମ୍ପର୍କରେ ଡା.ଧୂଳେଶ୍ୱର ପ୍ରଧାନ କହିଛନ୍ତି ଭରତଙ୍କୁ କୌଣସି ସାପ କାମୁଡି ନାହିଁ। ଅପରପକ୍ଷେ ମାତ୍ର ମାନସିକ ଅସ୍ଥିରତା ଯୋଗୁ ସେ ଚିନ୍ତାଗ୍ରସ୍ତ ହେବାରୁ ଏପରି ହୋଇଛି ବୋଲି କହିଛନ୍ତି।

## ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ଦଳଙ୍କ ଚିକିତ୍ସାଳୟ ପରିଦର୍ଶନ

# 'କାୟାକଳ୍ପ' କାର୍ଯ୍ୟକ୍ରମର ସମୀକ୍ଷା

**ଆଠଗଡ/ବାଙ୍କୀ, ୧୩।୧୧(ସ୍ୱ.ପ୍ର.)**

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ସ୍ଥିତି ଏବଂ ଉନ୍ନତିକରଣ ଲାଗି ପ୍ରତିଷ୍ଠିତ କାୟାକଳ୍ପ ପ୍ରକଳ୍ପର ପ୍ରତିନିଧି ଦଳ ବୁଧବାର ଆଠଗଡ ଓ ବାଙ୍କୀ ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରିଛନ୍ତି । ଏନସିଡିର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ହରମୋହନ ପଣ୍ଡାଙ୍କ ନେତୃତ୍ୱରେ ଡା.ସରୋଜ କୁମାର ପାଣିଗ୍ରାହୀ, ଇ.ଭେଙ୍କଟରାଓ, ସନ୍ଧ୍ୟାରାଣୀ ପଣ୍ଡା ଓ ଇତିଶ୍ରୀ ମିଶ୍ର ପ୍ରମୁଖ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଆସି ସାଧାରଣ ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି, ପରିବେଶ, ସ୍ୱାସ୍ଥ୍ୟସେବାର ମାନ ତଦାରଖ କରିଥିଲେ। ଏଥିସହ ଅସ୍ତ୍ରୋପଚାର ଗୃହ, ପ୍ରସୂତି ଗୃହ, ଶିଶୁ ଚିକିତ୍ସା କେନ୍ଦ୍ର ଆଦି ବୁଲି ଦେଖିଥିଲେ । ଏହି ପରିଦର୍ଶନ ସମୟରେ କାୟାକଳ୍ପ ପ୍ରତିନିଧି ଦଳ ଆଠଗଡ ଉପଖଣ୍ଡ ଡାକ୍ତରଖାନା ଅଧିକ୍ଷକ ଡାକ୍ତର ବିଜୟ କୁମାର ମିଶ୍ରଙ୍କ ସହ ଡାକ୍ତରଖାନାରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଓ ସ୍ୱଚ୍ଛତା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ପ୍ରତିନିଧି ଦଳ ଡାକ୍ତରଖାନା ଅଧୀକ୍ଷକଙ୍କ ସହ ଆଲୋଚନା ସମୟରେ ଚିକିତ୍ସାଳୟ ପରିଚାଳକ ପୂଜାଲିନ ରାଉତ, ଡା.ଦିଲ୍ଲୀପ ରଞ୍ଜନ ପାତ୍ର, ଡାକ୍ତର ମାନସ ରଞ୍ଜନ ପାଣି ଓ ସାମାଜିକ କର୍ମୀ ସନାତନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପ୍ରତିନିଧି ଦଳ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଗସ୍ତ କରି, ସ୍ୱାସ୍ଥ୍ୟ ସେବା, ସ୍ୱଚ୍ଛତା, ସରକାରୀ କାଗଜପତ୍ର, ଲେବର ଓଟି ରୁମ୍, ଡ୍ରଗ୍‌ୱୟାର ହାଉସ୍, ନିରାମୟ ସେବା ଆଦି ବୁଲି ଦେଖିଥିଲା। ଏହି ପ୍ରତିନିଧି ଦଳ ବାଙ୍କୀ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଧୂଳେଶ୍ୱର ପ୍ରଧାନଙ୍କ ସହ ଆଲୋଚନା କରି ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟମିତ୍ରମାନଙ୍କର କାର୍ଯ୍ୟ ଶୈଳୀ ସମ୍ପର୍କରେ ବୁଝିଥିଲେ। ଏହି ଅବସରରେ ଉପଖଣ୍ଡ ଚିକିତ୍ସାଳୟର ମ୍ୟାନେଜର ଶଶିକାନ୍ତ ମିଶ୍ର ଏବଂ ରାଜଶ୍ରୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।



ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ କାୟାକଳ୍ପ ପ୍ରକଳ୍ପର ପ୍ରତିନିଧି ଦଳ ସଦସ୍ୟ ଓ ଅନ୍ୟମାନେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୪/୨୦୧୯ Bhubaneswar, Thursday, November 14/2019

# ବିଭିନ୍ନ କିସମର ଧାନ ବିଷୟରେ ଜାଣିଲେ ଛାତ୍ରୀଛାତ୍ର

**କଟକ ଅଫିସ, ୧୩।୧୧**

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ତରଫରୁ ଛାତ୍ରୀଛାତ୍ରଙ୍କ ପାଇଁ 'ଧାନ ସହିତ ଚାଲ -ଧାନ ବିଷୟରେ ଜାଣ' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନର ୨୦୦ ଏକର ଫାର୍ମରେ ଚାଷ ହୋଇଥିବା ବିଭିନ୍ନ ଉନ୍ନତ କିସମର ଧାନଚାଷର ପ୍ରଣାଳୀ ଏବଂ ବିକଶିତ ହୋଇଥିବା ନୂତନ ଧାନ କିସମ ସମ୍ପର୍କରେ ଅବଗତ କରାଯାଇଥିଲା। ପୁଷ୍ଟିସାରଯୁକ୍ତ ଧାନ, ପରିବର୍ତ୍ତିତ ଜଳବାୟୁରେ ସହନଶୀଳ ଧାନ, ମରୁଡ଼ି ସହନଶକ୍ତି ଧାନ, ଧାନ-ମାଛ-ପନିପରିବାର ପ୍ରକଳ୍ପ, କୃଷି ଯନ୍ତ୍ରପାତି, ବିହନ ବିଶୋଧନକରଣ କେନ୍ଦ୍ର ଏବଂ ଜିନ୍ ବ୍ୟାଙ୍କ୍ ଇତ୍ୟାଦି ବିଷୟରେ ପିଲାମାନଙ୍କୁ ସୂଚନା ଦିଆଯାଇଥିଲା। ଅନୁଷ୍ଠାନର ବୈଜ୍ଞାନିକମାନେ ଛାତ୍ରୀଛାତ୍ରଙ୍କୁ କ୍ଷେତ୍ର ପରିଦର୍ଶନ କରାଇବା ସହିତ ସେମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ବୈଜ୍ଞାନିକ ଡ. ସୁମନ୍ତ କୁମାର ମିଶ୍ର ଏହାକୁ ସଂଚାଳନ ଏବଂ ବରିଷ୍ଠ ବୈଜ୍ଞାନିକ ଡ. ରାହୁଲ ତ୍ରିପାଠୀ ସହଯୋଗ କରିଥିଲେ। ଏଥିରେ କଟକ, ଭୁବନେଶ୍ୱରର




କାର୍ଯ୍ୟକ୍ରମକୁ ଜାତୀୟ ଧାନ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଉଦ୍‌ଘାଟନ କରୁଛନ୍ତି।

୩୦ଟି ବିଦ୍ୟାଳୟର ୨୦୦୦ ଛାତ୍ରୀଛାତ୍ର ଏବଂ ଶିକ୍ଷକ 'ଧାନ ସହିତ ଚାଲ-ଧାନ ବିଷୟରେ ଜାଣ' ଶୀର୍ଷକ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଏକ ବୁଲେଟିନ୍ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

# ୧୫ରୁ ବିଧାନସଭା ସମ୍ମୁଖରେ ଶିକ୍ଷକ ସଂଘର ଆନ୍ଦୋଳନ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ):** ବେସରକାରୀ ଅନୁଦାନ ଓ ଅଣଅନୁଦାନ ପ୍ରାପ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୧୫ରୁ ବିଧାନସଭା ସମ୍ମୁଖରେ ଏକ ବଡ଼ ଆନ୍ଦୋଳନ ହେବ। ବୁଧବାର ଆୟୋଜିତ ଏକ ବୈଠକରେ ସଂଘ ଏଭଳି ନିଷ୍ପତ୍ତି ନେବାସହ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛି। ରାଜ୍ୟର ପ୍ରାୟ ୩ଶହ ମହାବିଦ୍ୟାଳୟର ୩ହଜାର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସ୍ୱଳ୍ପ ବେତନରେ ଦୀର୍ଘ ୧୧ବର୍ଷ ହେଲା କାର୍ଯ୍ୟ କରିଆସୁଛନ୍ତି। ଏମାନଙ୍କ ସ୍ଥାୟିତ୍ୱ ପାଇଁ ରାଜ୍ୟ ସରକାରଙ୍କୁ ତାଲିକା ପ୍ରଦାନ କରାଯିବା ସହ ସମସ୍ତ ସମସ୍ୟା ବାବଦରେ ମଧ୍ୟ ଅବଗତ କରାଯାଇଛି। ହେଲେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ଏମାନଙ୍କୁ ଏଯାବତ୍ ସରକାରୀ ଅନ୍ତର୍ଭୁକ୍ତ କରିନାହାନ୍ତି। ଦାବି ପୂରଣ ପାଇଁ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ସଂଘ ଘୋଷଣା କରିଛି। ବୈଠକରେ ଉପସ୍ଥିତ ସଂଘ ସଭାପତି ଡ. ଦେବ ବିଜୟୀ ମିଶ୍ର, ସାଧାରଣ ସମ୍ପାଦକ ଅଭୟ କୁମାର ପ୍ରଧାନ, ଉପସଭାପତି ରଶ୍ମିତା ମହାପାତ୍ର, କୋଷାଧ୍ୟକ୍ଷ ଦିବ୍ୟକାନ୍ତ ତ୍ରିପାଠୀ, ଆବାହକ ବିମଳ ଚନ୍ଦ୍ର ନନ୍ଦୀ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ରାୟ ଓ ରବି ନାରାୟଣ କରଣ ପ୍ରମୁଖ ଏହି ସୂଚନା ଦେଇଛନ୍ତି।




# ବନ୍ଦ ହେବ ଆଉ ୩ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ

## ବିଦ୍ୟାଳୟରେ ଉପସ୍ଥାନ ହ୍ରାସ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ରାଜ୍ୟରେ ବର୍ତ୍ତମାନ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ଚାଲୁ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲା ସ୍ତରରେ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଉପଯୁକ୍ତ ଭାବେ ଯାଞ୍ଚ କରାଯାଇ ବନ୍ଦ କରିବା ଲାଗି ପଦକ୍ଷେପ ନିଆଯାଉଛି। ୨୦୧୫-୧୬ରୁ ୨୦୧୮-୧୯ ଭିତରେ ରାଜ୍ୟରେ ୧୨୩୬ ପ୍ରାଥମିକ ବିଦ୍ୟାଳୟ ଓ ୪୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିୟମାନୁଯାୟୀ ବନ୍ଦ କରାଯାଇଛି। ସେହିପରି ୨୦୧୯-୨୦ବର୍ଷରେ ଅଦ୍ୟାବଧି ୪୭୫ ପ୍ରାଥମିକ ଓ ୧୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି। ସେହିପରି ୩ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ୩ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଉପସ୍ଥାନ ହ୍ରାସ କାରଣରୁ ବନ୍ଦ କରିଦିଆଯାଇଛି। ଆଗକୁ ଆଉ ୩ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟକୁ ଏହି କାରଣରୁ ବନ୍ଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବନ୍ଦ ହୋଇଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିକଟବର୍ତ୍ତୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇ ପାଠପଢ଼ା ଜାରି ରହିଛି। ଏତଦ୍‌ବ୍ୟତୀତ ନିକଟସ୍ଥ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଯଦି ୧ କିମି ଓ ୩ କିମିରୁ ଅଧିକ ଦୂରରେ ଥାଏ, ତେବେ ଛାତ୍ରୀଛାତ୍ରଙ୍କୁ ପରିବହନ ଭତ୍ତା ପ୍ରଦାନ କରାଯାଇ ବିଦ୍ୟାଳୟକୁ ଅଣାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ବୁଧବାର ବିଧାନସଭାରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ବନ୍ଦ ହୋଇଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଉପରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହି ଉତ୍ତର ରଖିଛନ୍ତି।

## ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା

# ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ, ୧୦ ହଜାର ଜରିମାନା

**କଟକ ଅଫିସ, ୧୩।୧୧**

ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାରେ କଟକ ତୃତୀୟ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ତଥା ପୋକ୍ସୋ ଅଦାଲତ ବିଚାରପତି ବନ୍ଦନା କର ଅଭିଯୁକ୍ତ ନାଗେଶ୍ୱର ସିଂ ଓରଫ ନାଗାଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ଏକବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କଟକ ଫେଜ-୨ ଥାନା ଅଞ୍ଚଳର ନାଗେଶ୍ୱର (୪୦) ୨୦୧୭ ଫେବୃୟାରୀ ୨୫ରେ ଜଣୈକା ୧୦ବର୍ଷୀୟା ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଦିନ ଅପରାହ୍ନ ପ୍ରାୟ ୩ଟାରେ ଭାଇଙ୍କ ସହ ପୀଡ଼ିତା ଗଡ଼ା ଉପରକୁ ଗୁପଚୁପ ଖାଇବାକୁ ଯାଇଥିଲେ। ତେବେ ନାଗା ନାବାଳିକାଙ୍କୁ ଟଙ୍କା ଦେବା ବାହାନାରେ ଘରକୁ ଡାକି ନେଇଥିଲେ। ଦୀର୍ଘ ସମୟ ଧରି ଝିଅ ଘରକୁ ନ ଫେରିବାରୁ ତାଙ୍କ ମା' ଗୁପଚୁପ ବ୍ୟବସାୟୀଙ୍କ ପାଖରେ ପହଞ୍ଚି ପଚାରିଥିଲେ। ଝିଅ ନାଗାଙ୍କ ସହ ଯାଇଥିବା ତାଙ୍କଠାରୁ ଜାଣିବାକୁ ପାଇଥିଲେ। ସେ ନାଗାଙ୍କ ଘରେ ପହଞ୍ଚି ଝିଅ ବଡ଼ ପାଟିରେ କାନ୍ଦୁଥିବା ଦେଖିଥିଲେ। ଝିଅକୁ ନେଇ ସେ ଘରକୁ ଫେରିବା ପରେ କଟକ ମହିଳା ଥାନାରେ ଅଭିଯୋଗ କରିଥିଲେ। ଯୌନ ନିର୍ଯାତନା ଅଭିଯୋଗରେ ନାଗାଙ୍କୁ ପୋଲିସ ଗିରଫ କରିଥିଲା। ଏହି ମାମଲାରେ ୧୩ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯିବା ସହ ଡାକ୍ତରୀ ରିପୋର୍ଟ ତଥା ଅନ୍ୟାନ୍ୟ ତଥ୍ୟକୁ ଭିତ୍ତିକରି ଅଦାଲତ ଅଭିଯୁକ୍ତଙ୍କୁ ଆଇପିସି ଧାରା ୩୬୩ ଅନୁଯାୟୀ ୫ବର୍ଷ ଜେଲ ଓ ୧୦ହଜାର ଟଙ୍କା ଜରିମାନା ଏବଂ ପୋକ୍ସୋ ଆଇନ ଧାରା ୧୦ ଅନୁଯାୟୀ ୫ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ୧ବର୍ଷ ଲେଖାଏ ଅଧିକ ଦଣ୍ଡ ଭୋଗିବାକୁ ପଡ଼ିବ। ଏକସଙ୍ଗେ ଅଭିଯୁକ୍ତଙ୍କୁ ଉଭୟ ଦଣ୍ଡ ଭୋଗିବାକୁ ହେବ। ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ଅଦାଲତ ଜିଲା ଆଇନସେବା ପ୍ରାଧିକରଣକୁ ଏହି ମାମଲା ହସ୍ତାନ୍ତର କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଜନନୀ ସୁରକ୍ଷା ଯୋଜନା ବାଟବଣା

## କେବଳ ୮ ଜିଲାରେ ସଫଳତା ସୀମିତ

**କଟକ ଅଫିସ, ୧୩।୧୧**

ରାଜ୍ୟରେ ଜନନୀ ସୁରକ୍ଷା ଯୋଜନା ବାଟବଣା ହୋଇଛି। ଏହି ଯୋଜନାର ହିତାଧିକାରୀ ମାନଙ୍କୁ ସହାୟତା ରାଶି ଦେବାରେ ମେଡିକାଲ କର୍ତ୍ତୃପକ୍ଷମାନେ ବିଫଳ ହୋଇଛନ୍ତି। ଗତ ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ମିଳିଥିବା ତଥ୍ୟ ଏହାର ପ୍ରମାଣ ଦେଇଛି। ବିଫଳତା ତାଲିକାରେ ରାଜ୍ୟର ସର୍ବବୃହତ ଚିକିତ୍ସା ଅନୁଷ୍ଠାନ ଏସ୍‌ସିବି ସମେତ ବ୍ରହ୍ମପୁର ମେଡିକାଲ କଲେଜ ଓ ରାଉରକେଲା ହସ୍ପିଟାଲ ପ୍ରମୁଖ ସାମିଲ ଅଛନ୍ତି। ଯୋଜନା ବାବଦ ସହାୟତା ଅର୍ଥ ହିତାଧିକାରୀଙ୍କୁ ଦିଆ ନ ଯିବା ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ବୁଧବାର ଏସ୍‌ସିବି ସମେତ ବ୍ରହ୍ମପୁର ମେଡିକାଲ କଲେଜ, ସୁନ୍ଦରଗଡ଼, ନୂଆପଡ଼ା ଓ ରାଉରକେଲା ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ସଫଳତା ହାରକୁ ଦେଖିଲେ କେବଳ ଦେବଗଡ଼, କୋରାପୁଟ, ଭଦ୍ରକ, ଗଜପତି, ପୁରୀ, ଜଗତ୍‌ସିଂହପୁର, କଳାହାଣ୍ଡି ଓ କନ୍ଧମାଳ ପ୍ରଭୃତି ଜିଲା ହିତାଧିକାରୀଙ୍କୁ ଶତପ୍ରତିଶତ ଟଙ୍କା ପୈଠ କରିବାରେ ସକ୍ଷମ ହୋଇଛନ୍ତି। ମାତ୍ର ବାକି ଜିଲା ଓ ମେଡିକାଲଗୁଡ଼ିକୁ ଏ କ୍ଷେତ୍ରରେ ବିଫଳ ହେବାକୁ ପଡ଼ିଛି।

ତଥ୍ୟ ଅନୁଯାୟୀ, ଏସ୍‌ସିବି ମେଡିକାଲରେ ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ୫୯୨୧ ପ୍ରସୂତିଙ୍କ ମଧ୍ୟରୁ ୩୧୭୮ଜଣଙ୍କୁ ଜନନୀ ସୁରକ୍ଷା ଯୋଜନା ସହାୟତା ରାଶି ମିଳିଛି। ସେହିପରି ରାଉରକେଲା ସରକାରୀ ହସ୍ପିଟାଲ (ଆର୍‌ଜିଏଚ୍)ରେ ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ମୋଟ ୪୦୮୩ ପ୍ରସୂତିଙ୍କ ମଧ୍ୟରୁ ୧୯୫୨ଜଣଙ୍କୁ ସହାୟତା ଅର୍ଥ ମିଳିଛି। ବ୍ରହ୍ମପୁର ମେଡିକାଲରେ ୫୭୨୧ ପ୍ରସୂତିଙ୍କ ମଧ୍ୟରୁ ୨୯୨୬ଜଣଙ୍କୁ ସହାୟତା ରାଶି ଦିଆଯାଇଛି। ସୁନ୍ଦରଗଡ଼, ନୂଆପଡ଼ା ଆଦି ଜିଲାରେ ଅନୁରୂପ ଚିତ୍ର ଦେଖିବାକୁ ମିଳିଛି। ମୋଟାମୋଟି ଭାବେ ଗତ ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ରାଜ୍ୟରେ ୨୫୨୩୨୪ ମହିଳା ପ୍ରସବ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧୬୨୮୮ଜଣଙ୍କୁ ଏହି ଯୋଜନାରେ ସହାୟତା ରାଶି ମିଳିଥିବା ଜଣାପଡ଼ିଛି। ସୂଚନାଥାଉ କି, ଦେଶରେ ମାତୃ ଓ ଶିଶୁ ମୃତ୍ୟୁକୁ ରୋକିବା ପାଇଁ ୨୦୦୫ ଏପ୍ରିଲ ୧୨ରେ କେନ୍ଦ୍ର ସରକାର ଜନନୀ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିଥିଲେ। ମୁଖ୍ୟତଃ ଡାକ୍ତରଖାନାରେ ପ୍ରସବକୁ ପ୍ରୋତ୍ସାହନ ଦେବା ପାଇଁ ଏହି ଯୋଜନା ପ୍ରଣୟନ ହୋଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଏହି ଯୋଜନାରେ ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ୧୮୦୦ ଟଙ୍କା ସହାୟତା ରାଶି ଦେବାର ବ୍ୟବସ୍ଥା ଥିବାବେଳେ ସହରାଞ୍ଚଳରେ ୧୫୦୦ ଟଙ୍କା ରହିଛି। ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଇବା ପାଇଁ ବ୍ୟବସ୍ଥା ରହିଛି। ମାତ୍ର ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଏହି ଯୋଜନା ଏବେ ବାଟବଣା ହେବାରେ ଲାଗିଛି। ଅନ୍ୟପକ୍ଷରେ ଯଦିଓ ଦେଶରେ ମାତୃ ମୃତ୍ୟୁହାର କମିଥିବା ସରକାର କହୁଛନ୍ତି, ମାତ୍ର ଏଥିରେ ଆଖିଦୃଶିଆ ପରିବର୍ତ୍ତନ ଆସିନାହିଁ। ସରକାରୀ ତଥ୍ୟ ଅନୁଯାୟୀ, ୨୦୧୧ରୁ ୨୦୧୩ ମଧ୍ୟରେ ଦେଶରେ ପ୍ରତି ୧ଲକ୍ଷ ପ୍ରସବରେ ୧୬୭ ଜଣ ମହିଳାଙ୍କ ମୃତ୍ୟୁ ଘଟୁଥିବାବେଳେ ୨୦୧୪ରୁ ୨୦୧୬ ମଧ୍ୟରେ ଏହି ସଂଖ୍ୟା ୧୩୦କୁ ହ୍ରାସ ପାଇଛି । ଏହି ଅନୁଯାୟୀ ଓଡ଼ିଶାକୁ ଦେଖିଲେ ୨୦୦୪ରୁ ୨୦୦୬ ମଧ୍ୟରେ ରାଜ୍ୟରେ ପ୍ରତି ୧ଲକ୍ଷ ପ୍ରସବରେ ୩୦୩ ମହିଳାଙ୍କ ମୃତ୍ୟୁ ଘଟୁଥିବାବେଳେ ୨୦୦୭ରୁ ୨୦୦୯ ମଧ୍ୟରେ ଏହି ସଂଖ୍ୟା ୨୫୮ ରହିଛି। ସେହିପରି ୨୦୧୦ରୁ ୨୦୧୨ ମଧ୍ୟରେ ୨୩୫ ଓ ୨୦୧୧ରୁ ୨୦୧୩ ମଧ୍ୟରେ ୨୨୨ ରହିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ହୋଇଥିବା ସାମ୍ପୁଲ ରେଜିଷ୍ଟ୍ରେଶନ ସିଷ୍ଟମ ତଥ୍ୟରେ ଉଲ୍ଲେଖ ହୋଇଛି। ସେହିପରି ଶିଶୁ ମୃତ୍ୟୁହାରରେ ମଧ୍ୟ ବଡ଼ଧରଣର ପରିବର୍ତ୍ତନ ଆସିଥିବା ସରକାରୀ ତଥ୍ୟ କହୁଛି। ୨୦୦୬ରେ ପ୍ରତି ୧୦୦୦ ଶିଶୁ ଜନ୍ମରେ ୫୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୭ରେ ଏହା ୩୩ ଥିବା କୁହାଯାଇଛି। ଏହି ହାର ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଯଥେଷ୍ଟ ଅଧିକ ଥିବା ଜଣାପଡ଼ିଛି। ସରକାରୀ ଡାକ୍ତରଖାନାରେ ସୁରକ୍ଷିତ ପ୍ରସବ ଦ୍ୱାରା ଉଭୟ ମାତୃ ଓ ଶିଶୁ ମୃତ୍ୟୁ ରୋକିବା ପାଇଁ ସରକାର ଯେଉଁ ଯୋଜନା କରିଥିଲେ ତାହା ଏବେ ଏଭଳି ସ୍ଥିତିରେ ପହଞ୍ଚିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ, ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇ ଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ ନୁହେଁ। - ଶିରିଡ଼ି ସାଇବାବା



## ଆଜି କ'ଣ କେଉଁଠି

କଟକ

- ଅଭୀପ୍ସା ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ପ୍ରତିଯୋଗିତା ଉଦ୍‌ଘାଟନ, କଳାବିକାଶ କେନ୍ଦ୍ର, ବକ୍ସିବଜାର, ପୂର୍ବାହ୍ନ ୯ଟା।
- ଓଡ଼ିଶା ସିନିୟର ପୋଲିସ ଅଫିସର୍ସ ଲେଡିଜ୍ କ୍ଲବର ବାର୍ଷିକ ଉତ୍ସବ, କ୍ଲବ ପରିସର, ତୁଳସୀପୁର, ଅପରାହ୍ନ ୪ଟା।

## ଯୁବକଙ୍କୁ ମାଡ଼ ମାରି ୨ଭାଇ ଗିରଫ

**କଟକ ଅଫିସ,୧୩।୧୧:** ଯୁବକଙ୍କୁ ମାଡ଼ ମାରିବା ଅଭିଯୋଗରେ ଲାଲବାଗ ଥାନା ପୋଲିସ ୨ଭାଇଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ୨ଭାଇ ହେଲେ ବାଲୁବଜାର ଅଞ୍ଚଳର ଅଜୟ ଶର୍ମା (୨୨) ଓ ବିଜୟ ଶର୍ମା (୨୫)। ଅଭିଯୁକ୍ତ ଦ୍ୱୟ ତାଙ୍କୁ ମାଡ଼ ମାରିଥିଲେ ବୋଲି ଉକ୍ତ ଅଞ୍ଚଳର ଅର୍ଜୁନ ଶର୍ମା ଲାଲବାଗ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ୨୬୯/୧୯ରେ ମାମଲା ରୁଜୁ କରିଥିଲା। ସୂଚନା ଅନୁଯାୟୀ, ଦୀପାବଳି ଦିନ ଅଭିଯୁକ୍ତ ୨ଭାଇ ଓ ଅର୍ଜୁନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଗତ ମଙ୍ଗଳବାର ବାଙ୍କାବଜାରରେ ଅଭିଯୁକ୍ତ ୨ଭାଇ ଓ ଅର୍ଜୁନଙ୍କର ଦେଖା ହୋଇଥିଲା। ଅର୍ଜୁନଙ୍କୁ ୨ଭାଇ ମାଡ଼ ମାରିଥିଲେ।

## ସିଏମ୍‌ସି ପକ୍ଷରୁ ଖାଦ୍ୟ ଷ୍ଟଲ୍‌ରେ ଚଢାଉ ୨୫ ହଜାର ଟଙ୍କା ଜରିମାନା ଆଦାୟ

**କଟକ ଅଫିସ, ୧୩।୧୧:** ବାଲିଯାତ୍ରାରେ ବିଶେଷକରି ଖାଦ୍ୟ ସୁରକ୍ଷା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ସିଏମସି ସ୍ୱାସ୍ଥ୍ୟ ବିଭାଗ ଓ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ଖାଦ୍ୟ ଷ୍ଟଲରେ ଚଢାଉ କରାଯାଇଛି। ପୂର୍ବାହ୍ନରେ ୧.୫ କୁଇଣ୍ଟାଲ ଏବଂ ଅପରାହ୍ନରେ ୨.୩ କୁଇଣ୍ଟାଲ ଏଭଳି ମୋଟ ୩.୮ କୁଇଣ୍ଟାଲ ବାସି ଓ ଅପମିଶ୍ରିତ ଖାଦ୍ୟ ନଷ୍ଟ କରାଯାଇଛି। ସମ୍ପୃକ୍ତ ବ୍ୟବସାୟୀମାନଙ୍କଠାରୁ ମୋଟ ୨୫ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉମେଶ ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି।

## ଚୋରା ମଦ ବେପାରୀ ଗିରଫ

**କଟକ ଅଫିସ,୧୩।୧୧:** ଲାଲବାଗ ପୋଲିସ ବୁଧବାର ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚାନ୍ଦିନଚୌକ ଅଞ୍ଚଳର ଅଭିଜିତ ପଣ୍ଡା। ତାଙ୍କ ନିକଟରୁ ୪୦ ବୋତଲ ବିଦେଶୀ ମଦ ଓ ଏକ ସ୍କୁଟି ଜବତ କରାଯାଇଛି। ଏ ନେଇ ୨୭୦/୧୯ରେ ମାମଲା ରୁଜୁ ହୋଇଛି। ପୂର୍ବାହ୍ନରେ ପୋଲିସ ବାଙ୍କାବଜାର ଅଞ୍ଚଳରେ ଚଢାଉ କରି ଚୋରା ମଦ ସହ ଅଭିଜିତଙ୍କୁ ଧରିଥିଲା। ପୂର୍ବରୁ ତାଙ୍କ ନାମରେ ଚୋରା ମଦ ବ୍ୟବସାୟ ନେଇ ଏକାଧିକ ମାମଲା ରହିଥିବା ଲାଲବାଗ ଥାନା ଅଧିକାରୀ ଆଶୁତୋଷ ମିଶ୍ର କହିଛନ୍ତି।

# 'ପଥ ଉତ୍ସବ'ରେ ଭିଡ଼ ଜମିଲାନି

### ପ୍ରଚାର, ପ୍ରସାର ଅଭାବ

■କଟକରେ ପ୍ରଥମ ଥର ପାଇଁ ଆୟୋଜନ

**କଟକ ଅଫିସ, ୧୩।୧୧**




ପଥୋତ୍ସବରେ ଘୋଡ଼ାନାଚ ପରିବେଷଣ କରାଯାଉଛି।

ବାଲିଯାତ୍ରା ଉପଲକ୍ଷେ କଟକ ସହରରେ ପ୍ରଥମ ଥର ପାଇଁ 'ପଥ ଉତ୍ସବ' ଆୟୋଜିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ବୁଧବାର ପ୍ରଥମ ଦିନରେ ହାତଗଣତି ଲୋକ ଦେଖିବାକୁ ମିଳିଥିଲେ। ପ୍ରଚାର, ପ୍ରସାର ଅଭାବରୁ ଜନସମାଗମ ହୋଇ ନ ଥିବା ଜଣାପଡ଼ିଛି। ପ୍ରଥମ ଦିବସରେ ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିଲା କଳା ସଂସ୍କୃତି ସଂଘ ପକ୍ଷରୁ ୧୩୦ ଜଣ କଳାକାରଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ହୋଇଥିଲା। ନଗର ସଂକୀର୍ତ୍ତନ ସହ ଘୋଡ଼ାନାଚ କରାଯାଇଥିଲା। ପ୍ରଫେସର ସଞ୍ଜୟ ଶତପଥୀଙ୍କ ତତ୍ତ୍ୱାବଧାନରେ ଶ୍ରୀଗୁରୁ ଭାଗବତ ଗାନ କାର୍ଯ୍ୟକ୍ରମ ସ୍ଥଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏଥିରେ ୨୫ ଜଣ କଳାକାର ପାରମ୍ପରିକ ମୃଦଙ୍ଗ ବାଦ୍ୟ ବଜାଇଥିଲେ। ଭୁବନେଶ୍ୱରସ୍ଥ ଡିଏଭି ପବ୍ଲିକ ସ୍କୁଲର ଶିଶୁ କଣ୍ଠଶିଳ୍ପୀ ତନୁଶ୍ରୀ ଜେନା ବହୁ ଲୋକପ୍ରିୟ ହିନ୍ଦୀ ଗୀତ ଗାଇଥିଲେ। ପତଞ୍ଜଳି ପକ୍ଷରୁ ଦର୍ଶକଙ୍କୁ ଫିଟନେସ୍‌ର ମନ୍ତ୍ର ଦିଆଯାଇଥିଲା। ବ୍ୟାୟାମ ମାଧ୍ୟମରେ ବିଭିନ୍ନ ରୋଗରୁ ମଣିଷ କିଭଳି ମୁକ୍ତ ରହିପାରିବ ସେ ନେଇ ବାର୍ତ୍ତା ଦିଆଯାଇଥିଲା। ଏହାଛଡ଼ା ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନର ସମ୍ପାଦକ ପାର୍ଥ ସାରଥି ଜେନାଙ୍କ ତତ୍ତ୍ୱାବଧାନରେ ୧୬ଜଣ ପ୍ରଶିକ୍ଷାର୍ଥୀ ସ୍କେଟିଂ ପ୍ରଦର୍ଶନ କରିଥିଲେ। ଏହି ଉତ୍ସବ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।

### ପଡ଼ିଆ ସଫାକଲେ ଜିଲାପାଳ



ବାଲିଯାତ୍ରାର ପ୍ରଥମ ଦିବସରେ ପଡ଼ିଥିବା ଆବର୍ଜନାକୁ ବୁଧବାର ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ସଫେଇ କରାଯାଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ତଳ ବାଲିଯାତ୍ରା ପଡ଼ିଆ ସଫେଇ ବେଳେ ଜିଲାପାଳ ଚୟନୀ ଉପସ୍ଥିତ ରହି ଅଳିଆ, ଆବର୍ଜନା ଉଠାଉଥିବା ଦେଖିବାକୁ ମିଳିଥିଲା। ସ୍ୱଚ୍ଛ ବାଲିଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଇଛି। ଏଥିରେ ସମସ୍ତ ବର୍ଗର ଲୋକ ସହଯୋଗ କରିବାକୁ ଜିଲାପାଳ ଏହି ଅବସରରେ କହିଛନ୍ତି। ମାନସିଂ ପାଟଣା ହାଇସ୍କୁଲ, ଇମର୍ତ୍ତୀ ଦେବୀ ମହାବିଦ୍ୟାଳୟ, ତୁଳସୀପୁରସ୍ଥିତ ବିଡ଼ାନାସୀ ସ୍କୁଲ, ଖ୍ରୀଷ୍ଟ କଲେଜର ବହୁ ଛାତ୍ରୀଛାତ୍ର ଓ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

■୨ ଆଇଏଏସ୍ ଅଧିକାରୀଙ୍କ ସମୀକ୍ଷା

## ଏସ୍‌ସିବିରେ ଖୋଲିବ ୧୮ ହେଲ୍ପ ଡେସ୍କ, ୧୨ ୱେଟିଂ ହଲ୍

**କଟକ ଅଫିସ, ୧୩।୧୧:** ଏସ୍‌ସିବି ମେଡିକାଲର ବିଭିନ୍ନ ସ୍ଥାନରେ ୧୮ଟି ହେଲ୍ପ ଡେସ୍କ ଓ ୧୨ଟି ୱେଟିଂ ହଲ୍ ଖୋଲାଯିବ। ମୁଖ୍ୟତଃ ରୋଗୀମାନେ ରେଜିଷ୍ଟ୍ରେଶନ କରିବା ପାଇଁ ଲମ୍ବା ଲାଇନରେ ଛିଡ଼ା ହେଉଛନ୍ତି। ନିରାମୟ କେନ୍ଦ୍ର ସହିତ ନିଦାନ କେନ୍ଦ୍ରରେ ମଧ୍ୟ ସମାନ ଅବସ୍ଥା ଉପୁଜୁଛି। ତେଣୁ ଏହାର ସମାଧାନ ପାଇଁ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯିବ। ବୁଧବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ରାଜ୍ୟ ମେଡିକାଲ ନିଗମ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଜାମିନ ଷଡଙ୍ଗୀଙ୍କ ସମେତ ଡିଏମ୍‌ଇଟି ସି.ବି.କେ. ମହାନ୍ତି ଏବଂ ଯୁଗ୍ମ ଡିଏମ୍‌ଇଟି ଉମାକାନ୍ତ ଶତପଥୀ ପ୍ରମୁଖ ଏସ୍‌ସିବି ମେଡିକାଲକୁ ଆସି ସ୍ଥାନ ପରିଦର୍ଶନ କରି ଯିବା ପରେ ଏହି ନିଷ୍ପତ୍ତି ହୋଇଛି। ଉକ୍ତ ଟିମ୍ ପୁନର୍ବାର ଗୁରୁବାର ମେଡିକାଲ ପରିଦର୍ଶନରେ ଆସିବ। ଏ ନେଇ ଏସ୍‌ସିବି ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଉପରୋକ୍ତ କାର୍ଯ୍ୟର ତଦାରଖ ପାଇଁ ମେଡିକାଲ ପକ୍ଷରୁ ୩ଟି କମିଟି ଗଠନ କରାଯାଇଛି। ଗୋଟିଏ କମିଟିରେ ମେଡିକାଲ ଅଧୀକ୍ଷକ ପ୍ରଫେସର ସରୋଜ କାନ୍ତ ସାହୁ ଓ ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି ସଦସ୍ୟ ଥିବାବେଳେ ଦ୍ୱିତୀୟ କମିଟିରେ ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା ଓ ହାଉସକିପର ବିପିନ ବିହାରୀ ସାହୁ ସଦସ୍ୟ ଅଛନ୍ତି। ସେହିପରି ତୃତୀୟ କମିଟିରେ ମେଡିକାଲ ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା ଓ ହସ୍ପିଟାଲ ମ୍ୟାନେଜର ବିରଞ୍ଚି ନାରାୟଣ ସାହୁ ସଦସ୍ୟ ରହିଛନ୍ତି। ଏହି ୩ଟି କମିଟି ମେଡିକାଲର ବିଭିନ୍ନ ସ୍ଥାନରେ ଉପୁଜୁଥିବା ସମସ୍ୟା ଓ ରୋଗୀଙ୍କୁ ସହଜ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ବ୍ୟବସ୍ଥା କରିବେ।

## ପୋଲିସ ବର୍ବରତା ବିରୋଧରେ ବିକ୍ଷୋଭ

**କଟକ ଅଫିସ, ୧୩।୧୧**

ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର ବର୍ବରତା ବିରୋଧରେ ବୁଧବାର ଏଆଇଡିଏସ୍‌ଓ ପକ୍ଷରୁ କଲେଜଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆକାଶଛୁଆଁ ଫିସ୍ ବୃଦ୍ଧିକୁ ବିରୋଧ କରି ଗତ ୧୧ତାରିଖରେ ଜେଏନ୍‌ୟୁର ଛାତ୍ରୀଛାତ୍ରମାନେ ଏଆଇସିଟିଇ ଅଫିସ୍ ସମ୍ମୁଖରେ ଆନ୍ଦୋଳନ କରୁଥିବାବେଳେ ଦିଲ୍ଲୀ ପୋଲିସ୍ ସେମାନଙ୍କ ଉପରେ ଲାଠିଚାର୍ଜ କରିବା ସହ ପାଣି ମାଡ଼ କରିଥିଲା। ସମସ୍ତ ବର୍ଦ୍ଧିତ ଫିସ୍ ପ୍ରତ୍ୟାହାର ଓ ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏଆଇଡିଏସ୍‌ଓ କଟକ ଜିଲା କମିଟି ଦାବି କରିଛି। ସଭାପତି ଭାଗ୍ୟରବିଦାସ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, କୋଷାଧ୍ୟକ୍ଷ ଈଷା ଧର, ସମ୍ପାଦକମଣ୍ଡଳୀ ସଦସ୍ୟ ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଛାତ୍ରନେତା ସରୋଜ ମାନସିଂହ, ସିଦ୍ଧେଶ୍ୱର ଜେଠୀ, ରଞ୍ଜନ ସାମଲ ପ୍ରମୁଖଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

**ଫୁଲନଖରା,୧୩।୧୧(ଡି.ଏନ୍.ଏ)**

ଫୁଲନଖରା ଛକଠାରେ ବୁଧବାର କଟକ ମହାନଗର ନିଗମ(ସିଏମସି)ର ୫୯ନଂ. ୱାର୍ଡର ବିଜୁ ଯୁବ ବାହିନୀ ପକ୍ଷରୁ ଟ୍ରାଫିକ ସଚେତନତା ଶିବିର ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର ଉଦ୍‌ଘାଟନ କରିଥିଲେ। କଟକ ସଦର ଥାନାର ଅତିରିକ୍ତ ଆଇଆଇସି ବବିତା ସାହୁ, କାହ୍ନୁ ଚରଣ ମଲ୍ଲିକ, ପ୍ରଦୀପ ମହାପାତ୍ର, ୫୯ନଂ. ୱାର୍ଡ ସଭାପତି ନୃସିଂହ ଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟ୍ରାଫିକ ନିୟମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଜୁ ଯୁବ ବାହିନୀର ସଂଯୋଜକ ବସନ୍ତ ସାହୁ, ପୀୟୂଷ ରଞ୍ଜନ ମହାପାତ୍ର, ଦୀପକ ସାହୁ ପ୍ରମୁଖ ବାଇକ ଚାଳକଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ୱାର୍ଡର ବିଜୁ ଯୁବ ବାହିନୀ ସଦସ୍ୟମାନେ ଯୋଗଦେଇ ଟ୍ରାଫିକ ନିୟମ ସମ୍ପର୍କିତ ଲିଫଲେଟ୍ ବାଣ୍ଟିଥିଲେ।

## ବାଲିଯାତ୍ରାର ଦ୍ୱିତୀୟ ଦିନ

କଟକ ଅଫିସ, ୧୩।୧୧: ଦ୍ୱିତୀୟ ଦିନରେ ବାଲିଯାତ୍ରାରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଲୋକେ ସକାଳେ ପଥ ଉତ୍ସବ ଦେଖିଥିବାବେଳେ ସନ୍ଧ୍ୟାରେ ବାଲିଯାତ୍ରାରେ ବିଭିନ୍ନ ଷ୍ଟଲ୍ ବୁଲି ମଜା ନେଇଛନ୍ତି।

### ଉତ୍ତର ପ୍ରଦେଶର କାଚ ସାମଗ୍ରୀ

ଉତ୍ତର ପ୍ରଦେଶର ଚଞ୍ଚଲ ହ୍ୟାଣ୍ଡିକ୍ରାଫ୍ଟ ପକ୍ଷରୁ କାଚ ତିଆରି ସାମଗ୍ରୀକୁ ନେଇ ଏକ ଷ୍ଟଲ ଖୋଲିଛି। ଏଠାରେ ଛୋଟ ଛୋଟ କାଚରେ ନିର୍ମିତ ଦେବଦେବୀଙ୍କ ମୂର୍ତ୍ତି, ନାନା ପ୍ରକାର ଫୁଲଦାନୀ, ବାସ୍ତୁଶାସ୍ତ୍ର ଅନୁଯାୟୀ ବିଭିନ୍ନ ସାମଗ୍ରୀ, ଶିବଲିଙ୍ଗ, ପାଣିମଗ, ପଶୁପକ୍ଷୀଙ୍କ ପ୍ରତିକୃତି, ଗ୍ଲାସ ଆଦି ବିକ୍ରି ହେଉଛି। ଏସବୁର ମୂଲ୍ୟ ୫ରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

### ଜମ୍ମୁ-କଶ୍ମୀର ବସ୍ତ୍ର କିଣିବାକୁ ଗହଳି



ଓରମାସ୍ ପକ୍ଷରୁ ଦେଶର ବିଭିନ୍ନ ଜାଗାରୁ ବ୍ୟବସାୟୀଙ୍କୁ ଅଣାଯାଇଛି। ତନ୍ମଧ୍ୟରେ ରହିଛି ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ଷ୍ଟଲ୍। ଏଥିରେ ଜମ୍ମୁ କଶ୍ମୀରର ଡ୍ରେସ, ଶାଢ଼ି, ଶୀତବସ୍ତ୍ର, ଚଦର, ବେଡ୍‌ସିଟ୍ ଆଦି ବିକ୍ରି କରାଯାଉଛି। ଚଳିତଥର ପ୍ରଥମକରି ବାଲିଯାତ୍ରାକୁ ଆସିଥିବା ଜମ୍ମୁ-କଶ୍ମୀରର ବ୍ୟବସାୟୀ ରୋଶନ ଆବାସ ମଲ୍ଲିକ କହିଛନ୍ତି, ଆମେ ବାଲିଯାତ୍ରାକୁ ପ୍ରାୟ ୧୦ବର୍ଷ ହେବ ଆସୁଛୁ। ପ୍ରତିବର୍ଷ ଭଲ ବ୍ୟବସାୟ ହେଉଛି। ଆମ ଷ୍ଟଲ୍‌ରେ ୫୦୦ରୁ ୫ହଜାର ଟଙ୍କା ମୂଲ୍ୟର ଜିନିଷ ରହିଛି।

### ଦିବ୍ୟାଙ୍ଗ ଓ କିନ୍ନର ବିକୁଛନ୍ତି ନିଜ ଉତ୍ପାଦ




ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଦିବ୍ୟାଙ୍ଗ ଓ କିନ୍ନରଙ୍କ ପାଇଁ ଖୋଲାଯାଇଥିବା ଷ୍ଟଲକୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦଲ ଅଖତର ଏବଂ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ସ୍ୱତନ୍ତ୍ର ପାଭିଲିଆନରେ ରାଜ୍ୟ ଓ ରାଜ୍ୟ ବାହାରର ଦିବ୍ୟାଙ୍ଗମାନେ ୪୦ଟି ଦିବ୍ୟାଙ୍ଗ ଷ୍ଟଲ ଏବଂ ୧୦ଟି କିନ୍ନର ଷ୍ଟଲରେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି।

### ରୁଚି ମଣ୍ଡପରେ ଆକର୍ଷଣ ଦେଶୀ ବିଦେଶୀ ଖାଦ୍ୟ

ରୁଚି ମସଲା ପକ୍ଷରୁ ଚଳିତବର୍ଷ ୫ଟି ବିଶାଳ ମଣ୍ଡପ ଉଦ୍‌ଘାଟିତ ହୋଇଛି। ଉଭୟ ତଳ ଓ ଉପର ପଡ଼ିଆରେ ଖୋଲିଥିବା ମଣ୍ଡପଗୁଡ଼ିକୁ 'ରୁଚି'ର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ଅରବିନ୍ଦ ସାହୁ ଓ ରଶ୍ମି ସାହୁ ଉଦ୍‌ଘାଟନ କରିଥିଲେ। ସେହିପରି ତଳପଡ଼ିଆ ଖାଦ୍ୟ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ 'ରୁଚି'ର ପ୍ରତିଷ୍ଠାତା ଶରତ କୁମାର ସାହୁ। ନିର୍ଦ୍ଦେଶିକା ଲିନା ସାହୁ, ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ବିକ୍ରୟ ଏଜିଏମ୍ ଦିଲ୍ଲୀପ ସାହୁ, ମୁଖ୍ୟ ପ୍ରବନ୍ଧକ ବିଜୟ ସ୍ୱାଇଁ, ପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର, ଆଲୋକ ଦାସ, ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ, ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଦେଶ ବିଦେଶର ବିଭିନ୍ନ ଭେଜ୍, ନନ୍‌ଭେଜ ଜାତୀୟ ଖାଦ୍ୟ ଏବଂ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପୋଡ଼ପିଠା, ଚକୁଳିପିଠା ସହ କଷାମାଂସ, ଦହିପଖାଳ-ଚିଙ୍ଗୁଡ଼ି ଛେଚା, ମାଲପୁଆ, ଡାଲ୍‌ମା ଆଦି ପ୍ୟାକେଜିଂଯୁକ୍ତ ଖାଦ୍ୟ ଓ ସ୍ୱାସ୍ଥ୍ୟକର ପାନୀୟ ମିଳୁଛି। ମସଲା ଓ ପାସ୍ତା ଷ୍ଟଲରେ ମଧ୍ୟ ଆକର୍ଷଣୀୟ ଅଫର୍ ରହିଛି।

## ରାଜ୍ୟ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି

### ଆଜିଠୁ ଧାରଣା ଦେବେ ମେଡିକାଲ ଛାତ୍ରୀଛାତ୍ର

**କଟକ ଅଫିସ, ୧୩।୧୧**

ରାଜ୍ୟରେ ସମ୍ପ୍ରତି ୭ଟି ସରକାରୀ କଲେଜ ଅଛି। ଆଗକୁ ଏହି ସଂଖ୍ୟା ୧୩ ହେବାକୁ ଯାଉଛି। ଏହାବାଦ୍ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜ ସମେତ ଅନେକ ନର୍ସିଂ କଲେଜ ମଧ୍ୟ ରହିଛି। ଏସବୁର ସୁପରିଚାଳନା ନିମନ୍ତେ ରାଜ୍ୟରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ନିତାନ୍ତ ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ନ ଥିବାରୁ ଡାକ୍ତରୀ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରୀକ୍ଷା ସୁପରିଚାଳନାଠାରୁ ଆରମ୍ଭ କରି ପ୍ରଶ୍ନପତ୍ର ଢାଞ୍ଚା ଓ ପରୀକ୍ଷାଫଳ ପ୍ରକାଶନ ସହିତ ପ୍ରମାଣପତ୍ର ପାଇବାରେ ବିଳମ୍ବ ଘଟୁଛି। ନିୟମ ଅନୁଯାୟୀ ପରୀକ୍ଷାର ୪୫ଦିନ ମଧ୍ୟରେ ଫଳ ପ୍ରକାଶ ସହିତ ପରୀକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ମିଳିବା କଥା। ମାତ୍ର ଏଥିପାଇଁ ୪ମାସରୁ ଅଧିକ ସମୟ ଲାଗିଯାଉଛି। ସେଥିରେ ପୁଣି ମୁଦ୍ରଣଜନିତ ତ୍ରୁଟି ଯୋଗୁ କେତେକ ଛାତ୍ରୀଛାତ୍ର ପରୀକ୍ଷାରେ ଅସଫଳ ହେଉଥିବା ନଜରକୁ ଆସୁଛି। ପରେ ତ୍ରୁଟି ସୁଧୁରାଯାଉଛି। ରାଜ୍ୟରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବହୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ଫଳରେ ଏହାକୁ ନେଇ ଛାତ୍ର ଅଶାନ୍ତି ଦେଖାଦେଇଛି। ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ ଉପରୋକ୍ତ ପ୍ରସଙ୍ଗକୁ ନେଇ ବୁଧବାର ସାଧାରଣ ପରିଷଦ ବୈଠକ ବସିଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଗୁରୁବାର ପୂର୍ବାହ୍ନ ୧୦ଟାରୁ ମେଡିକାଲ କଲେଜ ପ୍ରିନ୍ସପାଲଙ୍କ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ଛାତ୍ର ସଂସଦ ସଭାପତି ଦୀପକ କୁମାର ସାମଲ କହିଛନ୍ତି।

## ଜରିମାନା ଗଣିଲେ ୧୭ ଗାଡ଼ି ଚାଳକ

**କଟକ ଅଫିସ,୧୩।୧୧**

### ବେଆଇନ ପାର୍କିଂ

ବାଲିଯାତ୍ରାର ଦ୍ୱିତୀୟ ଦିନରେ ବୁଧବାର ଟ୍ରାଫିକ ପୋଲିସ ବେଆଇନ ପାର୍କିଂ ବାବଦରେ ୮୫୦୦ଟଙ୍କା ଜରିମାନା ଆଦାୟ କରିଛି। ଏନେଇ ୧୭ଜଣ ଗାଡ଼ି ଚାଳକଙ୍କୁ ଜରିମାନା କରାଯାଇଛି। ସେଥିମଧ୍ୟରେ ୧୧ଟି କାର ଓ ୬ଟି ବାଇକ ରହିଛି। ସମ୍ପୃକ୍ତ ଗାଡ଼ି ଚାଳକମାନେ ପାର୍କିଂ ପାଇଁ ଉଦ୍ଦିଷ୍ଟ ଷ୍ଟାଣ୍ଡ ପରିବର୍ତ୍ତେ ରାସ୍ତା ପାର୍ଶ୍ୱରେ ଗାଡ଼ି ରଖିଥିଲେ। ଏଥିଯୋଗୁ ଲୋକଙ୍କ ଯିବା ଆସିବାରେ ଅସୁବିଧା ସୃଷ୍ଟି ହୋଇଥିଲା। ଟ୍ରାଫିକ ପୋଲିସ ପହଞ୍ଚି ଗାଡ଼ିଗୁଡ଼ିକୁ ଉଠାଇ ନେଇଥିଲା। ଜରିମାନା ଆଦାୟ ପରେ ସେଗୁଡ଼ିକୁ ଛାଡ଼ିଥିଲା।

# ନାଚ, ଗୀତରେ ଝୁମିଲେ ଦର୍ଶକ



ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**କଟକ ଅଫିସ, ୧୩।୧୧:**

ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ ବୈଷ୍ଣବ ପାଣି ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅକ୍ଷୟ ମହାନ୍ତିଙ୍କ ସନ୍ଧ୍ୟାରେ ଚିରସବୁଜ ଗୀତରେ ଦର୍ଶକ ଝୁମିଥିଲେ। ଯାରେ ଭାସି ଭାସି ଯା ନଉକା ମୋର ଭାସି ଯା, ଏଇ ଯେ ବନଲତା ପାହାଡ଼, ଚନ୍ଦ୍ରମଲି ଭଳି ବହୁ ଗୀତ ମଞ୍ଚରେ ପରିବେଷଣ କରାଯାଇଥିଲା। ସୃଜନ ଅନୁଷ୍ଠାନ ପକ୍ଷରୁ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ୭ଜଣ ନୃତ୍ୟଶିଳ୍ପୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମେ ଗିରିବାଣୀ, ମଧୁରିମା, ଦେବୀ ଦୁର୍ଗାଙ୍କ ବନ୍ଦନା ଏବଂ ଭକ୍ତି ଓ ଭଗବାନଙ୍କୁ ନେଇ ନୃତ୍ୟ ପରିବେଷଣ ହୋଇଥିଲା। ଓଡ଼ିଶା ନୃତ୍ୟ ମଣ୍ଡଳ ଦ୍ୱାରା ଜୟ ରାଶେଶ୍ୱରୀ ରାଧେ ସଂଗୀତ ନୃତ୍ୟ ଓ ଚୌଦ୍ୱାରର ସଂଗୀତ କଳା ସଂସଦ ପକ୍ଷରୁ ଚଇତି ଘୋଡା ନାଚ ପରିବେଷଣ ହୋଇଥିଲା। ଆମ ଓଡ଼ିଶା ନବରସ କମିଟି ଓ ଜିଲା କଳା ସାଂସ୍କୃତିକ ସଂଘ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ସୌଦାମିନୀ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ମହାନଦୀ ମଞ୍ଚରେ ମା' ଶାରଳା ଗୀତିନାଟ୍ୟ ଘାଟ ନୃତ୍ୟ ଓ କାଳିକା ତାଣ୍ଡବ ପରିବେଷଣ ହୋଇଥିଲା। କଟକର ସାଇ ଶମ୍ଭୁ ଭଜନ ପକ୍ଷରୁ ଦିବ୍ୟାଙ୍ଗମାନେ ଭଜନ ଗାଇଥିଲେ। ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉତ୍କଳ ସଂଗୀତ ସମାଜ ପକ୍ଷରୁ ଓଡ଼ିଶୀ ଓ ଲୋକନୃତ୍ୟ, ନୃତ୍ୟ ମୟୂରୀ ପକ୍ଷରୁ ଓଡ଼ିଶୀ ନୃତ୍ୟ, କଟକର ପାୟଲ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ହୋଇଥିଲା। ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ଉପଜିଲାପାଳ ଅନିତା ପାତ୍ର, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଜିଲା ସଂସ୍କୃତି ପରିଷଦର ସଦସ୍ୟା ସବିତା ତ୍ରିପାଠୀ ଯୋଗଦେଇଥିଲେ।

### ବୈଷ୍ଣବ ପାଣି ମଞ୍ଚ ଯୁବ ପିଢିଙ୍କୁ ସୁଯୋଗ ଦେଇଥାଏ



ପିଲାଦିନୁ ପୋଲିସ ଅଫିସର ହେବା ପାଇଁ ଇଚ୍ଛା ଥିଲା। ବାପା କେଳୁଚରଣ ମହାପାତ୍ରଙ୍କ ସଂସ୍ପର୍ଶରେ ଆସିଲା ପରେ ନିଷ୍ପତ୍ତି ବଦଳି ଯାଇଥିଲା। ପରିବାରରେ ସଙ୍ଗୀତର ଆଦର ଥିବାରୁ ସେଥିରେ ହଜିଯାଇଥିଲି। ନିଜ ଘର କଟକ ହୋଇଥିବାରୁ ବାଲିଯାତ୍ରା ସହିତ ପିଲାଦିନରୁ ଅନେକ ସ୍ମୃତି ରହିଛି। ୭ରୁ ୮ଥର ବୈଷ୍ଣବ ପାଣି ମଞ୍ଚରେ ନୃତ୍ୟ ପରିବେଷଣ କରିଛି। ଅନ୍ୟ ମଞ୍ଚ ଅପେକ୍ଷା ଏ ମଞ୍ଚରେ ନିଆରା ଅନୁଭୂତି ଥାଏ। ଏହି ମଞ୍ଚ ଯୁବ ପିଢିମାନଙ୍କ ପାଇଁ ଆଗକୁ ଯିବାର ବାଟ ଫିଟିଥାଏ।

**- ରତିକାନ୍ତ ମହାପାତ୍ର, ଓଡ଼ିଶୀ ନୃତ୍ୟଗୁରୁ**

### ଲୋକନୃତ୍ୟ ସମାଜକୁ ବାର୍ତ୍ତା ଦେଇଥାଏ



୩୫ବର୍ଷ ଧରି ବାଲିଯାତ୍ରା ସହିତ ଜଡ଼ିତ ରହିଛି। ପ୍ରତିବର୍ଷ କାର୍ଯ୍ୟକ୍ରମରେ ଭାଗ ନେଇଥାଏ। ଆମ ଅନୁଷ୍ଠାନ ପକ୍ଷରୁ ଲୋକନୃତ୍ୟ ପରିବେଷଣ କରୁ। ଲୋକଙ୍କୁ ଖୁସି କରିବା କଳାକାରର ଧର୍ମ। ସମାଜକୁ ବାର୍ତ୍ତା ଦେବା ଓ ଅନ୍ଧବିଶ୍ୱାସ, କୁସଂସ୍କାରକୁ ଦୂର କରିବା ଏହି ଲୋକନୃତ୍ୟର ମୂଳ ଉଦ୍ଦେଶ୍ୟ।

**- ଡ. ଉଚ୍ଛବ ଚରଣ ଦାସ, ଲୋକନୃତ୍ୟ ଗୁରୁ**

### ପିଲାଦିନରୁ ବାଲିଯାତ୍ରା ସହ ଜଡ଼ିତ



ବାଲିଯାତ୍ରାରେ ନବକଳିକା ତରଫରୁ ସ୍ୱାଗତ ସଂଗୀତ ପରିବେଷଣ କରିଥିଲୁ। ଯାହା ଦର୍ଶକଙ୍କୁ ବେଶ୍ ଆକର୍ଷଣ କରିଥିଲା। ଖାଣ୍ଟି କଟକିଆ ହୋଇଥିବାରୁ ପିଲାଦିନର ଅନେକ ସ୍ମୃତି ବାଲିଯାତ୍ରା ଓ ବାଲିଯାତ୍ରା ପଡ଼ିଆ ସହିତ ରହିଛି।

**- ଗୁରୁ ନୃସିଂହ ଚରଣ ସାହୁ**



ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ, ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇ ଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ ନୁହେଁ।
-ଶିରିଡ଼ି ସାଇବାବା

## ସଂକ୍ଷେପରେ

### ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଅଟକ

**ଖୋର୍ଦ୍ଧା ଅଫିସ,୧୩।୧୧:** ନାବାଳିକା ଅପହରଣ ଅଭିଯୋଗକ୍ରମେ ବାଣପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ବାଣପୁର ଥାନା ଅଞ୍ଚଳର ଜନୈକା ନାବାଳିକା ବୁଧବାର ସକାଳେ ଟିଉସନ ପାଇଁ ବାଣପୁର ବଜାରକୁ ଆସିଥିଲେ। ମାତ୍ର ଅପରାହ୍ନ ଯାଏ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବାରେ ପଞ୍ଚାୟତରେ ଥିବା ହନୁମାନ ମନ୍ଦିର ନିକଟରୁ କେତେଜଣ ଯୁବକ ଏକ କାରରେ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଝିଅର ସାଙ୍ଗଠାରୁ ଜାଣିବାକୁ ପାଇଥିଲେ। ଏ ନେଇ ସନ୍ଧ୍ୟାରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିବାରେ ପୋଲିସ ମକଦ୍ଦମା ରୁଜୁ କରି ନାବାଳିକାଙ୍କ ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

### ଛାଡଖାଇରେ ମାଛ, ମାଂସ ବ୍ୟବସାୟ ଜମିଲା

**ଖୋର୍ଦ୍ଧା ଅଫିସ,୧୩।୧୧:** ଛାଡଖାଇର ଭୋର ସମୟରୁ ଦିନତମାମ ମାଛ, ମାଂସ ଦୋକାନରେ ଭିଡ ଜମିଥିଲା। ଛେଳି ମାଂସ କିଲୋ ପ୍ରତି ୫ଶହ ଟଙ୍କାରୁ ୫୮୦ ଟଙ୍କା, କୁକୁଡା ମାଂସ ୧୪୦ ଟଙ୍କାରୁ ୧୭୦ ଟଙ୍କା, ରୋହି ମାଛ ୧୫୦ଟଙ୍କାରୁ ୨ଶହ ଟଙ୍କା , ଭାକୁର ମାଛ ୨ଶହ ଟଙ୍କାରୁ ୨୫୦ଟଙ୍କା , ଚିଙ୍ଗୁଡି ୪୫୦ରୁ ୫ ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ମାଛ, ମାଂସ ଦର ବୃଦ୍ଧି ହୋଇଥିଲେ ମଧ ଗ୍ରାହକଙ୍କ ଉପରେ ତାହାର ପ୍ରଭାବ ପଡି ନ ଥିଲା। ଗ୍ରାହକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ମାଛ, ମାଂସ କିଣୁଥିବା ଦେଖିବାକୁ ମିଳିଥିଲା।

### ଭାଗବତ ସପ୍ତାହ ଉଦ୍‌ଯାପିତ

**ଖୋର୍ଦ୍ଧା ଅଫିସ,୧୩।୧୧:** ଖୋର୍ଦ୍ଧା ବ୍ଲକ ପଲ୍ଲାତୋଟାପଡା ପଞ୍ଚାୟତର ଜରିପୁଟ ଗ୍ରାମ ଜାମୁସାହିରେ ୭ ଦିନ ବ୍ୟାପୀ ଚାଲିଥିବା ଭାଗବତ ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଥିବା ଭାଗବତ ପୀଠରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଜାଗୁଲାଈପାଟଣା ମଠ ମହନ୍ତ କମଳଲୋଚନ ଦାସମହାରାଜ, ମୁଖ୍ୟପୁରୋଧା ପଣ୍ଡିତ ସଚ୍ଚିଦାନନ୍ଦ ଖାଡେଙ୍ଗା ଓ ଆଚାର୍ଯ୍ୟ ଅବକାଶ କର ହୋମଯଜ୍ଞ କାର୍ଯ୍ୟ କରିଥିଲେ। ଅନ୍ୟପକ୍ଷେ ପ୍ରତ୍ୟହ ଭାଗବତ ପାଠ ଓ ପାରାୟଣ ହେବା ସହ ପଣ୍ଡିତ କୃଷ୍ଣଚନ୍ଦ୍ର ଦାଶ, ହରିପୁରର ମହନ୍ତ ସଦାନନ୍ଦ ଦାସଜୀ ମହାରାଜ, ବାଲିବେରଣୀର ସିଦ୍ଧେଶ୍ୱର ଦାସମହାରାଜ ପ୍ରମୁଖ ଯୋଗଦେଇ ଭାଗବତ ମହିମା ଉପରେ ପ୍ରବଚନ ରଖିଥିଲେ।

### କବି ଡ.ମାୟାଧର ମାନସିଂହଙ୍କ ଜୟନ୍ତୀ



**କୃଷ୍ଣପ୍ରସାଦ ୧୩।୧୧(ଡି.ଏନ.ଏ.)-** କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ଗାଁରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ମାନସିଂହ ପାଠାଗାର ମିଳିତ ଉଦ୍ୟମରେ ଡ. ମାୟାଧର ମାନସିଂହଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମାନସିଂହଙ୍କ ସମାଧି ପୀଠ ଏବଂ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସଭା ଆୟୋଜିତ ହୋଇଥିଲା । ଅବସରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶ୍ରୀବତ୍ସ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ରାଜଧାନୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ଦେବାଶିଷ ପାତ୍ର, ମୁଖ୍ୟ ଅତିଥି ଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ.ପ୍ରେମାନନ୍ଦ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟଭୂଷଣ ଗାଳ୍ପିକ ଡ.ଅଭିମନ୍ୟୁ ଜେନା, ଜିଲା ପରିଷଦ ସଭ୍ୟା ପ୍ରଭାତି ପ୍ରଧାନ , ମାନସିଂହଙ୍କ ପୁତୁରା କିଶୋର ଚନ୍ଦ୍ର ବିଶୋଇ, ବନ ବିହାରୀ ପଟ୍ଟନାୟକ, ମାନସିଂହ ମେମୋରିଆଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ନାୟକ , ସହକାରୀ ଶିକ୍ଷକ କେଦାରନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ । ବିଷ୍ଣୁ ପ୍ରସାଦ ଦଳାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟିକ ଅଭିମନ୍ୟୁ ଜେନାଙ୍କୁ ମାନସିଂହ ସମ୍ମାନରେ ଭୂଷିତ କରାଯାଇଥିଲା । ଅଖିଳ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ହାତପାହାନ୍ତାରେ ସୁବିଧା ନ ଦେଇ ଆଇନ

# ଅନୁମତି ପାଇଁ ହଇରାଣ ହେବେ ଲୋକେ

**ଖୋର୍ଦ୍ଧା ଅଫିସ,୧୩।୧୧**

ଗ୍ରାମାଞ୍ଚଳରେ ଗୃହ ନିର୍ମାଣରେ ସରକାର ଲଗାଇଛନ୍ତି ଲଗାମ। ପ୍ଲାନିଂ ମଞ୍ଜୁର ନ ହେଲେ ଗୃହ ନିର୍ମାଣ କରିବାକୁ ଅନୁମତି ମିଳିବନି। ପ୍ଲାନିଂ ମଞ୍ଜୁରୀର ଅନୁମତି ପାଇବା ପରେ ଘର କରିଲା ବେଳକୁ ଗାଉଁଲି ଲୋକ ହନ୍ତସନ୍ତ ହୋଇ ସାରିଥିବେ। ହାତ ପାହାନ୍ତାରେ ସୁବିଧା ନ ଦେଇ ଆଇନ କରିବା ଠିକ୍ ହୋଇନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଘର କରିବାକୁ ଗାଉଁଲି ଲୋକଟିଏ ସଂଘର୍ଷ କରିବାକୁ ପଡିବ। ଅନ୍ୟପକ୍ଷେ ସହର ପାଖ ପଞ୍ଚାୟତ ଅଞ୍ଚଳରେ ବହୁତଳ ପ୍ରସାଦ ନିର୍ମାଣ କରୁଥିବା ବିଲ୍ଡରଙ୍କ ପାଇଁ ଏହା ଲଗାମ ଲଗାଇପାରେ। ତେବେ ଆଇନ ପରେ ଲୋକ ଭୟଭୀତ ହୋଇପଡିଛନ୍ତି।

### ଗାଉଁଲି ଲୋକଙ୍କୁ ଘର ପାଇଁ ସଂଘର୍ଷ କରିବାକୁ ପଡ଼ିବ

#### ଦୁର୍ନୀତିକୁ ଦେବ ପ୍ରୋତ୍ସାହନ



ଆଇନ ସ୍ୱାଗତ ଯୋଗ୍ୟ ହୋଇପାରେ। ହେଲେ ଗ୍ରାମାଞ୍ଚଳର ଲୋକଙ୍କର ସୁବିଧାକୁ ଆଖି ଆଗରେ ରଖି ଆଇନ ପ୍ରଣୟନ କଲା ପରି ଲାଗୁନାହିଁ। ପ୍ରଥମତଃ ଏହା ପଞ୍ଚାୟତ ସମିତି ବଦଳରେ ପଞ୍ଚାୟତଠାରୁ ଅନୁମତି କରିବାର ଥିଲା। ଏହାଦ୍ୱାରା ପଞ୍ଚାୟତ ଲାଭରେ ରହିଥାନ୍ତା। ଲୋକ ହାତ ପାହାନ୍ତାରେ ସୁବିଧା ପାଇଥାନ୍ତେ। ପଞ୍ଚାୟତକୁ ଛାଡି ଦେଲେ ଲୋକଙ୍କୁ ଅନ୍ୟ କେଉଁ କାର୍ଯ୍ୟାଳୟକୁ ଦୌଡିବାକୁ ପଡି ନ ଥାନ୍ତା। ଘର ନିର୍ମାଣ ପାଇଁ ସରକାର ଯେଉଁ ଆଇନ ଆଣିଛନ୍ତି ସେହି ତାହା କାର୍ଯ୍ୟକାରୀ ହେଲେ ଲାଞ୍ଚ କାରବାର ବଢ଼ିବ। ଲୋକ ଦୌଡି ଦୌଡି ନୟାନ୍ତ ହେଲେ ମଧ ଘର କରିବା କଷ୍ଟକର ହୋଇପଡିବ। ନୂଆ ନିୟମ ସହର ପାଖ ପଞ୍ଚାୟତର ବିଲ୍ଡରଙ୍କ ଉପରେ ଲଗାମ ଲଗାଇପାରିବ।

*-ଗୋପାଳକୃଷ୍ଣ ପ୍ରଧାନ, ଉଇଲକିଶନନଗର, ଖୋର୍ଦ୍ଧା*

#### ଲୋକଙ୍କ ଉପରେ ନିୟମ ଲଦିବା ଠିକ୍ ନୁହେଁ



ଗ୍ରାମାଞ୍ଚଳରେ ସବୁ ଲୋକଙ୍କ ନାଁରେ ସମ୍ପତ୍ତି ନାହିଁ। କେତେକ ଲୋକଙ୍କର ସମ୍ପତ୍ତି ବାପା ଜେଜେ ବାପାଙ୍କର ନାଁରେ ରହିଛି। ପୁଣି କେତେଜଣ ଲୋକ ଜମି କିଣିଛନ୍ତି କିନ୍ତୁ ରେକର୍ଡ ନ ଥାଇ ଘର ତିଆରି କରୁଛନ୍ତି। ଅଧିକାଂଶ ଲୋକଙ୍କର ପଟ୍ଟା ନାହିଁ। ପୁଣି ସ୍ୱେରେଜ, ପାଇଖାନା ଘର ସହ ସଂଲଗ୍ନ କରି ନିର୍ମାଣ କରିବା ସମ୍ଭବ ନୁହେଁ। କାରଣ ବହୁ ସ୍ୱଳ୍ପ ଜମିରେ ମଧ ୩ ମହଲା ଘର ଗଢ଼ି ଉଠୁଛି, ଯାହାକି ଅନୁମତି ପାଇବ ନାହିଁ। ପୁଣି ଜଣେ ବାପାଙ୍କର ୩ ପୁଅ। ସ୍ୱଳ୍ପ ଜମିରେ ସେମାନେ ୩ରୁ ୪ ମହଲା କରି ରହି ଯାଉଛନ୍ତି। ସେମାନେ କ'ଣ କରିବେ। ଗ୍ରାମାଞ୍ଚଳରେ ନିୟମ ଲାଗୁ ପୂର୍ବରୁ ଅନେକ ଥର ଭାବିଚିନ୍ତି ପଦକ୍ଷେପ ନେବା ଜରୁରୀ ଥିଲା।

*-ପ୍ରକାଶ ଚନ୍ଦ୍ର ବେହେରା, ପଳାସପୁର, ଜଟଣୀ*

#### ଶୀତଳଭଣ୍ଡାରରେ ରହିବ ଆଇନ



ଗ୍ରାମାଞ୍ଚଳ ଲୋକ କିପରି ଚଳୁଛନ୍ତି, ଆଇନ ଆଣିଲେ ସେମାନଙ୍କର ଉପକାର ହେବ, ନାଁ ଅପକାର ହେବ, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆଇନ ଆଣିବାର ଥିଲା। ତେବେ ତରବରିଆ ଭାବେ ଆଇନ ଲାଗୁ କରି ଦେଲେ ତାହା ଶୀତଳଭଣ୍ଡାରରେ ରହିଯିବ। କାରଣ ଲୋକ ଆଇନ ଅନୁଯାୟୀ ଆବେଦନ କରି ଅନୁମତି ଆଣିବାକୁ ସମୟ ଲାଗିବ। ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟ କାର୍ଯ୍ୟାଳୟକୁ ଦୌଡି ଫାଇଲର ସ୍ଥିତି ପରଖିଲା ବେଳକୁ ପାଖରେ ଥିବା ଟଙ୍କା ଖର୍ଚ୍ଚ ହୋଇ ସାରିଥିବ। ଅନୁମତି ପାଇ ମଧ ଘର କରି ପାରିବେ ନାହିଁ।

*-ଧ୍ରୁବ ଚରଣ ମହାପାତ୍ର, ହଜ, ବେଗୁନିଆ*

#### ଲୋକଙ୍କ ଚିନ୍ତା ବଢ଼ିବ



ଗ୍ରାମାଞ୍ଚଳର ନିରକ୍ଷର ଲୋକ ବେଶି କ୍ଷତିଗ୍ରସ୍ତ ହେବେ। ଘର ନିର୍ମାଣର ଅନୁମତି ପାଇଁ ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟ କାର୍ଯ୍ୟାଳୟକୁ ଦୌଡିବା ବ୍ୟୟ ସାପେକ୍ଷ ଓ ସମୟ ଅପଚୟ ହେବ। ବହୁ କଷ୍ଟରେ ଘର କରୁଥିବା ଲୋକ ଦଲାଲ କବଳରେ ପଡି ଶୋଷିତ ହେବେ। ଘର କରିବାକୁ ଚିନ୍ତା ବଢ଼ିବ। ସରକାର ଲାଭରେ ରହିବେ ଏକଥା ଠିକ୍। କିନ୍ତୁ ଗାଁଉଲି ଲୋକ ଲାଭ ବଦଳରେ କ୍ଷତିର ସମ୍ମୁଖୀନ ହେବା ନିଶ୍ଚିତ।

*-ରାଜେନ୍ଦ୍ର ରାମ, ସ୍ୱେଚ୍ଛାସେବୀ, ବୋଲଗଡ*

## ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କର ପି.ଏନ୍. କଲେଜ ପରିଦର୍ଶନ



ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ କଲେଜର ଅଧ୍ୟାପିକାଅଧ୍ୟାପକଙ୍କ ସହ ଆଲୋଚନା କରୁଛନ୍ତି।

**ଖୋର୍ଦ୍ଧା ଅଫିସ,୧୩।୧୧**

ଉଚ୍ଚ ଶିକ୍ଷା, କୃଷି, କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ବୁଧବାର ଖୋର୍ଦ୍ଧାସ୍ଥିତ ପି.ଏନ. କଲେଜକୁ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ମନ୍ତ୍ରୀ ବିଭିନ୍ନ ଶ୍ରେଣୀଗୃହ ବୁଲି ଦେଖିବା ସହ ଅଧ୍ୟାପକମାନଙ୍କର ଉପସ୍ଥାନ ଯାଞ୍ଚ କରିଥିଲେ। ପରେ ଅଧ୍ୟାପକମାନଙ୍କ ସହ ବୈଠକ କରି ମନ୍ତ୍ରୀ ମହାବିଦ୍ୟାଳୟର ପ୍ରୋକ୍ଟୋରିୟାଲ୍ କ୍ଲାସ, ଶିକ୍ଷାଦାନ, ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବିଷୟରେ ପଚାରି ବୁଝିଥିଲେ। ବିଦ୍ୟାର୍ଥୀମାନଙ୍କ ସହ ସେମାନଙ୍କର ପାଠପଢ଼ାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟପକ୍ଷେ କଲେଜ ପରିସରରେ ସ୍ୱଚ୍ଛତା ରଖିବା ସହ ଛାତ୍ରୀଛାତ୍ରଙ୍କୁ କ୍ଲାସ ରୁମ୍ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଅଧ୍ୟାପକମାନଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ଦିଗରେ ଗୁରୁତ୍ୱ ଦେବାକୁ କହିଥିଲେ। ଏ ଅବସରରେ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ସହ ଯୋଗାଯୋଗ ରଖିବାକୁ କହିଥିଲେ। ଖୋର୍ଦ୍ଧାର ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଉପସ୍ଥିତ ଥିଲେ। ସେହିପରି ମନ୍ତ୍ରୀ କାଳିଜାଇ ଡିଗ୍ରୀ ବାଲୁଗାଁ କଲେଜକୁ ଅଚାନକ ପରିଦର୍ଶନ କରିଛନ୍ତି।

## କଳାଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟରେ ତାଲା

**ବୋଲଗଡ଼,୧୩।୧୧(ଡି.ଏନ.ଏ.)**



ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଗ୍ରାମବାସୀ, ଛାତ୍ରୀଛାତ୍ରମାନେ।

ବୋଲଗଡ଼ ବ୍ଲକ କଳାଙ୍ଗସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ଦାବି ସହ ଶିକ୍ଷାଦାନରେ ଅବ୍ୟବସ୍ଥା ପ୍ରତିବାଦରେ ବୁଧବାର ବିଦ୍ୟାଳୟ ମୁଖ୍ୟ ଫାଟକରେ ଗ୍ରାମବାସୀ ତାଲା ପକାଇଥିଲେ। ଏଥିସହ ମୁଖ୍ୟ ଫାଟକ ସମ୍ମୁଖରେ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଧାରଣା ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ବୋଲଗଡ଼ ଭାରପ୍ରାପ୍ତ ବିଇଓ ବୈଦ୍ୟନାଥ ସାହୁ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇ ଅନ୍ୟ ଜଣେ ବରିଷ୍ଠ ଶିକ୍ଷକଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଦିଆଯିବ। ସେହିପରି ଶିକ୍ଷାଦାନରେ ଅବହେଳା କରୁଥିବା ଅନ୍ୟ ଶିକ୍ଷକମାନଙ୍କୁ କିଛିଦିନ ପରେ ଅନ୍ୟତ୍ର ବଦଳି କରାଯିବ। ବିଦ୍ୟାଳୟର ସୁପରିଚାଳନା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ପର୍ଯ୍ୟାୟକ୍ରମେ ନିଆଯିବ ବୋଲି ବିଇଓ ସାହୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହେବା ସହ ବିଦ୍ୟାଳୟର ମୁଖ୍ୟ ଫାଟକରୁ ତାଲା ଖୋଲାଯାଇଥିଲା।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା

### ପଛ ଲୋକ ପାଉଛନ୍ତି, ଆଗ ଲୋକ ବାଦ୍

**ଖୋର୍ଦ୍ଧା ଅଫିସ,୧୩।୧୧**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା କରାଯାଇ ପଛ ଲୋକଙ୍କୁ କାର୍ଯ୍ୟାଦେଶ ଦିଆଯାଉଛି। ଅଥଚ ତାଲିକାର ଆଗରେ ଥିବା ହିତାଧିକାରୀଙ୍କୁ ବାଦ୍ ଦିଆଯାଉଛି। ଏପରି ଅଭିଯୋଗ ଖୋର୍ଦ୍ଧା ବ୍ଲକର ବ୍ରଜରାଜପୁର ପଞ୍ଚାୟତରେ ହୋଇଛି। ଏ ନେଇ ଖୋର୍ଦ୍ଧା ପିଡି ଡିଆରଡିଏ, ଖୋର୍ଦ୍ଧା ବିଡିଓଙ୍କୁ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ବ୍ରଜରାଜପୁର ଗାଁର ପରମାନନ୍ଦ ବଳିଆରସିଂଙ୍କର କ୍ରମିକ ନଂ. ୫୯/୧୭ ଥିଲା। ଏବେ କିନ୍ତୁ କ୍ରମିକ ନଂ. ୬୭ରେ ରହିଛି। ଫନୀରେ ଘର ଭାଙ୍ଗିଗଲା ପରେ ପରମାନନ୍ଦ ଭଙ୍ଗା ଘରେ ଜୀବନଯାପନ କରୁଛନ୍ତି। ତେବେ ତାଙ୍କୁ ବାଦ୍ ଦେଇ ତାଙ୍କ ପରବର୍ତ୍ତୀ ଲୋକମାନଙ୍କୁ କାର୍ଯ୍ୟାଦେଶ ଦିଆଗଲାଣି। ସେ ପ୍ରତିବାଦ କରିବାରୁ କ'ଣ କରୁଛି କର କିଛି ଫଳ ମିଳିବନି ବୋଲି ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିବା ଅଭିଯୋଗରେ ଦର୍ଶାଯାଇଛି ।

## ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଯାପିତ

# ପର୍ଯ୍ୟଟନ କ୍ଷେତ୍ର ଚିଲିକାର ବିକାଶ ନିତାନ୍ତ ଆବଶ୍ୟକ




ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ବାଲୁଗାଁ, ୧୩।୧୧(ଡି.ଏନ.ଏ.)**

ନିଳାମ୍ବୁ ଚିଲିକା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସମ୍ପ୍ରତି ଚିଲିକାର ପୃଷ୍ଠଭୂମି ଅବକ୍ଷୟ ଦିଗକୁ ଗତି କରୁଥବା ବେଳେ ଏହାର ବିକାଶ ନିତାନ୍ତ ଆବଶ୍ୟକ ହୋଇପଡ଼ିଛି । ଏ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯିବ । ଚିଲିକାର ବିକାଶ ହୋଇପାରିଲେ ଏହା ଉପରେ ନିର୍ଭର କରୁଥିବା ଜନସାଧାରଣ ଉପକୃତ ହୋଇପାରିବେ। ବୁଧବାର ଚିଲିକା ବୋଇତ ବନ୍ଦାଣ ମହୋତ୍ସବର ଉଦ୍‌ଯାପନୀ ସଭାରେ ଅତିଥିମାନେ ଏହି ମତ ଦେଇଥିଲେ।

ମହୋତ୍ସବ କମିଟି ସଭାପତି ତଥା ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ସଭାପତିତ୍ୱରେ ସନ୍ଧ୍ୟାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଉପବାଚସ୍ପତି ରଜନୀକାନ୍ତ ସିଂହ ଉଦ୍‌ଘାଟକ ଓ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜ୍ୟ ପର୍ଯ୍ୟଟନ ବିଭାଗ ଅଧକ୍ଷା ଶ୍ରୀମୟୀ ମିଶ୍ର, ଓଡ଼ିଶା ହାଉସିଂ ବୋର୍ଡ଼ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ସଂଖ୍ୟାଲଘୁ ସେଲ ଅଧକ୍ଷ ମୁନା ଖାନ, ପ୍ରାଧ୍ୟାପକ ଶଶାଙ୍କ ଶେଖର ଚୁଡ଼ାମଣି, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଚିଲିକା ବିଧାୟକ ରଘୁନାଥ ସାହୁ, ରଜ କୁଇନ୍ ବିଜୟିନୀ ଲତିକା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚିଲିକାର ଐତିହ୍ୟ, ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଦିନତମାମ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଥିଲା।

## ଲୋକୋ ରନିଂ ଷ୍ଟାଫ୍ ଆସୋସିଏଶନର ସଭା

**ଜଟଣୀ,୧୩।୧୧(ଡି.ଏନ.ଏ.)**

ଅଲ୍ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ୍ ଆସୋସିଏଶନ୍ ଖୋର୍ଦ୍ଧାରୋଡ ଡିଭିଜନ ସ୍ତରୀୟ ଆଲୋଚନା ସଭା ବୁଧବାର ଏଠାରେ ଆୟୋଜିତ ହୋଇଥିଲା। ଶ୍ରମିକ ନେତା ଏ.କେ. ଚୌଧୁରୀଙ୍କ ସଭାପତିତ୍ୱରେ ଜଟଣୀସ୍ଥିତ ଧର୍ମଶାଳାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମିକ ନେତା ଜନାର୍ଦ୍ଦନ ପତିଙ୍କ ସମେତ ଆସୋସିଏଶନ୍‌ର ଖୋର୍ଦ୍ଧାରୋଡ ମଣ୍ଡଳ ସମ୍ପାଦକ ଜୟପ୍ରକାଶ ଦଣ୍ଡପାଟ, କାର୍ଯ୍ୟକାରୀ ସଭାପତି ସତ୍ୟ ନାରାୟଣ ପଟ୍ଟନାୟକ, କେନ୍ଦ୍ରୀୟ କାର୍ଯ୍ୟକାରୀ ସଦସ୍ୟ ଅଞ୍ଜନ ସାହୁ, ରାକେଶ କୁମାର ମହାନ୍ତି, ବାନାମ୍ବର ସାହୁ, ପ୍ରଦୀପ୍ତ ମହାନ୍ତି, ପ୍ରଫୁଲ୍ଲ ଦାସ ଓ ଅନ୍ୟମାନେ ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ରେଳପଥର ଘରୋଇକରଣ ବନ୍ଦ କରିବା, ଟ୍ରେନ୍ ଚାଳକ ଓ ସହଚାଳକଙ୍କ ପାଇଁ ନିର୍ଦ୍ଧାରିତ ୧୯୮୦ ନିୟମ ଅନୁଯାୟୀ ମାଇଲେଜ୍ ଭତ୍ତା ଲାଗୁ କରିବା, ଦୈନିକ ୮ ଘଣ୍ଟା କାର୍ଯ୍ୟ ନିର୍ଦ୍ଧାରଣ, ସପ୍ତାହରେ ୪୬ ଘଣ୍ଟା ବିଶ୍ରାମ ବ୍ୟବସ୍ଥା, ପୁରୁଣା ପେନ୍‌ସନ ଯୋଜନା ପ୍ରଚଳନ, ଖାଲି ପଦବୀ ପୂରଣ, ଅବସରପ୍ରାପ୍ତ ଚାଳକଙ୍କ ପେନ୍‌ସନରେ ଥିବା ଅସମାନତା ଦୂର କରିବା ଓ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏ ନେଇ ପୂର୍ବରୁ ହୋଇଥିବା ଆନ୍ଦୋଳନ ଉପରେ ସୂଚନା ଦିଆଯାଇଥିଲା। ଏହିସବୁ ସମସ୍ୟା ଦୂର କରା ନ ଗଲେ ଆଗାମୀଦିନରେ ଆନ୍ଦୋ ଳନକୁ ତୀବ୍ରତର କରାଯିବ ବୋଲି ବକ୍ତାମାନେ କହିଥିଲେ।

## କାର୍ଯ୍ୟବନ୍ଦ ଆନ୍ଦୋଳନ କଲା ଜିଲା ଠିକାଦାର ସଂଘ

**ଖୋର୍ଦ୍ଧା ଅଫିସ, ୧୩।୧୧**

ନିଖିଳ ଓଡ଼ିଶା ଠିକାଦାର ମହାସଂଘର ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲା ଠିକାଦାର ସଂଘ ୧୦ ଦଫା ଦାବି ପୂରଣକୁ ନେଇ ବୁଧବାରଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛି। ଆନ୍ଦୋଳନ ପରିପ୍ରେକ୍ଷୀରେ ଠିକାଦର ସଂଘର ଏକ ପ୍ରତିନିଧି ଦଳ ଖୋର୍ଦ୍ଧା ଜିଲା ସଦର ମହକୁମାରେ ଥିବା ପୂର୍ତ୍ତ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ବ୍ଲକ ଓ ମ୍ୟୁନିସିପାଲିଟି ଆଦି କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହ କାର୍ଯ୍ୟ ବନ୍ଦ ସମ୍ପର୍କରେ ଆଲୋଚନା କରିଛନ୍ତି। ୨୦୧୪ ସ୍ଥିରୀକୃତ ସିଡ୍ୟୁଲ ରେଟର ୨୦୧୯ ମୂଲ୍ୟ ଭିତ୍ତିରେ ପୁନଃ ଆକଳନ, ଭାରତ ସରକାରଙ୍କ ଷ୍ଟାଣ୍ଡାଡ ଡାଟା ବୁକର ତୁରନ୍ତ ପ୍ରଚଳନ, ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀର ତୁରନ୍ତ ପ୍ରଚଳନ, ଓଡିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ୧୪.୯୯ର ସମ୍ପୂର୍ଣ୍ଣ ପ୍ରତ୍ୟାହାର, ହାଇକୋର୍ଟଙ୍କ ବର୍ଦ୍ଧିତ ମୂଲ୍ୟ ସମ୍ପର୍କିତ ନିର୍ଦ୍ଦେଶ ଅନୁଯାୟୀ ପ୍ରାପ୍ୟ ପ୍ରଦାନ ଦାବି ରହିଛି। ସେହିପରି ଶ୍ରମିକ ମଜୁରିର ଉଚିତ ନିର୍ଦ୍ଧାରଣ, ଠିକାଦାରଙ୍କୁ ତତ୍‌ସମ୍ପର୍କିତ ପ୍ରାପ୍ୟ ପ୍ରଦାନ, ତେଲେଙ୍ଗାନା ସରକାରଙ୍କ ନୀତି ଅନୁଯାୟୀ ଜିଏସ୍‌ଟି ପାଇଁ ୧୦% ଅଧିକ ପ୍ରାପ୍ୟ ପ୍ରଦାନ, କୌଣସି ବାହ୍ୟ ସର୍ତ୍ତ ବ୍ୟତୀତ କେବଳ ଲାଇସେନ୍ସ କ୍ଷମତା ଅନୁଯାୟୀ କାର୍ଯ୍ୟାଦେଶ, ପୂର୍ବ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ସଞ୍ଚୟ ପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ, ବ୍ୟବସ୍ଥା ନ ଥାଇ ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଅନୁମତି ପତ୍ର ଏବଂ ରୟାଲିଟି ରସିଦ ଦାଖଲ ନିର୍ଦ୍ଦେଶର ତୁରନ୍ତ ପ୍ରତ୍ୟାହାର ଦାବି ଅନୁରୂପ ଭାବେ ପୂରଣ କରିବାକୁ ଦାବି ରଖାଯାଇଛି। ପ୍ରକାଶଥାଉ କି ୧୦ ଦଫା ଦାବି ଉପରେ ସରକାରଙ୍କୁ ଅବଗତ କରାଯିବା ପରେ ଅକ୍ଟୋବର ୩୧ ପର୍ଯ୍ୟନ୍ତ ମହାସଂଘ ପକ୍ଷରୁ ସମୟ ଦିଆଯାଇଥିଲା। ମାତ୍ର ସରକାର ଠିକାଦାରଙ୍କ ଦାବିଗୁଡ଼ିକ ପୂରଣ କରିବାକୁ ପଦକ୍ଷେପ ଗ୍ରହଣ ନ କରିବାରୁ ସଂଘ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇଛି ବୋଲି କୁହାଯାଇଛି।



କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିବା ଠିକାଦାରମାନେ।

## ବହୁ ପ୍ରତୀକ୍ଷିତ ଜଟଣୀ ଫ୍ଲାଇଓଭର

# ପ୍ରମୁଖ ପ୍ରତିବନ୍ଧକ ଦୂରହେଲା

**ଜଟଣୀ,୧୩।୧୧(ଡି.ଏନ୍.ଏ.)**



ବ୍ରିଜ୍ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଅନୁଷ୍ଠିତ ସଭାରେ ଯୋଗ ଦେଇଥିବା ଅତିଥିମାନେ।

**■ ନିମ୍ନମାନର ପାଇଲିଂ ନିର୍ମାଣ କାର୍ଯ୍ୟ ବିରୋଧୀ ଆନ୍ଦୋଳନରୁ ଓହରିଲେ**

ଅନେକ ବାଧାବିଘ୍ନ ଦେଇ ଚାଲିଥିବା ଜଟଣୀର ବହୁ ପ୍ରତୀକ୍ଷିତ ଫ୍ଲାଇଓଭର ବ୍ରିଜ୍ ନିର୍ମାଣ ଆଗରେ ରହିଥିବା ପ୍ରମୁଖ ପ୍ରତିବନ୍ଧକ ଦୂର ହୋଇଛି। ଏହି ପରିପ୍ରେକ୍ଷୀରେ 'ବ୍ରିଜ୍ କାର୍ଯ୍ୟ ତ୍ୱରାନ୍ୱିତ ନିମନ୍ତେ' ଲେଖାଥିବା ବ୍ୟାନରରେ ନିର୍ମାଣାଧୀନ ବ୍ରିଜ୍ ନିକଟରେ ବିଜେଡି ପକ୍ଷରୁ ବୁଧବାର ସଭାର ଆୟୋଜନ କରାଯାଇଥିଲା। ସାଢେ ୪ ବର୍ଷ ପୂର୍ବେ ସ୍ଥାନୀୟ କୁଦିଆରୀବଜାର ଆଡୁ ଆରମ୍ଭ ହୋଇଥିବା ବ୍ରିଜ୍‌ର ୫ଟି ପିଲର ପାଇଁ ହୋଇଥିବା ୪୫ଟି ପାଇଲିଂରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ କରି ଜଟଣୀ ବ୍ୟବସାୟୀ ମହାସଂଘର ସଭାପତି ସୁଦର୍ଶନ ସୁନ୍ଦରାୟ ଓ କେତେଜଣ ସ୍ଥାନୀୟ ଲୋକ ଅଭିଯୋଗ କରି ବିରୋଧ କରିଥିଲେ। ୫୫ ଫୁଟ ପରିବର୍ତ୍ତେ ୨୦ ଫୁଟ ଗଭୀରରୁ ପାଇଲିଂ କାର୍ଯ୍ୟ ହୋଇଥିବା ଦର୍ଶାଇ ଏହା ବିରୋଧରେ ଆନ୍ଦୋଳନ କରିଥିଲେ। ଏପିରି କି ନ୍ୟାୟାଳୟରେ ଏହା ବିରୋଧରେ ଆଶ୍ରୟ ନେଇଥିଲେ। ଫଳରେ ଏହି ୫ଟି ପିଲରର ୪୫ଟି ପାଇଲିଂ କାର୍ଯ୍ୟ ଏଯାବତ୍ ଅଧାପନ୍ତରିଆ ହୋଇ ପଡି ରହିଛି। ନ୍ୟାୟାଳୟରେ ମାମଲା ହେବା, ଦୋକାନ ଉଚ୍ଛେଦ ଆଦି ଅନେକ ସମସ୍ୟା ନେଇ କେତେବେଳେ ବ୍ରିଜ୍ କାର୍ଯ୍ୟ ବନ୍ଦ ରହିଲା ତ ଆଉ କେତେବେଳେ କଚ୍ଛପ ଗତିରେ ଚାଲିବା ଘଟଣା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଅଧାପନ୍ତରିଆ କାର୍ଯ୍ୟ ଯୋଗୁ ପୂର୍ବ ସମସ୍ୟାଠାରୁ ଏହା ଅଧିକ ବଢି ଯାଇଛି। ତେବେ ବୁଧବାର ଅନୁଷ୍ଠିତ ବ୍ରିଜ ତ୍ୱରାନ୍ୱିତ ସଭାରେ ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବିଜେଡ଼ି ଜିଲା ଉପସଭାପତି ପ୍ରଦୀପ ପଟ୍ଟନାୟକ, ଟୁନା ମିଶ୍ର, ସୌମ୍ୟା ସୋମାଲିକା ରାୟ, ନମିତା ପାଲ, ଶଶାଙ୍କ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଜଟଣୀ ଜନସାଧାରଣ ସମ୍ମୁଖୀନ ହେଉଥିବା ଅସୁବିଧା ତଥା ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ବତନ ବିଧାୟକ ବିଭୂତି ଭୂଷଣଙ୍କ ଅନୁରୋଧକ୍ରମେ ୫ଟି ପିଲର ନିର୍ମାଣକୁ ବିରୋଧ କରି ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହାର କରାଗଲା ବୋଲି ସୁଦର୍ଶନ ସଭାମଞ୍ଚରେ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ରିଜ କାର୍ଯ୍ୟ କିପରି ବର୍ଷେ ମଧ୍ୟରେ ଶେଷ ହେବ ସେଥିପାଇଁ ଉପସ୍ଥିତ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ପୂର୍ବତନ ବିଧାୟକ ବିଭୂତି ଅନୁରୋଧ କରିଥିଲେ। ଜଟଣୀବାସୀଙ୍କ ଦୀର୍ଘ ୪୦ ବର୍ଷର ଦାବି ୨୦୧୩ରେ ବ୍ରିଜ ନିର୍ମାଣର ପ୍ରକ୍ରିୟା ଆରମ୍ଭ ହୋଇ ୨୦୧୫ରୁ କାର୍ଯ୍ୟ ଆରମ୍ଭ ହୋଇଥିଲା ବୋଲି ବିଭୂତି ସୂଚନା ଦେଇଥିଲେ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଏଠାରେ ଥିବା ପ୍ରମୁଖ ସମସ୍ୟା ବ୍ରିଜ୍ ନିର୍ମାଣ ସମେତ କୋର୍ଟ ପ୍ରତିଷ୍ଠା, ମୁଣ୍ଡଲୀଠାରୁ ଜଳଯୋଗାଣ ପ୍ରକଳ୍ପ ଆଦି ହୋଇଥିବା ଅନେକ ବିକାଶମୂଳକ କାର୍ଯ୍ୟ ଉପରେ ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ଗରିବ ଅସହାୟ ଲୋକଙ୍କୁ ସହାୟତା ପ୍ରଦାନ ପାଇଁ ବିଜେଡିର ନାରୀନେତ୍ରୀ ପାଲଙ୍କ ଦ୍ୱାରା ସମାଜ ମଙ୍ଗଳ ହୁଣ୍ଡି ଏହି ମଞ୍ଚରେ ଅତିଥିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧରେ କୈଳାସ ମହାପାତ୍ର, ଅରୁଣ ମହାନ୍ତିଙ୍କ ସମେତ ଅନେକ ବିଜେଡି ନେତା ଓ କର୍ମୀ ଉପସ୍ଥିତ ରହିଥିଲେ।



ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ, ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇ ଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ ନୁହେଁ।

-ଶିରିଡ଼ି ସାଇବାବା



## ଆଜି କ'ଣ କେଉଁଠି

**ପୁରୀ**

- ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ଇନଡୋର ଷ୍ଟାଡିୟମ, ସକାଳ୭.୩୦ମି
- ଶିଶୁ ଦିବସ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘୋଡାବଜାର, ସକାଳ୮ଟା।
- ବୀଣାପାଣି ବିଦ୍ୟାମନ୍ଦିର, ବିଜ୍ଞାନମେଳା ଓ ଚିତ୍ରକଳା ପ୍ରଦର୍ଶନୀ, ପୂର୍ବାହ୍ନ୧୦ଟା।
- କନ୍ୟା ଶିବିର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଘୋଡାବଜାର, ପୂର୍ବାହ୍ନ ୧୦ଟା ୩୦।
- ମିଳିତ କୃଷକ କନ୍‌ଭେନସନ, ମଙ୍ଗଳା ମଣ୍ଡପ, ଅବକାଶ ଲେନ୍, ପୂର୍ବାହ୍ନ ୧୧ଟା।
- ସେଣ୍ଟ ଜାଭିୟରର୍ସ ହାଇସ୍କୁଲର ସାଂସ୍କୃତିକ କାର୍ଯ୍ୟକ୍ରମ, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା୫ଟା।

**ବ୍ରହ୍ମଗିରି**

- ଶ୍ରୀଜଗନ୍ନାଥ ବିଶ୍ୱ କଲ୍ୟାଣ ସମିତିର ୨୯ତମ ବାର୍ଷିକ ଉତ୍ସବ ଓ ଆଧାତ୍ମିକ ମହାଧିବେଶନ ତଥା ପ୍ରବଚନ କାର୍ଯ୍ୟକ୍ରମ, ଗଡ଼କୋକଲ, ଭଗବତୀ ମଣ୍ଡପ, ସନ୍ଧ୍ୟା ୭ଟା।

## ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ ଅଫିସ, ୧୩।୧୧:** ଶ୍ରୀମନ୍ଦିରରେ ବୁଧବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ନ ୪ଟା ୫୦ରୁ ରାତି ୭ଟା ୫୫ ପର୍ଯ୍ୟନ୍ତ ଦାରୁବିଗ୍ରହଙ୍କ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ହୋଇଥିବା ଏହି ବନକଲାଗି ନୀତି ପରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

### ନିଆଁରେ ପୋଡ଼ିହୋଇ ମହିଳାଙ୍କ ମୃତ୍ୟୁ ଘଟଣା

## ହତ୍ୟା ଅଭିଯୋଗ ଆଣିଲେ ବାପଘର

**ନିମାପଡ଼ା,୧୩।୧୧(ଡି.ଏନ୍.ଏ):** ନିମାପଡ଼ା ଥାନା ଅନ୍ତର୍ଗତ ବାମନାଳ ଦାସ ସାହିର ନବବଧୂ ରୀତା ଦାସ ମୃତ୍ୟୁ ଘଟଣା ବୁଧବାର ଭିନ୍ନମୋଡ଼ ନେଇଛି। ଖୋର୍ଦ୍ଧା ଜିଲା ଚନ୍ଦକା ଥାନା ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମର ବୈକୁଣ୍ଠ ଦାସ ତାଙ୍କ ଝିଅକୁ ଶାଶୁଘରଲୋକ ନିଆଁରେ ପୋଡି ମାରିଦେଇଥିବା ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ୪ଜଣଙ୍କ ବିରୋଧରେ ଏକ ହତ୍ୟା ମାମଲା(ନଂ.୨୯୦/୧୯)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଯୁବକଙ୍କ ମୃତଦେହ ଉଦ୍ଧାର

**ପୁରୀ ଅଫିସ,୧୩।୧୧ :** ପୁରୀ ସଦର ଥାନା ଅଧୀନ ବ୍ରହ୍ମଗିରି ରୋଡ଼ ଗୋଲାସାହି ଛକ ନିକଟରେ ଜଣେ ଯୁବକଙ୍କ ମୃତଦେହକୁ ବୁଧବାର ବିଳମ୍ବିତ ରାତିରେ ପୋଲିସ ଉଦ୍ଧାର କରିଥିବା ଜଣାପଡ଼ିଛି। ତାଙ୍କ ଡାକ ନାମ ବେଲ ଏବଂ ସେ କଣ୍ଟପୁର ଅଞ୍ଚଳର ବୋଲି କୁହାଯାଉଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରି ରାସ୍ତାକଡରେ ଫୋପାଡି ଦେଇଥିବା ପୋଲିସ ସୂଚନା ଦେଇଛି। ସଦର ଓ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଥିବାବେଳେ ଏସ୍‌ପି ଉମାଶଙ୍କର ଦାଶ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁରୀ-ସାତପଡା ଜାତୀୟ ରାଜପଥ ଗୋଲାସାହି ଛକ ରାସ୍ତାକଡରେ ଜନୈକ ଯୁବକଙ୍କ ମୃତ ଦେହ ପଡିଥିବା କେହି ଜଣେ ପ୍ରଚାର କରିବା ପରେ ଘଟଣା ଜଣାପଡ଼ିଥିଲା। ଏନେଇ ବର୍ତ୍ତମାନ ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ପକ୍ଷରୁ କୁହାଯାଉଛି।

# ଉତ୍ତ୍ୟକ୍ତ ଲୋକଙ୍କ ୪ଘଣ୍ଟା ରାସ୍ତାରୋକୋ

**ବ୍ରହ୍ମଗିରି,୧୩।୧୧(ଡି.ଏନ୍.ଏ)**

### କ୍ୟାଣ୍ଟର ଧକ୍କାରେ ୩ ଗୁରୁତର



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ପୁରୀ-ସାତପଡା ରାଜରାସ୍ତାର କେରାଣ୍ଡିଆ ଛକ ନିକଟରେ ବୁଧବାର ଏକ କ୍ୟାଣ୍ଟର ଧକ୍କାରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ବ୍ରହ୍ମଗିରି ବଜାରର ଗୋପ ଛକ ନିକଟରେ ପ୍ରାୟ ୪ଘଣ୍ଟା ରାସ୍ତା ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, ଅରଖକୁଦାରୁ ବୁଧବାର ସକାଳୁ ଏକ ଘରୋଇ ଯାତ୍ରୀବାହୀ କ୍ୟାଣ୍ଟର(ଓଆର ୧୩ଏ ୪୫୯୮) ପୁରୀ ଅଭିମୁଖେ ଯାଉଥିଲା। ଡ୍ରାଇଭରଙ୍କ ଅସାବଧାନତା ଯୋଗୁ କେରାଣ୍ଡିଆ ଛକ ନିକଟରେ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ୩ଜଣଙ୍କୁ ଧକ୍କା ଦେବା ସହ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ଫଳରେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ବଡବନ୍ଧକେରା ଗ୍ରାମର ଶ୍ରୀମନ୍ତ ପାଣିଗ୍ରାହୀ, କାଶିଆ ଗ୍ରାମର କହ୍ନେଇ ଜେନା ଓ କାଳିଆ ପ୍ରଧାନ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତରମାନଙ୍କୁ ଉଦ୍ଧାର କରି ନିକଟସ୍ଥ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାରେ ଶ୍ରୀମନ୍ତଙ୍କ ଡାହାଣ ଗୋଡ଼ କଟିଯିବା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ବ୍ରହ୍ମଗିରି ବଜାରର ଗୋପ ଛକ ନିକଟରେ ପୂର୍ବାହ୍ନ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ ଶତପଥୀ, ବ୍ରହ୍ମଗିରି ଅତିରିକ୍ତ ତହସିଲଦାର ହେମନ୍ତ କୁମାର ଭାରିମଲ୍ଲ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

■ ମାନସିକ ପୂରଣ ହେଲା

# ବଡ଼ଦାଣ୍ଡରେ ଭିକ୍ଷା କରି ହୁଣ୍ଡିରେ ଦେଲେ

**ପୁରୀ ଅଫିସ, ୧୩।୧୧**

ସେ ଭାବର ଠାକୁର, ପୁଣି ଭାବବିନୋଦିଆ। ଭକ୍ତର ଭାବକୁ ସେ ହିଁ ବୁଝିପାରନ୍ତି। ଆଉ ଯିଏ ଯେମିତି ଡାକନ୍ତି ସିଏ ସେମିତି ଶୁଣନ୍ତି। ବିପଦରେ ପଡ଼ି ଯିଏ ତାଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ହୋଇଯାଏ ତାଙ୍କ ଇଚ୍ଛା ପୂରଣ କରନ୍ତି ଇଚ୍ଛାମୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଏମିତି ଅନେକ ଅନୁଭୂତି ଆମେ ଶୁଣିଛେ। ହେଲେ ସେହି କାଳିଆ ଠାକୁରଙ୍କ ଲାଗି ପୁଅ ନୂଆ ଜୀବନ ପାଇବାର ବିଶ୍ୱାସ ରଖିଥିବା ଜଣେ ମା' ପୁଅ ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ, ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ। ଗତ ସୋମବାର ବୈକୁଣ୍ଠ ଚତୁର୍ଦ୍ଦଶୀ ଦିନ ମାନସିକ ପୂରଣ ପାଇଁ ପୁଅ ସହ ଭିକ୍ଷା ମାଗି ଅର୍ଜିତ ଅର୍ଥକୁ ଶ୍ରୀମନ୍ଦିର ହୁଣ୍ଡିରେ ଦାନ ଦେଇଥିଲେ ଜଣେ ସ୍ନେହମୟୀ ମା'।

ପୁରୀ ମାର୍କଣ୍ଡେଶ୍ୱର ସାହିର ଫୁଲ ପଟ୍ଟନାୟକଙ୍କ ପୁଅ ରିଙ୍କୁ। କିଛିଦିନ ତଳେ ଏକ ସଡ଼କ ଦୁର୍ଘଟଣାରେ ରିଙ୍କୁଙ୍କ ପେଟରେ ଗଭୀର ଆଘାତ ଲାଗିଥିଲା। ପୁରୀ ମେଡିକାଲରେ ପହଞ୍ଚିବା ପରେ ଡାକ୍ତର କଟକ ପଠାଇଦେଲେ। ସେଠାରେ ଡାକ୍ତର ଓଟିକୁ ନେବାବେଳେ କହିଲେ ଆଶା କମ୍। ସମ୍ଭାଳି ପାରିଲାନି ମା'ର ହୃଦୟ। କାନ୍ଦି କାନ୍ଦି କହିଲେ ସାହା ହେବ କାଳିଆ। ପୁଅ ଭଲ ହୋଇ ମୋତେ ମା' ବୋଲି ଡାକିବ। ଡାକ୍ତର ବି ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଭରସା ରଖ କହି ଅସ୍ତ୍ରୋପଚାର କରିଥିଲେ। ସେଦିନ କାନ୍ଦି କାନ୍ଦି ଠାକୁରଙ୍କୁ ସ୍ମରଣ କରି ପୁଅର ଆରୋଗ୍ୟ ପାଇଁ ମାନସିକ କରିଥିଲେ ଫୁଲ। ମହାପ୍ରଭୁଙ୍କ ଆଶୀର୍ବାଦ, ଡାକ୍ତରଙ୍କ ଚେଷ୍ଟା ଏବଂ ମା'ର ମମତା ରିଙ୍କୁଙ୍କୁ ଦେଲା ନୂଆ ଜୀବନ। ସଫଳ ହେଲା ଦୁଃସାଧ ଅସ୍ତ୍ରୋପଚାର। ଧୀରେ ଧୀରେ ସୁସ୍ଥ ହେବା ସହ ମା' ବୋଲି ଡାକିଲେ ରିଙ୍କୁ। ମହାପ୍ରଭୁଙ୍କ ଚମତ୍କାରିତାକୁ ଡାକ୍ତରମାନେ ବି ମାନିଯାଇଥିଲେ। ଏବେ ରିଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବା ପରେ ସେହି ମାନସିକ ନେଇ ମା' ପୁଅ ଗତ ସୋମବାର ବୈକୁଣ୍ଠ ଚତୁର୍ଦ୍ଦଶୀରେ ସିଂହଦ୍ୱାର ସମ୍ମୁଖରେ ନୂଆ ଗାମୁଛା ପକାଇ ଭିକ୍ଷା ମାଗିଥିଲେ, ଯାହା ଟଙ୍କା ମିଳିଲା ତାକୁ ନେଇ ମହାପ୍ରଭୁଙ୍କ ହୁଣ୍ଡିରେ ଦାନ ଦେଇଥିଲେ। ଏଥିସହ ନୀଳଚକ୍ରରେ ଏକ ବାନା ବାନ୍ଧିବେ ବୋଲି ମା' ମଧ୍ୟ ମାନସିକ କରିଥିଲେ। ସେଥିରେ ବି ଘଟିଲା ଚମତ୍କାରିତା। ଅନେକଗୁଡ଼ିଏ ବାନା ମଧ୍ୟରୁ ଲଟେରିରେ ରିଙ୍କୁଙ୍କ ନାଁ ଆସିଥିଲା। ତେଣୁ ସେଦିନ ତାଙ୍କ ବାନାଟି ନୀଳଚକ୍ରରେ ବନ୍ଧା ଯାଇଥିଲା। ତେଣୁ ମନରେ ଭକ୍ତି ଓ ବିଶ୍ୱାସର ସହ ମହାପ୍ରଭୁଙ୍କୁ ଡାକିଲେ ସେ ନିଶ୍ଚିତ ଡାକ ଶୁଣିବେ ବୋଲି କୋହଭରା କଣ୍ଠରେ କହିଥିଲେ ରିଙ୍କୁଙ୍କ ମା'।



ମାନସିକ ପୂରଣ ପରେ ପୁରୀ ବଡ଼ଦାଣ୍ଡରେ ମା' ପୁଅ ଭିକ୍ଷାବୃତ୍ତି କରୁଛନ୍ତି।

# ୫ ବ୍ୟାଟେରିଚାଳିତ ଅଟୋ, ଗୋଟିଏ ପିସିଆର୍ ଭ୍ୟାନ୍ ଦେଲା ନାଲ୍‌କୋ



ନାଲ୍‌କୋ ସିଏମ୍‌ଡି ଡ. ତପନ ଚାନ୍ଦ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ପୁରୀ ଅଫିସ, ୧୩।୧୧**

ଦେଶର ବୃହତ୍ କମ୍ପାନୀ ମଧ୍ୟରେ ନାଲ୍‌କୋ (ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍)ର ପ୍ରଦର୍ଶନ ଭଲ ରହିଛି। ଏହାର ସିଏସ୍‌ଆର ଅନୁଦାନ ସବୁବେଳେ ଜନସାଧାରଣଙ୍କ ହିତରେ ବିନିଯୋଗ ହେଉଛି। ବିଶେଷକରି ପୁରୀର ବିକାଶ, ପର୍ଯ୍ୟଟକ ଏବଂ ଭକ୍ତଙ୍କୁ ସେବା ଯୋଗାଇଦେବା ପାଇଁ ନାଲ୍‌କୋର ଉଦ୍ୟମ ବେଶ୍ ପ୍ରଶଂସନୀୟ ବୋଲି କହିଛନ୍ତି କେନ୍ଦ୍ର ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଡ. କେ. ରାଜେଶ୍ୱର ରାଓ। ହୋଟେଲ ମେ' ଫେୟାରଠାରେ ବୁଧବାର ଆୟୋଜିତ ଉତ୍ସବରେ ରାଓଙ୍କ ସମେତ ନାଲ୍‌କୋ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ ଆଇକନ୍ ସିଟି ପୁରୀର ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ନାଲ୍‌କୋର ସହଯୋଗ ଅବ୍ୟାହତ ରହିବ ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ଅସୁସ୍ଥ ବ୍ୟକ୍ତିଙ୍କୁ ଜଗନ୍ନାଥ ବଲ୍ଲଭ ମଠ ପାର୍କିଂ ସ୍ଥଳରୁ ଶ୍ରୀମନ୍ଦିରରେ ପହଞ୍ଚାଇବା ପାଇଁ ୫ଟି ବ୍ୟାଟେରିଚାଳିତ ଅଟୋ ଏବଂ ପୁରୀ ପୋଲିସକୁ ଗୋଟିଏ ପିସିଆର ମୋବାଇଲ ଭ୍ୟାନ୍ ନାଲ୍‌କୋ ପକ୍ଷରୁ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରାଓ ଏବଂ ନାଲ୍‌କୋ ସିଏମ୍‌ଡି ଡ. ଚାନ୍ଦ ପ୍ରମୁଖ ପତାକା ଦେଖାଇ ଏହି ଗାଡ଼ିଗୁଡ଼ିକର ଶୁଭାରମ୍ଭ କରିଥିଲେ। ଏହା ଦ୍ୱାରା ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀଙ୍କ ଚଳପ୍ରଚଳ ଅଧିକ ସୁଗମ ହୋଇପାରିବ ବୋଲି ନାଲ୍‌କୋର ଅଧିକାରୀମାନେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଆଶୁତୋଷ ରଥ ପରିଚାଳନା କରିଥିବା ବେଳେ ନାଲ୍‌କୋର ସମସ୍ତ ନିର୍ଦ୍ଦେଶକ ମଧ୍ୟ ଉପସ୍ଥିତ ଥିଲେ। ଏହା ପୂର୍ବରୁ ନାଲ୍‌କୋ ପକ୍ଷରୁ ଶ୍ରୀଜଗନ୍ନାଥ ବଲ୍ଲଭରୁ ଶ୍ରୀମନ୍ଦିର ଯିବା ଲାଗି ୫ଟି ଏବଂ ରେଳଷ୍ଟେଶନ ଯାତ୍ରୀଙ୍କ ଲାଗି ୨ଟି ବ୍ୟାଟେରିଚାଳିତ ଅଟୋ ଦିଆଯାଇଥିଲା, ଯାହା ଏବେ ବି ସେବା ଯୋଗାଇ ଆସୁଛି। ଏହି ଅବସରରେ ପୁରୀ ନାଗରିକଙ୍କ ପକ୍ଷରୁ ସାମାଜିକ କର୍ମୀ ବଦ୍ରି ମିଶ୍ର, ବିଶ୍ୱନାଥ ମିଶ୍ର, ମଧୁସୂଦନ ମିଶ୍ର, ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଅତିରିକ୍ତ ସଚିବ ରାଓ ଏବଂ ନାଲ୍‌କୋ ସିଏମ୍‌ଡିଙ୍କୁ ପତିତପାବନ ବାନା ଓ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସ୍ୱାଗତ କରିଥିଲେ।

## ରେଳଲାଇନ କଡ଼ରୁ ଆହତ ବ୍ୟକ୍ତି ଉଦ୍ଧାର

**ଡେଲାଙ୍ଗ, ୧୩।୧୧(ଡି.ଏନ୍.ଏ.)**

ଡେଲାଙ୍ଗ ରେଳଷ୍ଟେଶନ ନିକଟବର୍ତ୍ତୀ ପିଢ଼ପାଟଣା ରେଳ ଲାଇନ ପାଖରୁ ବୁଧବାର ୧୦ଟା ସମୟରେ ସ୍ଥାନୀୟ ଲୋକେ ଜଣେ ବ୍ୟକ୍ତିଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରିଛନ୍ତି। ସେ ହେଲେ ପଶ୍ଚିମବଙ୍ଗର ସେକ୍ ମହମ୍ମଦ୍ ସାଇଦୁ (୪୫)। ସ୍ଥାନୀୟ ଲୋକେ ରେଳଧାରଣା ନିକଟରେ ଯାତାୟାତ କରୁଥିବାବେଳେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେ ତାଙ୍କ ଗ୍ରାମରୁ ପୁନେ ଯାଉଥିବାବେଳେ ଭୁଲ୍‌ବଶତଃ ଅନ୍ୟ ଟ୍ରେନ୍‌ରେ ପଳାଇ ଆସିଥିବା ବେଳେ ତାଙ୍କଠାରୁ ବ୍ୟାଗ୍ ଲୁଟ୍ କରି ଟ୍ରେନ୍‌ରୁ ତାଙ୍କୁ ଠେଲିଦେଇଥିଲେ ବୋଲି ସେ କହିଥିଲେ। ଖବର ପାଇ ସାକ୍ଷୀଗୋପାଳ ଜିଆର୍‌ପି ଏଏସ୍‌ଆଇ ପ୍ରସନ୍ନ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଭେଟିବା ସହିତ ସମସ୍ତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏ ନେଇ ଡେଲାଙ୍ଗ ରେଳଷ୍ଟେଶନ ଇନ୍‌ଚାର୍ଜଙ୍କୁ ପଚାରିବାରେ ସେ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ।

## ଶ୍ରୀଜଗନ୍ନାଥ ବିଶ୍ୱ କଲ୍ୟାଣ ସମିତିର ୨୯ତମ ବାର୍ଷିକ ଉତ୍ସବ

**ବ୍ରହ୍ମଗିରି, ୧୩।୧୧(ଡି.ଏନ୍.ଏ.)**

ମହାପ୍ରଭୁ ଜଗନ୍ନାଥଙ୍କୁ ନିଜ ଗ୍ରାମରେ ଲୁଚ୍ଚାୟିତ ରଖି ଇତିହାସ ସୃଷ୍ଟି କରିଥିବା ଐତିହାସିକ ଗାଁ ହେଉଛି ବ୍ରହ୍ମଗିରି ବ୍ଲକର ଗଡ଼କୋକଲ। ଏହି ଗ୍ରାମରେ ଜଗନ୍ନାଥ ଚିନ୍ତା ଚେତନାକୁ ନେଇ ଆୟୋଜିତ ହୋଇଛି ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ। ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ୨୯ତମ ବାର୍ଷିକ ଉତ୍ସବ। ପ୍ରତ୍ୟହ ସନ୍ଧ୍ୟାରେ ଓଡ଼ିଶାର ପ୍ରତିଷ୍ଠିତ ପ୍ରବକ୍ତାଙ୍କ ଦ୍ୱାରା ପ୍ରବଚନ ଓ ଆଧାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥାଏ। ବୁଧବାର ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ପ୍ରାଣକୃଷ୍ଣ ପତି, ପ୍ରତିଷ୍ଠାତା ବିଭୁଦତ୍ତ ଭିକାରୀ ଚରଣ ଜେନା, ପ୍ରବକ୍ତା ପ୍ରମୋଦ କୁମାର ନାୟକ, ବେଣୁଧର ଦାସ, ବସନ୍ତ ବଡ଼ଜେନା, ଅଭିମନ୍ୟୁ ମହାପାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି ସ୍ୱାଧୀନ ଚମ୍ପତିରାୟ, ରିତୁରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନିମାପଡ଼ା ଠିକାଦାର ସଂଘ ପକ୍ଷରୁ ୧୦ଦଫା ଦାବିପତ୍ର

**ନିମାପଡ଼ା,୧୩।୧୧(ଡି.ଏନ୍.ଏ.)**

ନିମାପଡ଼ା ଠିକାଦାର ସଂଘ ପକ୍ଷରୁ ୧୦ଦଫା ସମ୍ବଳିତ ଏକ ଦାବିପତ୍ର ଗତ ସୋମବାର ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଜଳସେଚନ ମନ୍ତ୍ରୀ, କ୍ରୀଡ଼ା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିଗୁଡ଼ିକ ପୂରଣ ନ ହେଲେ ସଂଘ ପକ୍ଷରୁ ଗଣ ଆନ୍ଦୋଳନ କରାଯିବ ବୋଲି ନିମାପଡ଼ା ଠିକାଦାର ସଂଘର ନବନିର୍ବାଚିତ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଉପସଭାପତି ଅଜିତ୍ ଚାନ୍ଦ ଦାଶ, ସମ୍ପାଦକ ମିହିର ରଞ୍ଜନ ଦାଶ, କୋଷାଧ୍ୟକ୍ଷ ରତ୍ନାକର ମହାପାତ୍ର ପ୍ରମୁଖ କହିଛନ୍ତି। ୨୦୧୪ ମସିହାରେ ସ୍ଥିରୀକୃତ ସିଡ୍ୟୁଲ ରେଟକୁ ୨୦୧୯ ମସିହା ମୂଲ୍ୟ ଭିତ୍ତିରେ ପୁନଃ ଆକଳନ କରିବା, ଭାରତ ସରକାରଙ୍କ ଷ୍ଟାଣ୍ଡାର୍ଡ ଡାଟା ବୁକର ତୁରନ୍ତ ପ୍ରଚଳନ କରାଯିବା, ସରକାରଙ୍କ ଟେଣ୍ଡର ନିୟାମାବଳୀର ତୁରନ୍ତ ପ୍ରଚଳନ କରାଯିବା ଆଦି ଦାବିଗୁଡ଼ିକ ଅନ୍ତର୍ଭୁକ୍ତ। ନିମାପଡ଼ା, ଚାରିଛକ, ବଳଙ୍ଗା, ଖେଲାର ଆଦି ଜୋନକୁ ନେଇ ନିମାପଡ଼ା ଠିକାଦାର ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

# ବେଆଇନ ନିର୍ମାଣ ନେଇ ଜିଲାପାଳଙ୍କୁ ଦାବିପତ୍ର

**ପୁରୀ ଅଫିସ, ୧୩।୧୧**

ପୁରୀ ସଦର ଗୋପୀନାଥପୁର ପଞ୍ଚାୟତ ଅଠରନଳାଠାରେ ପୁରୀ-ଭୁବନେଶ୍ୱର ମୁଖ୍ୟରାସ୍ତା କଡ଼କୁ ଲାଗି ରହିଥିବା ଏକ ସରକାରୀ ଜମିରେ ଜନୈକ ବ୍ୟକ୍ତି ବେଆଇନ ଭାବେ ପାଚେରି ନିର୍ମାଣ କରୁଥିବା ନେଇ ଏକାଧିକ ଗ୍ରାମବାସୀ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୨୦୧୫ରେ ଏହି ମାମଲାର ବିଚାର କରି କୋର୍ଟ ରାୟ ଦେଇଥିଲେ ଯେ ସେଠାରେ କୌଣସି ବ୍ୟକ୍ତି ନିର୍ମାଣ କରିପାରିବେ ନାହିଁ। ଏହି ଜମିକୁ ଗ୍ରାମବାସୀ ସାମାଜିକ କାର୍ଯ୍ୟକ୍ରମ ଲାଗି ବ୍ୟବହାର କରିବେ।

# ମାସିକିଆ ଇକୋ ରିଟ୍ରିଟ୍ ଉତ୍ସବ, ଅନୁଧ୍ୟାନ କଲେ ଜିଲାପାଳ

**କୋଣାର୍କ, ୧୩।୧୧(ଡି.ଏନ୍.ଏ.)**



ପୁରୀ ଜିଲାପାଳ ବଲଓ୍ୱନ୍ତ ସିଂ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମସ୍ଥଳ ଅନୁଧ୍ୟାନ କରୁଛନ୍ତି।

କୋଣାର୍କ ନିକଟସ୍ଥ କୋଣାର୍କ-ପୁରୀ ବେଳାଭୂମିମାର୍ଗରାସ୍ତାର ସାହୁଖଣ୍ଡାଠାରେ ଏକମାସ ବ୍ୟାପୀ ହେବାକୁ ଥିବା ଇକୋ ରିଟ୍ରିଟ୍ ଉତ୍ସବ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ବୁଧବାର ପୁରୀ ଜିଲାପାଳ ବଲଓ୍ୱନ୍ତ ସିଂ ଅନୁଧ୍ୟାନ କରିଥିଲେ। ଏହି ଉତ୍ସବ ନିମନ୍ତେ ନିର୍ମାଣାଧୀନ ରାସ୍ତା କାର୍ଯ୍ୟ, ଆଲୋକ ବ୍ୟବସ୍ଥା ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥାଗୁଡିକର ସ୍ଥିତି ଅନୁଧ୍ୟାନ କରିବା ସହ ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟଗୁଡିକ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲାପାଳ ପର୍ଯ୍ୟଟକମାନଙ୍କ ରହଣି ନିମନ୍ତେ ହେବାକୁ ଥିବା ଅସ୍ଥାୟୀ ତମ୍ବୁ, ସାଂସ୍କୃତି କାର୍ଯ୍ୟକ୍ରମ, ରୋମାଞ୍ଚକ କ୍ରୀଡ଼ା, ଜଳ କ୍ରୀଡ଼ା, ଫୁଡ୍ ଫେଷ୍ଟିଭାଲ ଭଳି ଅନ୍ତର୍ଜାତୀୟ ବ୍ୟବସ୍ଥା ବିଷୟରେ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥାର ଅଧିକାରୀଙ୍କଠାରୁ ଟିକିନିକି ପଚାରି ବୁଝିଥିଲେ। ଏହି ଉତ୍ସବରେ ପର୍ଯ୍ୟଟକଙ୍କ ନିମନ୍ତେ ସମୁଦ୍ର କୂଳରେ ୫୦ଟି କୋଠରି ବିଶିଷ୍ଟ ବିଳାସପୂର୍ଣ୍ଣ ଟେଣ୍ଟ କଟେଜ୍ ନିର୍ମାଣ କରାଯିବା ସହିତ ଜଳ, ବିଦ୍ୟୁତ୍, ପାର୍କିଂ ବ୍ୟବସ୍ଥା କିଭଳି ତ୍ୱରାନ୍ୱିତ ହେବ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ଯାଦବ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପରେ ପରେ ଜିଲାପାଳ ଚନ୍ଦ୍ରଭାଗାଠାରେ ହେବାକୁଥିବା ବାଲୁକା କଳାର ସ୍ଥାନ ଅନୁଧ୍ୟାନ କରିଥିଲେ।

# କୋଣାର୍କରୁ ହେବ ସବୁଜ ବିଶ୍ୱ ଅଭିଯାନର ଶୁଭାରମ୍ଭ

**କୋଣାର୍କ, ୧୩।୧୧(ଡି.ଏନ୍.ଏ.)**

ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ବାୟୁ, ଜଳ ମୃତ୍ତିକା ପ୍ରଦୂଷଣ ସହ ବିଶ୍ୱର ତାପମାତ୍ରା ବୃଦ୍ଧି ସମଗ୍ର ବିଶ୍ୱରେ ଏକ ଭୟାନକ ପରିସ୍ଥିତି ସୃଷ୍ଟି କରିଛି। ଏଥିପାଇଁ ବିଶ୍ୱର ୧୦୦ରୁ ଊର୍ଦ୍ଧ୍ୱ ଦେଶର ଛାତ୍ରୀଛାତ୍ର ଓ ଯୁବ ସମାଜ ଏହାର ସୁଧାର ପାଇଁ ଆରମ୍ଭ କରିଛନ୍ତି ବିଲୁପ୍ତି ବିପ୍ଳବ । ଏହି ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱକୁ ସବୁଜ ଓ ପ୍ରଦୂଷଣମୁକ୍ତ ଭାବେ ଗଢ଼ିତୋଳିବା ପାଇଁ ଚଳିତ ନଭେମ୍ବର ୧୭ ତାରିଖ ରବିବାର କୋଣାର୍କଠାରୁ ପ୍ରେରଣା ଇଣ୍ଟର ନ୍ୟାଶନାଲ ଗ୍ରୀନ୍ ଆର୍ମି ପକ୍ଷରୁ ଆୟୋଜିତ ହେବ ସବୁଜ ବିଶ୍ୱ ଆମର ସଂକଳ୍ପ ଅଭିଯାନ । ଏହି ଅବସରରେ ବୁଧବାର ପୂର୍ବାହ୍ନ ୧୦ଟାରେ କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଦିଲୀପ ଶ୍ରୀଚନ୍ଦନ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଯଥା ସାହିତ୍ୟିକ, ସାମ୍ବାଦିକ, ଅଭିନେତ୍ରୀ, ଅଭିନେତା, ଚିତ୍ରଶିଳ୍ପୀ, କଣ୍ଠଶିଳ୍ପୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ସକାଳ ୧୦ଟାରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ସଫେଇ କରାଯିବା ସହ ଏକ ସଚେତନତା ଶୋଭାଯାତ୍ରାରେ ବାହାରି କୋଣାର୍କ ବଜାର ପରିକ୍ରମା କରିବେ। ପରେ ପରେ ଚନ୍ଦ୍ରଭାଗା ସମୁଦ୍ରକୂଳ ସଫେଇ କରିବା ସହ ଜିଲା ବନ ବିଭାଗ ସହଯୋଗରେ ବାଲୁଖଣ୍ଡ ଜଙ୍ଗଲରେ ସବୁଜ ବଳୟ ସୃଷ୍ଟି ପାଇଁ ୫ହଜାର ବୃକ୍ଷ ରୋପଣ କରାଯିବ ବୋଲି ସଂସ୍ଥାର ଅଧ୍ୟକ୍ଷ ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ସଂଯୋଜକ ନିରଦ ବରଣ ଖୁଣ୍ଟିଆ, ମନୋରଞ୍ଜନ ବାରିକ, ଯୁବ ସଂଗଠକ ଗୋପୀନାଥ ସ୍ୱାଇଁ ଓ ଜ୍ଞାନରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀକୁ ସ୍ୱଚ୍ଛ, ଆବର୍ଜନାମୁକ୍ତ ଲାଗି ଆହ୍ୱାନ

**ପୁରୀ ଅଫିସ, ୧୩।୧୧**



ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଅନ୍ୟମାନେ ପୁରୀ ବେଳାଭୂମି ସଫେଇ କରୁଛନ୍ତି।

ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ପାଇପ ଲାଇନ ଡିଭିଜନ) ପକ୍ଷରୁ ବୁଧବାର ସକାଳେ ପୁରୀ ବେଳାଭୂମିରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି। ସ୍ୱଚ୍ଛତା ହିଁ ସେବା ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ଦେଶବାସୀ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହେଉଛନ୍ତି। ଏହି ଅଭିଯାନରେ ପେଟ୍ରୋଲିୟମ ମନ୍ତ୍ରଣାଳୟର ସମସ୍ତ ତୈଳ କମ୍ପାନୀ ଅଗ୍ରଣୀ ଭୂମିକା ଗ୍ରହଣ କରି ଦେଶରେ ସ୍ୱଚ୍ଛତାର ବାର୍ତ୍ତାକୁ ପ୍ରସାରିତ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ବେଳାଭୂମିରେ ସ୍ୱଚ୍ଛ ଭାରତ ଅଭିଯାନ ଆୟୋଜିତ ହୋଇଥିଲା।

ବେଳାଭୂମି ସଫେଇ ପୂର୍ବରୁ ଆୟୋଜିତ ସଭାରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ପୁରୀକୁ ସ୍ୱଚ୍ଛ ଏବଂ ଆବର୍ଜନାମୁକ୍ତ ସହର ଭାବେ ଗଢ଼ିତୋଳିବା ଲାଗି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଧାୟକ କହିଥିଲେ, ପର୍ଯ୍ୟଟନର ସହର ପୁରୀ। ଏହାକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ମହାପ୍ରଭୁଙ୍କ ଆଶୀର୍ବାଦରୁ ଆମର ଏକ ସୁନ୍ଦର ବେଳାଭୂମି ରହିଛି। ଦେଶ ବିଦେଶର ପର୍ଯ୍ୟଟକ ଏଠାକୁ ଆକର୍ଷିତ ହୋଇ ଆସୁଛନ୍ତି। ତେଣୁ ସହର ଏବଂ ବେଳାଭୂମି ସ୍ୱଚ୍ଛ ରଖିଲେ ଆମେ ସବୁଦିଗରୁ ଉପକୃତ ହୋଇପାରିବା। ପୁରୀ ବେଳାଭୂମି ଯେପରି ପୃଥିବୀର ସବୁଠୁ ସ୍ୱଚ୍ଛ ବେଳାଭୂମି ହେବ, ସେଥିପ୍ରତି ସମସ୍ତଙ୍କର କର୍ତ୍ତବ୍ୟ ରହିଛି। ସବୁ ସରକାର କରିବେ ସେଭଳି ମାନସିକତାରୁ ସମସ୍ତଙ୍କୁ ଊର୍ଦ୍ଧ୍ୱକୁ ଯିବାକୁ ହେବ। ୩୦/୪୦ ବର୍ଷ ପୂର୍ବରୁ ପୁରୀ ବେଳାଭୂମି ବହୁତ ସଫାସୁତରା ଥିଲା। ପର୍ଯ୍ୟଟକମାନେ ଆସି ବାଲିରେ ବସୁଥିଲେ। ଫଳରେ ଛୋଟମୋଟ ବ୍ୟବସାୟୀ ଦି ପଇସା ରୋଜଗାର କରିପାରୁଥିଲେ। ଆମକୁ ପୁଣି ବେଳାଭୂମିର ସେହି ପୂର୍ବସ୍ଥିତିକୁ ଫେରାଇ ଆଣିବାକୁ ହେବ। ଆମ ପରପିଢ଼ି ଅଧିକ ଖୁସି ହେବେ। ପରିବେଶ ସୁସ୍ଥ ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବିଧାୟକ କହିଥିଲେ। ଏହାପରେ ବିଧାୟକଙ୍କ ସମେତ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ସାମାଜିକ ସଙ୍ଗଠନ ସଦସ୍ୟ ଓ ସହରବାସୀ ବେଳାଭୂମି ସଫେଇ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ତୈଳ କମ୍ପାନୀର ବରିଷ୍ଠ ଅଧିକାରୀ ପି.ସି. ଚୌବେ. ଶୁଭଜିତ ଘୋଷ, ଦୀନବନ୍ଧୁ ସୋରେନ, ଅରୂପ କୁମାର ଭଗବତୀ, ଦେବାଶିଷ ପାଲିତ, ଅଭୟଙ୍କର ଦାଶ ପ୍ରମୁଖ ସାମିଲ ଥିଲେ।